୪୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୩/୨୦୧୯ (୨୦ ପୃଷ୍ଠା) Bhubaneswar, Friday, December 13/2019 ★★★★

୪୬ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-

**ଆଜିର ସମ୍ପାଦକୀୟ**

## ସୁଧ ଆହୁରି କମାଅ

**ଆଜିର ମନ୍ତବ୍ୟ**

"ଆସାମବାସୀଙ୍କ ଅଧିକାର, ପରିଚୟ ଓ ସଂସ୍କୃତିକୁ କେହି ଛଡ଼ାଇ ନେଇପାରିବେ ନାହିଁ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ସାରା ଦେଶରେ ୩.୧୩ ଲକ୍ଷ ସାଇବର ସିକ୍ୟୁରିଟି ମାମଲା ରିପୋର୍ଟ କରାଯାଇଛି।

– ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

ଉତ୍ତର-ପୂର୍ବରେ ନାଗରିକତ୍ୱ ବିଲ୍ ନିଆଁ

## ପୋଲିସ ଗୁଳିରେ ୩ ମୃତ

ପୃଷ୍ଠା–୯











ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜେୟୁଡି ମୁଖ୍ୟ ହାଫିଜ୍ ସୟିଦ ବିରୋଧରେ ସମ୍ପୂର୍ଣ୍ଣ ତଦନ୍ତ କରି ଶୀଘ୍ର ବିଚାର ଶେଷ କରିବାକୁ ପାକିସ୍ତାନକୁ ଆମେରିକା ତାଗିଦ କରିଛି। ବୁଧବାର ଲାହୋରର ଏକ ଆତଙ୍କବାଦ ନିରୋଧୀ ଅଦାଲତ ହାଫିଜ ଓ ତାଙ୍କ ୩ ସହଯୋଗୀଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଚାର୍ଜଫ୍ରେମ୍ କରିବା ପରେ ଆମେରିକା ଉପରୋକ୍ତ ପରାମର୍ଶ ଦେଇଛି।



ଗୁଆହାଟୀରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ବ୍ଲାଙ୍କ୍ ଫାୟାରିଂ କରୁଛନ୍ତି ଜଣେ ପୋଲିସ କର୍ମୀ।



ବିକ୍ଷୋଭକାରୀଙ୍କ ଜଳାପୋଡ଼ା ପରେ ସେନା ପକ୍ଷରୁ ପାଟ୍ରୋଲିଂ କରାଯାଉଛି।



ଦିଲ୍ଲୀରେ ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀମାନେ ନାଗରିକତ୍ୱ ବିଲ୍ ଗୃହୀତ ହେବା ପରେ ଉତ୍ସବ ମନାଉଛନ୍ତି।

# ସିଏବିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୨।୧୨(ପି.ଟି.)



**ନାଗରିକତ୍ୱ ସଂଶୋଧନ ବିଲ୍ ସମାନତା ମୌଳିକ ଅଧିକାରର ଉଲ୍ଲଂଘନ କରୁଛି : ଆଇୟୁଏମ୍ଏଲ**

ନାଗରିକତ୍ୱ ସଂଶୋଧନ ବିଲ୍(ସିଏବି)କୁ ଇଣ୍ଡିଆନ ୟୁନିୟନ ମୁସ୍ଲିମ ଲିଗ୍ (ଆଇୟୁଏମ୍ଏଲ୍) ଗୁରୁବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହା ସମାନତା ମୌଳିକ ଅଧିକାରର ଉଲ୍ଲଂଘନ କରୁଛି ଏବଂ ଧର୍ମ ଆଧାରରେ ଗୋଟିଏ ଗୋଷ୍ଠୀର ଶରଣାର୍ଥୀଙ୍କୁ ବିଦା କରିବା ପାଇଁ ଉଦ୍ୟମ ହେଉଛି ବୋଲି ପିଟିଶନ୍‌ରେ କୁହାଯାଇଛି। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍‌କୁ ପାର୍ଲାମେଣ୍ଟ ଅନୁମୋଦନ କରିଥିବାବେଳେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ଆଇନଜୀବୀ ପଲ୍ଲବୀ ପ୍ରତାପଙ୍କ ଜରିଆରେ ଆଇୟୁଏମ୍ଏଲ୍ ଏହି ପିଟିଶନ ଦାଏର କରିଛି। ସିଏବି, ବିଦେଶୀ ସଂଶୋଧନ( ନିର୍ଦ୍ଦେଶନାମା), ୨୦୧୫ ଏବଂ ପାସ୍‌ପୋର୍ଟ (ନିୟମାବଳୀ ମଧ୍ୟରେ ପ୍ରବେଶ) ସଂଶୋଧନ ନିୟମାବଳୀ, ୨୦୧୫ର କାର୍ଯ୍ୟକାରିତା ଉପରେ ନିଷେଧାଦେଶ ଲଗାଇବା ପାଇଁ ପିଟିଶନରେ ଅନୁରୋଧ କରାଯାଇଛି।

ଆବେଦନରେ କୁହାଯାଇଛି, ସରକାର ଆଣିଥିବା ସିଏବି ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧୀ। ଏଥିରେ କେବଳ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନମାନଙ୍କୁ ନାଗରିକତ୍ୱ ଅଧିକାର ମିଳିବାକୁ ଥିବାବେଳେ ମୁସଲମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ପକ୍ଷପାତ କରାଯାଇଛି। କାହାକୁ ନାଗରିକତ୍ୱ ପ୍ରଦାନ କରିବାକୁ ଆବେଦନକାରୀ ବିରୋଧ କରୁନାହାନ୍ତି, ଧର୍ମ ଆଧାରରେ ପକ୍ଷପାତିତା ଓ ଅନୁଚିତ ବର୍ଗୀକରଣକୁ ବିରୋଧ କରୁଛନ୍ତି ବୋଲି କହିଛନ୍ତି।

# ଅଯୋଧ୍ୟା ରିଭ୍ୟୁ ପିଟିଶନ ଖାରଜ

ନୂଆଦିଲ୍ଲୀ,୧୨।୧୨

**ନଭେମ୍ବର ୯ ରାୟ ବିରୋଧରେ ଦାଖଲ ହୋଇଥିଲା ୧୮ ଆବେଦନ**

ଅଯୋଧ୍ୟା ଜମି ବିବାଦ ମାମଲାକୁ ନେଇ ନଭେମ୍ବର ୯ରେ ସୁପ୍ରିମକୋର୍ଟ ଚୂଡ଼ାନ୍ତ ରାୟ ଦେଇଥିବାବେଳେ ଏହାକୁ ବିରୋଧ କରି ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିଲା। ହେଲେ ଗୁରୁବାର ସର୍ବୋଚ୍ଚ ଅଦାଲତ ସମସ୍ତ ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଞ୍ଚଜଣିଆ ଖଣ୍ଡପୀଠ ଏଥିରେ କୌଣସି ସୁଫଳ ନ ଥିବା ଦର୍ଶାଇ ଖାରଜ କରିଛନ୍ତି। ପ୍ରକାଶଥାଉ କି, ଅଲ୍ ଇଣ୍ଡିଆ ମୁସ୍ଲିମ ପର୍ସନାଲ ଲ ବୋର୍ଡ, ନିର୍ମୋହୀ ଆଖଡ଼ା ସହ ମୋଟ ୧୮ଟି ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିବାବେଳେ ୯ଟି ପକ୍ଷବାଦୀଙ୍କର ଥିଲା। ବାକି ୯ଟି ତୃତୀୟ ପକ୍ଷଙ୍କର ଥିଲା। କେତେକ ଦ୍ୱନ୍ଦ୍ୱ ଥିବାରୁ ଏନେଇ କୋର୍ଟରେ ଏକ ଖୋଲା ଆଲୋଚନା ଲାଗି ଦାବି କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଯୋଧ୍ୟାରେ ବିବାଦୀୟ ୨.୭୭ ଏକର ଜମି ରାମମନ୍ଦିର ନିର୍ମାଣ ଲାଗି ସର୍ବୋଚ୍ଚ ଅଦାଲତଙ୍କ ୫ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ। ଏଥିସହ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜାଗା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆସାମବାସୀ ଚିନ୍ତା କରନ୍ତୁନି: ମୋଦି

ନୂଆଦିଲ୍ଲୀ,୧୨।୧୨(ପି.ଟି.)



ନାଗରିକତ୍ୱ (ସଂଶୋଧନ) ବିଲ୍ (ସିଏବି)କୁ ବିରୋଧକରି ଆସାମରେ ଚାଲିଥିବା ବିକ୍ଷୋଭ ହିଂସାର ରୂପ ନେଇଥିବାବେଳେ ନୂଆ ଆଇନକୁ ନେଇ ଚିନ୍ତା କରିବାର କିଛି ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆସାମ ବୁଝାମଣାପତ୍ରର ଧାରା ୬ ଅନୁଯାୟୀ ଆସାମବାସୀଙ୍କ ରାଜନୈତିକ, ଭାଷାଗତ, ସାଂସ୍କୃତିକ ଏବଂ ଜମି ଅଧିକାରର ସୁରକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବେ ଏବଂ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୋଦି ଉଭୟ ଅସମୀୟା ଓ ଇଂଲିଶ୍‌ରେ ଟୁଇଟ୍ କରି ଜଣାଇଛନ୍ତି। ଏହି ଧାରା ସ୍ଥାନୀୟ ଅଧିକାର, ଭାଷା ଓ ସଂସ୍କୃତିର ସୁରକ୍ଷାକୁ ଗ୍ୟାରେଣ୍ଟି ଦେଉଛି। ଆପଣମାନଙ୍କ ଅଧିକାର, ଅନନ୍ୟ ପରିଚୟ ଓ ସୁନ୍ଦର ସଂସ୍କୃତିକୁ କେହି ଛଡ଼ାଇ ନେଇପାରିବେ ନାହିଁ ବୋଲି ମୋଦି କହିବା ସହ ଶାନ୍ତ ରହିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ପଳାଇଆସିଥିବା ଅଣମୁସଲମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍ ବୁଧବାର ରାତିରେ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଅନେକ ହିଂସାକାଣ୍ଡ ଘଟିଲାଣି। ଗୁଆହାଟୀ ସିଏବି ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ ପାଲଟିଥିବାବେଳେ ସେଠାରେ ବୁଧବାର ରାତିରୁ କର୍ଫ୍ୟୁ ଜାରି ହୋଇଛି। ୪ଟି ସ୍ଥାନରେ ସେନା ମୁତୟନ ହୋଇଥିବାବେଳେ ତ୍ରିପୁରାରେ ଆସାମ ରାଇଫଲ୍ସର ଯବାନମାନେ ନିୟୋଜିତ ହୋଇଛନ୍ତି।

# ଟିଭି ଚ୍ୟାନେଲ୍‌କୁ ସତର୍କ କରାଇଲେ ସରକାର

**ନୂଆଦିଲ୍ଲୀ,୧୨।୧୨(ପି.ଟି.):** ସିଏବି ବିରୋଧରେ ଆନ୍ଦୋଳନ ଜାରି ରହିଥିବାରୁ ହିଂସା କିମ୍ବା ରାଷ୍ଟ୍ରବିରୋଧୀ ମନୋଭାବକୁ ଉସୁକାଇବା ଭଳି କୌଣସି ବିଷୟ ପ୍ରସାରଣ ନ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଘରୋଇ ସାଟେଲାଇଟ ଟିଭି ଚ୍ୟାନେଲଗୁଡ଼ିକୁ ସତର୍କ କରିଦିଆଯାଇଛି। ଦେଶର ସଂହତିକୁ ପ୍ରଭାବିତ କଲାଭଳି ଦୃଶ୍ୟ ପ୍ରସାରଣ ନ କରିବାକୁ ପରାମର୍ଶ ଦିଆଯାଇଛି। ସିଏବି ବିରୋଧରେ ଚାଲିଥିବା ହିଂସାତ୍ମକ ବିକ୍ଷୋଭର ଭିଡ଼ିଓ ବିଭିନ୍ନ ଟିଭି ଚ୍ୟାନେଲ ପ୍ରସାରଣ କରିବା ପରେ ଏଭଳି କଟକଣା ଜାରି କରାଯାଇଛି।

## ୧୯ରେ ବାମପନ୍ଥୀଙ୍କ ଆନ୍ଦୋଳନ

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧକରି ବାମପନ୍ଥୀ ଦଳଗୁଡ଼ିକ ଆସନ୍ତା ୧୯ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ କରିବେ। ଏଥିରେ ସିପିଆଇ, ସିପିଏମ୍, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କିଷ୍ଟ–ଲେନିନିଷ୍ଟ)–ଲିବରେଶନ, ଏଆଇଏଫ୍‌ବି ଏବଂ ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାଟି ସାମିଲ ହେବେ। ଉକ୍ତ ବିଲ୍ ସମ୍ପୂର୍ଣ୍ଣ ଭାବେ ସମ୍ବିଧାନର ଉଲ୍ଲଂଘନ କରୁଛି। ଏହା ଭାରତର ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବାମ ଦଳଗୁଡ଼ିକ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି।

## କଂଗ୍ରେସ ହିଂସା ଉସୁକାଉଛି: କେନ୍ଦ୍ର

ସିଏବିକୁ ନେଇ ଲୋକ ସଭାରେ ଗୁରୁବାର ହଇଗୋଳ ଦେଖିବାକୁ ମିଳିଛି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଛାଡ଼ିଦେଲେ ସମଗ୍ର ଉତ୍ତରପୂର୍ବାଞ୍ଚଳରେ ନିଆଁ ଜଳୁଛି। କଶ୍ମୀର ଭଳି ସେଠାରେ ମଧ୍ୟ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି ବୋଲି ଅଧୀର ସମାଲୋଚନା କରିଥିଲେ। ଏହାର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ, ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକରେ କଂଗ୍ରେସ ହିଂସା ଉସୁକାଉଛି। କଂଗ୍ରେସର ଏଭଳି ମନୋବୃତ୍ତିକୁ ସରକାର ନିନ୍ଦା କରୁଛନ୍ତି। ବିତର୍କ ବେଳେ ବିରୋଧୀ କଂଗ୍ରେସ, ଟିଏମ୍‌ସି ଏବଂ ଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି।

## ବିଭାଜନକାରୀ ଅସ୍ତ୍ର ସିଏବି: ପ୍ରଫୁଲ୍ଲ



ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍ ଏକ ବିଭାଜନକାରୀ ଅସ୍ତ୍ର, ଯାହାକି ଉତ୍ତର–ପୂର୍ବର ଯୌଗିକ ସଂସ୍କୃତିକୁ ଧ୍ୱଂସ କରିଦେବ ବୋଲି ଆସୋମ ଗଣ ପରିଷଦ (ଏଜିପି) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହନ୍ତ ସମାଲୋଚନା କରିଛନ୍ତି। ମୋଦି ସରକାର ଉତ୍ତର–ପୂର୍ବାଞ୍ଚଳ ସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସେଠାକାର ଲୋକଙ୍କ ଭାବାବେଗକୁ ସମ୍ମାନ ନ ଦେବା ଯାଏ ଆସାମରେ ନିଆଁ ଜଳୁଥିବ ବୋଲି ସେ ଚେତାଇଦେଇଛନ୍ତି। ଏଥିସହ ଏହି ବିବାଦୀୟ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

# ସେନା ଶିବିରରେ ଆତଙ୍କବାଦୀ ଆକ୍ରମଣ: ୭୧ ନିହତ

**ନିଆମେ(ନାଇଜର),୧୨।୧୨:** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରସ୍ଥିତ ଏକ ସେନା ଶିବିରକୁ ଇସ୍‌ଲାମିଷ୍ଟ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ଏଥିରେ ୭୧ ସୈନ୍ୟ ନିହତ ହୋଇଛନ୍ତି। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୭ ଆତଙ୍କବାଦୀ ନିପାତ ହୋଇଥିବା ସେଠାକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମାଲି ସୀମାରେ ଥିବା ନାଇଜର ପଶ୍ଚିମାଞ୍ଚଳର ଏକ ସେନା ଶିବିର ଉପରେ ଶତାଧିକ ସଶସ୍ତ୍ର ଆତଙ୍କବାଦୀ ମଙ୍ଗଳବାର ବିଳମ୍ବିତ ରାତିରେ ଅତର୍କିତ ଆକ୍ରମଣ କରିଥିଲେ। ତିନି ଘଣ୍ଟା ଧରି ଚାଲିଥିବା ଆକ୍ରମଣରେ ୭୧ ସୈନ୍ୟ ନିହତ ହେଇଛନ୍ତି। ଦେଶର ସେନା ଇତିହାସରେ ଏହାକୁ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ନାଇଜର ରାଷ୍ଟ୍ରପତି ମାହାମାଡୋଉ ଇସୋଫୋଉ ବିଦେଶ ଯାତ୍ରା କାଟଛାଣ୍ଟ



କରି ସ୍ୱଦେଶ ଫେରିଛନ୍ତି। ଏହାସହ ସେ ଜାତୀୟ ନିରାପତ୍ତା ବୈଠକରେ ଅଧ୍ୟକ୍ଷତା କରି ଆଫ୍ରିକାରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍–କାଏଦା କ୍ରମଶଃ କାୟା ବିସ୍ତାର କରିବାରେ ଲାଗିଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

# ଭାରତ ଗସ୍ତ ବାତିଲ କଲେ ବାଂଲାଦେଶର ଦୁଇ ମନ୍ତ୍ରୀ



ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍



ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ ମୋମେନ୍

ନୂଆଦିଲ୍ଲୀ,୧୨।୧୨

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକରେ ବିକ୍ଷୋଭ ଜାରି ରହିଥିବାବେଳେ ଏହାର ପ୍ରଭାବ ଭାରତର ବୈଦେଶିକ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଛି। ବାଂଲାଦେଶର ଦୁଇଜଣ ବରିଷ୍ଠ ମନ୍ତ୍ରୀ ଭାରତ ଗସ୍ତ ବାତିଲ କରିଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ ମୋମେନ୍ ଭାରତ ଗସ୍ତ ବାତିଲ କରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଅସାଦୁଜ୍ଜାମନ୍ ଶୁକ୍ରବାର ଦୁଇଦିନିଆ ମେଘାଳୟ ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ସେହିପରି ଅବ୍‌ଦୁଲ୍ ମୋମେନ୍ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା କେତେକ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା।

## ସିଏବି ଟୁଇଟ୍ ପାଇଁ ଟ୍ରୋଲ୍ ହେଲେ ଇମ୍ରାନ୍

ନୂଆଦିଲ୍ଲୀ,୧୨।୧୨(ଆଇଏଏନ୍ଏସ୍)

ସିଏବି ଉପରେ ଟୁଇଟ୍ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଟ୍ରୋଲ୍ ହୋଇଛନ୍ତି। ଅନ୍ତର୍ଜାତୀୟ ମାନବାଧିକାର ନିୟମ ଓ ପାକିସ୍ତାନ ସହ ଥିବା ଦ୍ୱିପାକ୍ଷିକ ରାଜିନାମାର ଉଲ୍ଲଂଘନ କରୁଥିବା ବିଧେୟକ ଲୋକ ସଭାରେ ଗୃହୀତ ହୋଇଥିବାରୁ ଇମ୍ରାନ୍ ଟୁଇଟ୍ କରି ଏହାର ନିନ୍ଦା କରିଥିଲେ। ଏହାକୁ ୧୦ ହଜାରରୁ ଊର୍ଦ୍ଧ୍ୱ ରିଟୁଇଟ୍ କରାଯାଇଛି। ଜଣେ ୟୁଜର ଲେଖିଛନ୍ତି, ମୁସଲମାନଙ୍କ ପାଇଁ ଯେହେତୁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ହୋଇଛି, ଭାରତୀୟ ଉପମହାଦେଶରେ ବିଦ୍ୱେଷର ସମ୍ମୁଖୀନ ହେଉଥିବା ସବୁ ମୁସଲମାନଙ୍କୁ ଏହା ଶରଣ ଦେବା ଉଚିତ। ତୁମେ ତାହା କରିପାରିବ ବୋଲି ଭାରତକୁ ଦେଖାଇଦେବାକୁ ସେ ଲେଖିଛନ୍ତି। ସେହିପରି ଅନ୍ୟଜଣେ ଲେଖିଛନ୍ତି, ଦୟାକରି ମାନବାଧିକାର କଥା କୁହନ୍ତୁ ନାହିଁ, କାରଣ ଏହା ଆପଣଙ୍କ ପାଇଁ ଶୋଭା ପାଉନାହିଁ।

# ଝାଡ଼ଖଣ୍ଡରେ ୬୨% ମତଦାନ

ରାଞ୍ଚି,୧୨।୧୨(ପି.ଟି.)

**ଇଭିଏମ୍ ତ୍ରୁଟିରୁ ଭୋଟ ବିଳମ୍ବ**

ଝାଡ଼ଖଣ୍ଡ ବିଧାନସଭା ଲାଗି ଗୁରୁବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଥିବାବେଳେ ୬୨ ପ୍ରତିଶତ ଭୋଟଗ୍ରହଣ କରାଯାଇଥିବା ଜଣାପଡ଼ିଛି। ୮ ଜିଲ୍ଲାର ୧୭ ଟି ଆସନରେ ଭୋଟ ଶାନ୍ତିପୂର୍ଣ୍ଣ ରହିଥିବା ପ୍ରକାଶ। ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ରାଞ୍ଚିରେ ଭୋଟ ଦେଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧ କାନ୍ତ ସହାୟ ଖିଜ୍‌ରିରେ ମତଦାନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶ୍ୱନ୍ତ ସିହ୍ନା, ଜୟନ୍ତ ସିହ୍ନା, ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରମୁଖ ମତଦାନ କରିଥିଲେ। କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ଘଣ୍ଟାଏରୁ ଦେଢ଼ଘଣ୍ଟା ବିଳମ୍ବରେ ଭୋଟଗ୍ରହଣ କରାଯାଇଥିବା ସହାୟ ଅଭିଯୋଗ କରିଛନ୍ତି। ସକାଳ ୭ରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା୫ଟା ପର୍ଯ୍ୟନ୍ତ ଚାଲିଥିଲା। ୩୨ ମହିଳାଙ୍କ ସହ ମୋଟ ୩୦୯ ପ୍ରାର୍ଥୀ ମଇଦାନରେ ଥିବାବେଳେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବାବୁଲାଲ ମାରାଣ୍ଡି, ନୀରଜ୍ ଯାଦବ, ସି.ପି. ସିଂ, ସୁଦେଶ ମହାତୋ ପ୍ରମୁଖ ରହିଛନ୍ତି। ଡିସେମ୍ବର ୨୦ ସୁଦ୍ଧା ପାଞ୍ଚପର୍ଯ୍ୟାୟ ଝାଡ଼ଖଣ୍ଡ ଭୋଟ ଶେଷହେବା ପରେ ୨୩ରେ ଭୋଟଗଣତି କରାଯିବ।

## ଇତିହାସର ଆଇନାରେ

**ଡିସେମ୍ବର ୧୩ର ପ୍ରମୁଖ ଘଟଣା**

୧୯୮୨ ଡିସେମ୍ବର ୧୩ରେ ଦକ୍ଷିଣ ପଶ୍ଚିମ ୟେମେନରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୦ ରହିଥିଲା। ଭୂକମ୍ପରେ ୨,୮୦୦ ଲୋକ ପ୍ରାଣ ହରାଇଥିବାବେଳେ ୧୫ ଶହରୁ ଅଧିକ ଆହତ ହୋଇଥିଲେ।

୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଉପରେ ପାକିସ୍ତାନର ଲସ୍କର-ଇ-ତୋଇବା ଓ ଜୈଶ-ଇ-ମହମ୍ମଦ ଆକ୍ରମଣ କରିଥିଲେ। ୫ ଆତଙ୍କବାଦୀଙ୍କୁ ମିଶାଇ ମୋଟ ୧୪ ଜଣ ଏଥିରେ ପ୍ରାଣ ହରାଇଥିଲେ।

# ଲୋକ ସଭା, ବିଧାନସଭାରେ ସ୍ଥାନ ସଂରକ୍ଷଣ ଅବଧି ୧୦ ବର୍ଷ ବଢ଼ିବ

ନୂଆଦିଲ୍ଲୀ,୧୨।୧୨(ଆଇଏଏନ୍ଏସ୍)

**ପାର୍ଲାମେଣ୍ଟରେ ବିଲ୍ ପାସ୍**

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଏସ୍‌ସି ଏବଂ ଏସ୍‌ଟିଙ୍କ ଲାଗି ସ୍ଥାନ ସଂରକ୍ଷଣ ଅବଧି ଆଉ ୧୦ ବର୍ଷ ବଢ଼ିବ। ଏ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ଗୁରୁବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ୧୦ ତାରିଖରେ ଏହା ଲୋକ ସଭାରେ ଗୃହୀତ ହୋଇଥିଲା। ଲୋକ ସଭା ଓ ବିଧାନସଭାଗୁଡିକରେ ଗତ ୭୦ ବର୍ଷ ହେଲା ଲାଗୁ ହୋଇଥିବା ଏହି ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାଳ ୨୦୨୦ ଜାନୁୟାରୀ ୨୫ରେ ଶେଷ ହେବାକୁ ଥିଲା। ଏହା କାର୍ଯ୍ୟକାରୀ ହେଲେ ସଂରକ୍ଷଣ ଅବଧି ୨୦୩୦ ଜାନୁୟାରୀ ୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟ ସଭାରେ ଗୁରୁବାର ଜୋର୍‌ଦାର ବିତର୍କ ପରେ ସର୍ବସମ୍ମତି କ୍ରମେ ବିଲ୍ ପାସ୍ ହୋଇଥିଲା। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଉକ୍ତ ବିଲ୍‌କୁ ଉପସ୍ଥାପନ କରିଥିଲେ। ବିଲ୍‌କୁ ନେଇ ପ୍ରସାଦ ଓ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦଙ୍କ ମଧ୍ୟରେ କଥା କଟାକଟି ପରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ତେବେ ଭୋଟ ଦେବାବେଳକୁ ସେମାନେ ଗୃହକୁ ଫେରିଆସିଥିଲେ।

## ନିର୍ଭୟା ବଳାତ୍କାରୀଙ୍କୁ ଖୁବ୍‌ଶୀଘ୍ର ହୋଇପାରେ ଫାଶୀ

# ଘାତକ ଯୋଗାଇବ ୟୁପି ଜେଲ୍ ବିଭାଗ

ଲକ୍ଷ୍ନୌ,୧୨।୧୨(ପି.ଟି.)

ଆବଶ୍ୟକ ମାତ୍ରେ ୨ ଜଣ ଘାତକ ଯୋଗାଇଦେବାକୁ ତିହାର ଜେଲ୍ କର୍ତ୍ତୃପକ୍ଷ ଉତ୍ତରପ୍ରଦେଶର ଜେଲ୍ ବିଭାଗକୁ ପତ୍ର ଲେଖିଥିବା ଜଣାପଡିବା ପରେ ନିର୍ଭୟା ବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଫାଶୀ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଘାତକ ଯୋଗାଇଦେବାକୁ ୟୁପି ଜେଲ୍ ବିଭାଗ ପ୍ରସ୍ତୁତ ଥିବା ଅତିରିକ୍ତ ମହାନିର୍ଦ୍ଦେଶକ (ଜେଲ୍) ଆନନ୍ଦ କୁମାର ଗୁରୁବାର ଖବରଦାତାମାନଙ୍କୁ କହିଛନ୍ତି। ଦୁଇଦିନ ପୂର୍ବରୁ ବକ୍ସାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଫାଶୀ ଦଉଡ଼ି ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତିହାର ଜେଲ୍‌ରେ ଫାଶୀ ଦେବା ପାଇଁ କେହି ଘାତକ ନ ଥିବାରୁ ଉତ୍ତରପ୍ରଦେଶ ଜେଲ୍ ବିଭାଗ ଅଧୀନରେ ଥିବା ୨ ଘାତକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବାକୁ କର୍ତ୍ତୃପକ୍ଷ ଚାହୁଁଛନ୍ତି। ଏଥିପାଇଁ ତିହାର ଜେଲ୍ କର୍ତ୍ତୃପକ୍ଷ ଗତ ୯ ତାରିଖରେ ଫ୍ୟାକ୍ସ ଯୋଗେ ଅନୁରୋଧ କରିଥିଲେ। କାହାକୁ ଫାଶୀ ଦିଆଯିବ ତାହା ଜେଲ୍ କର୍ତ୍ତୃପକ୍ଷ ସ୍ପଷ୍ଟ ନ କରି କେବଳ ଆବଶ୍ୟକ ରହିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତ ପଓ୍ୱନ ଗୁପ୍ତା, ଅକ୍ଷୟ ଠାକୁର, ମୁକେଶ ସିଂ ଏବଂ ବିନୟ ଶର୍ମା ଦୁଇବର୍ଷ ହେଲା ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଇଥିବାରୁ ସେମାନଙ୍କୁ ଫାଶୀ ଦିଆଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅପରାଧୀମାନଙ୍କୁ ମାଣ୍ଡୋଲି ଜେଲ୍‌ରୁ ତିହାରକୁ ସ୍ଥାନାନ୍ତର କରାଯାଇଥିବାରୁ ୧୬ ତାରିଖରେ ସେମାନଙ୍କୁ ଫାଶୀ ମିଳିପାରେ ବୋଲି କୁହାଯାଉଛି। ତେବେ ନ୍ୟାୟିକ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଫାଶୀ ଦିଆଯାଇପାରିବ ନାହିଁ ବୋଲି ସେମାନଙ୍କ ଓକିଲ କହିଛନ୍ତି। ଅପରାଧୀ ଅକ୍ଷୟ ସିଂ ଦାଖଲ କରିଥିବା ରିଭ୍ୟୁ ପିଟିଶନ୍ ଶୁଣାଣି ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ବିନୟ ଶର୍ମା ତାଙ୍କ କ୍ଷମା ଆବେଦନ ପ୍ରତ୍ୟାହାର କରିନେଇଛନ୍ତି। କ୍ୟୁରେଟିଭ୍ ପିଟିଶନ ସମେତ କେତେକ ନ୍ୟାୟିକ ପ୍ରକ୍ରିୟା ବାକି ରହିଥିବା ଆଇନଜୀବୀ ଏ.ପି. ସିଂ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୩/୨୦୧୯ | Bhubaneswar, Friday, December 13/2019 | ପୃଷ୍ଠା-୧




## ୬୯ ବର୍ଷରେ ସୁପରଷ୍ଟାର ରଜନୀକାନ୍ତ

ତାମିଲ, ତେଲୁଗୁ, ମାଲାୟଲମ୍, ବେଙ୍ଗଲୀ, ହିନ୍ଦୀ ଆଦି ଭାଷାରେ ୧୬୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଥିବା ସୁପରଷ୍ଟାର ରଜନୀକାନ୍ତ ୬୯ ବର୍ଷରେ ପଦାର୍ପଣ କରିଛନ୍ତି।

୧୦

୧୬

## ନୂଆ ଭୂମିକାରେ ରୋହିତ

ଭାରତୀୟ ଓପନର ରୋହିତ ଶର୍ମା ସ୍ପାନିଶ୍ ଫୁଟବଲ ଲିଗ୍ ଲା ଲିଗାର ପ୍ରଥମ ଭାରତୀୟ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି।



### ଉତ୍ତର-ପୂର୍ବରେ ନାଗରିକତ୍ୱ ବିଲ୍ ନିଆଁ

# ପୋଲିସ ଗୁଳିରେ ୩ ମୃତ

**ଗୁଆହାଟୀ/ନୂଆଦିଲ୍ଲୀ,୧୨।୧୨ (ପି.ଟି./ଆଇଏଏନ୍ଏସ୍)**

ନାଗରିକତ୍ୱ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଏହାକୁ ବିରୋଧ ଜାରି ରହିଛି। ଆସାମରେ ଗୁରୁବାର ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ବିକ୍ଷୋଭକାରୀମାନେ ଜଣେ ବିଧାୟକଙ୍କ ବାସଭବନ ସମେତ କେତେକ ଅଫିସ ଓ ଯାନବାହନରେ ନିଆଁ ଲଗାଇଦେବା ସହ ଆସୋମ ଗଣ ପରିଷଦ(ଏଜିପି) ଅଫିସରେ ଭଙ୍ଗାରୁଜା କରିଛନ୍ତି। ଗୁଆହାଟୀରେ ପୋଲିସ ଗୁଳିରେ ୩ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ମୋବାଇଲ, ଇଣ୍ଟରନେଟ ସେବା ଉପରେ ଜାରି କଟକଣା ବଳବତ୍ତର ରହିଛି। ସେହିପରି ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି ଟ୍ରେନ୍ ଓ ବିମାନ ଚଳାଚଳକୁ ବନ୍ଦ କରାଯାଇଛି। ଗୁଆହାଟୀ ପୋଲିସ କମିଶନରଙ୍କୁ ହଟାଇ ଦିଆଯାଇଥିବାବେଳେ ରାଜ୍ୟର ଅନେକ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଅଣାୟତ୍ତ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ମୁତୟନ ହୋଇଥିବା ସେନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ରାଜ୍ୟପାଳ ଜଗଦୀଶ ମୁଖୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। କୌଣସି ପ୍ରକାର ଉତ୍ତେଜନାମୂଳକ କାର୍ଯ୍ୟକ୍ରମ ପ୍ରସାରଣ ନ କରିବା ପାଇଁ ଟିଭି ଚ୍ୟାନେଲଗୁଡ଼ିକ ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କଟକଣା ଜାରି କରାଯାଇଛି। ଇତିମଧ୍ୟରେ ନାଗରିକତ୍ୱ ବିଲ୍‌କୁ ନେଇ ଆସାମବାସୀ ଚିନ୍ତା କରନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଛନ୍ତି।



ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଗୁଆହାଟୀରେ ଜଳାପୋଡ଼ା କରୁଛନ୍ତି ବିକ୍ଷୋଭକାରୀ।

**ଆସାମ ସ୍ଥିତି ଅଣାୟତ୍ତ**

- ବିଧାୟକଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ
- ଗୁଆହାଟୀରେ ବ୍ୟାପକ ଜଳାପୋଡ଼ା, ଭଙ୍ଗାରୁଜା
- ବରିଷ୍ଠ ପୋଲିସ ଅଧିକାରୀଙ୍କୁ ବଦଳି
- ଟ୍ରେନ୍, ବିମାନ ଚଳାଚଳ ବନ୍ଦ
- ସ୍ଥିତି ନିୟନ୍ତ୍ରଣ ପାଇଁ ସେନାର ଫ୍ଲାଗ୍‌ମାର୍ଚ୍ଚ
- ଶାନ୍ତିରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ବିଲ୍ ବିରୋଧରେ ବାମପନ୍ଥୀ ଦଳଗୁଡ଼ିକ ଆସନ୍ତା ୧୯ରେ ଦେଶବ୍ୟାପୀ ଆନ୍ଦୋଳନ କରିବା ପାଇଁ ଘୋଷଣା କରିଛନ୍ତି। ବିକ୍ଷୋଭ ଓ ଆନ୍ଦୋଳନ ଚାଲିଥିବାବେଳେ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍ଦୁଲ ମୋମେନ ତାଙ୍କର ☞ ପୃଷ୍ଠା-୨

## ଫସିଛନ୍ତି ଓଡ଼ିଶା ଜୁନିୟର କ୍ରିକେଟର୍

### ବିସିସିଆଇର ସହାୟତା ଲୋଡ଼ିଲା ଓସିଏ



**କଟକ ଅଫିସ,୧୨।୧୨**

ନାଗରିକତ୍ୱ ସଂଶୋଧନ ବିଲ୍(ସିଏବି)କୁ ବିରୋଧ କରି ଆସାମରେ ନିଆଁ ଜଳୁଥିବା ବେଳେ ଏଥିରେ ଫସିଛନ୍ତି ଓଡ଼ିଶାର ୧୯ ବର୍ଷରୁ କମ୍ ଜୁନିୟର ବାଳକ ଦଳର କ୍ରିକେଟ ଖେଳାଳି। ବୁଧବାର ରାତିରୁ ଗୁଆହାଟୀର ହୋଟେଲ ଭାର୍ଗବ ଗ୍ରାଣ୍ଡରେ ଖେଳାଳିମାନେ ଏକପ୍ରକାର ବନ୍ଦ ହୋଇ ରହିଛନ୍ତି। ଆସାମର ରାସ୍ତାଘାଟରେ ବିକ୍ଷୋଭ ହେବା ସହ କର୍ଫ୍ୟୁ ଜାରି ହୋଇଛି। ଇଣ୍ଟରନେଟ୍ ☞ ପୃଷ୍ଠା-୨

## ପ୍ରତିଷ୍ଠା ହେବ ୪ ଫ୍ୟାମିଲି କୋର୍ଟ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ରାଜ୍ୟ ସରକାର ଖୁବ୍‌ଶୀଘ୍ର ୪ଟି ଫ୍ୟାମିଲି କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହି କୋର୍ଟଗୁଡ଼ିକ ଅନୁଗୋଳ, ରାୟଗଡ଼ା, ବୌଦ୍ଧ ଏବଂ ଜଗତ୍‌ସିଂହପୁର ଜିଲାରେ ପ୍ରତିଷ୍ଠା ହେବ। ଚଳିତ ବର୍ଷ ଅର୍ଥାତ୍ ୨୦୧୯-୨୦ରେ ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ସୂଚନା ଦେଇଛନ୍ତି।

### ଏମ୍‌କେସିଜିରେ ଏମ୍‌ସିଆଇର ଟିମ୍

## ସିଟ୍ ବୃଦ୍ଧି ପରେ ଭିତ୍ତିଭୂମି ଅନୁଧ୍ୟାନ

**ବ୍ରହ୍ମପୁର ଅଫିସ୍,୧୨।୧୨:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ଗୁରୁବାର ମେଡ଼ିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ଏମ୍‌ସିଆଇ)ର ୪ଜଣିଆ ଟିମ୍ ପରିଦର୍ଶନରେ ଆସିଥିଲେ। ମାଡ୍ରାସ୍ ମେଡ଼ିକାଲ୍ କଲେଜର ଡା. ରମେଶ, ନାଗପୁରରୁ ଡା. ସୁବାସ ବି ଠାକ୍‌ରେ, ମହାରାଷ୍ଟ୍ରରୁ ଡା. ଏସ୍. ଶ୍ରୀବାନୀ ଏବଂ ଡା. ସୁଷମା ଯାଦବଙ୍କ ନେତୃତ୍ୱରେ ଗଠିତ ୪ ଟିମ୍ ପରିଦର୍ଶନ କରିଥିଲେ। କଲେଜରେ ସିଟ୍ ସଂଖ୍ୟା ୧୫୦ରୁ ୨୫୦କୁ ବୃଦ୍ଧି କରାଯାଇଛି। ଏଣୁ ସିଟ୍ ବୃଦ୍ଧି ପରେ ଭିତ୍ତିଭୂମି ଅନୁଧ୍ୟାନ କରିବାକୁ ଏହି ଟିମ୍ ଆସିଥିବା ସୂଚନା ମିଳିଛି। ଏହା ହେଉଛି ଏମ୍‌ସିଆଇର ଶେଷ ପରିଦର୍ଶନ। ପରିଦର୍ଶନ ପରେ ଏହି ଟିମ୍ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଗୁରୁବାର ପୂର୍ବାହ୍ନରେ ଏହି ଟିମ୍ ଏକ୍‌କେସିଜିରେ ପହଞ୍ଚିବା ପରେ ପ୍ରଥମେ ଡିନ୍ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀଙ୍କୁ ସହ ଆଲୋଚନା କରିଥିଲେ। ଏହା ପରେ ଟିମ୍‌ର ୪ଜଣ ସଦସ୍ୟଙ୍କୁ ନେଇ ୪ ଟିମ୍ ଗଠନ କରାଯାଇଥିଲା। ଆସୋସିଏଟ୍ ପ୍ରଫେସର ଗଣେଶ୍ୱର ସେଠୀ ଏବଂ ସୁନିଲ ଅଗ୍ରୱାଲାଙ୍କ ସହ ବରିଷ୍ଠ ଡାକ୍ତରମାନେ ଟିମ୍‌ରେ ରହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ, ଯକ୍ଷ୍ମା, ରେଡ଼ିଓଲୋଜି, ବାହ୍ୟ ଚିକିତ୍ସା, ପାଥୋଲୋଜି ସହ ମୋଟ ୨୭ ବିଭାଗକୁ ଏହି ଟିମ୍ ଯାଇଥିଲା। ଭିତ୍ତିଭୂମି, ରୋଗୀ ସେବା, ବିଭିନ୍ନ ଚିକିତ୍ସା ଏବଂ ପରୀକ୍ଷାଗୁଡ଼ିକ ଠିକ୍ ଭାବେ ହେଉଛି ନା ନାହିଁ, ତାର ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ମେଡ଼ିକାଲ୍ କଲେଜ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ କଥା ହୋଇଥିଲେ।

### ତେଲଙ୍ଗାନା ଏନ୍‌କାଉଣ୍ଟର

## ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାରେ ୪ ଅଭିଯୁକ୍ତଙ୍କୁ କେଉଁ ପରିସ୍ଥିତିରେ ଏନ୍‌କାଉଣ୍ଟର କରିବାକୁ ପୋଲିସ ବାଧ୍ୟ ହେଲା, ତାହାର ବିଚାର ବିଭାଗୀୟ ତଦନ୍ତ ଲାଗି ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଭି.ଏସ୍. ସିରପୁର୍‌କରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ତଦନ୍ତ କମିଶନ ଗଠନ କରାଯାଇଛି। ଏଥିରେ ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ରେଖା ସୋନ୍ଦୁର ବାଲଡୋଟା ଏବଂ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡି.ଆର୍. କାର୍ତ୍ତିକେୟନ ସଦସ୍ୟ ରହିଛନ୍ତି। ୬ ମାସ ମଧ୍ୟରେ ସୁପ୍ରିମକୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରିବା ଲାଗି କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ନାଜିର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ତେଲଙ୍ଗାନା ହାଇକୋର୍ଟଙ୍କ ଶୁଣାଣି ଓ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ତଦନ୍ତ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାମଲାର ଏସ୍‌ଆଇଟି ରିପୋର୍ଟ ଅଦାଲତ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କମିଶନଙ୍କ ବିଚାରାଧୀନ ଥିବା ଉକ୍ତ ମାମଲା ଉପରେ ଅନ୍ୟ ☞ ପୃଷ୍ଠା-୨

## 'ମୋ ସରକାର'ରେ ସାମିଲ ହେଲା କୃଷି ବିଭାଗ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ 'ମୋ ସରକାର' କାର୍ଯ୍ୟକ୍ରମରେ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଗୁରୁବାର ଲୋକସେବା ଭବନରେ ଏହାର ଶୁଭାରମ୍ଭ କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରକୃତ ମାଲିକ ଚାଷୀ। ତେଣୁ ସେମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଯୋଜନା ଠିକ୍ ଭାବେ ତାଙ୍କ କାର୍ଯ୍ୟରେ ଆସୁଛି ନା ନାହିଁ, ତାହାକୁ ପରଖିବା 'ମୋ ସରକାର' କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ହେବ। ସେମାନଙ୍କ ସମସ୍ୟା ତଥା ଅଭିଯୋଗକୁ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ବିଭାଗର ପ୍ରାଥମିକତା ହେବ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୯୯ ମହାବାତ୍ୟାରେ ପ୍ରଭାବିତ ଲୋକଙ୍କୁ ରିଲିଫ୍ ଯୋଗାଣ ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ହେଲେ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଆସିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶସ୍ୟ ଯୋଗାଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟକୁ ୫ ଥର କୃଷି ☞ ପୃଷ୍ଠା-୨

- ଚାଷୀଙ୍କ ସହ ସିଧାସଳଖ କଥାହେବେ ମୁଖ୍ୟମନ୍ତ୍ରୀ
- ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ଆହ୍ୱାନ
- ଜାରି ହେଲା ଟୋଲ୍ ଫ୍ରି ନଂ.
- ପୋଖରୀ ଖନନ ଉପରେ ଗୁରୁତ୍ୱ
- କୃଷି ଅଧିକାରୀଙ୍କ ସହ ଆଲୋଚନା କଲେ ୫-ଟି ସଚିବ

### ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ଗୁଳିକାଣ୍ଡ ଘଟଣା

## ଜଣଙ୍କୁ ଆଜୀବନ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନା

**ଯାଜପୁର ଟାଉନ,୧୨।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ୨୦୧୪ରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶେଷଦେବ ସ୍ୱାଇଁ ଓରଫ ବୁବା।

ପ୍ରକାଶ ଯେ, ୨୦୧୪ ମାର୍ଚ୍ଚ ୨୦ତାରିଖ ସନ୍ଧ୍ୟାରେ ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମ କରାଯାଉଥିଲା। ଏହି ସମୟରେ ବୁବା, ଅଜିତ ପରିଡା ଓରଫ ଲକି, କିଶୋର କୁମାର ମହାରଣା ଓରଫ ମୁନୁ ଓ ଜଗନ୍ନାଥ ମହାରଣା ପ୍ରମୁଖ ୨ଟି ମୋଟରସାଇକେଲ୍ ଯୋଗେ ପାର୍ଟି ଅଫିସ ପାଖକୁ ଆସି ସେଠାରେ ଥିବା ବଳରାମ ନାୟକଙ୍କ ପୁଅ ଦୀପକଙ୍କୁ ଡକାଇ ଥିଲେ। ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ବୁବା ଓ ମୁନୁ ଦୀପକଙ୍କୁ ୫ ରାଉଣ୍ଡ ଗୁଳି କରିଥିଲେ। ଫଳରେ ଘଟଣାସ୍ଥଳରେ ଦୀପକଙ୍କର ମୃତ୍ୟୁ ଘଟିଥିଲା। ଗୁଳିକାଣ୍ଡ ପରେ ଅଭିଯୁକ୍ତମାନେ ସୁଭଦ୍ରାପୁର ଆଡକୁ ବାଇକ୍‌ରେ ଯାଉଥିବାବେଳେ ଗୋଟିଏ ପୋଲରେ ପିଟି ହୋଇ ଗୁରୁତର ହୋଇଥିଲେ। ସେମାନଙ୍କୁ ବଡ଼ଚଣା ଡାକ୍ତରଖାନା ନିଆଯାଇଥିଲା। ଜଗନ୍ନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଦୀପକଙ୍କ ଭାଇ ରୂପକ ବଡଚଣା ଥାନାରେ ଲିଖିତ ଏତଲା କରିବା ପରେ ଏକ ହତ୍ୟା ମାମଲା (ନଂ. ୫୦/୨୦୧୪ ) ରୁଜୁ କରି ପୋଲିସ ଶେଷଦେବ ଓ ଅଜିତଙ୍କୁ ଗିରଫ କରିଥିଲା। ଏହି ମାମଲାର ଚୂଡାନ୍ତ ଶୁଣାଣି କରି ଜିଲା ଦୌରାଜଜ୍ ମିଶ୍ର ୧୬ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଆଇପିସି ଦଫା ୩୦୨ରେ ବୁବାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଅର୍ଥଦଣ୍ଡ ଘୋଷଣା କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ଲକି ହାଇକୋର୍ଟଙ୍କ ଦ୍ୱାରା ଜାମିନ ପାଇଥିବାବେଳେ ରାୟ ପ୍ରକାଶ ଦିନ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ରାୟ ପ୍ରକାଶିତ ନ ହୋଇ ୱାରେଣ୍ଟ ଜାରି କରାଯାଇଛି। ଅଭିଯୁକ୍ତ ମୁନୁ ଘଟଣା ଦିନରୁ ଏପର୍ଯ୍ୟନ୍ତ ଫେରାର ଅଛନ୍ତି। ମାମଲାକୁ ସରକାରୀ ଓକିଲ ଗଦାଧର ସାହୁ ପରିଚାଳନା କରିଥିଲେ।


Vencobb FRESH CHICKEN
Taste the difference!

12.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 85 | 139 | 149 |
| BHM | 85 | 139 | 149 |

*Conditions Apply

Issued in the Interest of Consumers





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am -11:00 pm). Select variants available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for KWID, TRIBER & DUSTER base variant for ex-showroom Bhubaneswar and is exclusive of local taxes. Offers may vary across variants and cities. The above mentioned offers & Benefits are valid till 31st December 2019 and are through Renault dealership.*Benefits mentioned above are applicable only on select KWID & DUSTER variants. ^^Benefits up to ₹45 000 on KWID includes cash discount on select versions and stock. **Warranty of 4 Years applicable on KWID only includes Manufacturer Warranty of 2 Years or 50 000 km + Extended Warranty of 2 Years or 50 000 km. ***0% Rate of Interest is applicable for KWID & is calculated on a loan amount of ₹2.2 Lakhs for a tenure of 18 months through Renault Finance. ^Benefits up to ₹1.25 Lakh include cash benefit and exchange for select stock of DUSTER. Benefits mentioned above are applicable on select DUSTER variant. †Grand Prize and Win a Car Scheme is valid till 31st December 2019. For further details, please check T&C on Renault India website. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +91 7290055349. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


କୌଶିକ
ପରିବାରବର୍ଗ


ଆଦିତ୍ୟ
ପରିବାରବର୍ଗ


ଶତାବ୍ଦି
ପରିବାରବର୍ଗ


ଶିବାଶିଷ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନିତା ଶତପଥୀ


ଅରିଫା ସଦବ


ବର୍ଷାରାଣୀ ପଣ୍ଡା


ବାସନ୍ତୀ ରଣସିଂହ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ପ୍ରଥମ ପୃଷ୍ଠାରୁ...

## 'ମୋ ସରକାର'ରେ...

କର୍ମଣ ପୁରସ୍କାର ମିଳିଛି। ଏହି ସମସ୍ତ ସଫଳତାର ଶ୍ରେୟ ଚାଷୀ ଭାଇଙ୍କର। ଚାଷୀମାନଙ୍କ କାର୍ଯ୍ୟ ସବୁ ସମୟରେ ରାଜ୍ୟକୁ ଗର୍ବିତ କରି ଆସିଛି। ତେଣୁ ଓଡ଼ିଶା ସରକାର ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେଇଥାଆନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ ସରକାର କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ। ସେହିପରି ଚାଷୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ହିତାଧିକାରୀଙ୍କ ସହ କଥା ହେବେ। ଯଦି ସରକାରୀ ସେବା ସମ୍ପର୍କରେ ଚାଷୀଙ୍କ ପ୍ରତିକ୍ରିୟା ଭଲ ରୁହେ, ତେବେ କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ସହ ପ୍ରୋତ୍ସାହନ ଦିଆଯିବ। ଅପରପକ୍ଷରେ ନକାରାତ୍ମକ ପ୍ରତିକ୍ରିୟା ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଣିକି ବିଭାଗ ପକ୍ଷରୁ ଇଣ୍ଟରଆକ୍ଟିଭ ଭଏସ୍ ରେସପନ୍ସ(ଆଇଭିଆର) ସହ ସିଧାସଳଖ କଲ୍ ସେଣ୍ଟରରୁ ହିତାଧିକାରୀଙ୍କଠାରୁ ପ୍ରତିକ୍ରିୟା ନିଆଯିବ। ଏଥିପାଇଁ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନଂ- ୧୮୦୦-୧୦୨୫୧୬୬ ଜାରି କରାଯାଇଛି। ଏହି ନମ୍ବରରେ ଆସୁଥିବା ଅଭିଯୋଗ ତଥା ଗଠନଧର୍ମୀ ପ୍ରସ୍ତାବ ନେଇ ତୁରନ୍ତ ଗ୍ରହଣ କରାଯିବ। ଯଦି ଏହା ନ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଭଏସ୍ ବାର୍ତ୍ତା ପ୍ରେରଣ କରାଯିବ।

ସେହିଭଳି କାଳିଆ ଯୋଜନାରେ ଅଭିଯୋଗ ଶୁଣାଣି ପଦକ୍ଷେପକୁ ପୂର୍ବାପେକ୍ଷା ଅଧିକ ତ୍ୱରାନ୍ୱିତ କରାଯିବ। ଯୋଗ୍ୟ ହୋଇଥିବା କୌଣସି ହିତାଧିକାରୀ ଯଦି କାଳିଆ ସହାୟତାରୁ ବଞ୍ଚିତ ହୁଅନ୍ତି, ତେବେ 'ଗ୍ରିଭାନ୍ସ ରିଡ୍ରେସାଲ ପୋର୍ଟାଲ' ଦ୍ୱାରା ଅଭିଯୋଗ ଗ୍ରହଣ କରାଯାଇ ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ। ଏହା କାଳିଆ ଯୋଜନା ପାଇଁ ରହିଥିବା ସରକାରୀ ୱେବ୍‌ସାଇଟ୍ http://kalia.odisha.gov.in ରେ ଉପଲବ୍ଧ। ତେଣୁ କୌଣସି ହିତାଧିକାରୀଙ୍କୁ ଅଯଥାରେ ସରକାରୀ ଅଫିସ ଗସ୍ତ କରିବାର ଆବଶ୍ୟକତା ରହିବ ନାହିଁ ବୋଲି କୁହାଯାଇଛି। ଏହି ଅବସରରେ କୃଷି ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ ଚାଷୀଙ୍କ ଆୟ ଦ୍ୱିଗୁଣା କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ବିଭାଗର ଅନେକ ଯୋଜନା ରହିଛି। ପ୍ରତିଟି ଯୋଜନା ଯେପରି ତାହାର ମୂଳ ଲକ୍ଷ୍ୟ ହାସଲ କରିବ ସେଥିପାଇଁ ସମସ୍ତେ ସଂକଳ୍ପବଦ୍ଧ। ମୋ ସରକାର ଲାଗୁ ହେବା ଦ୍ୱାରା ହିତାଧିକାରୀଙ୍କ ସହ ରାଜ୍ୟ ଶୀର୍ଷ ପ୍ରଶାସନ ଆହୁରି ସିଧାସଳଖ ଯୋଡି ହେବ। ତେଣୁ ଚାଷୀଙ୍କଠାରୁ ଅଭିଯୋଗ କିମ୍ବା ଉପଯୁକ୍ତ ଗଠନଧର୍ମୀ ପ୍ରସ୍ତାବ ଆସିଲେ, ତାହାର ତୁରନ୍ତ ସମାଧାନ/କାର୍ଯ୍ୟକାରୀ ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। କୃଷି ସଚିବ ସୌରଭ ଗର୍ଗ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭାରମ୍ଭ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗର୍ଗ କହିଥିଲେ ଯେ ବିଭାଗ ପକ୍ଷରୁ ୨୦ ଟାସ୍କ ଦିଆଯାଇଛି। ଏହି ଟାସ୍କଗୁଡ଼ିକର ଶୁଭାରମ୍ଭ ହୋଇଛି। ଚାଷୀଙ୍କ ଆୟ ଦ୍ୱିଗୁଣା କରିବା, ପୋଖରୀ ଖନନ କାର୍ଯ୍ୟ ଆଦି କରାଯିବ। ଅନ୍ୟ ବିଭାଗ ଭଳି ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟିର ଉପଯୋଗିତା ଏବଂ ଫିଡ୍‌ବ୍ୟାକ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି ସୌରଭ କହିଛନ୍ତି। ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାସ୍ତରୀୟ କୃଷି ଅଧିକାରୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ପୋଲିସ ଗୁଳିରେ...

ଭାରତ ଗସ୍ତକୁ ବାତିଲ କରିଦେଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କିଛିଦିନ ବାଂଲାଦେଶରେ ବିତାନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍, ୨୦୧୯ ସୋମବାର ଲୋକ ସଭାରେ ଗୃହୀତ ହେବା ପରେ ବୁଧବାର ରାଜ୍ୟ ସଭା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ଏହି ବିଧେୟକ ଆଇନରେ ପରିଣତ ହେବା ପାଇଁ କେବଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନକୁ ବାକି ଅଛି। ବିଲ୍‌କୁ ନେଇ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ କ୍ରମାଗତ ଚାରି ଦିନ ଧରି ବିଭିନ୍ନ ଛାତ୍ର ସଙ୍ଗଠନ, ରାଜନୈତିକ ଦଳ ଓ ଏନ୍‌ଜିଓ ପକ୍ଷରୁ ବିରୋଧ କରାଯାଇଛି। ଗୁରୁବାର ସବୁଠୁ ବେଶି ବିକ୍ଷୋଭ ଆସାମରେ ଦେଖିବାକୁ ମିଳିଛି। ଗୁଆହାଟୀରେ ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ୍ (ଏଏଏସ୍‌ୟୁ) ବିକ୍ଷୋଭ ଡାକରା ଦେଇଥିବାବେଳେ କୃଷକ ମୁକ୍ତି ସଂଗ୍ରାମ ସମିତି ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲା। ବୁଧବାର ରାତିରେ କର୍ଫ୍ୟୁକୁ ବିକ୍ଷୋଭକାରୀମାନେ ଅମାନ୍ୟ କରିଥିଲେ। ସେମାନେ ଗୁରୁବାର ଚାବୁଆରେ ବିଧାୟକ ବିନୋଦ ହଜାରିକାଙ୍କ ଘରେ ନିଆଁ ଲଗାଇଦେଇଛନ୍ତି। ଏହାସହ ସେମାନେ ସର୍କଲ ଅଫିସ ଏବଂ କେତେକ ଯାନବାହନକୁ ଭଙ୍ଗାରୁଜା କରିଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଗୁଆହାଟୀରେ ସେନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଗୁଜବଜନିତ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ଲାଗି ପୂର୍ବରୁ ମୋବାଇଲ୍, ଇଣ୍ଟରନେଟ ସେବା ଉପରେ ଜାରି ରହିଥିବା କଟକଣାକୁ ଗୁରୁବାର ମଧ୍ୟାହ୍ନ ୧୨ଟାରୁ ଆହୁରି ୪୮ ଘଣ୍ଟା ପାଇଁ ବଳବତ୍ତର ରଖାଯାଇଛି। ଗୁଆହାଟୀ ପୋଲିସ କମିଶନରଙ୍କୁ ପଦରୁ ହଟାଇଦିଆଯାଇଛି। ତାଙ୍କ ସ୍ଥାନରେ ମୁନ୍ନା ପ୍ରସାଦ ଗୁପ୍ତାଙ୍କୁ ରାଜଧାନୀର ପୋଲିସ ମୁଖ୍ୟ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ମୁକେଶ ଅଗ୍ରୱାଲଙ୍କ ସମେତ ବହୁ ଅଧିକାରୀଙ୍କୁ ବଦଳି କରାଯାଇଛି। ମୁକେଶଙ୍କ ସ୍ଥାନରେ ଜି.ପି. ସିଂଙ୍କୁ ଅବସ୍ଥାପିତ କରାଯାଇଛି।

ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ଗୁଆହାଟୀ ଓ ଡିବ୍ରୁଗଡ଼ରୁ ଅନେକ ବିମାନର ଚଳାଚଳକୁ ବନ୍ଦ କରିଦିଆଯାଇଛି। ଇଣ୍ଡିଗୋ ଏୟାରଲାଇନ୍ସ ଗୁଆହାଟୀରୁ କୋଲକାତାକୁ ବିମାନ ଚଳାଚଳ ବନ୍ଦ କରିଥିବା ଏନ୍‌ଏସ୍‌ସିବିଆଇ ବିମାନବନ୍ଦର ପକ୍ଷରୁ ସୂଚନା ଦିଆଯାଇଛି। ଭିସ୍ତାରା, ଏୟାର ଇଣ୍ଡିଆ, ସ୍ପାଇସ୍ ଜେଟ୍ ଏବଂ ଗୋ ଏୟାରର ବିମାନଗୁଡ଼ିକର ଚଳାଚଳ ସ୍ଥଗିତ ରଖାଯାଇଛି।

ସେହିପରି ଆସାମର ସମସ୍ତ ଯାତ୍ରୀବାହୀ ଟ୍ରେନ୍ ସେବାକୁ ମଧ୍ୟ ବାତିଲ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଆସାମରୁ ତ୍ରିପୁରା ମଧ୍ୟରେ ସବୁ ଟ୍ରେନ୍‌କୁ ବନ୍ଦ କରାଯାଇଥିବା ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଯାତାୟାତରେ ଅସୁବିଧା ଯୋଗୁ ବହୁସଂଖ୍ୟକ ଯାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଗୁଆହାଟୀ ଓ କାମାକ୍ଷା ରେଲଷ୍ଟେଶନରେ ଅଟକି ରହିଥିବା ଦେଖିବାକୁ ମିଳିଛି। ଆସାମ ଓ ତ୍ରିପୁରାର ରେଲଷ୍ଟେଶନଗୁଡ଼ିକରେ ମୁତୟନ ପାଇଁ ୧୨ କମ୍ପାନୀ ରେଲୱେ ପ୍ରୋଟେକ୍ସନ ସ୍ପେଶାଲ ଫୋର୍ସ(ଆର୍‌ପିଏସ୍‌ଏଫ୍) ଯବାନଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯାଇଥିବା ନୂଆଦିଲ୍ଲୀରେ ଏହି ସୁରକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଅରୁଣ କୁମାର ସୂଚନା ଦେଇଛନ୍ତି।

## ଫସିଛନ୍ତି ଓଡ଼ିଶା...

ସେବା କାମ କରୁନି। ଜୀବନ ବଞ୍ଚାଇବା ଲାଗି ହୋଟେଲ ଭିତରୁ ବାହାରି ପାରୁନାହାନ୍ତି ଏହି ଓଡ଼ିଆ ଖେଳାଳି। କୁଚ୍‌ବିହାର ଟ୍ରଫିର ଏକ ମ୍ୟାଚ୍ ଖେଳିବାକୁ ରାଜ୍ୟ ଦଳ ଆସାମ ଯାତ୍ରା କରିଛି। ରାଜ୍ୟ ଖେଳାଳିଙ୍କୁ ଉଦ୍ଧାର କରିବା ଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ ଆସାମ କ୍ରିକେଟ ଆସୋସିଏଶନର ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛନ୍ତି ବୋଲି ସେ କହିଛନ୍ତି। ସ୍ଥିତି ସୁଧୁରିଲେ ଯଥାସମ୍ଭବ ସେମାନଙ୍କୁ ଶୀଘ୍ର ଓଡ଼ିଶା ଫେରାଇ ଆଣିବାକୁ ବ୍ୟବସ୍ଥା କରାଯିବ ବୋଲି ସଞ୍ଜୟ କହିଛନ୍ତି।

ଅନ୍ତର୍ଜାତୀୟ ମ୍ୟାଚ୍‌କୁ ନେଇ ଓସିଏ ବ୍ୟସ୍ତ ଥିବା ବେଳେ ଆସାମର ଜନଅସନ୍ତୋଷ ରାଜ୍ୟ କ୍ରିକେଟ ସଂଘ ପାଇଁ ଚିନ୍ତା ବଢ଼ାଇ ସାରିଲାଣି। ଶୁକ୍ରବାର ଆସାମର ନାଗାଓଁସ୍ଥିତ ନୁରୁଲ ଅମିନ ଷ୍ଟାଡିୟମରେ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିର ଏକ ମ୍ୟାଚ୍ ଖେଳାଯାଇଥାନ୍ତା। ଘରୋଇ ଆସାମ ଦଳ ବିପକ୍ଷରେ ଓଡ଼ିଶା ଏହି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଥିଲା। ଏଥିପାଇଁ ବୁଧବାର ଅପରାହ୍ନରେ ଓଡ଼ିଶା ଦଳ ଆସାମ ଯାତ୍ରା କରିବା ସହ ସନ୍ଧ୍ୟାରେ ଗୁଆହାଟୀ ଏୟାରପୋର୍ଟରେ ପହଞ୍ଚିଥିଲା। ବସ୍ ଯୋଗେ ରାଜ୍ୟ ଦଳ ଷ୍ଟାଡିୟମ ନିକଟ ଏକ ହୋଟେଲକୁ ଯାତ୍ରା କରୁଥିଲା। ମାତ୍ର ରାସ୍ତାରେ ହିଂସାର ସମ୍ମୁଖୀନ ହେବା ଭଳି ପରିସ୍ଥିତି ଉପୁଜିଥିଲା। ଓଡ଼ିଶା ଦଳ ଯେଉଁ ବସ୍‌ରେ ଥିଲା, ସେହି ବସ୍ ଆଗରେ ଥିବା ଅନ୍ୟ ଏକ ବସ୍‌କୁ ଆନ୍ଦୋଳନକାରୀ ଭଙ୍ଗାରୁଜା କରିଦେଇଥିଲେ। ବାଧହୋଇ ନିର୍ଦ୍ଧାରିତ ହୋଟେଲ ବଦଳରେ ପୋଲିସ ସହାୟତାରେ ଓଡ଼ିଶା ଦଳକୁ ତୁରନ୍ତ ରାଜପଥ ନିକଟସ୍ଥ ହୋଟେଲ ଭାର୍ଗବ ଗ୍ରାଣ୍ଡକୁ ନିଆଯାଇଥିଲା। ବୁଧବାର ସନ୍ଧ୍ୟାରୁ ସେମାନେ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡ଼ିଛି। ଖେଳାଳିମାନଙ୍କ ପରିବାର ଲୋକ ଓସିଏ ସହ ବାରମ୍ବାର ଯୋଗାଯୋଗ କରୁଛନ୍ତି। ଆସାମରେ ଏବେ ବସ୍, ଟ୍ରେନ୍ ଓ ବିମାନସେବା ବନ୍ଦ ହୋଇସାରିଲାଣି। ଫଳସ୍ୱରୂପ ଖେଳାଳିମାନଙ୍କ ଫେରିବାର ବାଟ ମଧ୍ୟ ସାମୟିକ ଭାବେ ବନ୍ଦ ହୋଇଯାଇଛି। କୌଣସି ଅଭିଭାବକ ବ୍ୟତିବ୍ୟସ୍ତ ନ ହେବାକୁ ଓସିଏ ପକ୍ଷରୁ ନିବେଦନ କରାଯାଇଛି। ଆସାମରେ ଥିବା ଖେଳାଳିମାନେ ହେଲେ ପ୍ରିନ୍ସ ସଙ୍କେତ ବେହେରା, ଆକାଶ ନାୟକ, ସମୀର ସାହୁ, ଅନିଲ ପରିଡ଼ା, ସ୍ୱନ୍ଦନ ସାବତ, ମାନସ ନାୟକ, ଅଙ୍କିତ୍‌କର ଜୟଶ୍ୱାଲ, ମିଲନ ସାମଲ, ସୂରଜ ବେହେରା, ସୂର୍ଯ୍ୟ ନାରାୟଣ ବିଶ୍ୱାଲ, ସତ୍ୟକାମ ଭରଦ୍ୱାଜ, ଆର୍ଯ୍ୟ ଐଶ୍ୱର୍ଯ୍ୟ ଜେନା, ଅନିକେତ ତ୍ରିପାଠୀ, ନିଶିଥ ସିଂ, ବିନାୟକ ଦାସ। ଏହାଛଡ଼ା କୋଚ୍ ନିରଞ୍ଜନ ବେହେରାଙ୍କ ସମେତ ଫିଜିଓ, ଟ୍ରେନର ଓ ମ୍ୟାନେଜର ମଧ୍ୟ ଫସି ରହିଛନ୍ତି। କୋଚ୍ ନିରଞ୍ଜନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ହୋଟେଲ ବାହାରକୁ ଯିବାକୁ ବାରଣ କରାଯାଇଛି। ପରିସ୍ଥିତି ଆଦୌ ଭଲ ନାହିଁ। ରାସ୍ତାରେ ଲୋକମାନେ ବିକ୍ଷୋଭ କରିବା ସହ ନିଆଁ ଜାଳୁଛନ୍ତି। ଏବେ ମ୍ୟାଚ୍ ଅଫିସିଆଲ, ଅମ୍ପାୟର ମଧ୍ୟ ଏହି ହୋଟେଲରେ ପହଞ୍ଚିଛନ୍ତି। ଆମ ସୁରକ୍ଷା ନେଇ ଆସାମ କ୍ରିକେଟ ଆସୋସିଏଶନ ପକ୍ଷରୁ ପ୍ରଚେଷ୍ଟା କରାଯାଉଛି ବୋଲି ନିରଞ୍ଜନ କହିଛନ୍ତି।

## ବିଚାର ବିଭାଗୀୟ...

କୌଣସି କର୍ତ୍ତୃପକ୍ଷ ତଦନ୍ତ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ତିନିଜଣିଆ ବିଚାର ବିଭାଗୀୟ କମିଶନଙ୍କୁ ସିଆର୍‌ପିଏଫ୍ ସୁରକ୍ଷା ଯୋଗାଇ ଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସ ୨୮ରେ ତେଲଙ୍ଗାନାର ୨୬ ବର୍ଷୀୟା ପ୍ରାଣୀ ଚିକିତ୍ସକଙ୍କ ଦଗ୍ଧ ମୃତଦେହ ମିଳିବା ପରେ ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ଏହି ଘଟଣାକୁ ନେଇ ତେଲଙ୍ଗାନା ସମେତ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇବା ସହ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ଦାବି ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ରାହୁ ଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଅବଶ୍ୟ ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପାରିବାରିକ କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ଚୁକ୍ତିପତ୍ର, ଲୋକସମ୍ପର୍କ, ବନ୍ଧୁଙ୍କ ସହ ଆଲୋଚନା ପ୍ରାୟତଃ ଅନୁକୂଳ ଫଳ ପ୍ରଦାନରେ ସହାୟକ ହେବ।

**ବୃଷ** – ଆଜି ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହେବେ। ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡିପାରେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** – ଆଜିର ବ୍ୟୟବହୁଳ ଯାତ୍ରାଜନିତ ମାନସିକ ଅସ୍ଥିରତା ଲାଗି ରହିବ। ସମୟୋଚିତ କଥାବାର୍ତ୍ତାରେ ସତର୍କ ନ ରହିଲେ କିମ୍ବା ସତର୍କରେ ନ ଚଳିଲେ କଳହ ଲାଗିବାର ଆଶଙ୍କାକୁ ଏଡି ହେବ ନାହିଁ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡିପାରେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢା, ଯାତ୍ରା ପାଇଁ ଦିନଟି ବହୁତ ଭଲ।

**କର୍କଟ** – ଆପଣ ଯାହା ଓ ଯେମିତି ଭାବୁଛନ୍ତି ଆଜି ତାହା ହିଁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ସାଧାରଣ କଥାରେ ମନାନ୍ତର ଘଟିବାର ସୂଚନା ରହିଛି। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପ୍ରାପ୍ତିର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତ ହେବେ।

**ସିଂହ** – ଅର୍ଥସଂକଟ ସାଙ୍ଗକୁ ବୁଝାମଣା ଅଭାବରୁ ନିଜର ଆତ୍ମୀୟଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ସମସ୍ୟା ବିଜଡିତ ସାଙ୍ଗକୁ ବିଳମ୍ବିତ ସମୟରେ ପ୍ରତ୍ୟେକ କାମ ସମ୍ପନ୍ନ ଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ପ୍ରୟନ୍ କରିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ମନୋବଳ ବୃଦ୍ଧି ପାଇବ।

**କନ୍ୟା** – କର୍ମକ୍ଷେତ୍ରରେ ଅନୁକୂଳ ବାତାବରଣ ପାଇଁ ପ୍ରତିବେଶୀଙ୍କ ସହ ସୁସମ୍ପର୍କ ସାହାଯ୍ୟ କରିବ। ଆଜି ଆପଣ ସ୍ଥିର ଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ରହିପାରିବେ ନାହିଁ। ବିଦେଶ ଯାତ୍ରା, ତୀର୍ଥାଟନ, ଶତ୍ରୁକୃତ ସମସ୍ୟାର ସମାଧାନ ସକାଶେ ଚିନ୍ତା କରିପାରନ୍ତି। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି।

**ତୁଳା** – କେତେକ କାମ ନେଇ ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ଏକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଅର୍ଥ ସମ୍ପର୍କିତ ଆଲୋଚନା, ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବ୍ୟବସାୟ, ପରିବହନରେ ଉନ୍ନତି କରିବେ।

**ବିଛା** – ଏକ ଭିନ୍ନ ପରିବେଶରେ ମିତ୍ର ବନ୍ଧୁମାନଙ୍କ ସହ ମିଳନ ଜନିତ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ ସ୍ଥିତି, ଯାନବାହନ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**ଧନୁ** – ନିଜର ପ୍ରଭାବଶାଳୀ କଥାର ଚୁମ୍ବକୀୟ ତରଙ୍ଗ ମାଧ୍ୟମରେ ଅନ୍ୟମାନଙ୍କୁ ଆକର୍ଷିତ କରାଇ କାମ ହାସଲ କରିପାରିବେ। ଆର୍ଥିକ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଆଜି ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା ଭଳି କାମ କରିବା ଠିକ୍ ହେବ ନାହିଁ।

**ମକର** – ଆଜି ବ୍ୟବସାୟ, ବାଣିଜ୍ୟ, ସଭାସମିତି କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ପୂର୍ବରୁ ଲାଗିରହିଥିବା ସମସ୍ୟା ସମାଧାନ ହୋଇଯିବ। ଭାବୁଥିବା କାମଟି ସକାଶେ କିଛି ସହଯୋଗ ନିମିତ୍ତ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ। ଉପରିସ୍ଥଙ୍କ ସମ୍ମୁଖରେ ମନକଥା ପ୍ରକାଶ ନ କରିପାରି ଅନୁତାପ କରିବେ।

**କୁମ୍ଭ** – ନିଜର ସହଜାତ ପ୍ରବୃତ୍ତି କାରଣରୁ ପାଖ ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆଦାୟ ଅପେକ୍ଷା ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଚିନ୍ତା ପ୍ରକଟ କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ** – କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସୁବିଧା ଲାଭ କରି କାମ ହାସଲ କରିବେ। ନିଜ ପରିସରସ୍ଥ ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ଆତ୍ମୀୟ ସ୍ୱଜନମାନଙ୍କ ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିବାର ଆଶଙ୍କା ରହିଛି।

ଆଜି ପୌଷ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଡିସେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୨ମି. ଗତେ ଘ୯।୫୨ମି. ମଧ୍ୟେ ଅମୃତ ବେଳା ଏବଂ ଘ୭।୩୬ମି. ଗତେ ଘ୮।୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୧୦।୧୯ମି. ଗତେ ଘ୧୧।୪୦ମି. ମଧ୍ୟେ ରାହୁକାଳ।


classifieds Everyday 0674-2580101, 2549302

real estate
SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68924

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320. D-68444

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9439163430, 9692712917. D-68449

11000sqft. single plot near C.V. Raman college, Janla Sqft. 800/- 9438400633. D-68448

construction

Construct your building as per your terms and condition. Contact: 9937064680. D-27284

healthcare

Rejuvenate and ayurvedic full body massage by smart therapist. 9114402304. D-68904

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Sai herbal spa refresh your body with smart, expert therapist. 7608062524. D-68923

Ayurvedic full body massage ladies & gents smart therapist, 9668814589. D-68723

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage smart boy's therapist home services available- 9937929638. D-15701

LOST

I Batakeshwar Panda, R/o- At- Gujurati Colony, Po/Dist- Sambalpur have lost my ROR (Patta) M.S. Khata No- 559/1901, Mouza- Sambalpur Town Unit No. 15, Ainthapali on 11.12.2019 in between Fatak Railway to Gujurati Colony, while I was Travelling from Kolkata to Sambalpur. Inspite of through Search it could not been traced out. D-37382

AFFIDAVIT

By an affidavit before the Notary Public, Sambalpur, I Gajendra Patel, S/o- Bodharam Patel, R/o- Danipali, PO- Budharaja, Dist. Sambalpur declare that Gajendra Patel and Gajendra Prasad Patel is the name of one and same person. D-37383

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଗୋଖାଦ୍ୟ ଦୁର୍ନୀତି ମାମଲା

## ରାଜ୍ୟ ସରକାର, ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ

ରାଜ୍ୟରେ ହୋଇଥିବା ଗୋଖାଦ୍ୟ ଦୁର୍ନୀତି ମାମଲାରେ ହାଇକୋର୍ଟ ରାଜ୍ୟ ସରକାର ଓ ସିବିଆଇକୁ ଜବାବ ମାଗିଛନ୍ତି। ରାଜ୍ୟ ମିଲ୍କ ଫେଡେରେଶନର ଗୋଖାଦ୍ୟରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ସନ୍ତୋଷ କୁମାର ସାମଲ ନାମକ ଜଣେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଅନିୟମିତତାରେ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଥିବା ସେ ପିଟିଶନରେ ଦର୍ଶାଇଥିଲେ।




# ଓଏସ୍ଏସ୍ସି ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍ଏସ୍ସି) ଦ୍ୱାରା ହେବାକୁ ଥିବା ପରୀକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରାଯାଇଛି। ଡିସେମ୍ବର ୧୮ରେ ହେବାକୁ ଥିବା ଡାଟା ଏଣ୍ଟ୍ରି ଅପରେଟର(ଏଚ୍ଓଡି)-୨୦୧୫ର ସାର୍ଟିଫିକେଶନ୍ ଭେରିଫିକେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ସେହିଭଳି ଡିସେମ୍ବର ୨୨ରେ ଲାଇବ୍ରେରିଆନ୍/ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ପଦ ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଓଏସ୍ଏସ୍ସି ପକ୍ଷରୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇ ନ ଥିବାବେଳେ ଖୁବ୍ଶୀଘ୍ର ପରୀକ୍ଷା ସମ୍ପର୍କିତ ତାରିଖ ଏବଂ ସମୟ ପ୍ରକାଶ କରାଯିବ ବୋଲି କୁହାଯାଇଛି। ଏଥିପାଇଁ ପ୍ରାର୍ଥୀମାନଙ୍କୁ www.ossc.gov.in ୱେବ୍ସାଇଟ ଉପରେ ନଜର ରଖିବାକୁ କୁହାଯାଇଛି।

# ଉଚ୍ଚଶିକ୍ଷା ବିଭାଗରେ ୫-ଟି କଡ଼ାକଡ଼ି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମକୁ କଡ଼ାକଡ଼ି ଲାଗୁ କରାଯିବ। ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ଗୁରୁତ୍ୱ ଦିଆଯିବ। ଅଧ୍ୟାପକ ଉପସ୍ଥାନ ରେକର୍ଡ ପାଇଁ ବାୟୋମେଟ୍ରିକ୍ ପଦ୍ଧତି ବ୍ୟବହାର କରାଯିବ। ସେହିପରି କାର୍ଯ୍ୟଦିବସରେ ଶିକ୍ଷାନୁଷ୍ଠାନରେ ୭ ଘଣ୍ଟା ସମୟ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମସ୍ତ କଲେଜର ଉନ୍ନତୀକରଣ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ 'ମୋ କଲେଜ' କ୍ୟାମ୍ପେନ୍ କରାଯିବ। ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍ଟପ୍ ବଣ୍ଟନ, ମେଧାବୃତ୍ତି ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସର୍ବୋପରି ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ। ନିକଟରେ ବିଭିନ୍ନ ସଂସ୍କାର ନେଇ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଠିକ୍ ସମୟରେ ପରୀକ୍ଷା ଏବଂ ଫଳାଫଳ ପ୍ରକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ମେଧାବୃତ୍ତିପ୍ରଦାନରେ ସ୍ୱଚ୍ଛତା ଏବଂ ପୂର୍ବାପେକ୍ଷା ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ସ୍ୱତନ୍ତ୍ର ପରିଷଦ ଗଠନର ମଧ୍ୟ ପ୍ରସ୍ତାବ ରହିଛି। ଏତଦ୍ବ୍ୟତୀତ ବିଶ୍ୱବିଦ୍ୟାଳୟଗୁଡ଼ିକରେ କ୍ୟାରିୟର କାଉନ୍ସେଲିଂ ନେଇ ମଧ୍ୟ ଚିନ୍ତା କରାଯାଉଛି। ଖୁବ୍ଶୀଘ୍ର ଆନୁଷ୍ଠାନିକ ଭାବେ ଉଚ୍ଚଶିକ୍ଷା ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଅଧୀନସ୍ଥ ହେବ ବୋଲି ଜଣାପଡ଼ିଛି।

# ବାଳସୁଧାର ଗୃହକୁ ନେବା ବେଳେ ନାବାଳକ ଫେରାର

କେନ୍ଦୁଝର/ରାଉରକେଲା ଅଫିସ,୧୨।୧୨(ସ୍ୱ.ପ୍ର.)

କେନ୍ଦୁଝରରୁ ରାଉରକେଲାସ୍ଥିତ ଜୁଭେନାଇଲ ହୋମକୁ ପଠାଯାଉଥିବା ୯ନାବାଳକଙ୍କ ମଧ୍ୟରୁ ଜଣେ ବସ୍ରୁ ଅଧାରାସ୍ତାରେ ଫେରାର ହୋଇଯାଇଥିଲେ। କୋହଳ ସୁରକ୍ଷା ବ୍ୟବସ୍ଥାରେ ସେମାନଙ୍କୁ ନିଆଯାଉଥିବା ବେଳେ ଏଭଳି ଘଟଣା ଘଟିଛି। ତେବେ ଅପରାହ୍ଣରେ ପୋଲିସ ସଂପୃକ୍ତ ନାବାଳକଙ୍କୁ କେନ୍ଦୁଝରରୁ ଉଦ୍ଧାର କରିଛି। ସେମାନଙ୍କୁ ନେଇ ଯାଇଥିବା ବସ୍ରେ ସୁରକ୍ଷା ପାଇଁ ୮ ଜଣ ପୋଲିସ ରହିବାର ନିୟମ ଥିଲେ ମଧ୍ୟ ୪ ଜଣ ଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଦାବି କରାଯାଇଛି। ଏନେଇ

**କେନ୍ଦୁଝରରୁ ଉଦ୍ଧାର କଲା ପୋଲିସ**

ରିଜର୍ଭ ପୋଲିସ ଇନ୍ସପେକ୍ଟର ବିମଳ କୁମାର ରାଉତଙ୍କୁ ପଚାରିବାରୁ ସେ ଏ ନେଇ କିଛି କହି ନ ଥିଲେ। କେନ୍ଦୁଝର ଏସ୍ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଫେରାର ହୋଇଯାଇଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ଆସନ୍ତା କାଲି ବାଳସୁଧାର ଗୃହକୁ ପଠାଯିବ। ସେ ହରିଚନ୍ଦନପୁର ଥାନା ଅଞ୍ଚଳର ଏକ ମାମଲାରେ ଧରାପଡ଼ିଥିଲେ। ରାଉରକେଲା ଅଞ୍ଚଳରେ ଘଟଣା ଘଟିଥିବାରୁ ସେଠାକାର ଥାନାରେ ରିପୋର୍ଟ ହୋଇଥିଲା ବୋଲି ପୋଲିସ କହିଛି।

# ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)




- ଏହି ଐତିହ୍ୟ ପାଇଁ ଆମକୁ କିଛି ତ୍ୟାଗ କରିବାକୁ ପଡ଼ିବ: ମୁଖ୍ୟମନ୍ତ୍ରୀ
- ୬୬ ଏକରରେ ଆରମ୍ଭ ହେବ ଏକାମ୍ର ଯୋଜନା
- କାର୍ଯ୍ୟକାରୀ ହେବ ୯ ପ୍ରକଳ୍ପ
- ଉଠା ଦୋକାନୀଙ୍କୁ ଦୁଇଟି କିସ୍ତିରେ ୩୦ ହଜାର
- ପକ୍କାଘର ଦୋକାନୀଙ୍କୁ ପ୍ରତି ମାସରେ ମିଳିବ ୧୦ ହଜାର
- ବିଏମ୍ସି, ପର୍ଯ୍ୟଟନ ବିଭାଗ ମାର୍କେଟ କମ୍ପ୍ଲେକ୍ସରେ ଦୋକାନୀ ହେବେ ଥଇଥାନ

ପୁରୀ ପରେ ରାଜ୍ୟ ସରକାର ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ବିକାଶ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନ ପ୍ୟାକେଜ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ହୋଇଛି। ଲିଙ୍ଗରାଜ ମନ୍ଦିରର ଗୌରବମୟ ଐତିହ୍ୟର ସଂରକ୍ଷଣ ପାଇଁ ରାଜ୍ୟ ସରକାର ୬୬ ଏକର ପରିବ୍ୟାପ୍ତ ଏକାମ୍ର କ୍ଷେତ୍ର ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନା ଅଧୀନରେ ୯ଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ସେହି ପ୍ରକଳ୍ପଗୁଡିକ ହେଲା ସୁଦୃଶ୍ୟ ପ୍ରବେଶ ପଥ, ବିନ୍ଦୁସାଗର ପୁନରୁଦ୍ଧାର ଯୋଜନାରେ ବିଭିନ୍ନ ଐତିହ୍ୟ ପୁଷ୍କରିଣୀଗୁଡିକର ପୁନରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ ଓ ବିଭିନ୍ନ ସୁବିଧାସୁଯୋଗ, ଇ-ଅଟୋ କାର୍ଯ୍ୟକ୍ରମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର ଏବଂ ଥାଇଥାନ ।

ଏହି ଯୋଜନାରେ ଶ୍ରୀଲିଙ୍ଗରାଜ ଥାନା ଓ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଫିସ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଟ୍ରାଫିକ୍ ହ୍ରାସ ଓ ଯାତାୟାତର ସୁବିଧା ପାଇଁ ତାଳେଶ୍ୱର ଛକଠାରୁ ବଡେଇବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯିବ। ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଉଦ୍ୟାନ ନିର୍ମାଣ ସହିତ ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ମନ୍ଦିର ଚାରିପାଖରେ ପରିକ୍ରମା ପଥ ନିର୍ମାଣ ହେବ। ମନ୍ଦିର ସମ୍ମୁଖ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଶ୍ରୀଲିଙ୍ଗରାଜଙ୍କ ଐତିହ୍ୟ ପ୍ରକଳ୍ପ ଅଧୀନରେ ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ବିକାଶ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିନ୍ଦୁସାଗର ଜଳକୁ ପରିଷ୍କାର କରିବା ପାଇଁ ଅତ୍ୟାଧୁନିକ ପଦ୍ଧତି ଗ୍ରହଣ କରାଯିବ। ଏଥିସହିତ କେଦାରଗୌରୀ, ପାପନାଶିନୀ, ଗୋଦାବରୀ, କୋଟିତୀର୍ଥ, ଗଙ୍ଗାଯମୁନା ଏବଂ ଦେବୀ ପାଦହରା ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ଓ ସଂରକ୍ଷଣ କରାଯିବ। ଲିଙ୍ଗରାଜ ମନ୍ଦିରର ନିରାପତ୍ତାକୁ ଆହୁରି ସୁଦୃଢ଼ କରାଯିବ।

ଏହି ଯୋଜନା ଦ୍ୱାରା ଜୀବିକା ହରାଉଥିବା ଉଠା ଦୋକାନୀମାନଙ୍କୁ ଦୁଇଟି କିସ୍ତିରେ ୩୦ ହଜାର ଟଙ୍କା ସହାୟତା ଦିଆଯିବ। ଭେଣ୍ଡିଂଜୋନ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ପକ୍କାଘରେ ଥିବା ଦୋକାନ ଘର ଉଚ୍ଛେଦ ନିମନ୍ତେ ବ୍ୟବସାୟୀଙ୍କୁ ୧୨ ମାସ ପାଇଁ ମାସିକ ୧୦ ହଜାର ଟଙ୍କା ଲେଖାଏଁ ୧ ଲକ୍ଷ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବିଏମ୍ସି, ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ମାର୍କେଟରେ ଅଥବା ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ସ୍ଥିତିବାନ ଆବାସିକ ଗୃହ/ ବ୍ୟବସାୟିକ ଗୃହ ଉଚ୍ଛେଦ କ୍ଷେତ୍ରରେ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରାଯାଇ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ରକ୍ଷେତ୍ର ସାରା ଦେଶରେ ଏକ ପ୍ରମୁଖ ଶୈବପୀଠ। ବିଭିନ୍ନ ପୁରାଣରେ ଭୁବନେଶ୍ୱରକୁ ଦ୍ୱିତୀୟ କାଶୀ ଭାବେ ବର୍ଣ୍ଣନା କରାଯାଇଛି । ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରତିଦିନ ସମଗ୍ର ଦେଶରୁ ହଜାର ହଜାର ଭକ୍ତ ଏକାମ୍ର କ୍ଷେତ୍ରକୁ ଆସିଥାଆନ୍ତି। ମନ୍ଦିର ନଗରୀ ଭାବେ ଏକାମ୍ରକ୍ଷେତ୍ର ବହୁ ପୁରାତନ କୀର୍ତ୍ତିରାଜିରେ ସୁଶୋଭିତ। ଏକାଦଶ ଶତାବ୍ଦୀରେ କଳିଙ୍ଗ ଶୈଳୀରେ ନିର୍ମିତ ଲିଙ୍ଗରାଜ ମନ୍ଦିର ଉତ୍କଳୀୟ ଶିଳ୍ପକଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ଏବଂ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ। ୧ ହଜାର ବର୍ଷର ପୁରୁଣା ଲିଙ୍ଗରାଜ ମନ୍ଦିର ଲକ୍ଷ ଲକ୍ଷ ଭକ୍ତମାନଙ୍କ ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ। ଏହି ଐତିହ୍ୟ ଆମ ଗୌରବ ଓ ଆମର ଶ୍ରେଷ୍ଠ ପରିଚୟ । ଏହାର ସୁରକ୍ଷା ସହିତ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଆମକୁ କିଛି ତ୍ୟାଗ କରିବାର ଆବଶ୍ୟକତା ମଧ୍ୟ ରହିଛି। ଏହି ତ୍ୟାଗକୁ ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ଭାବେ ଗ୍ରହଣ କରି ସରକାରଙ୍କ ବିକାଶ କାମରେ ସହଯୋଗ କରିବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ତ୍ତ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରମୁଖ ଯୋଗ ଦେଇଥିଲେ।




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆର୍ବିଆଇ ଗଭର୍ନର


ଆର୍ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶକ୍ତିକାନ୍ତ ଅପରାହ୍ଣ ୫ଟା ୩୦ରେ ଲୋକସେବା ଭବନ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗ ନେଇ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ ପରେ ଆର୍ବିଆଇ ଗଭର୍ନର କହିଥିଲେ ଯେ, ସାକ୍ଷାତ ବହୁତ ଭଲ ଥିଲା। ମୋଟାମୋଟି ଭାବେ ରାଜ୍ୟର ଆର୍ଥିକ ବ୍ୟବସ୍ଥାର ଉନ୍ନତୀକରଣ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ପ୍ରସାର, ଡିଜିଟାଲ ଦେଣନେଣ, କୃଷିଋଣ ପ୍ରଦାନରେ ସରଳୀକରଣ ନେଇ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାର ସହାୟତା ରାଶି ଇ-କୁବେର ଜରିଆରେ ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଉଛି। ଏହି ବ୍ୟବସ୍ଥାକୁ କିପରି ଆହୁରି ସୁଦୃଢ଼ କରିହେବ, ସେନେଇ ଆଲୋଚନା ହୋଇଥିବା ଶକ୍ତିକାନ୍ତ କହିଥିଲେ। ସେହିପରି ଦେଶର ଆର୍ଥିକ ସ୍ଥିତି ନେଇ ପଦକ୍ଷେପ ନେବାକୁ ବ୍ୟାଙ୍କ୍ଗୁଡିକୁ ସତର୍କ କରାଯାଇଥିଲା କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ରିଜର୍ଭ ବ୍ୟାଙ୍କ୍ ଗଭର୍ନରଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ସେ କହିଥିଲେ ଯେ, କୌଣସି ଆଲର୍ଟ କରାଯାଇ ନ ଥିଲା। ନିୟମିତ ବ୍ୟବଧାନରେ ବ୍ୟାଙ୍କ୍ଗୁଡ଼ିକ ସହ ବୈଠକ ହୋଇଥାଏ। କିଛି ଗଣମାଧ୍ୟମରେ ଆଲର୍ଟ ସମ୍ପର୍କିତ ଯେଉଁ ଖବର ଆସିଥିଲା, ସେପରି କିଛି ନ ଥିଲା ବୋଲି ଶକ୍ତିକାନ୍ତ କହିଛନ୍ତି। କେବଳ ସାମ୍ପ୍ରତିକ ସ୍ଥିତିରେ ନୁହେଁ, ସବୁ ସମୟରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂଆ ନୂଆ ଆହ୍ୱାନ ଆସିଥାଏ। ତେଣୁ ବ୍ୟାଙ୍କ୍ ସବୁ ସମୟରେ ପ୍ରସ୍ତୁତ ରହିବା ଉଚିତ ବୋଲି ଶକ୍ତିକାନ୍ତ କହିଥିଲେ।

ଉଲ୍ଲେଖଯୋଗ୍ୟ, ଆର୍ବିଆଇ କେନ୍ଦ୍ରୀୟ ବୋର୍ଡର ଏକ ବୈଠକ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଶେଷଥର ପାଇଁ ୨୦୧୨ରେ ଏହି ବୈଠକ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ଶକ୍ତିକାନ୍ତ ଓଡ଼ିଶା ଗସ୍ତ କରିଥିବା ଜଣାପଡ଼ିଛି।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ସୁଧ ଆହୁରି କମାଅ

ଚଳିତ ମାସ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବେଞ୍ଚମାର୍କ ସୁଧହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଲେ। ଆଶା କରାଯାଉଥିଲା, ଜିଡିପି ନମ୍ବର ହ୍ରାସ ପାଇଥିବାରୁ ବ୍ୟାଙ୍କ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବ। କିନ୍ତୁ ତାହା ହେଲା ନାହିଁ। ପରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏକ ସମୀକ୍ଷା ବୈଠକରେ ଗଣମାଧ୍ୟମକୁ କହିଛନ୍ତି ଯେ, ଗତ ଫେବୃଆରୀରୁ ଅଦ୍ୟାବଧି ବ୍ୟାଙ୍କ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଲାଣି। ଅଥଚ ବ୍ୟାଙ୍କଗୁଡ଼ିକ ଖାଉଟିମାନଙ୍କୁ ଋଣସୁଧରେ ମାତ୍ର ୪୦ ବେସିସ୍ ପଏଣ୍ଟ ବା ମୋଟ ହ୍ରାସର ୩୦ ପ୍ରତିଶତ ହ୍ରାସ କରିଛନ୍ତି। ବର୍ତ୍ତମାନ ରେପୋ ରେଟ୍ ୫.୫ ପ୍ରତିଶତ ରହିଛି, ଯାହା ୯ ବର୍ଷ ଭିତରେ ସବୁଠାରୁ କମ୍। ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ପରବର୍ତ୍ତୀ ହ୍ରାସ କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ହ୍ରାସ କରିବା ପାଇଁ ଅପେକ୍ଷା କରିବ। ଏହି ସମୀକ୍ଷା ବୈଠକ ପରେ ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଋଣ ସୁଧହାରରେ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହା ଅତି ସାମାନ୍ୟ ହେଲେ ମଧ୍ୟ ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କର ଏହି ପଦକ୍ଷେପ ଦେଶର ବ୍ୟାଙ୍କିଂ ପରିବେଶରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଏହା ପରେ ପରେ ୟୁକୋ ବ୍ୟାଙ୍କ ମଧ୍ୟ ଅନୁରୂପଭାବେ ସୁଧହାର ହ୍ରାସ କରିଛି। ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟ ବାର୍ଷିକ ଏମ୍‌ସିଏଲ୍‌ଆର୍ ଭିତ୍ତିକ ସୁଧହାର ବିଭିନ୍ନ ବର୍ଗର ଋଣୀମାନଙ୍କ ଲାଗି ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ ସେମାନଙ୍କର ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ହ୍ରାସ କରିବା ସହ ବାର୍ଷିକ ଏମ୍‌ସିଏଲ୍‌ଆର୍ ଭିତ୍ତିକ ଋଣ ସୁଧହାର ବିଭିନ୍ନ ବର୍ଗର ଋଣୀମାନଙ୍କ ଲାଗି ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିବା ଲାଗି ଆଗେଇ ଆସିଛନ୍ତି। ବ୍ୟାଙ୍କ ଅଫ୍ ବରୋଦା ଆଜିଠାରୁ ବାର୍ଷିକ ଏମ୍‌ସିଏଲ୍‌ଆର୍ ୦.୦୫ ପ୍ରତିଶତ ପଏଣ୍ଟରୁ ୮.୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଏହା ସମସ୍ତ ଏମ୍‌ସିଏଲ୍‌ଆର୍ ସଂଯୁକ୍ତ ଋଣକୁ ଅନୁରୂପ ପରିମାଣରେ ଶସ୍ତା କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମସ୍ତ ପ୍ରକାର ଋଣ ଉପରେ ୫ରୁ ୧୦ ପଏଣ୍ଟ ସୁଧହାର ହ୍ରାସ କରିଛି। ଏହା ପରେ ଏହି ବ୍ୟାଙ୍କ ସମସ୍ତ ବର୍ଗର ଋଣୀଙ୍କ ପାଇଁ ଏମ୍‌ସିଏଲ୍‌ଆର୍ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଥିବା ଘୋଷଣା କରିଛି। ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମସ୍ତ ବର୍ଗର ଋଣୀଙ୍କ ପାଇଁ ଏମ୍‌ସିଏଲ୍‌ଆର୍ ୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହି ବ୍ୟାଙ୍କ ୬ ମାସିଆ ଏମ୍‌ସିଏଲ୍‌ଆର୍ ୧୦ ବେସିସ୍ ପଏଣ୍ଟରୁ ୮ ପ୍ରତିଶତ ଏବଂ ବର୍ଷିକିଆ ହାର ୧୫ ବେସିସ୍ ପଏଣ୍ଟରୁ ୮.୧୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ପରେ ଏପର୍ଯ୍ୟନ୍ତ ଛଅଟି ବ୍ୟାଙ୍କ ସେମାନଙ୍କ ଋଣ ସୁଧହାର ହ୍ରାସ କରିସାରିଲେଣି।

## ଆଜିର ଅର୍ଥନୀତି

ଉଲ୍ଲେଖନୀୟ ଯେ, ଆର୍‌ବିଆଇ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୩୫ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିବା ସହ ବ୍ୟାଙ୍କଗୁଡ଼ିକୁ ଅନୁରୂପ ପଦକ୍ଷେପ ନେବାକୁ ବା ଗ୍ରାହକମାନଙ୍କୁ ସୁଧହାର ହ୍ରାସର ଲାଭ ଦେବା ପାଇଁ ତାଗିଦ କରି ଆସୁଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କ ଋଣ ସୁଧହାର ହ୍ରାସ କରିବା ଦିଗରେ ପ୍ରାୟତଃ କୌଣସି ପଦକ୍ଷେପ ନେଉ ନ ଥିଲେ। ଦାସ ପିଏସ୍‌ବି ମୁଖ୍ୟଙ୍କୁ ନିୟମିତ ସମୟାନ୍ତରରେ ସାକ୍ଷାତ୍ କରି ଋଣ ସୁଧହାର ହ୍ରାସ କରିବା ପାଇଁ କହି ଆସୁଥିଲେ, ଯାହାଫଳରେ ଲୋକମାନେ ଅଧିକ ଋଣ ନେଇ ଖର୍ଚ୍ଚ କରିପାରିବେ ଏବଂ ଜିଡିପି ଅଭିବୃଦ୍ଧିରେ ଉନ୍ନତି ଆସିପାରିବ। କିନ୍ତୁ ବ୍ୟାଙ୍କଗୁଡ଼ିକ କିଛି କରୁ ନ ଥିଲେ। ଏଥର ଲୋକମାନେ ଆଶା କରିବା ସତ୍ତ୍ୱେ ଆର୍‌ବିଆଇ ରେପୋ ରେଟ୍ ହ୍ରାସ କଲା ନାହିଁ, ଅଥଚ ବ୍ୟାଙ୍କଗୁଡ଼ିକ ଅପ୍ରତ୍ୟାଶିତ ଭାବେ ଋଣ ସୁଧହାର ହ୍ରାସ କଲେ। ଗୃହଋଣ ସମେତ ଅଧିକାଂଶ ଖୁଚୁରା ଋଣ ହେଉଛି ବାର୍ଷିକ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ୍‌ସ ଭିତ୍ତିକ ସୁଧହାର ବର୍ଗର।

ତେବେ ବ୍ୟାଙ୍କଗୁଡ଼ିକର ବ୍ୟବହାରରେ ଏହି ପରିବର୍ତ୍ତନ ଆସିବାର କାରଣ କ'ଣ? ସେମାନେ ଅନୁଭବ କଲେ ଯେ ସେମାନେ ରେପୋ ରେଟ୍ ହ୍ରାସର ଲାଭ ଖାଉଟିମାନଙ୍କୁ ଦେବାରେ କୁଣ୍ଠା ପ୍ରକାଶ କରୁଥିବାରୁ ଆର୍‌ବିଆଇ ଏଥର ସୁଧହାର ହ୍ରାସ କଲା ନାହିଁ। ରେପୋ ରେଟ୍ ଅପରିବର୍ତ୍ତିତ ରହିଲେ ତା'ଦ୍ୱାରା ଗ୍ରାହକମାନଙ୍କ ଅପେକ୍ଷା ବ୍ୟାଙ୍କଗୁଡ଼ିକ ହିଁ ଅଧିକ ପ୍ରଭାବିତ ହେବେ। ପିଆଜ ପରି କେତେକ କୃଷି ସାମଗ୍ରୀ ବ୍ୟତୀତ ଅନ୍ୟ ସାମଗ୍ରୀଗୁଡ଼ିକ କ୍ଷେତ୍ରରେ ଯୋଗାଣ ନୁହେଁ, ବରଂ ଚାହିଦାରେ ହ୍ରାସ ଯୋଗୁ ବର୍ତ୍ତମାନ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି। ଲୋକଙ୍କ ପାଖରେ ଅଧିକ ଟଙ୍କା ନ ରହିଲେ ସେମାନେ ଖର୍ଚ୍ଚ କରନ୍ତି ନାହିଁ। ସୁଧହାର କମିଲେ ଲୋକମାନେ ଋଣ କରି ଅଧିକ ଖର୍ଚ୍ଚ କରିବାକୁ ଉତ୍ସାହିତ ହୁଅନ୍ତି। ବିଳମ୍ବରେ ହେଲେ ବି ବ୍ୟାଙ୍କଗୁଡ଼ିକ ଠିକ୍ ପଦକ୍ଷେପ ନେଇଛନ୍ତି। ଆମେ ଏହାକୁ ସ୍ୱାଗତ କରୁଛୁ। କିନ୍ତୁ ସେତିକି ଯଥେଷ୍ଟ ନୁହେଁ। ୧୦ରୁ ୨୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ ଅତି ସାମାନ୍ୟ ଓ ବହୁ ବିଳମ୍ବରେ କରାଯାଇଛି। ବ୍ୟାଙ୍କଗୁଡ଼ିକ ଏଭଳି ଶିଶୁ ପଦକ୍ଷେପରୁ ଆଉ ଟିକେ ଆଗକୁ ଯାଇ ଅନ୍ତତଃ ୫୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଡିସେମ୍ବର ୧୯୯୪**

- ପାକିସ୍ତାନର କରାଚୀ ସହରରେ ସୃଷ୍ଟି ହୋଇଥିବା ଜାତିଗତ ହିଂସାରେ ୮୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ।
- ତେଲୁଗୁଦେଶମ୍ ନେତା ନନ୍ଦମୁରୀ ତାରକା(ଏନ୍.ଟି.ରାମାରାଓ) ରାମାରାଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | B | C | | | | | A | | 5 | | | |
| 6 | D | | | | | | 4 | | C | | | A | | |
| 4 | 7 | | 8 | 0 | | | | | 2 | 3 | | | 1 | |
| | | | | 5 | | 0 | | 2 | | | | B | E | 4 |
| | E | | 7 | | 2 | | | | | | | | | 3 |
| | 0 | | | 7 | D | | | 3 | | 5 | 6 | | | |
| | | E | | | | D | | B | | | | | 2 | |
| 1 | 2 | | 0 | | 4 | | | | E | | | | | |
| 9 | 6 | | 1 | | | | | 8 | | | 4 | | | B |
| | | | | | | | | C | 7 | | | 9 | 6 | 5 |
| | | 7 | E | | B | 3 | 5 | 6 | | A | | C | | 0 |
| D | | | | | | 2 | | | 5 | | | 6 | 8 | |
| | | | | | 8 | | | 1 | | 6 | D | | | E |
| | | A | | | 3 | 8 | | | | | | | 9 | D |
| | | | 9 | | | | A | | | | 8 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 9 | 3 | 2 | B | 7 | 4 | 1 | 0 | C | 6 | E | 5 | D | 8 |
| D | 0 | C | 3 | E | A | 8 | 5 | 9 | B | 1 | 4 | 6 | 7 | 2 |
| 7 | 1 | 8 | 5 | 0 | 4 | B | 6 | E | A | 2 | D | 3 | C | 9 |
| 2 | 4 | 5 | 1 | D | 6 | C | 7 | 3 | 8 | 0 | 9 | A | E | B |
| E | B | 6 | C | 8 | 9 | A | D | 2 | 3 | 7 | 5 | 1 | 0 | 4 |
| 5 | E | 1 | 7 | 4 | 3 | 6 | 9 | C | D | B | 2 | 0 | 8 | A |
| C | 3 | B | E | A | 1 | 2 | 4 | 7 | 5 | 8 | 0 | D | 9 | 6 |
| 6 | A | 7 | D | 2 | 8 | 0 | 3 | 1 | 9 | 4 | C | B | 5 | E |
| 0 | 2 | 9 | B | 6 | 5 | D | 8 | A | 7 | E | 1 | 4 | 3 | C |
| 4 | 8 | D | 0 | 9 | C | E | B | 5 | 6 | A | 3 | 7 | 2 | 1 |
| 1 | D | A | 6 | 7 | E | 3 | 2 | 8 | 0 | C | B | 9 | 4 | 5 |
| 8 | 5 | 0 | 9 | C | 2 | 1 | A | D | 4 | 3 | 6 | E | B | 7 |
| 3 | 7 | E | 4 | 1 | 0 | 9 | C | B | 2 | 5 | A | 8 | 6 | D |
| B | C | 4 | A | 5 | D | 7 | 0 | 6 | E | 9 | 8 | 2 | 1 | 3 |
| 9 | 6 | 2 | 8 | 3 | B | 5 | E | 4 | 1 | D | 7 | C | A | 0 |

ଗତକାଲିର ଉତ୍ତର



ତୁଷାରକାନ୍ତ

# ଗରିବଙ୍କ ଦ୍ୱାରା ଧନୀଙ୍କୁ ଭୋଟ୍

ଧରିତ୍ରୀ(୪।୧୧)ରେ ପ୍ରକାଶିତ ମୋ ପ୍ରବନ୍ଧ 'ମୋ ସରକାର: ଗାନ୍ଧୀରୁ ନବୀନ' ପଢ଼ି ମୋ ଭଳି ୭୦ ବର୍ଷରୁ ଅଧିକ ବୟସର କେତେଜଣ ଲୋକ ଫୋନ୍ ଯୋଗେ ପଚାରିଥିଲେ- ତେବେ ବାଟ କ'ଣ? ପ୍ରଥମ ଫୋନ୍ ପାଇବା ପରେ ମୁଁ ବିଶିଷ୍ଟ ଲେଖକ ଚିତ୍ତରଞ୍ଜନ ଦାସଙ୍କ 'ବିଦ୍ୟାବନ୍ତେ ଶୂନ' ପୁସ୍ତକରେ ଥିବା 'ଯିଏ ଯେଝା ପାଇଁ ଲାଗିଲେ' ପ୍ରବନ୍ଧଟିକୁ ଦାଗ ଦେଇ ରଖିଥିଲି ଓ ଫୋନ୍ ପାଇଲେ ସେ ପ୍ରବନ୍ଧଟିର ଶେଷ ପାରାଗ୍ରାଫ୍‌କୁ ସେମାନଙ୍କୁ ଶୁଣାଇଦେଇ, 'ଆଉ କିଛି ହେବାର ନାହିଁ' ବୋଲି କହୁଥିଲି। ସେହି ପାରାଗ୍ରାଫ୍‌ରେ ଲେଖା ଥିଲା-

''ଯିଏ ତ ଯେଝା ପାଇଁ ଲାଗିଲେ, ଯେଝା ନିଜକୁ ଦର୍ପଣ ଭିତରେ ଦେଖି ଫୁଲେଇ ହେଲେ। ତେବେ ଦେଶ ପାଇଁ, ମଣିଷ ପାଇଁ କିମ୍ବା ନ୍ୟାୟ ପାଇଁ କଥା କହିବାକୁ ଆଉ ବାକି କେଉଁମାନେ ରହିଲେ? ମାତ୍ର ଅଧିକରୁ ଅଧିକ ମଣିଷ ତଥାପି ଦେଶ ବିଷୟରେ ବକ୍ତୃତା ଦେଲେ। ଆଦର୍ଶ ବିଷୟରେ ପିଲାମାନଙ୍କୁ ତ୍ୟାଗର ଉଦ୍‌ବୋଧନ ଦେଲେ। ଏଣିକି ଚରିତ୍ର ବିଷୟରେ ଅଧିକ କଥା କୁହାଗଲା, ଧର୍ମସଭାରେ ଧର୍ମକଥାର ଉଦ୍‌ଗାର ହେଲା। ଶ୍ରଦ୍ଧାଳୁ ଶ୍ରୋତାମାନେ ରାତି ଅନିଦ୍ରା ହୋଇ ସେଇ ଶୁଣିଲେ, କୃତକୃତ୍ୟ ହେଲେ, ମର ଜୀବନକୁ ଧନ୍ୟ କଲେ, ପରଜୀବନ ପାଇଁ ପୁଣ୍ୟ କିଣି ରଖିଲେ। କିଏ କୋଉଠୁ ଛତରା ପିଲାଟିଏ ଯଦି ଏହିସବୁ ଆଖଡ଼ା ଭିତରେ ପଶିଯାଆନ୍ତା ଓ କେବଳ ଆପଣା ପାଇଁ ଲାଗିଥିବା ଏହି ମହାମଣିଷଙ୍କର ପିତ୍ତ ଭିତରେ ରହିଥିବା କଥାଟାକୁ ଖୋଲି କହିଦିଅନ୍ତା, ତେବେ ସତକୁ ସତ କେଡ଼େ ବଢ଼ିଆ କଥାଟିଏ ହୁଅନ୍ତା!''

ସେ ଯେଉଁ ଛତରାପିଲାଟି କଥା ଉଲ୍ଲେଖ କରିଥିଲେ, ସେଭଳି କିଛି ଛତରାପିଲା ମଝିରେ ବାହାରିଥିଲେ। କିନ୍ତୁ ସେମାନେ ତା' ପୂର୍ବରୁ ଗାନ୍ଧିଜୀ ଓ ଜୟପ୍ରକାଶଜୀଙ୍କ ଅନୁଗତଗଣ ଗାନ୍ଧିଜୀ ଓ ଜୟପ୍ରକାଶଙ୍କ ଆଦର୍ଶକୁ ଦଳିଚକଟି ଦେଇଥିଲା ଭଳି ନିଜ ଆଦର୍ଶକୁ ଦଳିଦେଇ ଗାନ୍ଧିଜୀ ଓ ଜୟପ୍ରକାଶଙ୍କ ଅନୁଗତମାନଙ୍କ ଭଳି ହୋଇଗଲେ। ଅତଏବ ଠିକ୍ ରାଜନୈତିକ ଦିଗ ନିର୍ଦ୍ଦେଶ ପାଇଁ ଆଉ କେହି ଦିଶୁ ନ ଥିବାରୁ ଫୋନ୍ କରୁଥିବା ବରିଷ୍ଠ ନାଗରିକମାନଙ୍କୁ କ'ଣ ବା ଉତ୍ତର ଦେଇଥାନ୍ତି! ଏଇ ହାଲିରେ ମହାରାଷ୍ଟ୍ରରେ ଯେଉଁ ପାଲା, ସେଥିରୁ ପ୍ରମାଣିତ ହେଲା ଯେ, 'ଅର୍ଥ, କ୍ଷମତା ଓ ସରକାରୀ କଳ ଥିଲେ ହାତରେ, କିବା ଅସମ୍ଭବ ଭାରତରେ।'

ରାଜନୀତି ଭଳି ପୁଣ୍ୟ କାମକୁ ଏମିତି କଳୁଷିତ ଓ ଅର୍ଥସର୍ବସ୍ୱ କରି ଦିଆଯାଉଛି ଯେ, ଏବେ ଅର୍ଥ ଓ ତଜ୍ଜନିତ ଗୁଣ୍ଡା ଓ ଖଣ୍ଡାବଳ ଆଗରେ ଚାଲିଲେ, ରାଜନୀତି ପଛରେ ଚାଲିଛି। ଯେଉଁ ଦଳର ଯେତେ ଅଧିକ ରୋଜଗାର, ସେ ଦଳର ସେତେ ଅଧିକ ଗୁଣ୍ଡା, ଖଣ୍ଡା ଓ ସେ ଜରିଆରେ ସେତେ ଅଧିକ ଭୋଟ୍। ଅଧିକ ଅର୍ଥ ପାଇଁ ଅନୀତିକୁ ନୀତି କରିଦିଆଯାଉଛି, ଯାହାର ପ୍ରମୁଖ ଉଦାହରଣ ହେଉଛି 'ଇଲେକ୍ଟୋରାଲ ବଣ୍ଡ୍'ର ପ୍ରଚଳନ ଓ 'ବିଦେଶୀ କମ୍ପାନୀରୁ ଚାନ୍ଦା ଗ୍ରହଣ କରା ନ ଯିବା' ଆଇନକୁ ବଦଳେଇ ଦିଆଯିବା।

'ଇଲେକ୍ଟୋରାଲ ବଣ୍ଡ୍' ଉପରେ ଗତମାସରେ ଧରିତ୍ରୀରେ ପ୍ରକାଶିତ ନୀତୀନ୍ ସେଠୀଙ୍କ ପ୍ରବନ୍ଧଗୁଡ଼ିକ ପାଠକେ ଅବଶ୍ୟ ପଢ଼ିଥିବେ। ତା'ସାଙ୍ଗକୁ ଅନ୍ୟ ଗୋଟିଏ ଭୟଙ୍କର ପଦକ୍ଷେପ ବି ନିଆଯାଇଛି, ସେଗୁଡ଼ିକର ବିବରଣୀ ନିମ୍ନରେ-

(କ) ଇଲେକ୍ଟୋରାଲ ବଣ୍ଡ ଆଇନ ଏକ କଳା ଆଇନ, ଯେଉଁଥିରେ କେଉଁ ରାଜନୈତିକ ଦଳକୁ କେଉଁ ଲୋକ ବା କମ୍ପାନୀ କେତେ ଚାନ୍ଦା ଦେଲେ, ତାହା କେବଳ ବ୍ୟାଙ୍କ ତଥା କେନ୍ଦ୍ର ସରକାର ଜାଣିବେ ଓ ଭୋଟରମାନେ କିଛି ଜାଣି ପାରିବେନି। ଏହା କେନ୍ଦ୍ର ସରକାରଙ୍କଠାରୁ ଫାଇଦା ପାଇବା ପାଇଁ ଲାଞ୍ଚ ଦିଆଯିବାର ଗୋଟିଏ ଅଭିନବ ଉପାୟ। ପୂର୍ବରୁ ନିୟମ ଥିଲା ଯେ କୌଣସି କମ୍ପାନୀ ଏହାର ଲାଭର ୭%ରୁ ଅଧିକ ଚାନ୍ଦା ଦେଇପାରିବ ନାହିଁ ଏବଂ ୩ ବର୍ଷରୁ କମ୍ ଅବଧିର କମ୍ପାନୀ ଚାନ୍ଦା ଦେଇପାରିବ ନାହିଁ। ଏହି ଦୁଇଟି ନିୟମକୁ ବି ଉଠେଇ ଦିଆଯାଇଛି, ଯାହାଦ୍ୱାରା ଯେତିକି ଟଙ୍କାର କାମ ପାଇବାକୁ ଇଚ୍ଛା, ସେଇ ଅନୁପାତରେ ଇଲେକ୍ଟୋରାଲ ବଣ୍ଡ୍ କିଣି ଶାସନରେ ଥିବା ଦଳକୁ ଦେବାକୁ ବାଟ ଖୋଲିଯାଇଛି। ବିମୁଦ୍ରୀକରଣର ମୂଳ ଉଦ୍ଦେଶ୍ୟ 'କଳାଟଙ୍କା ବିଲୋପ' ବୁଲିବୁଲି 'ଡିଜିଟାଲ ଇଣ୍ଡିଆ'ରେ ପହଞ୍ଚିଲା ଅଥଚ ଭାଜପା ଡିଜିଟାଲ ପ୍ରଣାଳୀରେ ଚାନ୍ଦା ନ ନେଇ ଦାତାଙ୍କ ନାମ ଲୁଚେଇବାକୁ ଏପରି ବାଟ କାଢ଼ିଛି। ଏ ବାବଦରେ ରିଜର୍ଭ ବ୍ୟାଙ୍କ ଓ ନିର୍ବାଚନ କମିଶନଙ୍କ ସୁପାରିସକୁ ମଧ୍ୟ ଅଣଦେଖା କରାଯାଇଛି। ୨୦୧୮ ଏପ୍ରିଲରେ ପ୍ରଥମ ବଣ୍ଡ୍ ବିକ୍ରି କରାଯିବାର ଥିଲେ ମଧ୍ୟ ତା' ପୂର୍ବ ମାର୍ଚ୍ଚ ମାସରେ ଏହା ବିକ୍ରି କରାଯାଇଛି। ଏ ଜରିଆରେ ଚାନ୍ଦାର ୯୫% ଅର୍ଥ ଭାଜପା ପାଇଛି।

(ଖ) ୧୯୭୬ ଅଗଷ୍ଟ ୫ରେ ରାଜନୈତିକ ଦଳଗୁଡ଼ିକୁ ବିଦେଶରେ ରେଜିଷ୍ଟ୍ରିଭୁକ୍ତ କମ୍ପାନୀରୁ ଚାନ୍ଦା ଗ୍ରହଣ କରିବାକୁ ବାରଣ କରାଯାଇଥିଲା। ଏହି ନିୟମକୁ ଅଣଦେଖା କରି ଭାଜପା ଓ କଂଗ୍ରେସ ଦଳ ବିଦେଶରେ ପଞ୍ଜୀକୃତ କମ୍ପାନୀରୁ ୨୦୧୨ ମସିହାରେ ଚାନ୍ଦା ନେଇଥିଲେ। ଏହି ବେନିୟମ କାମ ବିରୋଧରେ Association for Democratic Rights (ADR) ନାମକ ସଂସ୍ଥା ଦିଲ୍ଲୀ ହାଇକୋର୍ଟରେ ମକଦ୍ଦମା କରିଥିଲା। ମକଦ୍ଦମାର ବିଚାରକରି ଦୁଇଜଣ ବିଚାରପତି କହିଥିଲେ ଯେ, 'ଦୁଇଟିଯାକ ଦଳ ଭୁଲ୍ କରିଛନ୍ତି' ଓ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ତଥା ନିର୍ବାଚନ କମିଶନଙ୍କୁ ଦୁଇଟି ଯାକ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନିର୍ବାଚନ କମିଶନ ତଥା ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଆପାତତଃ କେନ୍ଦ୍ରରେ ଥିବା ସରକାରଙ୍କ ହାତବାରିସି ହୋଇଯାଇଥିବାରୁ ତଥା ଏହାର ପ୍ରମୁଖମାନେ ଅବସର ପରେ ପୁଣି ଲୋଭନୀୟ ପଦବୀରେ ଅଧିଷ୍ଠିତ ହେବାକୁ ଲାଳାୟିତ ଥିବାରୁ ନିର୍ବାଚନ କମିଶନଙ୍କ ତରଫରୁ ଏଭଳି ନିର୍ଦ୍ଦେଶ ବିରୋଧରେ କିଛି କରାଗଲା ନାହିଁ। ସ୍ୱରାଷ୍ଟ୍ର ବିଭାଗର ମନ୍ତ୍ରୀ ଥିଲେ ଭାଜପାର ରାଜନାଥ ସିଂ, ଯିଏ ନିଜ ଦଳର ସ୍ୱାର୍ଥ ବିରୋଧରେ ଯାଇ କିଛି ପଦକ୍ଷେପ ଗ୍ରହଣ କରିବାର ନ ଥିଲା। କିନ୍ତୁ ବିଚାରାଳୟର ରାୟକୁ କାର୍ଯ୍ୟକାରୀ ନ କରେଇଲେ ଅସୁବିଧା ହୁଏ ବୋଲି ଦୁଇଟି ଯାକ ଦଳ ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଇଥିଲେ। ସୁପ୍ରିମ୍‌କୋର୍ଟ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟକୁ ଖାରଜ କରିବା ସମ୍ଭାବନା ନ ଥିବାରୁ ୨୦୧୭ ମସିହା କେନ୍ଦ୍ର ବଜେଟ ଅଧିବେଶନରେ ୧୯୭୬ ମସିହାର ନିୟମକୁ ପିଛିଲା ୨୦୧୦ ମସିହାରୁ ବଦଳାଇ ଦିଆଯାଇଥିଲା ଓ ସୁପ୍ରିମ୍‌କୋର୍ଟରୁ କେସ୍ ପ୍ରତ୍ୟାହାର କରାଯାଇଥିଲା। କିନ୍ତୁ ଯେତେବେଳେ ଜଣାପଡ଼ିଲା ଯେ ୨୦୧୦ ମସିହାରେ ବଦଳାଯାଇଥିବା ନିୟମ ବି କାମ କରିବ ନାହିଁ, ୨୦୧୮ ମସିହା ବଜେଟ ଅଧିବେଶନରେ କଂଗ୍ରେସ ଦଳ ସହାୟତାରେ ସେହି ନିୟମକୁ ୪୨ ବର୍ଷ ପୂର୍ବରୁ ତା୫।୮।୧୯୭୬ରିଖରୁ ବଦଳେଇ ଦିଆଗଲା, ଅର୍ଥାତ୍ 'କଂଗ୍ରେସମୁକ୍ତ ଭାରତ' ଡାକରା ଦେଉଥିବା ମୋଦିଜୀ ଓ 'ଚୌକିଦାର ଚୋର୍ ହେ' ଚିଲାଉଥିବା ରାହୁଲ ଗାନ୍ଧୀ 'ଦୋଷ ଓ ଦଣ୍ଡମୁକ୍ତ' ହେବାକୁ ଏକାଠି ହୋଇଗଲେ।

ଚାନ୍ଦା ଦେଇଥିବା କମ୍ପାନୀର ଗୋଟିଏ କାରଖାନା ପାଇଁ ଡ. ମନମୋହନ ସିଂହଙ୍କ ସରକାର ଜନଶୁଣାଣି ନ କରି ଅନୁମତି ଦେଇଥିଲେ। ୨୦୧୪ ଡିସେମ୍ବରରେ ମୋଦିଜୀଙ୍କ ସରକାର ବି ସେହି ଚାନ୍ଦାଦାତା କମ୍ପାନୀକୁ ଏ ଦିଗରେ ସାହାଯ୍ୟ କରିଥିଲେ।

ଆଜିର ରାଜନୀତି ପାଇଁ 'ଅର୍ଥ' ଯେ ଏକମାତ୍ର ଅସ୍ତ୍ର, ତାହାର ପ୍ରମାଣ ହେଉଛି- (୧) ଅନ୍ୟ ସମୟରେ ଲୋକଙ୍କ ହାତରେ ଯେତିକି ଅର୍ଥ ଥାଏ, ଭୋଟ୍ ପୂର୍ବରୁ ସେଥିରେ ବୃଦ୍ଧି ଘଟିଥାଏ। (୨) ୨୦୧୯ ନିର୍ବାଚନବେଳେ ପୂର୍ବବର୍ଷ ଅପେକ୍ଷା ୧୭.୩% ଅଧିକ ଅର୍ଥର ପ୍ରଚଳନ ଥିଲା। (୩) ବିଗତ ସାତଟି ସଂସଦୀୟ ନିର୍ବାଚନ ତୁଳନାରେ ୨୦୧୯ରେ ସର୍ବାଧିକ ଅର୍ଥ ପ୍ରଚଳନ ହୋଇଥିଲା। (୪) Cost of Democracy ବହିରେ, ଏହାର ରଚୟିତା ମିଲନ ବୈଷ୍ଣବ ଓ ଦେବେଶ କପୁର ୨୦୧୯ ସଂସଦୀୟ ନିର୍ବାଚନ ପୂର୍ବରୁ ଲେଖିଥିଲେ, ''ଏଥର ନିର୍ବାଚନରେ ପ୍ରାୟ ୭୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହା ୨୦୧୬ ମସିହାରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଖର୍ଚ୍ଚରୁ ଅଧିକ।'' (୫) ଯେଉଁଠି ଦେଶର ୧୩୦ କୋଟିରୁ ଅଧିକ ଲୋକଙ୍କ ଭିତରୁ ମାତ୍ର ୮୧ ହଜାର କୋଟିପତି ବୋଲି ଟିକସ ଦାଖଲ ଜରିଆରେ ଜଣାନ୍ତି, ସେଠି ସଂସଦର ସଭ୍ୟମାନଙ୍କ ଭିତରୁ ୮୦%ରୁ ଅଧିକ କୋଟିପତି ଥିବା ପ୍ରମାଣ କରେ ଯେ, 'ଅର୍ଥ ଥିଲେ ହିଁ ନିର୍ବାଚନ ଲଢ଼ିହେବ'। (୬) ସାଧାରଣତଃ ଗରିବ ଲୋକମାନେ ଭୋଟଦାନ କରୁଥିବାରୁ ଆମ ନିର୍ବାଚନ ପ୍ରକ୍ରିୟାକୁ 'ଗରିବଙ୍କ ଦ୍ୱାରା ଧନୀଙ୍କୁ ଭୋଟ୍‌ଦାନ' ବୋଲି କୁହାଯାଇପାରେ। (୭) ବଡ଼ ବଡ଼ ଦୁର୍ନୀତିକୁ ନେଇ ରଡ଼ି ଛାଡୁଥିବା ଗଣମାଧ୍ୟମକୁ ଆମ ନିର୍ବାଚନ ପ୍ରକ୍ରିୟାରେ ଗୁରୁତ୍ୱ ଦିଆଯାଏ ନାହିଁ। ଭୋଟ୍‌ଗଣତି ପରେ ଭୋଟ୍ ଖର୍ଚ୍ଚ ଉପରେ ଆଉ ଆଲୋଚନା ହୁଏନାହିଁ। ତେଣୁ ବୟସ୍କମାନଙ୍କ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ। ରକ୍ଷା ହୋଇଛି ଯେ, ଯୁବକମାନେ ଏ ପ୍ରକାର ପ୍ରଶ୍ନ ପଚାରୁ ନାହାନ୍ତି।

tusar1950kanta@gmail.com



ଉପେନ୍ଦ୍ର ବିଶ୍ୱାଳ

# ବହିର ବୁନିଆଦି ଓ ପୁସ୍ତକମେଳା

ପ୍ରଖ୍ୟାତ ନାଟ୍ୟକାର ଡ. ଗିରୀଶ ଚନ୍ଦ୍ର ଘୋଷ ଥିଲେ ବଙ୍ଗ ନାଟ୍ୟ ଜଗତର ଜନକ। ଏକଦା ସାଂସାରିକ ମୋହ-ମାୟା ପ୍ରତି ତାଙ୍କର ବୀତସ୍ପୃହ ଭାବ ଆସିଛି। ତପସ୍ୟା ପାଇଁ ବାହାରିଲେ ହିମାଳୟ ଯାତ୍ରାରେ। ତା' ପୂର୍ବରୁ ମା' ସାରଦା ଦେବୀ ଓ ଠାକୁରଙ୍କୁ ଭେଟି ଅନ୍ତରର ଅଭିଳାଷ ବାଢ଼ିଲେ। ସେଇଠୁ ଅତି ବ୍ୟତିବ୍ୟସ୍ତ ହୋଇ ମା' କହିଲେ, ତୁମ ନାଟକ ଦ୍ୱାରା ତ ହଜାର ହଜାର ଲୋକ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ। ସାମାଜିକ ଜାଗରଣ ଓ ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହେଉଛି ତୁମ ନାଟକ। ହିମାଳୟରେ ସାଧନା ଦ୍ୱାରା ତୁମେ ହୁଏ ତ ଆତ୍ମସିଦ୍ଧି ଲାଭ କରିବ, ମାତ୍ର ସମାଜର ଏହାଦ୍ୱାରା କି ଲାଭ ହେବ? ସମାଜ ଯେତେବେଳେ ଯାବତୀୟ ଯନ୍ତ୍ରଣାରେ ଶଢ଼ୁଛି, ସେତେବେଳେ ତା'ର ଉପଶମ ପାଇଁ ତୁମ କଲମର ଯଥେଷ୍ଟ ଗୁରୁଦାୟିତ୍ୱ ରହିଛି। ସମାଜକୁ ଦିଗ୍‌ଦର୍ଶନ ଦେବାକୁ ଭଗବାନ ତୁମକୁ କଲମ ଧରାଇଛନ୍ତି। ଦାୟିତ୍ୱକୁ ଅଣଦେଖା କରି କଲମ ଛାଡ଼ି ହିମାଳୟ ଯିବାଟା ଈଶ୍ୱରଙ୍କ ପ୍ରତି ଏକପ୍ରକାର ଅସମ୍ମାନ ନୁହଁ କି? ବାଧ୍ୟ ଶିଶୁସମ ମା'ଙ୍କ ନିର୍ଦ୍ଦେଶକୁ ମାନି ନେଇଥିଲେ ସେଦିନ ସେ। ଆଉ ଏକ ସୁନ୍ଦର କଥାଟିଏ ସେହି ସାହିତ୍ୟକୁ ନେଇ।

ପ୍ରାକ୍‌ସ୍ୱାଧୀନତା କାଳରେ ବଙ୍ଗଭୂମିର ବିଖ୍ୟାତ ବାରିଷ୍ଟର କୁମୁଦ ସେନ୍‌ଙ୍କ କନ୍ୟା ଥିଲେ ମାଳତୀ ଦେବୀ। ନବକୃଷ୍ଣ ଚୌଧୁରୀଙ୍କ ସହିତ ବିବାହ କଥା ପଡ଼ିଥାଏ। ପିତୃହୀନା କନ୍ୟାଟିର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଉଥାନ୍ତି ମାତା ସ୍ନେହଲତା ଦେବୀ। ଅତି ବିଶ୍ୱସ୍ତ ଜଣେ ଦୂତଙ୍କୁ ଚତୁରତାର ସହିତ ପଠାଇଲେ ନବକୃଷ୍ଣ ବାବୁଙ୍କ ଘରକୁ ସତ୍ ସାହିତ୍ୟ ସହିତ ବହିର ଗନ୍ତାଘରଟିଏ ଅଛି କି ନାହିଁ ଜାଣିବାକୁ ଇଚ୍ଛାକରି। ଦୂତ ଜଣକ ସକାରାତ୍ମକ ମତ ଦେବା ପରେ ସମ୍ପନ୍ନ ହୋଇଥିଲା ବିବାହ। ଅର୍ଥାତ୍ ସତ୍ ସାହିତ୍ୟ ହିଁ ଥିଲା ଚୌଧୁରୀ ପରିବାରର ପରିଚୟପତ୍ର। ବହି ବତାଇଥିଲା ବଂଶ ବୁନିୟାଦିର ବିଚାରବୋଧକୁ। ଏହିପରି ବହିଟିଏ ହେଉଛି ଦୁନିଆ ସମ୍ପର୍କରେ ଏକ ଦୃଷ୍ଟିକୋଣ। ସାହିତ୍ୟ ହେଉଛି ସାମାଜିକ ସଚେତନତାର ସୂତ୍ରଧର। ସାହିତ୍ୟ ସମୃଦ୍ଧ କରେ ଚେତନାର ସ୍ତରକୁ, ପରିଷ୍କୃତ ଓ ପରିସ୍ଫୁଟ କରେ ବ୍ୟକ୍ତିତ୍ୱକୁ। ଗ୍ରନ୍ଥରେ ଗୁମ୍ଫା ଗରିମାର ଗାଥା।

ସାହିତ୍ୟମନସ୍କ ମାଟି ଓ ପଠନପ୍ରିୟ ଜାତି ହିଁ ଜାଜ୍ୱଲ୍ୟମାନ କରେ ଭୂମିକୁ। ଚାରି ଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଅତି ଛୋଟିଆ ଭୂଖଣ୍ଡଟିଏ ଆଇସ୍‌ଲାଣ୍ଡ। ସୁଖୀ ଓ ସମୃଦ୍ଧ ଦେଶ ଭାବେ ସେ ଆଜି ବନ୍ଦିତ। ପଠନ ପ୍ରତି ରୁଚି ହିଁ ଋଦ୍ଧିମନ୍ତ କରିଛି ସେ ଭୂମିକୁ। ସାହିତ୍ୟରେ ସେ ଦେଶରୁ ଜଣେ ନୋବେଲ ପୁରସ୍କାର ପାଇବା ଗୌରବର ବିଷୟ ନୁହଁ କି? ସେମିତି ବି ୫୫ଲକ୍ଷ ଲୋକସଂଖ୍ୟାର ଦେଶ ଫିନ୍‌ଲାଣ୍ଡ। ସମୃଦ୍ଧି ସହିତ ସର୍ବାଧିକ ସୁଖୀ ଓ ଶାନ୍ତିର ଦେଶ ଭାବେ ସେ ସମ୍ମାନିତ। ସାହିତ୍ୟ ପ୍ରତି ଅନୁରକ୍ତ, ପଠନ ଓ ଗବେଷଣା ପ୍ରତି ପ୍ରଚଣ୍ଡ ଲାଳସା ଯୋଗୁ ସେ ମାଟି ଆଜି ମର୍ଯ୍ୟାଦାର ମୁଳକଟିଏ। ସାହିତ୍ୟ ସମେତ ୫ଟି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇ ସେ ମାଟି ମହିମାନ୍ୱିତ। ଯେ ଯେତେ ପଢ଼େ, ସେ ସେତେ ଆଗକୁ ବଢ଼େ। ସନ୍ତାନମାନଙ୍କ ପଠନ ଓ ଗବେଷଣା ପ୍ରତି ପାଗଳପଣ ଯୋଗୁ ଜାପାନ ଓ ଆମେରିକା ତ ବେଶ୍ ପ୍ରସିଦ୍ଧ, ଯେଉଁଥିପାଇଁ କି ସେ ଦେଶ ଦୁଇଟିର କୃତି ଓ କୀର୍ତ୍ତି ଅଜସ୍ର। ବିଶ୍ୱର ସର୍ବାଧିକ ନୋବେଲ ପୁରସ୍କାର (୩୩୬) ଆମେରିକା ଖାତାରେ ଆଜି। ଦିନକୁ ଦିନ ଏହା ଆହୁରି ବଢ଼ି ବଢ଼ି ଚାଲିଛି। ପ୍ରତି ଛୋଟ ବଡ଼ ସହରରେ ଏକାଧିକ ଗ୍ରନ୍ଥାଗାର। ହଜାର ହଜାର, ଲକ୍ଷ ଲକ୍ଷ ସଂଖ୍ୟାରେ ବହିର ସମ୍ଭାର। ଓଡ଼ିଶାଠାରୁ ଛୋଟିଆ ଭୂମିଟିଏ ହୋଇ ବି ଜାପାନ ହାତେଇଛି ୨୭ରୁ ଅଧିକ ନୋବେଲ ପୁରସ୍କାର। ଟିକେ ସମୟ ପାଇଲେ ମନ ଦିଅନ୍ତି ବହିରେ ସେମାନେ। ଏପରିକି ପ୍ରତିଟି ଲିଫ୍ଟ ଅପରେଟର ହାତରେ ବହିଟିଏ ଥିବ ହିଁ ଥିବ। ସନ୍ଥ ରାମତୀର୍ଥ ତ ଏକଦା ଚକିତ ହୋଇଗଲେ ରେଳ ସହଯାତ୍ରୀ ଥିବା ଅଶୀତିପର ଜଣେ ବୃଦ୍ଧଙ୍କର ପଢ଼ା ପ୍ରତି ଗଭୀର ମନୋନିବେଶ ଦେଖି। ଗବେଷଣାତ୍ମକ ପୁସ୍ତକ ସହିତ ସତ୍ ସାହିତ୍ୟରେ ସମୃଦ୍ଧ ସେ ଦେଶ। ସତ୍ ସାହିତ୍ୟ ପ୍ରତି ଯେ ଯେତିକି ଅନୁରକ୍ତ, ତା' ଚେତନାଶକ୍ତି ସେତିକି ଉଚ୍ଚ ଓ ଉନ୍ନତ।

ବିଗତ କିଛି ବର୍ଷ ଧରି ବିଜ୍ଞଜନମାନଙ୍କୁ ବିଚଳିତ କରିଚାଲିଛି ଗୋଟିଏ କଥା- ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି ପାଠକମାନଙ୍କ ସଂଖ୍ୟା। ଚିନ୍ତା ଘାରୁଛି ବହି ବିକ୍ରି ହ୍ରାସ ପାଉଥିବା ଯୋଗୁ। ଅବଶ୍ୟ ଅଜସ୍ର ସଂଖ୍ୟାରେ ପ୍ରକାଶ ପାଇ ଚାଲିଛି ବହି। ବଢ଼ି ବଢ଼ି ଚାଲିଛି ପୁସ୍ତକ ମେଳା। ତଥାପି ସଂକଟରେ ସାହିତ୍ୟ ଓ ତଜ୍ଜନିତ ସମାଜ। ଏବେ ଅଣ୍ଟା ଭିଡ଼ିଛନ୍ତି ଓଡ଼ିଶା ସରକାର। ସମସ୍ତଙ୍କୁ ସାଥିରେ ନେଇ ସଂସ୍କୃତି ବିଭାଗ ଆୟୋଜିତ କରୁଛି ୨ୟ ରାଜ୍ୟସ୍ତରୀୟ ପୁସ୍ତକମେଳା ରାଜଧାନୀ ପ୍ରଦର୍ଶନୀ ପଡ଼ିଆରେ ୧୫ ତାରିଖ ପର୍ଯ୍ୟନ୍ତ। ଏଠାରେ ଏକ ଅୟୁତର ପ୍ରଶ୍ନ। ତଥାପି କାହିଁକି କମୁଛି ପାଠକସଂଖ୍ୟା। ପାଠକ ସମାଜକୁ ଆମେ ଆକର୍ଷିତ କରିପାରୁଛୁ କି? ତାଙ୍କ ଆଗ୍ରହକୁ ସମ୍ମାନ ଓ ସ୍ୱୀକୃତି ଦେଉଛୁ କି? ଦେଖିବାକୁ ଗଲେ ପ୍ରକୃତରେ ପଢ଼ନ୍ତି କେଉଁମାନେ? ସଚେତନ, ସୁସ୍ଥ ମସ୍ତିଷ୍କର ମଣିଷମାନେ ହିଁ ରୁଚି ରଖନ୍ତି ପଢ଼ା ପ୍ରତି। ସେମାନେ କିନ୍ତୁ ପସନ୍ଦ କରନ୍ତି ସତ୍ ସାହିତ୍ୟ, ପ୍ରେରଣାଦାୟୀ ବିଷୟ ପ୍ରତି। ମାତ୍ର ଏଗୁଡ଼ିକର ସଂଖ୍ୟା ସ୍ୱଳ୍ପାତିସ୍ୱଳ୍ପ। ଏଣୁ ପାଠକମାନଙ୍କ ସଂଖ୍ୟା ବଢ଼େଇବାକୁ ହେଲେ ଆନ୍ତରିକ ଉଦ୍ୟମ ଜରୁରୀ। ସତ୍ ସାହିତ୍ୟରେ ଆମକୁ ସମୃଦ୍ଧ କରିବାକୁ ହେବ ସାହିତ୍ୟଜଗତକୁ।

ପ୍ରତିଟି ପ୍ରାଣର ପଣ ହେଉ ଜନ୍ମଦିନ, ବ୍ରତଘର ଅବା ବିବାହ ଆଦିରେ କେବଳ ବହି ହିଁ ଉପହାର ଦେବା। ପୁସ୍ତକଠାରୁ ଶ୍ରେଷ୍ଠ ଉପହାର ଆଉ କ'ଣ ବା ଅଛି ଏ ଦୁନିଆରେ। ଗୋଟିଏ ଭଲ ବହି ଶହେ ଜଣ ଭଲ ବନ୍ଧୁଙ୍କଠାରୁ ବି ମହତ୍ତର। ଗୋଟିଏ ଭଲ ବହି ନ ପଢ଼ିବା ହେଉଛି ବହି ପୋଡ଼ିବାଠାରୁ ବି ଭୟଙ୍କର। ଜ୍ଞାନ ଆମକୁ ଆକାଶକୁ ଉଡ଼ିଯିବାକୁ ସମର୍ଥ କରେ। ଅର୍ଥାତ୍ ଯେ ଯେତିକି ପଢ଼ିବ, ସେ ସେତିକି ଉପରକୁ ଉଠିବ।

ମୋ- ୯୪୩୭୪୩୬୦୭୩, ଇ-ମେଲ : unbiswal05@gmail.com

## ଏଇ ଭାରତରେ

ଉଚ୍ଚଶିକ୍ଷା ପ୍ରାପ୍ତ କରି ଭଲ ଚାକିରି କରିବାର ସ୍ୱପ୍ନ ଦେଖିଥାନ୍ତି ପ୍ରତ୍ୟେକ ଯୁବକ। କିନ୍ତୁ ଉତ୍ତରାଖଣ୍ଡର ପବନ ପାଠକ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ। ସେ ବିଦେଶ ଚାକିରି ଛାଡ଼ି ପାର୍ବତ୍ୟାଞ୍ଚଳର ସଂରକ୍ଷଣରେ ଲାଗିଛନ୍ତି। ଡେରାଡୁନର ଇନ୍ଦିରାନଗର ନିବାସୀ ପବନଙ୍କୁ ବର୍ତ୍ତମାନ ୩୫ ବର୍ଷ। ସେ ଜର୍ମାନୀରେ ଚାକିରି କରିଥିଲେ। ବର୍ଷକୁ ଦରମା ପାଉଥିଲେ ୪୦ ଲକ୍ଷ ଟଙ୍କା। ପାହାଡ଼ିଆ ଅଞ୍ଚଳରୁ ପଳାୟନ ରୋକିବା ତଥା ଶୁଷ୍କ ଜମିକୁ ଚାଷୋପଯୋଗୀ କରିବାରେ ଲାଗିଛନ୍ତି। ପାହାଡ଼ିଆ ଅଞ୍ଚଳରେ ପୁରୁଣା ଘରକୁ ଇକୋ କନ୍‌ଷ୍ଟ୍ରକ୍‌ସନ ମାଧ୍ୟମରେ ନୂଆ ଜୀବନ ଦେଉଛନ୍ତି। ତାଙ୍କର ଏହି ଅଭିଯାନରେ ବିଦେଶୀ ଛାତ୍ରମାନେ ବି ସାମିଲ ହୋଇଛନ୍ତି। ପବନ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ଜର୍ମାନୀରେ ଫାର୍ମା ମଡେଲିଂରେ ଏମ୍‌ବିଏ କରିଛନ୍ତି। ପରେ ସେ ଜର୍ମାନୀରେ ଏକ କମ୍ପାନୀରେ ମାସିକ ୩.୫ ଲକ୍ଷ ଟଙ୍କା ପ୍ୟାକେଜରେ ଚାକିରି କରିଥିଲେ। କିନ୍ତୁ କିଛି ନୂଆ କରିବାର ଇଚ୍ଛା ତାଙ୍କୁ ଚାକିରିରେ ରହିବାକୁ ଦେଇ ନ ଥିଲା। ସେ ଫେରିଆସିଲେ ଭାରତ। ୨୦୧୮ରୁ ଡେରାଡୁନ୍‌ର ସେଡାମତା ନିକଟ ତୁକ୍ ଗାଁରେ ଫାର୍ମ ମଡେଲିଂ କାର୍ଯ୍ୟରେ ଲାଗିଛନ୍ତି। ପାହାଡ଼ିଆ ଅଞ୍ଚଳରେ ଜୀର୍ଣ୍ଣ ଘରଗୁଡ଼ିକୁ ଉଦ୍ଧାର କରିବା ସହ ଜୈବିକ ଚାଷକୁ ବଞ୍ଚାଇ ରଖିବା ଲାଗି ଚେଷ୍ଟା କରୁଛନ୍ତି। ଫାର୍ମରୁ ଉତ୍ପାଦିତ ଜୈବିକ ସେଓ ବିକ୍ରି କରି ଏହି ବର୍ଷ ପାଇଛନ୍ତି ୨ ଲକ୍ଷ ଟଙ୍କା। ଏହା ବାଦ୍ ସେ ଫାର୍ମରେ ରାଜ୍‌ମା, ଆଳୁ, ଡାଲି, ମକ୍କା, ଗହମ ଆଦି ଚାଷ କରୁଛନ୍ତି। ପବନଙ୍କ ଏହି ଅଭିଯାନରେ ଆଇଆଇଟି ରୁର୍‌କୀରେ ପିଏଚ୍‌ଡି କରୁଥିବା ନେଦରଲ୍ୟାଣ୍ଡର ଛାତ୍ରୀ ମାରଲୁସ୍ ମଧ୍ୟ ଯୋଗ ହୋଇଛନ୍ତି। ଡେରାଡୁନର ମେକାନିକାଲ ଇଞ୍ଜିନିୟର ଅଙ୍କିତ ଆରୋରା ସମେତ ତୁକ୍ ଗ୍ରାମବାସୀ ସହଯୋଗ କରୁଛନ୍ତି। ଦୁଇବର୍ଷ ମଧ୍ୟରେ ପବନ ଯେତେ ଜୈବିକ ଶସ୍ୟ ଉତ୍ପାଦନ କରିଛନ୍ତି ତାହାକୁ ସେ ଡେରାଡୁନର ମଣ୍ଡିରେ ବିକ୍ରି କରିଛନ୍ତି। ୨୦୧୮ରେ ଜୈବିକ ଚାଷ ଲାଗି ୨ ଏକର ଜମି କିଣିଥିଲେ ଓ ଗ୍ରାମବାସୀ ତାଙ୍କୁ ବହୁବର୍ଷ ଧରି ଶୁଖିଲା ପଡ଼ିଥିବା ୧ହେକ୍ଟର ଜମି ବି ଦେଇଥିଲେ।

## ଚିରନ୍ତନୀ

ଆସ ଭାରତର ପ୍ରାଚୀନପନ୍ଥୀ ଧର୍ମଧ୍ୱଜୀ
ଧର୍ମ ତୁମର ଦିଲ୍ଲୀ ଧୂଳିରେ ଗଲାଣି ହଜି।
ଯେଉଁ ଧୂଳି ପରେ ଲୋଟାଇଲ ଦେହ ଅସ୍ଥିସାର
ଭାରତ ବକ୍ଷେ ଝରାଇଲ ଚିର ରକ୍ତଧାର।
(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଠାକୁରଙ୍କ ସମ୍ପତ୍ତି ଫେରାଅ

ମହାଶୟ,

ଜଗତର ନାଥ ଜଗନ୍ନାଥଙ୍କୁ ଲୋକେ ଭାବୁଛନ୍ତି କାଠପିତୁଳା। ତାଙ୍କର ହଜାର ହଜାର ଏକର ସମ୍ପତ୍ତିକୁ ବେଆଇନଭାବେ ଦଖଲ କରି ନିଜ ନାମରେ ପଟ୍ଟା କରିସାରିଲେଣି। ଠାକୁରଙ୍କୁ କିଛି ଅଜଣା ନାହିଁ। ବ୍ରହ୍ମସ୍ୱ (ବ୍ରାହ୍ମଣଙ୍କ ସମ୍ପତ୍ତି), ଦେବସ୍ୱ (ଠାକୁରଙ୍କ ସମ୍ପତ୍ତି) ଓ ରାଜସ୍ୱ (ସରକାରୀ ଟିକସ ବା ସମ୍ପତ୍ତି) ହଡପ କରିଥିବା ବ୍ୟକ୍ତିବିଶେଷଙ୍କର ନିସ୍ତାର ନାହିଁ। ଯେଉଁ ବାବୁମାନେ ଲୋଭରେ ଠାକୁରଙ୍କ ସମ୍ପତ୍ତି ମାଡି ବାସିଛନ୍ତି, ତୁରନ୍ତ ଫେରାଇଦିଅନ୍ତୁ। ଧର୍ମଦ୍ରୋହୀ ନ ହୁଅନ୍ତୁ। ଠାକୁରଙ୍କୁ ଯାଚିକି ଫେରାଇଦେଲେ ମଙ୍ଗଳ ହେବ। ଖୁବ୍‌ଶୀଘ୍ର ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବେ।

ଆଦିକନ୍ଦ ସାହୁ, ସାନ୍ତସାଇ, ଦୁର୍ଗା ନର୍ସିଂହୋମ୍, କେନ୍ଦ୍ରାପଡ଼ା

### ଅଧିକ ପରିବହନ କାର୍ଯ୍ୟାଳୟ ଖୋଲାଯାଉ

ପରିବହନ ନିୟମ କଡାକଡି ହେବା ପରେ ଲୋକମାନେ ଯଥାସମ୍ଭବ ଗାଡିର କାଗଜପତ୍ର ଠିକ୍ କରିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ଆର୍‌ଟିଓ ଅଫିସରେ ଭିଡ ପାଇଁ ଜନସାଧାରଣଙ୍କର ଠିକ୍ ସମୟରେ କାମ ହେଇପାରୁନାହିଁ। ଏପରି ପରିସ୍ଥିତିରେ ସରକାର ପୁନର୍ବାର ତିନିମାସ ମହଲତ ଦେଇଛନ୍ତି। ପ୍ରତି ବ୍ଲକରେ ଅସ୍ଥାୟୀ କ୍ୟାମ୍ପ କରି ଲୋକଙ୍କୁ ସେବା ଦେବା ପାଇଁ ନିୟମ କଲେ, କିନ୍ତୁ ସେ କ୍ୟାମ୍ପ କେବେ କେଉଁଠି ହେଲା ଲୋକଙ୍କୁ ଜଣା ନାହିଁ। ଏବେ ଲୋକସଂଖ୍ୟା ଏବଂ ଗାଡି ସଂଖ୍ୟା ଯେତେ ବଢିଲାଣି ସେହି ଅନୁଯାୟୀ ପରିବହନ କାର୍ଯ୍ୟାଳୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ସରକାର ପ୍ରତି ବ୍ଲକରେ ପରିବହନ କାର୍ଯ୍ୟାଳୟ, ଅସ୍ଥାୟୀ ଭାବେ ହେଉ ପଛେ, ଖୋଲି ଓ ଅଧିକ କର୍ମଚାରୀ ନିଯୁକ୍ତ କରି ସମସ୍ୟାର ସମାଧାନ କରନ୍ତୁ।

ଶିବରାମ ନାୟକ, ଉଲୁଣ୍ଡା, ସୁବର୍ଣ୍ଣପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦଳବଦଳ ନିରୋଧୀ ଆଇନ ଗଣତନ୍ତ୍ର ବିରୋଧୀ: ତଥାଗତ

**ନୂଆଦିଲ୍ଲୀ,୧୨।୧୨**

ଦଳବଦଳ ନିରୋଧୀ ଆଇନକୁ ପୂର୍ବତନ ଏମ୍‌ପି ତଥାଗତ ସତପଥୀ କଡ଼ା ସମାଲୋଚନା କରିଛନ୍ତି। ଗୁରୁବାର ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ପକ୍ଷରୁ ଏଠାରେ ଆୟୋଜିତ ଦଳବଦଳ ନିରୋଧୀ ଆଇନ ଓ ହ୍ବିପ୍ ବ୍ୟବସ୍ଥା ସମ୍ପର୍କିତ ଆଲୋଚନାରେ ଭାଗନେଇ ତଥାଗତ କହିଛନ୍ତି, କୌଣସି ପ୍ରସଙ୍ଗରେ ଜଣେ ଏମ୍‌ପି କିମ୍ବା ବିଧାୟକ ନିଜର ମତାମତ ରଖିବା ଉପରେ ଏହି ଆଇନ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହା ଗଣତନ୍ତ୍ର ବିରୋଧୀ। ଅର୍ଥାତ୍ ଏଭଳି ଆଇନ ଗଣତନ୍ତ୍ରକୁ ଭିତରୁ ଘଉଡାଇଦେଇଛି। ସଦସ୍ୟମାନେ ନିର୍ଦ୍ଦିଷ୍ଟ ଶୈଳୀରେ ପ୍ରତିକ୍ରିୟା ରଖିବାକୁ ବାଧ୍ୟ ହେଉଛନ୍ତି, ଯାହା ଭାରତ ଭଳି ଏକ ପରିପକ୍ୱ ଗଣତନ୍ତ୍ରରେ ଘଟିବା ଉଚିତ ନୁହେଁ ବୋଲି ତଥାଗତ ମତ ରଖିଥିଲେ।

ଦଳୀୟ ନେତୃତ୍ୱ ଏବଂ ଏମ୍‌ପି ବା ବିଧାୟକମାନଙ୍କ ମଧ୍ୟରେ ଅବିଶ୍ୱାସରୁ ଦଳବଦଳ ନିରୋଧୀ ଆଇନ ଅଣାଯାଇଥିଲା। ଅବିଶ୍ୱାସ କାରଣରୁ ଦଳୀୟ ନେତୃତ୍ୱ ହ୍ବିପ୍ ଜାରି କରୁଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଥିଲେ ଏଭଳି ଘଟନ୍ତା ନାହିଁ। ତାଙ୍କୁ ଭୋଟ ଦେଇଥିବା ବିଭିନ୍ନ ମତଦାତାଙ୍କ ପ୍ରତିନିଧିତ୍ୱ କରିବା ଜଣେ ଏମ୍‌ପି ବା ବିଧାୟକଙ୍କ ଦାୟିତ୍ୱ। ଦଳର ନେତାମାନେ ସେମାନଙ୍କ ସଦସ୍ୟମାନଙ୍କୁ ବିଶ୍ୱାସ କରୁନାହାନ୍ତି ଓ ହ୍ବିପ୍ ମାଧ୍ୟମରେ ସେମାନଙ୍କୁ ଗୃହରେ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ତଥାଗତ କହିଛନ୍ତି। ଏହାସହ ଅନ୍ୟମାନଙ୍କ ଅପେକ୍ଷା ଜଣେ ବିଧାୟକ ବା ଏମ୍‌ପି ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଆମକୁ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ହେବ, ଯେଉଁଠି ଆମର ବିଧାୟକ ବା ଏମ୍‌ପିମାନଙ୍କ ଉପରେ ବିଶ୍ୱାସ ରହିଥିବ, ପ୍ରଥମତଃ ସେମାନେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ହେଉଥିବେ। ତା ପରେ ରାଷ୍ଟ୍ର, ଦଳ ଓ ଶେଷରେ ନେତୃତ୍ୱ ନିକଟରେ ଉତ୍ତରଦାୟୀ ବୋଲି ତଥାଗତ କହିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ସଦସ୍ୟ ମନୀଷ୍ ତିୱାରୀ, କଂଗ୍ରେସ ଏମ୍‌ପି ଶଶୀ ଥରୁର, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ଏମ୍‌ପି ଆସାଦୁଦ୍ଦିନ ଓୱାଇସି ଏବଂ ବିହାର ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଦଳବଦଳ ଆଇନ ଏଭଳି ପ୍ରକ୍ରିୟା ସୃଷ୍ଟି କରିଛି, ଯେଉଁଥିରେ ଜଣେ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ନିଜ ଦଳର ସଦସ୍ୟତା ତ୍ୟାଗଗଲେ କିମ୍ବା ଭୋଟ ବେଳେ ଦଳୀୟ ନେତୃତ୍ୱଙ୍କ ନିର୍ଦ୍ଦେଶର ଅବମାନନା କଲେ ସେ ଅଯୋଗ୍ୟ ଘୋଷିତ ହେବାର ବ୍ୟବସ୍ଥା ରହିଛି।



ଦିଲ୍ଲୀର ଏକ ଆଲୋଚନାଚକ୍ରରେ ପିଆର୍‌ଏସ୍ ଅଧ୍ୟକ୍ଷ ଏମ୍.ଆର୍. ମାଧବନ୍, କଂଗ୍ରେସ ଏମ୍‌ପି ମନୀଷ୍ ତିୱାରୀ, ବିହାର ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ, ପୂର୍ବତନ ଏମ୍‌ପି ତଥାଗତ ସତପଥୀ, କଂଗ୍ରେସ ଏମ୍‌ପି ଶଶୀ ଥରୁର ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ଏମ୍‌ପି ଆସାଦୁଦ୍ଦିନ ଓୱାଇସି।

## ■ ବିଦେଶରେ 'ମୋ ସ୍କୁଲ'

# ଓଡ଼ିଆଙ୍କଠାରୁ ସାହାଯ୍ୟ ପାଇଁ ପ୍ରୟାସ

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

'ମୋ ସ୍କୁଲ' ଯୋଜନା ସଂକ୍ରାନ୍ତରେ ଆମେରିକାରେ ରହୁଥିବା ଓଡ଼ିଆଙ୍କୁ ଅବଗତ କରାଇବା ସହ ସେମାନଙ୍କଠାରୁ ସାହାଯ୍ୟ ପାଇବା ପାଇଁ ଆରମ୍ଭ ହୋଇଛି ପ୍ରୟାସ। ଏଥିପାଇଁ 'ମୋ ସ୍କୁଲ' ଯୋଜନାର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଆସନ୍ତା ୧୫ ତାରିଖରେ କାଲିଫର୍ନିଆସ୍ଥିତ ମିଲିପିଟାସଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଥିପାଇଁ ଭାରତୀୟ କନ୍‌ସେଲ ଜେନେରାଲଙ୍କ ଦପ୍ତରରୁ କାଲିଫର୍ନିଆରେ ରହୁଥିବା ଓଡ଼ିଆମାନଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଯାଇଛି। କାର୍ଯ୍ୟକ୍ରମର ସୂଚନା ଅନୁଯାୟୀ, ୧୫ ତାରିଖ ଅପରାହ୍ନ ୪ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ଅତିଥିମାନଙ୍କୁ 'ମୋ ସ୍କୁଲ' ଯୋଜନା ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ଦେଖାଯିବ। ଏହାପରେ ଅଧ୍ୟକ୍ଷା ବାଗ୍‌ଚୀ ଉପସ୍ଥିତ ବ୍ୟକ୍ତିଙ୍କୁ 'ମୋ ସ୍କୁଲ' ଯୋଜନା ସଂକ୍ରାନ୍ତରେ ଅବଗତ କରାଇବେ। ଏହାପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଛି। ଇଣ୍ଡୋ-ଆମେରିକା ସେବକ ଫାଉଣ୍ଡେଶନ ସହିତ ମଧ୍ୟ ଏ ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ ହେବ।

ସୂଚନାନୁଯାୟୀ, କାଲିଫର୍ନିଆରେ ଥିବା ଓଡ଼ିଆମାନେ ଯେଭଳି 'ମୋ ସ୍କୁଲ' ଯୋଜନାକୁ ଆର୍ଥିକ ସହାୟତା ଯୋଗାଇଦେବେ ସେ ଦିଗରେ ସେମାନଙ୍କୁ ଅବଗତ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଲାଗି ରାଜ୍ୟରେ 'ମୋ ସ୍କୁଲ' ଯୋଜନା ଆରମ୍ଭ ହୋଇଛି। ଯୋଜନା ଅନୁଯାୟୀ ପୂର୍ବତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯେତିକି ଟଙ୍କା ସହାୟତା କରିବେ ସରକାର ତାହାର ଦୁଇଗୁଣ ଅର୍ଥ ଯୋଗାଇଦେବେ। ଇତିମଧ୍ୟରେ ରାଜ୍ୟରେ 'ମୋ ସ୍କୁଲ' ଯୋଜନାରେ ପୂର୍ବତନ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ତେବେ ଏହି ଯୋଜନାରେ ଏବେ ପ୍ରଥମ ଥର ବିଦେଶରୁ ଅର୍ଥ ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଯୋଜନା ଆରମ୍ଭ ହେବା ପରେ ଇତିମଧ୍ୟରେ ମୋ ସ୍କୁଲ ପାଣ୍ଠି ୧୦୦ କୋଟି ଟଙ୍କା ଟପିଯାଇଛି। ପ୍ରାୟ ଦେଢ଼ ଲକ୍ଷ ପୂର୍ବତନ ଛାତ୍ରୀଛାତ୍ର ସହାୟତା ବାବଦରେ ୩୩ କୋଟି ୬୦ଲକ୍ଷରୁ ଅଧିକ ଟଙ୍କା ଯୋଗାଇ ଦେଇଥିବାବେଳେ ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ମୁତାବକ ଦାନ ପରିମାଣର ଦୁଇଗୁଣା ଅର୍ଥ ଯୋଗାଇ ଦେଇଛନ୍ତି। ଏବେ ବିଦେଶରୁ ସହାୟତା ମିଳିଲେ 'ମୋ ସ୍କୁଲ' ଯୋଜନା ପାଣ୍ଠି ବୃଦ୍ଧି ପାଇବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି।




# କନ୍ଧମାଳରେ ଖୋଲିବ 'କିସ୍'ର ଶାଖା

## ■ 'କିସ୍' ଓ 'ଏମ୍‌ଡିଏଚ୍' ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

କନ୍ଧମାଳ ଜିଲା ଫୁଲବାଣୀ ସହରରେ ଖୁବ୍‌ଶୀଘ୍ର କିସ୍‌ର ଏକ ଶାଖା ଖୋଲିବାକୁ ଯାଉଛି। ଭାରତର ଲୋକପ୍ରିୟ ମସଲା ଉତ୍ପାଦନକାରୀ କମ୍ପାନୀ ଏମ୍‌ଡିଏଚ୍ ଓ କିସ୍ ସହଯୋଗରେ ଏହି ନୂତନ ଶାଖା ଖୋଲାଯିବ। ଗୁରୁବାର ଏନେଇ ନୂଆଦିଲ୍ଲୀରେ କିସ୍ ଓ ଏମ୍‌ଡିଏଚ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବାବେଳେ ଏମ୍‌ଡିଏଚ୍ ମସଲା ପକ୍ଷରୁ ଏହାର ଅଧ୍ୟକ୍ଷ ପଦ୍ମଭୂଷଣ ମହାଶୟ ଧର୍ମପାଳ ଗୁଲାଟୀ ଏଥିରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁସାରେ, କନ୍ଧମାଳ-କିସ୍ ପାଇଁ ଏମ୍‌ଡିଏଚ୍ ପକ୍ଷରୁ ସମସ୍ତ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ। ଅଚ୍ୟୁତ ସାମନ୍ତ ଏନେଇ ପୂର୍ବରୁ ଗୁଲାଟୀଙ୍କୁ ଅନୁରୋଧ କରିଥିଲେ। ସାମନ୍ତଙ୍କ ଅନୁରୋଧ କ୍ରମେ ଗୁଲାଟୀ ଏଥିରେ ସମ୍ମତି ପ୍ରକାଶ କରିବା ପରେ ଗୁରୁବାର ନୂଆଦିଲ୍ଲୀସ୍ଥିତ ଏମ୍‌ଡିଏଚ୍ କାର୍ଯ୍ୟାଳୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ଅଚ୍ୟୁତ ଗୁଲାଟୀଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି, କନ୍ଧମାଳ-କିସ୍‌ରେ ଜିଲାର ୩ରୁ ୪ହଜାର ଗରିବ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ବ୍ୟବସ୍ଥା କରାଯିବ। ଏନେଇ ଜମି କ୍ରୟ ସରିଛି। ଏକବର୍ଷ ମଧ୍ୟରେ ଗୃହ ନିର୍ମାଣ ସରିବା ପରେ ଛାତ୍ରୀଛାତ୍ରଙ୍କୁ ନିଆଯିବ। ଏହାସହ ଏମ୍‌ଡିଏଚ୍ ପକ୍ଷରୁ ଏଠାରେ ଶହେ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ୍ ମଧ୍ୟ ଖୋଲାଯିବ। ଜିଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟର କିପରି ବିକାଶ ହୋଇପାରିବ ସେ ଦିଗରେ ବ୍ୟକ୍ତିଗତ ଭାବେ ମୁଁ ମଧ୍ୟ ଚେଷ୍ଟା କରୁଛି ବୋଲି ସାମନ୍ତ କହିଛନ୍ତି। ସାମନ୍ତଙ୍କ ଅନୁରୋଧରେ ସନ୍ତୋଷ ବ୍ୟକ୍ତ କରି କନ୍ଧମାଳର ୩ଟି ସ୍ଥାନରେ ଏମ୍‌ଡିଏଚ୍ ମସଲାର ୩ଗୋଟି ୟୁନିଟ୍ ଖୋଲିବା ସହ ସ୍କୁଲ ଓ ଡାକ୍ତରଖାନା ପ୍ରତିଷ୍ଠା ନେଇ ଗୁଲାଟୀ ସମ୍ମତି ଜଣାଇଥିଲେ। ଏହାବ୍ୟତୀତ ଦାରିଙ୍ଗବାଡ଼ିରେ ୧୦୦ କୋଠରି ବିଶିଷ୍ଟ ଏକ ହୋଟେଲ ତଥା ରିସର୍ଟ ଖୋଲିବା ପାଇଁ ଏମ୍‌ଡିଏଚ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କନ୍ଧମାଳ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଘଟି ପାରିବ ବୋଲି ସାମନ୍ତ କହିଛନ୍ତି। ଏନେଇ ଏମ୍‌ଡିଏଚ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହୋଇଛି। ଏହି ଅବସରରେ ଗୁଲାଟୀ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଦେଶରେ ବିଶେଷ କରି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଯେତେ ଅଧିକରୁ ଅଧିକ କାର୍ଯ୍ୟ କରାଯାଇପାରେ ତାହା କରାଯିବା ଉଚିତ। ଏହା ପୂର୍ବରୁ ସେ ଭାରତର ବିଭିନ୍ନ ସ୍ଥାନରେ ସ୍କୁଲ ପ୍ରତିଷ୍ଠା କରି ଶିକ୍ଷାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶାରେ କିସ୍ ସହ ମିଶି ଶିକ୍ଷାର ବିକାଶ କରିବାର ସୁଯୋଗ ମିଳିଥିବାରୁ ଏହା ଆଉ ଏକ ଅଧ୍ୟାୟ ଯୋଡ଼ିହେଲା ବୋଲି ଗୁଲାଟୀ କହିଛନ୍ତି। ଏମ୍‌ଡିଏଚ୍ କମ୍ପାନୀର ଆର୍ଥିକ ପରାମର୍ଶଦାତା ବିନୋଦ କୁମାର ବିନ୍ଦଲ ଓ ଗୁଲାଟୀଙ୍କ କନ୍ୟା ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ।


କିସ୍ ପାଇଁ ଏମ୍‌ଡିଏଚ୍ ଅଧ୍ୟକ୍ଷ ମହାଶୟ ଧର୍ମପାଳ ଗୁଲାଟୀ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

National Skill Training Institute, Bhubaneswar
Ministry of Skill Development and Entrepreneurship, Government. of India
Directorate General of Training
Centurion UNIVERSITY
In Partnership With
Centurion University of Technology and Management, Odisha
NAAC A Grade Accredited | Govt. of Odisha notified Skills University
MSDE notified Center of Excellence | DGT affiliated Institute of Training of Trainers
ସେଞ୍ଚୁରିୟନ୍ ୟୁନିଭରସିଟି ଏକ ସ୍କିଲ୍ ୟୁନିଭରସିଟି ଅଟେ, ଯାହାକି ନ୍ୟାଶନାଲ୍ ତଥା ମଲ୍ଟିନ୍ୟାଶନାଲ୍ କମ୍ପାନୀମାନଙ୍କ ସହିତ ସଂଯୋଗ ହୋଇ ବିଭିନ୍ନ ପ୍ରକାର ରୋଜଗାର ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରେ। ବର୍ତ୍ତମାନ, ଏହା ITI ସହିତ 12th ପାସ କରିଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ରୋଜଗାର ଭିତ୍ତିକ ବିଭିନ୍ନ ବ୍ୟାଚଲର୍ ଡିଗ୍ରି କୋର୍ସ ପାଇଁ ଆବେଦନ ପତ୍ର ଗ୍ରହଣ କରୁଛି। ଟ୍ରେନିଙ୍ଗ୍ ସମୟରେ ବା ପରେ ଛାତ୍ର-ଛାତ୍ରୀଙ୍କୁ ମଝିରେ ମଝିରେ କମ୍ପାନୀକୁ ଅନୁଭବ ପାଇଁ ଯିବାର ଏକ ସୁବର୍ଣ୍ଣ ସୁଯୋଗ ଦିଆଯାଉଛି।
Applications Invited for Bachelor of Vocation
SPECIALIZATION:
• Precision Manufacturing Technology (40 seats)
• Automotive Technology (40 seats)
ELIGIBILITY: ITI with 12th Passed
DURATION: 3 Yrs
CONTACT: 93705 19569 7682901542
How to Apply
Download Application Form at https://cutm.ac.in/admissions/HTML/images/bvociap.pdf and email the scanned copy of filled in application form to sovet.admissions@cutm.ac.in
For more details, Visit https://cutm.ac.in/admissions/HTML/images/bvocihand.pdf
Important Deadlines
Last Date of Application: 31st Dec 2019
Interview Date: 4th-5th Jan. 2020
Publication of Results: 7th Jan 2020
Reporting for Admission: 12th Jan 2020
NSTI Address: 5th Floor, Dharmapada Bhavan, IDCP Plot No.: 6 IDCO Industrial Area, Bhubaneswar, Odisha-751010
Centurion University Address: Ramchandrapur Jatni, Khordha, Odisha-752050



## ଜିଲା ଚିଠି
## ନୂଆପଡ଼ା

# ମିଲର୍ସ ରାଜ୍

**ଚା**ଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ସବୁବେଳେ ତତ୍ପର ବୋଲି ପ୍ରଚାର କରାଯାଉଛି। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଚାଷୀଙ୍କ ବ୍ୟାଙ୍କ ଖାତାକୁ କିପରି ସିଧାସଳଖ ସହାୟତା ଓ ଅନ୍ୟାନ୍ୟ ଦେୟ ଯିବ ସେଥିପାଇଁ ପ୍ରୟାସ କରାଯାଇଛି। ତଥାପି ଚାଷୀ କାହିଁକି ସୁଫଳ ପାଇପାରୁନାହିଁ ତାକୁ ପର୍ଯ୍ୟାଲୋଚନା କରିବାର ବେଳ ଆସିଛି। ଏଠାରେ ନୂଆପଡ଼ା ଜିଲାରେ ଚାଲିଥିବା ଧାନ କିଣାକୁ ଉଦାହରଣ ଭାବେ ନିଆଯାଇପାରେ। ଚାଷୀଙ୍କ ସୁବିଧା ପାଇଁ ଏଫ୍‌ଏକ୍ୟୁ/ନନ୍‌ଏଫ୍‌ଏକ୍ୟୁ ମାନର ଧାନ ଦର ସରକାର ଘୋଷଣା କରିଛନ୍ତି। ଏଥିରେ ସ୍ୱଚ୍ଛତା ଆଣିବାକୁ ସିଧା ରାଜଧାନୀରୁ ଟୋକନ ଇସ୍ୟୁ କରାଯାଉଛି। ତଥାପି ଚାଷୀଙ୍କୁ ଶୋଷଣ କରିବାକୁ ଅନ୍ୟ ରାସ୍ତା ଫିଟାଇଛନ୍ତି ତଥାକଥିତ ଅଧିକାରୀମାନେ। ନିୟମ ଅଛି ମଣ୍ଡିରେ ଧାନକିଣା ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି କରିବ। ପ୍ୟାକ୍ସ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣି ମିଲର୍ସଙ୍କୁ ହସ୍ତାନ୍ତର କରିବ। ଜିଲାରେ ୨୬ଟି ପ୍ୟାକ୍ସରେ ୫୬ଟି ମଣ୍ଡି ଏବଂ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମିଶି ୬୯ଜାଗାରେ ଧାନ କିଣୁଛନ୍ତି। ହେଲେ ସବୁ ବ୍ୟବସ୍ଥା ସତେଯେମିତି ମିଲର୍ସଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ଚାଲିଛି। ମିଲର୍ସଙ୍କ ଲୋକେ ମଣ୍ଡିକୁ ଆସି ଧାନକୁ ଧରି ବିଭିନ୍ନ ବାହାନା କରୁଛନ୍ତି। ସମସ୍ତଙ୍କ ସାମ୍ନାରେ ଚାଷୀଙ୍କୁ ନାଲି ଆଖି ଦେଖାଇ କଟନି କଥା ଫାଇନାଲ କରୁଛନ୍ତି। ଚାଷୀ ଧାନ ବିକିବାକୁ ଆଣିଥିବାରୁ ସବୁକୁ ମଥାପାତି ସହୁଛି। ଧାନକିଣା ସଂସ୍ଥା କେବଳ ଏହି ଜୁଲମକୁ ଜଳକା ପରି ଦେଖି ଚୁପ୍ ରହୁଛି। ଧାନକିଣାରେ ନିୟୋଜିତ କର୍ମଚାରୀମାନଙ୍କୁ ପଚାରିଲେ କ'ଣ କରିବୁ ଏହା ବଡବଡିଆ ଅଧିକାରୀଙ୍କ ନୀତି ବୋଲି କାନରେ ଚୁପକିନା କହୁଛନ୍ତି। ଚାଷୀମାନେ ଯୋଗାଣ ବିଭାଗ, ସମବାୟ ସମିତି କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସି ନିରାଶ ହେଉଛନ୍ତି। ମିଲର୍ସଙ୍କ ଟ୍ରକ କି ମୁନସୀ ଆସୁନାହାନ୍ତି। ଚାଷୀମାନେ ଖୋଲା ଆକାଶ ତଳେ ନିଜ ଧାନକୁ ରାତି ଦିନ ଜଗି ରହୁଛନ୍ତି। ଶେଷରେ ହତାଶ ହୋଇ ଚାଷୀ ନିଜ ଧାନକୁ ଶାଗମାଛ ଦରରେ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏହାର ପ୍ରତିବାଦ କଲେ ଦିନେ ଦୁଇଦିନ ଠିକ୍ ଚାଲୁଛି। ପରେ ଯଥା ପୂର୍ବଂ ତଥା ପର। ମଣ୍ଡିରେ ଧାନକିଣା ସଂସ୍ଥା କେବଳ କ୍ୱାଲିଟି ଯାଞ୍ଚ କରିବାକୁ ମେଶିନ ଧରି ବସିଛନ୍ତି। କୁଇଣ୍ଟାଲ ପିଛା ୪ରୁ୫ କେଜି କଟନି ହେଲେ ସବୁ ଧାନ ପାସ ହୋଇଯାଉଛି। ଏପରି ପରିସ୍ଥିତିରେ ବି ସମବାୟ ବିଭାଗ ଓ ଯୋଗାଣ ବିଭାଗର କେତେଜଣ ଅଧିକାରୀ ଚୌକି ଛାଡୁନାହାନ୍ତି। ସେମାନଙ୍କୁ ପଚାରିଲେ ଆମେ ଧାନ କିଣୁ ନାହୁଁ ବୋଲି ସ୍ପଷ୍ଟ ଭାବେ ଉତ୍ତର ଦେଉଛନ୍ତି। ଏଭଳି ବ୍ୟବସ୍ଥା ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ସୂଚନା ଦେଉଛି।

– ଘନଶ୍ୟାମ ଭୋଇ

## ■ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଘଟଣା

# ଜେଲରୁ ମୁକୁଳିଲେ ପ୍ରମୋଦ

**କେନ୍ଦ୍ରାପଡା ଅଫିସ, ୧୨।୧୨**

କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟିର ପୂର୍ବତନ ସଭାପତି ପ୍ରମୋଦ ସାହୁଙ୍କୁ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଗୁରୁବାର ଜାମିନ ମିଳିଛି। ଜାମିନ ବଳରେ ବାରିମୂଳସ୍ଥ ଉପକାରାଗାରରୁ ସେ ସନ୍ଧ୍ୟାରେ ମୁକୁଳିଛନ୍ତି। ପ୍ରମୋଦଙ୍କ ବିରୋଧରେ ସୋସାଇଟିର ଜଣେ ମହିଳା କର୍ମଚାରୀ ଅସଦାଚରଣ କରିଥିବାର ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଟାଉନ ପୋଲିସ ନଭେମ୍ବର ୪ ତାରିଖରେ ତାଙ୍କୁ ଗିରଫ କରିଥିଲା। ପରେ ଜାମିନ ପାଇଁ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଓ ଜିଲା ଦୌରାଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ। ଏହି ଜାମିନ ଆବେଦନ ଉଭୟ କୋର୍ଟରେ ନାମଞ୍ଜୁର ପରେ ସେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ବୁଧବାର ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ଜାମିନ ଆବେଦନକୁ ମଞ୍ଜୁର କରିବା ସହିତ ନିମ୍ନ ଅଦାଲତକୁ ପଠାଇଥିଲେ। ପୂର୍ବାହ୍ନରେ ଆଇନଜୀବୀ ଦେବକିଶୋର କର କେନ୍ଦ୍ରାପଡା ଏସଡିଜେଏମ ଦିଗବିଜୟ ଦାଶଙ୍କ କୋର୍ଟରେ ପ୍ରମୋଦ ଜେଲରୁ ମୁକୁଳିବା ପାଇଁ ଆବେଦନ କରିଥିଲେ। ଏ ନେଇ ଏସଡିଜେଏମ ଦାଶ ଶୁଣାଣି କରି ତାଙ୍କୁ ଜାମିନ ମଞ୍ଜୁର କରିଛନ୍ତି।

## ■ ଏରସମା ଫାଶୀ ଦଣ୍ଡାଦେଶ ମାମଲା

# ଜାନୁୟାରୀ ୯ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୨।୧୨**

୨୦୧୮ ମାର୍ଚ୍ଚ ୨୦ରେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ କାଳିଆ ମାନ୍ନାଙ୍କୁ ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟ ଗତ ସେପ୍ଟେମ୍ବର ୧୦ରେ ଫାଶୀ ଦଣ୍ଡାଦେଶ ଦେଇଥିଲେ। ତଳ କୋର୍ଟର ଫାଶୀ ଦଣ୍ଡାଦେଶର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଉକ୍ତ ମାମଲାର ପୂର୍ବ ଶୁଣାଣିରେ ହାଇକୋର୍ଟ ସରକାରଙ୍କୁ ରିପୋର୍ଟ ତଲବ କରିଥିଲେ। ଏହି ଅନୁଯାୟୀ ସରକାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛନ୍ତି। ଏହି ରିପୋର୍ଟ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଜାନୁୟାରୀ ୯ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଓ ବିଚାରପତି ଜଷ୍ଟିସ ବିଭୂ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ସୂଚନାଥାଉ କି, ନାବାଳିକା ଜଣକ ନିଜ ଘର ପାଖରେ ଖେଳୁଥିବାବେଳେ କାଳିଆ ତାଙ୍କୁ ଚକୋଲେଟ ଲୋଭ ଦେଖାଇ ନିକଟରେ ଥିବା କାଜୁ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ପରେ କାଳେ ସେ କାହା ଆଗରେ କହିଦେବେ ଭାବି ତଣ୍ଟିଚିପି ହତ୍ୟା କରିଥିଲେ। ପରେ କାଳିଆ ନାବାଳିକାଙ୍କ ମୃତଦେହକୁ ଲୁଚାଇ ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଘଟଣାର ପରଦିନ କାଳିଆଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାରେ ୨୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପୋକ୍‌ସୋ କୋର୍ଟ କାଳିଆଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ।



## ସଂକ୍ଷେପରେ

### ଆଜିଠୁ ବାଲିକୁଦାରେ ରାଜ୍ୟସ୍ତରୀୟ ବାସ୍କେଟ ବଲ୍ ପ୍ରତିଯୋଗିତା

**ବାଲିକୁଦା,୧୨।୧୨(ସ୍ୱ.ପ୍ର.):** ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାରରୁ ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରତିଯୋଗିତା ୩ ଦିନ ଧରି ଚାଲିବାକୁ ଥିବା ବେଳେ ଦେଖିବାକୁ ଆସୁଥିବା ଦର୍ଶକମାନଙ୍କ ପାଇଁ ପ୍ୟାଭିଲିୟନର ବ୍ୟବସ୍ଥା ହୋଇଛି । ଖେଳାଳିମାନଙ୍କ ସୁବିଧା ପାଇଁ ପାନୀୟ ଜଳ ଓ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ଏଥିସହ ଖେଳାଳିମାନଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଇଛି । ଏନେଇ ଗୁରୁବାର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ବିପ୍ଳବ ଚୌଧୁରୀ ଏଥିରେ ଯୋଗଦେଇ କ୍ରୀଡ଼ାର ସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସମ୍ପାଦକ ଶାରଦା ପ୍ରସାଦ ଦାସ, ପ୍ରିୟନାଥ ରାୟ, ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ମହାଶକ୍ତି ଚାରି ଟେବୁଲ ଟ୍ରଷ୍ଟ ସଭାପତି ପିଣ୍ଟୁ ମୁଦୁଲି, ପୂର୍ବତନ ଛାତ୍ର ମାନସ ସାହୁ, ତାପସ ସାହୁ, ରାହିଲ ଖାଁ, ବିଶ୍ୱଜିତ ସାହୁ ଓ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ପାରାଦୀପ, ୧୨।୧୨(ସ୍ୱ.ପ୍ର.)-** ପାରାଦୀପ ବନ୍ଦର ଓ ଡିସିଆଇ (ଡ୍ରେଜିଂ କର୍ପୋରେଶନ୍ ଅଫ ଇଣ୍ଡିଆ) ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବ୍ୟାଗ୍ ବଣ୍ଟନ କରାଯାଇଛି। ସ୍ଥାନୀୟ ମଧୁବନସ୍ଥିତ ସରକାରୀ ଏନ୍ଏସି ହାଇସ୍କୁଲର ୬୩୦ ଛାତ୍ରୀଛାତ୍ରଙ୍କୁ ଏହା ବଣ୍ଟନ କରାଯାଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ତଥା ଡିସିଆଇର ସିଏମ୍‌ଡି ରିଙ୍କେଶ ରାୟ, ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ପ୍ରୋଜେକ୍ଟ ମ୍ୟାନେଜର କେ.ଶ୍ରୀନିବାସ ରାଓ ଏହି ଅବସରରେ ଉପସ୍ଥିତ ଥିଲେ। ଡିସିଆଇର ସିଏସ୍ଆର ଅର୍ଥରେ ଏହା ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ସ୍କୁଲଗୁଡ଼ିକରେ ଏହିଭଳି ପାଠ୍ୟ ଉପକରଣ ବ୍ୟାଗ ବଣ୍ଟନ କରାଯିବ ବୋଲି କୁହାଯାଇଛି।

### ସାମାଜିକକର୍ମୀଙ୍କ ପରଲୋକ

**ଜଗତ୍‌ସିଂହପୁର ଅଫିସ, ୧୨।୧୨:** ସ୍ଥାନୀୟ ଅଞ୍ଚଳର ଜଣାଶୁଣା ସାମାଜିକକର୍ମୀ ତଥା ନିପୁର-ଅଳସୁଧା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । କିଛି ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଦେଇ ଗତି କରୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। କଳା ପ୍ରତି ସ୍ୱର୍ଗତ ସ୍ୱାଇଁଙ୍କ ବେଶ୍ ରୁଚି ଥିଲା । ସେ ରାଜେଶ୍ୱରୀ ଗଣନାଟ୍ୟ ଗଠନ କରି ଯାତ୍ରା ଜଗତରେ ବେଶ୍ ସୁଖ୍ୟାତି ଅର୍ଜନ କରି ପାରିଥିଲେ । ମାତୃ ସ୍ମୃତି ଉଦ୍ଦେଶ୍ୟରେ ଅଳସୁଧା ପଞ୍ଚାୟତରେ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ପିତେଇପୁର, ଅଳସୁଧା ଅଞ୍ଚଳରେ ବହୁ ଜନ କଲ୍ୟାଣକାରୀ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ ।

### ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ

**ତିର୍ତ୍ତୋଲ, ୧୨।୧୨ (ଡି.ଏନ୍.ଏ.):** ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ତିର୍ତ୍ତୋଲ ଗ୍ରାମର ବ୍ୟବସାୟୀ ଜପକିଶୋର ଜେନା(୭୮)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ବଜାର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ନେହେରୁ ବଜାରରେ ଦୀର୍ଘବର୍ଷ ହେବ ବ୍ୟବସାୟ କରିଥିଲେ। ବୟସ ଅଧିକ ହେବାପରେ କାମରୁ ବିରତ ରହିଥିଲେ। ତାଙ୍କ ବିୟୋଗରେ ନେହେରୁ ବଜାର କମିଟି ସଭାପତି ନରହରି ମିଶ୍ର, ବଟ ଦାଶ, ପ୍ରଫୁଲ୍ଲ ସାହୁ, ରାମକୃଷ୍ଣ ପରିଜା, ନିତ୍ୟାନନ୍ଦ ଜେନା, ଅକ୍ଷୟ ଦାସ, ପରମାନନ୍ଦ ମିଶ୍ର ଓ ଗୋଲୋକ ବିହାରୀ ପଲାଇ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଭୂମିହୀନଙ୍କୁ ଜମି ପଟ୍ଟା ମିଳୁନି

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ୧୦ ପରିବାର

**ବାଲିଆ, ୧୨।୧୨ (ଡି.ଏନ୍.ଏ.)**



ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ୧୦ ଭୂମିହୀନ ପରିବାର।

ବିରିଡି ବ୍ଲକ ଅଧୀନ ବାଲିଆ ଗୋପୀନାଥପୁର ପଞ୍ଚାୟତ ଅଧୀନ ତଳପାଟକର ନାହକପଦାର ନିକଟସ୍ଥ ଏକ ଜଙ୍ଗଲରେ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିବା କେଳା ସମ୍ପ୍ରଦାୟର ୧୦ରୁ ଅଧିକ ଭୂମିହୀନ ପରିବାରକୁ ଜମି ପଟ୍ଟା ମିଳିନି। ଏ ନେଇ ଉକ୍ତ ୧୦ ପରିବାର ସଦସ୍ୟ ଗୁରୁବାର ବିରିଡି ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଭୂମିହୀନ ହୋଇଥିଲେ ବି ଏ ପର୍ଯ୍ୟନ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ନ ଥିବା ବେଳେ ସରକାରୀ ଜାଗା ଯୋଗାଇ ଦିଆଯାଇନାହିଁ। ଏ ନେଇ ବାରମ୍ବାର ଦାବି କଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ପରିବାର ସଦସ୍ୟଙ୍କ ନାମ ଭୋଟର ତାଲିକାରେ ରହିଥିବା ବେଳେ ସେହି ଠିକଣାରେ ଆଧାର କାର୍ଡ ମଧ୍ୟ ପାଇଛନ୍ତି। ଏଥିସହ ସମସ୍ତ ପରିବାରକୁ ରାଶନ ସାମଗ୍ରୀ ମଧ୍ୟ ମିଳୁଛି। ହେଲେ ଜମି ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ପକ୍କା ଘର ପାଇବାରେ ଅସୁବିଧା ହେଉଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଏଥିସହ ପିଲାଙ୍କ ପାଠପଢ଼ା ନିମନ୍ତେ ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ତେଣୁ ସେମାନଙ୍କୁ ସରକାରୀ ପଟ୍ଟା ଯୋଗାଇ ଦେବାକୁ ଗ୍ରାମର ପହଲି ଶିକାରୀ, ଟିଂକି ଶିକାରୀ, ତପୁ ଶିକାରୀ, ଆରତି ଶିକାରୀ ଓ ଅନ୍ୟମାନେ ତହସିଲଦାରଙ୍କୁ ଭେଟି ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖଣ୍ଡ କ୍ଷୀରୀସା<br>କିଏ ପାଉନାହିଁ ପଣସ ଖୋସା ।**

ଭୋଗ ବିଳାସରେ ବୁଡ଼ିରହୁଥିବା ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଉହଳବିକଳ ହେବା ପରିତାପର ବିଷୟ। ମଣିଷ କାଳ ଓ ଭାଗ୍ୟର ଅଧୀନ। କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି,<br>ଶତ୍ରୁକୁ ଦିଏ ଘଉଡ଼ି ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆଁରେ ଅର୍ଥ ହିଁ ସବୁ କିଛି। ଅର୍ଥ ବଳରେ ମଣିଷ ସବୁକିଛି ଅନାୟାସରେ ହାସଲ କରିପାରେ। ପାଖରେ ଅର୍ଥ ଥିଲେ ଶତ୍ରୁ ବି ଆପଣାର ହୋଇଯାଏ। ଅର୍ଥ ଦ୍ୱାରା ଶତ୍ରୁ ମଧ୍ୟ ବଶୀଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବାଲିକୁଦା, ୧୨।୧୨(ସ୍ୱ.ପ୍ର)**

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ଅନ୍ତର୍ଗତ ରଣପୁରସ୍ଥିତ ମା’ ଜାଗ୍ରତଗୌରୀଙ୍କ ପବିତ୍ର ପୀଠରେ ଷଡବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ୫ ଦିନ ଧରି ଆୟୋଜିତ ଏହି ଉତ୍ସବରେ କର୍ତ୍ତାଭାବେ ନରୋତ୍ତମ ଶତପଥୀ ଓ କର୍ତ୍ତୀଭାବେ ତାଙ୍କ ସହଧର୍ମିଣୀ ନିରୋଦ ନନ୍ଦିନୀ ଶତପଥୀ ଯୋଗଦେଇଥିଲେ। ପଣ୍ଡିତ ନେତ୍ରାନନ୍ଦ ଷଡ଼ଙ୍ଗୀ, ପ୍ରଫୁଲ୍ଲ ମିଶ୍ର, ହୃଦାନନ୍ଦ ପଣ୍ଡା, କ୍ଷୀରୋଦ ନନ୍ଦ, ଶରତ ଦାଶ, ବିଷ୍ଣୁ ଚରଣ ଶତପଥୀ ଓ ପ୍ରମୋଦ ଶତପଥୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଏହି ଅବସରରେ ଯଜ୍ଞ ସ୍ଥଳରେ ସୂର୍ଯ୍ୟପୂଜା, ଦେବାର୍ଚ୍ଚନା, ଭଗବତ ଗୀତାର ଆହୁତି ପରେ ଗୁରୁବାର ସଂଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପଣ୍ଡିତ ହୃଷୀକେଶ ସାହୁ, ପ୍ରାଣକୃଷ୍ଣ ସାହୁ, ଶରତ ଚନ୍ଦ୍ର ବାରିକ, କୈଳାସ ପରିଡା, ଧ୍ରୁବ ଚରଣ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ଦୁର୍ଗାଚରଣ ଷଡ଼ଙ୍ଗୀ ପ୍ରମୁଖ ଏହି ସମାରୋହକୁ ପରିଚାଳନା କରିଥିଲେ ।

## କ୍ଷୀରୋଦ ରାଉତ ଥିଲେ ଅନନ୍ୟ ପ୍ରତିଭାର ଅଧିକାରୀ



କ୍ଷୀରୋଦ ଚନ୍ଦ୍ର ରାଉତଙ୍କ ସ୍ମୃତିଚାରଣ ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ତିର୍ତ୍ତୋଲ,୧୨।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରସ୍ଥିତ ଶାରଦା ଏକାଡେମୀର ଅବସରପ୍ରାପ୍ତ କୃତୀ ଶିକ୍ଷକ ତଥା ସାହିତ୍ୟିକ କ୍ଷୀରୋଦ ଚନ୍ଦ୍ର ରାଉତଙ୍କ ସ୍ମୃତିଚାରଣ ସଭା ଗୁରୁବାର ମହମ୍ମଦପୁର(ବଗାହୁରା) ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଝଙ୍କଡ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଟକ ଉପଜିଲାପାଳ ଶ୍ରୀକାନ୍ତ କୁମାର ତରାଇ, ସମ୍ମାନିତ ଅତିଥିଭାବେ ଦିଲ୍ଲୀ ଦୂରଦର୍ଶନ ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ହାଇଟେକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଚିତ୍ତରଞ୍ଜନ ସାହୁ ଓ ଅବସରପ୍ରାପ୍ତ ଗୃହ ବିଭାଗ ଯୁଗ୍ମ ସଚିବ ଭାବଗ୍ରାହୀ ଦାସ ପ୍ରମୁଖ ଯୋଗଦେଇଥିଲେ। କ୍ଷୀରୋଦ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ଅତିଥିମାନଙ୍କ ଦ୍ୱାରା ‘କ୍ଷେତ୍ରଜ୍ଞ କ୍ଷୀରୋଦ’ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଡ. ଅବିନାଶ ରାଉତ, ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଡ.ପୀତାମ୍ବର ରାଉତ, ଶାରଦା ପ୍ରସନ୍ନ ରାଉତ, ଗୌରାଙ୍ଗ ମଲ୍ଲ, କବିତା ରାଉତ ଓ ସ୍ମୃତିଧର ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏରସମାର ପ୍ରଥମ ବିଧାୟକଙ୍କ ସ୍ମୃତିସଭା

**ଏରସମା,୧୨।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ ପଏଦା ପଞ୍ଚାୟତ ଅନ୍ତର୍ଗତ ହାଜିପୁର ଗ୍ରାମର ଗୌରୀଶ୍ୟାମ ନାୟକଙ୍କ ଦ୍ୱାଦଶତମ ଶ୍ରାଦ୍ଧ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ଆୟୋଜିତ ଏହି ସଭାରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଆବାହକ ପ୍ରସନ୍ନ କୁମାର କୁଅଁର ସଭାପତିତ୍ୱ କରିଥିଲେ। ଗୌରୀଶ୍ୟାମ ଏରସମାର ପ୍ରଥମ ବିଧାୟକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ବ୍ରିଟିଶ ଶାସନ ସମୟରେ ଗୋରା ଫଉଜ ଖାତର ନ କରି ଏରସମାର ତତ୍କାଳୀନ ବ୍ରିଟିଶ ଥାନା ପୋଡି ଇତିହାସ ରଚିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ନିଶା ନିବାରଣ ସଂଘର ଏରସମା ବ୍ଲକ ସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ନିତ୍ୟାନନ୍ଦ ଦାସ, ସରୋଜ କୁମାର ବେହେରା, ଏରସମା ଶହୀଦଘର କମିଟିର ସମ୍ପାଦକ ଅମୂଲ୍ୟ କୁମାର ବିଶ୍ୱାଳ, ରଞ୍ଜନ କୁମାର ଜେନା ଓ ସନ୍ଧ୍ୟାରାଣୀ କୁଅଁର ପ୍ରମୁଖ ଯୋଗଦେଇ ପୂର୍ବତନ ବିଧାୟକ ନାୟକଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ ।

## ରାମାୟଣ ପାଠ ଉଦ୍‌ଯାପିତ



**ବିରିଡି/ବାଲିଆ, ୧୨।୧୨ (ଡି.ଏନ୍.ଏ)**

ବିରିଡ଼ି ବ୍ଲକ ଉତ୍ତରଶାସନ ପଞ୍ଚାୟତସ୍ଥିତ ହନୁମାନଙ୍କ ପୀଠରେ ଓଢ଼ଣ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ବାଲ୍ମିକୀ କୃତ ରାମାୟଣ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଦର୍ଶ ପରିବାର ଗଠନରେ ରାମାୟଣର ବିଷୟବସ୍ତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାମାୟଣ ପାଠ ଦ୍ୱାରା ମାନବ ଜୀବନ ଓ ସାମାଜିକ ଶୃଙ୍ଖଳା ସୃଷ୍ଟି ହୋଇପାରିବ ବୋଲି ପାରାୟଣ ମହୋତ୍ସବରେ ପଣ୍ଡିତ ସୁବୋଧ କୁମାର ବ୍ରହ୍ମା, ଉତ୍ତମ କୁମାର ଦାଶ, ଗୁରୁ ପ୍ରସାଦ ରଥ, ପ୍ରମୋଦ କୁମାର କର, ପୀତାମ୍ବର ମହାପାତ୍ର, ପ୍ରମୋଦ କୁମାର ଶତପଥୀ, ଅକ୍ଷୟ କୁମାର ବ୍ରହ୍ମା, ସତ୍ୟବ୍ରତ ରଥ, ସନ୍ତୋଷ କୁମାର ଦାଶ, ସୀତାଂଶୁ ରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ଉପଦେଶ ଦେଇଥିଲେ। ଧନଞ୍ଜୟ ବ୍ରହ୍ମା, ଉମାକାନ୍ତ ବେହେରା, କୃଷ୍ଣ ଚନ୍ଦ୍ର ବାରିକ, ଉମାକାନ୍ତ ରଥ, ଚନ୍ଦ୍ରମଣୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଫିଁପଡି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

## ସଂକ୍ଷେପରେ

### ଯୁବତୀଙ୍କୁ ଅଶ୍ଳୀଳ ମେସେଜ ପଠାଇ ଜେଲ ଗଲେ ଯୁବକ

**କୋରେଇ,୧୨।୧୨(ସ୍ୱ.ପ୍ର):** ଜଣେ ଯୁବତୀଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ମେସେଜ ପଠାଇ ଶେଷରେ ଜଣେ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି। ଗିରଫ ଯୁବକ ବିଞ୍ଝାରପୁର ଥାନା ଅଙ୍ଗାଳ ଗ୍ରାମର ଜିତେନ୍ଦ୍ର ପ୍ରସାଦ ରାଉତ। ସେ କୋରେଇ ଥାନା ପରମାନନ୍ଦପୁର ଗ୍ରାମର ଜଣେ ଯୁବତୀଙ୍କୁ ବାରମ୍ବାର ଅଶ୍ଳୀଳ ମେସେଜ ପଠାଇବା ସହ ହତ୍ୟା ଧମକ ଦେଉଥିଲେ। ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୯୫/୧୯) ରୁଜୁ କରି ତଦନ୍ତ ଜାରି ରହିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ବୁଧବାର ଗିରଫ କରିବାକୁ ସକ୍ଷମ ହୋଇଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମାହାଙ୍ଗା, ସାଲେପୁର ବିଦ୍ୟୁତ୍ ସେବା ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ):** ମାହାଙ୍ଗା ଏବଂ ସାଲେପୁର ନିର୍ବାଚନମଣ୍ଡଳୀରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ଜେନାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି ଯେ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ଦେଖା ଯାଉଥିବା ବୈଷୟିକ ତ୍ରୁଟିକୁ ସୁଧାର ଆଣିବା ଦିଗରେ ଯୋଜନା କରାଯିବା ଦରକାର। ଏଥିଲାଗି ଅନୁଦାନ ବାଧକ ହେବନାହିଁ। ସାଲେପୁର-ଟାଙ୍ଗୀ ଏବଂ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଫନୀ ପରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଂଯୋଗ ଦେବା ପାଇଁ ଅସ୍ଥାୟୀଭାବେ ବିଦ୍ୟୁତ ବ୍ୟବସ୍ଥା କରାଯାଇଥିଲା। ସେହିସବୁ ଅଞ୍ଚଳରେ ୭ଦିନ ମଧ୍ୟରେ ସର୍ଭେକରି ସେଗୁଡିକର ସ୍ଥାୟୀ ବ୍ୟବସ୍ଥା କରିବା ସକାଶେ ଏସ୍ଇ, କଟକ ଏବଂ ସେସୁ ମୁଖ୍ୟ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ପାଇଁ ସମସ୍ତ ସେକ୍ସନ୍ ଅଧିକାରୀଙ୍କୁ ମନ୍ତ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଅସୁରେଶ୍ୱର ଏବଂ ଜାପଗୁଡ଼ାର ୩୩/୧୧ କେଭି ପ୍ରାଇମେରୀ ସବ୍‌ଷ୍ଟେଶନ୍ ଓଡିଏସ୍ଏସପି ଦ୍ୱାରା ଆସନ୍ତା ଜାନୁଆରୀ ୧୦ରେ କାର୍ଯ୍ୟକ୍ଷମ ହେବ। ମଙ୍ଗୁଳି, ବିଶିନାହାକାଣି, ନାଗଶପୁର ଅଞ୍ଚଳରେ ୩୩/୧୧ କେଭି ପ୍ରାଇମେରୀ ସବ୍‌ଷ୍ଟେଶନ୍ ସ୍ଥାପନ ସକାଶେ ବୈଠକରେ ଆଲୋଚନା ହୋଇଛି। ମାହାଙ୍ଗା ଅଞ୍ଚଳରେ ୩୨/୩୩ କେଭି ଗ୍ରୀଡ୍ କିମ୍ବା ୨୨୦/୩୩ କେଭି ଗ୍ରୀଡ୍ ସ୍ଥାପନ ସକାଶେ ଓପିଟିସିଏଲ୍‌କୁ ସର୍ଭେ କାର୍ଯ୍ୟ କରିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଥିଲା। ସୌଭାଗ୍ୟ ଯୋଜନାରେ ପ୍ରସ୍ତୁତ ହୋଇଥିବା ତାଲିକା ଯାଞ୍ଚ କରାଯାଇ ଯେଉଁ ପରିବାରର ନାମ ନାହିଁ ସେଗୁଡ଼ିକୁ ସଂଶୋଧନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଛି।

# ନାବାଳିକା ଝିଅଙ୍କୁ ବାପାଙ୍କ ବଳାତ୍କାର ଉଦ୍ୟମ

**ସୁକିନ୍ଦା,୧୨।୧୨(ଡି.ଏନ.ଏ.)**

- ଘଟଣା ସ୍ଥଳରେ ପୋଲିସ, ସିଡିପିଓ, ସିଡବ୍ଲ୍ୟୁସି ଟିମ୍
- ଅଭିଯୁକ୍ତଙ୍କୁ ଧରିବାକୁ ଛାନଭିନ ଜାରି ରଖିଛି ପୋଲିସ
- ରାତିସାରା ଲୁଚି ରହିଲେ ଦୁଇ ନାବାଳିକା ଝିଅ
- ଥାନାରେ ମାମଲା ରୁଜୁ, ଅଭିଯୁକ୍ତ ବାପାଙ୍କୁ ଧରିବାକୁ ପୋଲିସର ତନାଘନା

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ବର୍ତ୍ତଣ୍ଡା ଗ୍ରାମର ଜଣେ ନିଶାସକ୍ତ ବାପା ବୁଧବାର ରାତିରେ ନିଜ ଦୁଇ ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାକୁ ନେଇ ଗୁରୁବାର ସୁକିନ୍ଦା ଥାନା ପୋଲିସ ତଦନ୍ତ ଚଳାଇଛି। ଏନେଇ ସୁକିନ୍ଦା ସିଡିପିଓଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ସୁକିନ୍ଦା ପୋଲିସ ଆଇପିସି ଦଫା ୩୭୬ ଓ ପୋକ୍‌ସୋ ଆଇନରେ ଏକ ମାମଲା(ନଂ.୩୦୨/୨୦୧୯) ରୁଜୁ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ବାପାଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଅଭିଯୋଗ ଅନୁସାରେ ନିଶାସକ୍ତ ବାପା ବୁଧବାର ରାତିରେ ନିଜ ଜନ୍ମିତ ୭ବର୍ଷ ଓ ଅନ୍ୟ ଜଣେ ୯ବର୍ଷର ନାବାଳିକା ଝିଅଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। କୌଣସିମତେ ନାବାଳିକା ଝିଅଦ୍ୱୟ ପିତାଙ୍କ କବଳରୁ ଖସିଯାଇ ଏକ ପରିତ୍ୟକ୍ତ ଘରେ ଲୁଚି ରହିଯାଇଥିଲେ। ଗୁରୁବାର ପୂର୍ବାହ୍ନ ୯ଟାରେ ଗ୍ରାମବାସୀ ଦୁଇ ନାବାଳିକା ଝିଅଙ୍କୁ ଲୁଚିଥିବା ସମ୍ପର୍କରେ ବର୍ତ୍ତଣ୍ଡା ଗ୍ରାମରେ ଥିବା ୨ନମ୍ବର ଅଙ୍ଗନୱାଡି କର୍ମୀ ସସ୍ମିତା ସାହୁଙ୍କୁ ଖବର ଦେଇଥିଲେ। ଅଙ୍ଗନୱାଡି କର୍ମୀ ଜଣଙ୍କ ନାବାଳିକା ଝିଅ ଦୁଇଙ୍କୁ ଉଦ୍ଧାର କରି ପ୍ରଥମେ ଅଙ୍ଗନାଡି କେନ୍ଦ୍ରକୁ ନେଇ ପଚରାଉଚୁରା କରିଥିଲେ। ଏହାପରେ ଶିଶୁ ସହାୟତା କେନ୍ଦ୍ର ୧୦୯୮ କୁ ଯୋଗାଯୋଗ କରିବା ପରେ ଶିଶୁ ସହାୟତା କେନ୍ଦ୍ର ତରଫରୁ ଯାଜପୁର ଡିସିପିଓ ନିରଞ୍ଜନ କର ଏହି ଘଟଣା ଉପରେ ହସ୍ତକ୍ଷେପ କରିଥିଲେ। ଘଟଣାସ୍ଥଳରେ ସିଡିପିଓ ସଞ୍ଜୁକ୍ତା କାନୁନ୍‌ଗୋ, ଡିସିପିଓ ନିରଞ୍ଜନ କର, ସିଡବ୍ଲ୍ୟୁସି ସଭ୍ୟ ହୃଷୀକେଶ ପଣ୍ଡା, ପଦ୍ମଚରଣ ସାମନ୍ତରାୟ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶିଶୁ ଅଧିକାର ସୁରକ୍ଷା ମଞ୍ଚ ସୁକିନ୍ଦାର ସଂଯୋଜକ ଜଗବନ୍ଧୁ ବେଜ୍, ସରୋଜ କୁମାର ମହାକୁଡଙ୍କ ନେତୃତ୍ୱରେ ଏକ ଦଳ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ନାବାଳିକାଦ୍ୱୟଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷେ ସୁକିନ୍ଦା ଥାନାର ଥାନାଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ଥାନାର ଏସ୍ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସଦଳବଳେ ଘଟଣାର ଛାନଭିନ କରିଥିଲେ। ସୁକିନ୍ଦା ସିଡିପିଓ କାନୁନଗୋ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୀଡିତା ଦୁଇ ନାବାଳିକାଙ୍କୁ ଯାଜପୁରର ଏକ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଜିମା ଦେଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତକୁ ଧରିବାକୁ ସୁକିନ୍ଦା ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ବଳାତ୍କାର ଉଦ୍ୟମ କରିଥିବା ବ୍ୟକ୍ତି ଜଣଙ୍କ ଦୁଇଥର ବିବାହ କରିଛନ୍ତି। ଦ୍ୱିତୀୟ ସ୍ତ୍ରୀଙ୍କ ଜଣେ ପୁତ୍ର ସନ୍ତାନ ଥିବାବେଳେ ପ୍ରଥମ ସ୍ତ୍ରୀ ଏହି ଦୁଇ ନାବାଳିକାଙ୍କୁ ଜନ୍ମ ଦେଇଥିଲେ। ଘଟଣାଦିନ ଘରେ ନାବାଳିକା ଝିଅଙ୍କ ମା' ନ ଥିଲେ। ପୂର୍ବରୁ ଅଭିଯୁକ୍ତ ବାପା ଏକ ବଳାତ୍କାର ମାମଲାରେ ଜେଲ ଯାଇ ଫେରିଥିବା ଜଣାପଡିଛି।


ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ତୀର୍ଥଯାତ୍ରାରେ ଗଲେ ୧୭୮ ବରିଷ୍ଠ ନାଗରିକ


ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ଯାଜପୁର ଅଫିସ,୧୨।୧୨:** ଯାଜପୁର ଜିଲାର ୧୭୮ ଜଣ ବରିଷ୍ଠ ନାଗରିକ ଗୁରୁବାର ତୀର୍ଥ ଯାତ୍ରାରେ ବାହାରିଛନ୍ତି। ଏହି ୧୭୮ ଜଣଙ୍କ ମଧ୍ୟରୁ ୫୪ଜଣ ଦମ୍ପତି ଥିବାବେଳେ ୭୦ଜଣ ଏକକ ତୀର୍ଥଯାତ୍ରୀ ଅଛନ୍ତି। ତୀର୍ଥଯାତ୍ରୀମାନେ ହରିଦ୍ୱାର ଓ ଋଷିକେଶ ପରିଭ୍ରମଣ କରି ୧୮ତାରିଖରେ ଓଡ଼ିଶା ଫେରି ଆସିବେ ବୋଲି ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି କହିଛନ୍ତି। ଗୁରୁବାର ଅପରାହ୍ନରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ ଯାଜପୁର ଜିଲାର ତୀର୍ଥଯାତ୍ରୀଙ୍କୁ ପ୍ରେରଣ କରାଯାଇଛି। ସମସ୍ତ ତୀର୍ଥଯାତ୍ରୀଙ୍କୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ଯାତ୍ରା ଅତ୍ୟନ୍ତ ଶୁଭପ୍ରଦ ଓ ଶୃଙ୍ଖଳିତ ହେଉ ବୋଲି ଶୁଭେଚ୍ଛା ଦିଆଯାଇଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ନିରୋଜ କୁମାର ସାହୁ ସୂଚନା ଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ବରିଷ୍ଠ ଲୋକମାନେ ବେଶୀ ଉପକୃତ ହେବା ସହ ବିଭିନ୍ନ ତୀର୍ଥ ସ୍ଥାନ ବୁଲି ଆନନ୍ଦ ଅନୁଭବ କରୁଛନ୍ତି ବୋଲି କହିଥିଲେ। ତୀର୍ଥ ଯାତ୍ରୀଙ୍କୁ ବାଲେଶ୍ୱରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଶୁକ୍ରବାର ଟ୍ରେନ୍‌ରେ ହରିଦ୍ୱାର ଓ ଋଷିକେଶ ଅଭିମୁଖେ ପ୍ରେରଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ୪ ଟି ଗାଡ଼ିରେ ତୀର୍ଥଯାତ୍ରୀ ମାନେ ପରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଏହି ଗାଡି ଗୁଡିକୁ ଭାରପ୍ରାପ୍ତ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୂର୍ବରୁ ଆବେଦନ କରିଥିବା ବରିଷ୍ଠ ନାଗରିକଙ୍କ ଆବେଦନ ପତ୍ର ଯାଞ୍ଚ ପରେ ଲଟେରୀ ମାଧ୍ୟମରେ ତୀର୍ଥ ଯାତ୍ରୀଙ୍କୁ ଚୟନ କରାଯାଇଥିଲା।

## କଳିଙ୍ଗନଗର ମହୋତ୍ସବର ୪ର୍ଥ ସନ୍ଧ୍ୟା

# ବିଶ୍ୱ ପରିବେଶକୁ ସୁସ୍ଥ ରଖିବାକୁ ଆହ୍ୱାନ


ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

**କଳିଙ୍ଗନଗର,୧୨।୧୨(ଡି.ଏନ.ଏ)**

କଳିଙ୍ଗନଗର ମହୋତ୍ସବର ୪ର୍ଥ ଦିବସରେ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଏକ ବୃକ୍ଷରେ ଜଳ ଦାନ କରି ବିଶ୍ୱ ପରବେଶକୁ ସୁସ୍ଥ ରଖିବା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରିଥିଲେ। କଳିଙ୍ଗନଗର ଅଞ୍ଚଳ ଆଦିବାସୀଙ୍କ ମାଟି। ଆଦିବାସୀମାନେ ଆଦିମ କାଳରୁ ବଟ ବୃକ୍ଷକୁ ପୂଜା କରୁଥିଲେ। ଆଦିବାସୀଙ୍କ ପରମ୍ପରା ବୃକ୍ଷ ରୋପଣ କରି ପରିବେଶକୁ ସୁରକ୍ଷା ଦେବା। ଏଣୁ ଆମେ ସମସ୍ତେ ବୃକ୍ଷରୋପଣ କରି ସୁସ୍ଥ ପରିବେଶ ନିର୍ମାଣ କରିବା ବୋଲି ମାରାଣ୍ଡି କହିଥିଲେ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଦିବ୍ୟାଙ୍ଗଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଥିବାରୁ ସେ ବିଧାୟକଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ମନ୍ତ୍ରୀ ଖୋର୍ଦ୍ଧା ଜିଲା ବାଦଛେଲି ପାଟଣାର ଦିବ୍ୟାଙ୍ଗ ଅନିରୁଦ୍ଧ ପରିମାଣିକ ଓ ସନ୍ତୋଷ କାମେଲାଙ୍କୁ ପୁରସ୍କୃତ କରିଥିଲେ। ମହୋତ୍ସବରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଢୋଲ ବଜାଇ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କଲେଜର ଛାତ୍ରୀଛାତ୍ରମାନେ ମଞ୍ଚ ଉପରେ ନୃତ୍ୟଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏଥି ସହ ଓଡିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ଗ୍ରୁପ ମେଲୋଡି ଗୀତ ଓ ନୃତ୍ୟ ପରିବେଷଣ କରିଥିବାବେଳେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡିଶା ଡ୍ୟାନ୍ସ ଏକାଡେମିର ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଟିଭି ସିରିଏଲର କଳାକାର ଦେବିକା ଓ ଶିବାନୀ ମନୋରଞ୍ଜନ କାର୍ଯ୍ୟକ୍ରମ କରିଥିବାବେଳେ ହାସ୍ୟ ଅଭିନେତା ପ୍ରଜ୍ଞା ଦର୍ଶକଙ୍କୁ ହସାଇଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା ଧନ୍ୟବାଦ ଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**କୋରେଇ,୧୨।୧୨ (ସ୍ୱ.ପ୍ର):** କୋରେଇ ପୋଲିସ ଏକ ମାମଲାର ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ମାମଲା ନଂ.୫୩/୧୮ରେ ପରମାନନ୍ଦପୁର ଗ୍ରାମର ସୁଶାନ୍ତ ନାୟକଙ୍କୁ ବୁଧବାର ରାତିରେ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି।


**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. NO. 757/2019

Bank of India, Attabira Branch, Dist.: Bargarh ...Applicant
-Versus-
Prabhudatta Panda and others ...Defendants

To,
**D-5. Jangyaseni Panda,** D/o: Baikunthanath Panda, At/P.O.: Burda, Dist.: Bargarh

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted as **O.A. No. 757/2019** in the Court of Debts of Recovery Tribunal, Cuttack for recovery of **Rs.14,61,173/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **18.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **07 days Dec 2019.**

Sd/- REGISTRAR, DRT, CUTTACK
(Manoj Kumar Patnaik)



"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।

ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।

ଓଡ଼ିଆ ଭାଷା ପ୍ରତିଷ୍ଠାନଦ୍ୱାରା ପ୍ରକାଶିତ ପୁସ୍ତକ

| | | |
|---|---|---|
| ୧. | ସାଧାରଣ ଓଡ଼ିଆ ବନାନ ଶୁଦ୍ଧି | : ୫୦/- |
| ୨. | କାର୍ଯ୍ୟାଳୟ ନଥି | : ୧୪୦/- |
| ୩. | ଓଡ଼ିଶା ପ୍ରଦେଶ ଗଠନର ଇତିହାସ | : ୫୦/- |
| ୪. | ପ୍ରଶାସନ ଶବ୍ଦକୋଷ | : ୨୦୦/- |
| ୫. | ଓଡ଼ିଆ ଭାଷାର ଇତିବୃତ୍ତ | : ୨୦୦/- |
| ୬. | କଥିତ ଓଡ଼ିଆ ଶବ୍ଦକୋଷ | : ୫୦୦/- |
| ୭. | ବର୍ଣ୍ଣମାଳା ଆଲୋଚନା | : ୧୦୦/- |
| ୮. | ଓଡ଼ିଆ ଭାଷା ଦୀପିକା | : ୧୨୦/- |

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in



FORM-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 408 of 2019

Branch Manager, Union Bank of India, Dhenkanal Branch ...Applicant
Versus
M/s Cell Planet & Others ...Defendant(s)

To
1) **M/s Cell Planet, Prop: Sri Santosh Kumar Mishra,** At: Tarini Nagar, P.O.: Station Bazar, Dist: Dhenkanal-759001.
2) **Sri Santosh Kumar Mishra (Proprietor),** S/o: Sri Bauribandhu Mishra, At: Tarini Nagar, P.O.: Station Bazar, Dist: Dhenkanal.
3) **Smt. Gitarani Mishra,** W/o: Sri Santosh Kumar Mishra, At: Tarini Nagar, P.O.: Station Bazar, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 408 of 2019** in the Court of the Debts of Recovery Tribunal, Cuttack for recovery of **Rs.58,62,761.56** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
REGISTRAR



FORM-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 407 of 2019

Branch Manager, Union Bank of India, Dhenkanal Branch ...Applicant
Versus
M/s Laxmi Traders & Others ...Defendant(s)

To
1) **M/s Laxmi Traders, Proprietor: Mrs. Sasmita Jena,** D/o: Sri Bidyadhar Jena, At: Korean Bye pass chowk, Near Pain & Gain Gym, Dist: Dhenkanal-759013.
2) **Mrs. Sasmita Jena (Proprietor),** At: Korean Bye pass chowk, Near Pain & Gain Gym, Dist: Dhenkanal.
3) **Pravat Sahoo (Guarantor),** S/o: Jay Kishore Sahoo, At: Korean Bye pass chowk, Near Pain & Gain Gym, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 407 of 2019** in the Court of the Debts of Recovery Tribunal, Cuttack for recovery of **Rs.57,84,881.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
REGISTRAR







### ୮ ମଦ ବ୍ୟବସାୟୀ ଗିରଫ

**ଦଶରଥପୁର, ୧୨।୧୨(ଡି.ଏନ୍.ଏ)**

ମଙ୍ଗଳପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେଲା ବେଆଇନଭାବେ ଚୋରା ମଦକାରବାର କରୁଥିବା ୮ଜଣ ବ୍ୟବସାୟୀଙ୍କୁ ଗୁରୁବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ବିଭିନ୍ନ ସ୍ଥାନରେ ପୋଲିସ ଅତର୍କିତ ଚଢ଼ାଉ କରି ଗିରଫ ଅଭିଯୁକ୍ତଙ୍କ ଠାରୁ ବିପୁଳ ପରିମାଣରେ ଚୋରା ବିଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିଲ୍ଲୀପ ନାୟକ, ଗୌରାଙ୍ଗ ମଲ୍ଲିକ,ରମାକାନ୍ତ ସାହୁ, ରାଜେନ୍ଦ୍ର ଦାସ, ଖିରୋଦ ମଲ୍ଲିକ, ଅଲେଖ ଦାସ, ସଞ୍ଜୟ ଜେନା ଓ ରବିନ୍ଦ୍ର ଦାସ। ମଙ୍ଗଳପୁର ଥାନା ଅଧିକାରୀ ଅସିତ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ହରିସ ଚନ୍ଦ୍ର ସିଂ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ।


**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. NO. 546/2019

Bank of India, Jharsuguda Branch, Jharsuguda ...Applicant
-Versus-
M/s. Fun Leela Water Park & Others ...Defendant(s)

To,
D-1. **M/s. Fun Leela Water Park, Partnership Firm, Represented through its partner Mr. Vinay Kumar Patel,** At/P.O.: Lahandabud, H. Katapali, Dist.: Jharsuguda-768202
2. **Mr. Vinay Kumar Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
3. **Mrs. Nisha Ben V Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
4. **Mrs. Ranjana Ben Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
5. **Mr. Prabin Bhai Mathur Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted as **O.A. No. 546/2019** in the Court of Debts of Recovery Tribunal, Cuttack for recovery of **Rs.2,82,09,659.10** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **17.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **07 days Dec 2019.**

Sd/- REGISTRAR, DRT, CUTTACK
(Manoj Kumar Patnaik)



FORM-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 499 of 2019

Branch Manager, Union Bank of India, Dhenkanal Branch ...Applicant
Versus
M/s Body Fitness World & Others ...Defendant(s)

To
1) **M/s Body Fitness World, Proprietor: Sri Pankaj Kumar Agarwalla,** At: Ganesh Bazar, P.O.: Dhenkanal, Dist: Dhenkanal.
2) **Sri Pankaj Kumar Agarwalla,** S/o: Sri Omprakash Agarwalla, At: Ward No. 11, Gandhi Mandir Road, P.O.: Dhenkanal, Dist: Dhenkanal, Pin-759001.
3) **Kamalini Padhi (Guarantor),** W/o: Late Chaitanya Charan Padhi, At: Kanchan Bazar, Kumbhar Sahi, P.O.: Dhenkanal, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 499 of 2019** in the Court of the Debts of Recovery Tribunal, Cuttack for recovery of **Rs.52,04,003.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
REGISTRAR

## ସଂକ୍ଷେପରେ

### ବନ୍ଦର ଲେଡିଜ୍ କ୍ଲବର ଫେଟ୍ ଅନୁଷ୍ଠିତ



ପାରାଦୀପ, ୧୨।୧୨(ସ୍ୱ.ପ୍ର.): ସ୍ଥାନୀୟ ମଧୁବନସ୍ଥ ଅଫିସର୍ସ କ୍ଲବ୍ ପରିସରରେ ବୁଧବାର ସନ୍ଧ୍ୟାରେ ବନ୍ଦର ଲେଡିଜ୍ କ୍ଲବର ଫେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୃହିଣୀମାନେ ଖାଦ୍ୟ ସାମଗ୍ରୀ ବିକ୍ରୟ କରିଥିଲେ। ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀ ସଂସ୍ଥାର ପରିବାର ସଦସ୍ୟମାନେ ଏହି ଘରୋଇ ପ୍ରସ୍ତୁତ ଖାଦ୍ୟ ଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ଅନ୍ୟ ସଦସ୍ୟା ସବିତା ପଣ୍ଡା, କଳ୍ପନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାବା ପହଲି ଦାସଙ୍କ ଶ୍ରାଦ୍ଧୋତ୍ସବ

ରଘୁନାଥପୁର, ୧୨।୧୨ ( ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଜୟଶୋଳ ପଞ୍ଚାୟତ ରଣହତାସ୍ଥିତ ବାବା ପହଲି ଦାସଙ୍କ ସମାଧିସ୍ଥଳ ପୀଠରେ ତାଙ୍କ ଅନୁଗାମୀଙ୍କ ପକ୍ଷରୁ ଗୁରୁବାର ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପଞ୍ଚଶଖା ଯଶୋବନ୍ତଙ୍କ ଏକମାତ୍ର ଶିଷ୍ୟ ଭାବେ ବାବା ପହଲି ଦାସ ୫୦୦ ବର୍ଷ ତଳେ ଏହି ସ୍ଥାନରେ ଜୀବନ୍ତ ସମାଧି ନେଇଥିଲେ। ଶ୍ରାଦ୍ଧୋତ୍ସବ ଉପଲକ୍ଷେ ବରାଗୋଳ ପଞ୍ଚାୟତ ଦୋଳମୁଣ୍ଡା ବିନୋଦ ବିହାରୀ ମନ୍ଦିରରୁ ନାକଚୁଳ ଆସି ବାବାଙ୍କଠାରେ ଲାଗି ହୋଇଥିଲା। ଶ୍ରାଦ୍ଧୋତ୍ସବରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯୋଗ ଦେଇଥିଲେ। ଦିନତମାମ୍ ଭଜନ, କୀର୍ତ୍ତନ ସହ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଥିଲା।

### ମହିଳା ପୋଡ଼ିହୋଇ ଗୁରୁତର, ସ୍ୱାମୀ ଅଟକ

ରସୁଲପୁର,୧୨।୧୨(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ଗୁରୁବାର ଜଣେ ମହିଳା(୨୭) ସନ୍ଦେହଜନକ ଭାବରେ ପୋଡି ହୋଇ ଗୁରୁତର ହୋଇପଡ଼ିଛନ୍ତି। ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଧର୍ମଶାଳା ପୋଲିସକୁ ସୂଚନା ଦେଇଥିଲେ। ଧର୍ମଶାଳା ପୋଲିସ ଡାକ୍ତରଖାନାରୁ ମହିଳାଙ୍କ ସ୍ୱାମୀଙ୍କୁ କାବୁ କରିଥିଲା। ଉକ୍ତ ମାମଲା କୁଆଖିଆ ଥାନା ଅଧୀନରେ ଘଟିଥିବାରୁ ଏହି ପୋଲିସ ସ୍ୱାମୀଙ୍କୁ କୁଆଖିଆ ଥାନାକୁ ହସ୍ତାନ୍ତର କରିଥିଲା। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଘଟଣା ସ୍ଥଳକୁ ଯାଇ ପଚରାଉଚୁରା ଜାରି ରଖିଛି।

## ଜିଲାସ୍ତରୀୟ ଜାତୀୟ ଭିନ୍ନକ୍ଷମ ଦିବସ ଉଦ୍‌ଯାପିତ

# ସାଧାରଣଙ୍କ ଭଳି ଭିନ୍ନକ୍ଷମଙ୍କ ମଧ୍ୟରେ ରହିଛି ଲୁକ୍କାୟିତ ପ୍ରତିଭା

ଜଗତ୍‌ସିଂହପୁର ଅଫିସ, ୧୨।୧୨

ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ଜିଲାର କୋଣ ଅନୁକୋଣରୁ ଭିନ୍ନକ୍ଷମ ପିଲାମାନେ ଆସି ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସାଧାରଣ ପିଲାଙ୍କ ଭଳି ସେମାନଙ୍କ ମଧ୍ୟରେ ରହିଛି ଅନେକ ଲୁକ୍କାୟିତ ପ୍ରତିଭା। ଯାହାକି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଆସିପାରିବ ବୋଲି ସାହୁ କହିଥିଲେ। ପରେ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ମୁଖ୍ୟବକ୍ତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଲୋକୋମୋଟର, ଦୃଷ୍ଟିବାଧିତ, ଶ୍ରବଣ ଶଧିତ, ଏମ୍‌ଆର୍‌ସିପି ପିଲାମାନେ ଭାଗ ନେଇଥିଲେ । ଟ୍ରାଇ ସାଇକେଲ ରେସ୍, ହୁଇଲ ଚେୟାର ରେସ୍, ସ୍ପୁନ୍ ପଟାଟୋ ରେସ୍, ମ୍ୟୁଜିକ୍ ଚେୟାର, ବାସକେଟ୍ ବଲ, ସଟ୍‌ପୁଟ, ଏରିଥ୍‌ମେଟିକ ରେସ୍, ଲମ୍ବା ଡିଆଁ, ପିଲାଙ୍କ ଦୌଡ ଓ ଚିତ୍ରାଙ୍କନ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା।




ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବୁଧବାର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଯୋଗ ଦେଇ ଯେଉଁମାନଙ୍କ କୌଣସି ଅଙ୍ଗର ସାମାନ୍ୟତମ ବ୍ୟତିକ୍ରମ ଥାଏ ସେମାନଙ୍କୁ ଦିବ୍ୟାଙ୍ଗ କୁହାଯାଏ। କିନ୍ତୁ ଆମେ ସମସ୍ତେ ସମାନ ଓ ପରମାତ୍ମାଙ୍କ ସନ୍ତାନ। ମାତାପିତାଙ୍କ ଆଗରେ ତାଙ୍କର ସମସ୍ତ ପିଲାଙ୍କ ପ୍ରତି ସମାନ ସ୍ନେହ, ଆଦର, ଶ୍ରଦ୍ଧା, ଭଲ ପାଇବା ଓ ଯତ୍ନ ଆଦି ରହିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ କହିଥିଲେ, ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଜିଲାପଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭିନ୍ନକ୍ଷମ ପିଲାମାନେ ଖେଳୁଆଡ଼ ମନୋଭାବ ନେଇ ଖେଳିବାର ସୁଯୋଗ ପାଇଛନ୍ତି । ଏହା ସେମାନଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ପରେ ଜିଲାପାଳ କ୍ରୀଡା ପତାକା ଉତ୍ତୋଳନ କରି ପରେଡ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହାବ ଖାଁ ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ । ବରିଷ୍ଠ ବାଳିକା, ବାଳକ, କନିଷ୍ଠ ବାଳିକା ଓ ବାଳକ ଏହିପରି ମୋଟ ୪ଟି ବର୍ଗରେ ପ୍ରତିଯୋଗିତା ହୋଇଥିବା କହିଥିଲେ ।

## ହାତ ଦେଖିବାକୁ କହି ବୃଦ୍ଧାଙ୍କୁ ଟଣାଓଟରା, ବୃଦ୍ଧ ଗିରଫ

କଳିଙ୍ଗନଗର,୧୨।୧୨ (ଡି.ଏନ.ଏ)

ଯଖପୁରା ଥାନା ଯଖପୁରା ଗ୍ରାମ ଦଳିତ ସାହିର ଜଣେ ବୃଦ୍ଧାଙ୍କୁ ଟଣା ଓଟରା କରି ଜଣେ ବୃଦ୍ଧ ଗୁରୁବାର ଗିରଫ ହୋଇଛନ୍ତି। ଗିରଫ ବୃଦ୍ଧ କୋଦଣ୍ଡ ମଳିକ ଓରଫ ସାଧୁଆ (୬୦) ବୋଲି ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ ଦଳିତ ସାହିର ଜଣେ ୭୦ବର୍ଷୀୟ ମହିଳା ତାଙ୍କ ଘରେ ବୋହୂ ସହିତ କଥା ହୋଉଥିବାବେଳେ ସେହି ସାହିର ସାଧୁଆ ତାଙ୍କ ଘରେ ପହଞ୍ଚି ହାତ ଦେଖି ଭବିଷ୍ୟତ କହିବାକୁ କହିଥିଲେ। ଏହାକୁ ବୃଦ୍ଧା ବିରୋଧ କରିବାରୁ ସାଧୁଆ ତାଙ୍କୁ ଅସଦାଚରଣ କରିବା ସହିତ ଟଣା ଓଟରା କରିଥିଲେ। ଏହା ଦେଖି ବୃଦ୍ଧା ଜଣକ ଚିତ୍କାର କରିବାରୁ ତାଙ୍କ ବୋହୂ ସମେତ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ସାଧୁଆଙ୍କୁ ଅଟକ ରଖିଥିଲେ। ଗୁରୁବାର ସକାଳୁ ଯଖପୁରା ଥାନାରେ ବୃଦ୍ଧାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ରାଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ ମହୋତ୍ସବ ଉଦ୍‌ଯାପିତ

# ଗୀତା ମାନବ ସମାଜ ପାଇଁ ପଥ ପ୍ରଦର୍ଶକ



ଗୀତାଜ୍ଞାନ ଯଜ୍ଞ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରଘୁନାଥପୁର, ୧୨।୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଚାନ୍ଦପୁରସ୍ଥିତ ରାଜ୍ୟସ୍ତରୀୟ ୩୩ତମ ଗୀତାଜ୍ଞାନ ଯଜ୍ଞ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ହରିହର ଓତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୀତା ମାନବ ସମାଜ ପାଇଁ ପଥ ପ୍ରଦର୍ଶକ ବୋଲି କହିଛନ୍ତି। ଗୀତା ଜ୍ଞାନଯଜ୍ଞ କମିଟିର ସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ୫ଦିନ ବ୍ୟାପୀ ଉତ୍ସବର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବାବାଜୀ ସତ୍ୟାନନ୍ଦ ଦାସମହାରାଜ ମୁଖ୍ୟବକ୍ତା ଭାବେ, ବସ୍ତୁବାଦୀ ସମାଜରେ ପ୍ରସାରିତ ଅପସଂସ୍କୃତି ତଥା ଦିଗ୍‌ଭ୍ରଷ୍ଟ ଅଶାନ୍ତ ମଣିଷକୁ ସୁମାର୍ଗରେ ପରିଚାଳିତ କରିବାକୁ ଗୀତା ହିଁ ଏକମାତ୍ର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ସେହିପରି କିଟ୍ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ବାବା ରାମନାରାୟଣ ଦାସମହାରାଜ, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ଡ. କିଶନଲାଲ ଭର୍ତ୍ତିଆ, ଚୁନରୀ ସେବକ ତଥା ପାଟସେବା ପରିଷଦ ସଭାପତି ଦୁର୍ଯ୍ୟୋଧନ ସାହୁ ଓ ପଣ୍ଡିତ ରବିନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସେମାନେ ଗୀତା ତତ୍ତ୍ୱଜ୍ଞାନ ସମ୍ପର୍କରେ ଲୋକଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଯୁବ ଛାତ୍ରୀଛାତ୍ରଙ୍କ ଭିତରେ ଗୀତା ଆବୃତ୍ତି, ବକ୍ତୃତା, ଭକ୍ତି ସଙ୍ଗୀତ, ନୃତ୍ୟ, ଓଡ଼ିଶୀ ନୃତ୍ୟ, ଶ୍ରୀକୃଷ୍ଣ ବେଶ, ଚିତ୍ରାଙ୍କନ ଓ ଶଙ୍ଖ, ହୁଳହୁଳି ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୩୮ଜଣ ଛାତ୍ରୀଛାତ୍ରଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହାଛଡା ପ୍ରତ୍ୟହ ସନ୍ଧ୍ୟାରେ ଶାସ୍ତ୍ର ଭିତ୍ତିକ ନୃତ୍ୟ ଓ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଏମ୍‌ଏନ୍ କଲେଜ ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ କମିଟିର ସଂଯୋଜକ ଭାବେ କାର୍ଯ୍ୟ ସଞ୍ଚାଳନ ଓ କୋଷାଧ୍ୟକ୍ଷ ଅଧ୍ୟାପକ ଆଶିଷ କୁମାର ଚକ୍ରବର୍ତ୍ତୀ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ଚାଷୀଙ୍କୁ ମିଳୁନି ଫନୀ, କାଳିଆ ସହାୟତା

# କାର୍ଯ୍ୟାଳୟ ସମ୍ମୁଖରେ ବସିଲେ କୃଷକ ସଙ୍ଗଠନର ସଦସ୍ୟ

ରଘୁନାଥପୁର, ୧୨।୧୨ (ଡି.ଏନ.ଏ)

ଚାଷୀଙ୍କୁ ଫନୀ ଓ କାଳିଆ ଯୋଜନାର ସହାୟତା ମିଳିଲାନି। ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ଶରତ ମହାପାତ୍ରଙ୍କ ନେତୃତ୍ୱରେ କେତେଜଣ ସଦସ୍ୟ କୃଷି ଅଧିକାରୀଙ୍କଠାରୁ ଏ ସମ୍ପର୍କରେ ବୁଝିବାକୁ ଗୁରୁବାର ଆସିଥିଲେ। ଦୁଇ ସହକାରୀ କୃଷି ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ସଙ୍ଗଠନର ସଦସ୍ୟମାନେ ରଘୁନାଥପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ବସି ରହିଥିବା ଦେଖିବାକୁ ମିଳିଥିଲା। ପରେ ସେମାନେ ତହସିଲ କାର୍ଯ୍ୟାଳୟକୁ ଆସି ତହସିଲଦାର ରୁପାଲିକା ଦାଶଙ୍କୁ ଅଭିଯୋଗ ଜଣାଇଥିଲେ। ତହସିଲଦାର ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ।



କୃଷି ଅଧିକାରୀଙ୍କୁ ନ ପାଇ କାର୍ଯ୍ୟାଳୟ ସମ୍ମୁଖରେ ବସିଲେ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ।

ବାତ୍ୟା ଫନୀ ଯିବାର ୮ ମାସ ପରେ ମଧ୍ୟ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଘରଭଙ୍ଗା ସହାୟତା ଏବଂ ମୁଗ, ବିରି ଫସଲର କ୍ଷୟକ୍ଷତି ନେଇ ଆଦୌ ସହାୟତା

### ଦୁଇ ସହକାରୀ କୃଷି ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ

ମିଳିପାରିଲା ନାହିଁ। ସେହିପରି ଅନେକ ଯୋଗ୍ୟ ବ୍ୟକ୍ତିଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ସମ୍ପର୍କରେ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣା ଅଭିଯୋଗ କରିଥିଲେ। ପୂର୍ବରୁ ଏ ସମ୍ପର୍କିତ ସମସ୍ୟା ନେଇ ସଙ୍ଗଠନ ପକ୍ଷରୁ ତହସିଲ ସମ୍ମୁଖରେ ପ୍ରତିବାଦ ମଧ୍ୟ କରାଯାଇଥିଲା। ତତ୍କାଳୀନ ତହସିଲଦାର ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସଙ୍ଗଠନର ସଦସ୍ୟଙ୍କୁ ନେଇ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା ହେଲେ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ଅଧିକାରୀମାନେ ନିରାଶ କରିଥିଲେ। ଯାହାଫଳରେ ବାଧ୍ୟ ହୋଇ କୃଷି ଅଧିକାରୀଙ୍କୁ ପଚାରିବାକୁ ଆସିଥିଲୁ ବୋଲି ଘନଶ୍ୟାମ ମହାନ୍ତି ଓ ନିଗମାନନ୍ଦ ଦାସ କହିଥିଲେ। ଏନେଇ ତହସିଲଦାର ଦାଶଙ୍କୁ ପଚାରିବାରୁ ଘରଭଙ୍ଗା ସହାୟତା ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଖୁବ୍‌ଶୀଘ୍ର ପଠାଯିବାର ବ୍ୟବସ୍ଥା କରାଯିବା ଏବଂ ଫସଲ କ୍ଷୟକ୍ଷତି ସହାୟତା ରାଶି ଆସି ନ ଥିବା ତହସିଲଦାର ଦାଶ କହିଥିଲେ। କାଳିଆ ଯୋଜନା ସମ୍ପର୍କରେ ସେ କିଛି କହିପାରିବେନି ବୋଲି କହିଥିଲେ।

## ତହସିଲ ପକ୍ଷରୁ ଚଢ଼ାଉ: ବେଆଇନ ଖନନକାରୀଙ୍କ ବିରୋଧରେ ଥାନାରେ ଏତଲା

ଧର୍ମଶାଳା,୧୨।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଘୁଆ କଳାପଥର ଖାଦାନରେ ବେଆଇନ ଖନନ କରୁଥିବା ଲୋକଙ୍କ ବିରୋଧରେ ଜେନାପୁର ଥାନାରେ ତହସିଲ ପକ୍ଷରୁ ଏତଲା ଦିଆଯାଇଛି। ବାଘୁଆ କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବରପାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି,ଏଆର୍‌ଆଇ ଚନ୍ଦନ ସାହୁ ଏପିଆର ଫୋର୍ସ ସହ ଗୁରୁବାର ଚଢ଼ାଉ କରିଥିଲେ । ବେଆଇନ ଖନନ କରୁଥିବା ପଥର ମାଫିଆ କୌଣସି ସୂତ୍ରରୁ ଖବର ପାଇ ବ୍ୟବହୃତ ଗାଡି ଓ ଶ୍ରମିକଙ୍କୁ ହଟାଇ ନେଇଥିଲେ। ମାତ୍ର ଓଡି ୩୪–୦୫୩୧ନଂ ମୋଟର ସାଇକେଲଟିକୁ ନେଇପାରି ନ ଥିଲେ। ଏହି ମୋଟର ସାଇକେଲଟିକୁ ତହସିଲ ପକ୍ଷରୁ ଜବତ କରାଯାଇ ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଥିବାବେଳେ ମୋଟର ସାଇକେଲ ମାଲିକଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିବା ଅତିରିକ୍ତ ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

## ପିପିଏଲ୍‌କୁ ଗ୍ରୀନ୍‌ଟେକ୍ ସେଫ୍ଟି ଆୱାର୍ଡ

ପାରାଦୀପ, ୧୨।୧୨ (ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ୍)କୁ ଗତ ୭ରେ ଦିଲ୍ଲୀଠାରେ ଗ୍ରୀନ୍‌ଟେକ୍ ସେଫ୍ଟି ଆୱାର୍ଡ ମିଳିଛି। ସାମୁଦ୍ରିକ କାର୍ଯ୍ୟଦକ୍ଷତା, କାରଖାନା ପରିସରରେ ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସେଫ୍ଟି କାଉନସିଲ ପକ୍ଷରୁ ଏହା ପ୍ରଦାନ କରାଯାଇଛି। କାଉନସିଲର ଡିଜି (ଡାଇରେକ୍ଟର ଜେନେରାଲ) ଲଳିତ ଗଭାନେଙ୍କଠାରୁ କମ୍ପାନୀର ଯୁଗ୍ମ ନିର୍ଦ୍ଦେଶକ (କ୍ୱାଲିଟି କଣ୍ଟ୍ରୋଲ) ହରିଶ ଚନ୍ଦ୍ର ସିଂ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟ ଅଫିସର ମଧ୍ୟରେ ନିହାରକାନ୍ତ ରାଉତ ଉପସ୍ଥିତ ଥିଲେ।




ପିପିଏଲ୍‌କୁ ଗ୍ରୀନ୍‌ଟେକ୍ ସେଫ୍ଟି ଆୱାର୍ଡ ପ୍ରଦାନ କରାଯାଉଛି।

## ଚାଷୀ ସଚେତନତା କାର୍ଯ୍ୟକ୍ରମ

ବିରିଡି, ୧୨।୧୨ (ଡି.ଏନ୍.ଏ.)

ବିରିଡ଼ି ବ୍ଲକ ଅଧୀନ ଅଡଙ୍ଗଗଡ଼ ପଞ୍ଚାୟତସ୍ଥିତ ଅଡ଼ଙ୍ଗଗଡ଼ ପ୍ରାଥମିକ କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଗୁରୁବାର ଏକ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ଖରିଫ ଋତୁରେ ଧାନ କ୍ରୟ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତ ସଭାପତି ଗିରୀଶ ଚନ୍ଦ୍ର ପାତ୍ର, ବରିଷ୍ଠ ସଭ୍ୟ ଲିଙ୍ଗରାଜ ମଲ୍ଲ, ବଂଶୀଧର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଦାଶ, ସନ୍ତୋଷ କୁମାର ଚୌଧୁରୀ, ଅଜୟ କୁମାର ମହାନ୍ତି ପରିଷଦର ସଭ୍ୟ ପଦ୍ମନାଭ ଭୋଇ, ସୀତାଂଶୁ ଶେଖର ରାୟ, ପ୍ରଫୁଲ୍ଲ କୁମାର ଜେନାମଣି, ଧନେଶ୍ୱର ବେହେରା, ସରପଞ୍ଚ ଅଶୋକ କୁମାର ଜେନା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଏଫ୍‌କ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଓ ଏ ଗ୍ରେଡ୍ ଧାନ କୁଇଣ୍ଟାଲ ପ୍ରତି ୧୮୩୫ ଟଙ୍କାରେ କ୍ରୟ ରିବା ପାଇଁ ସରକାରୀ ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ପରିଚାଳନା ପରିଷଦ ସମ୍ପାଦକ ବିଜୟାନନ୍ଦ ବେହେରା ସୂଚନା ଦେଇଥିଲେ। ସହସମ୍ପାଦକ ଦୀପ୍ତିରଞ୍ଜନ ମଲ୍ଲ, ଦୋଳଗୋବିନ୍ଦ ସେଠୀ ଓ ଡିଇଓ ଅର୍ଘ୍ୟସନ୍ଧ୍ୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅଡ଼ଙ୍ଗଗଡ଼ ପ୍ରାଥମିକ କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଆୟୋଜିତ ଚାଷୀ ସଚେତନତା କାର୍ଯ୍ୟକ୍ରମ।

## ଷଣ୍ଢକୁଦ ବନାଞ୍ଚଳରୁ ଅବାଧ କାଠଚୋରି

ପାରାଦୀପ, ୧୨।୧୨ (ସ୍ୱ.ପ୍ର.)

କୁଜଙ୍ଗ ବନାଞ୍ଚଳ ଅଧୀନ ଷଣ୍ଢକୁଦ ବିଚ୍‌ହାଉସ୍ ପାଖ ଅଞ୍ଚଳରୁ ଏବେ କେତେକ ଲୋକ ନିୟମିତ ଗଛକାଟି କାଠ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ବନ ବିଭାଗର ନିଜ ସୀମା ମଧ୍ୟରୁ ଏଭଳି ଚୋରି ଅନବରତ ଚାଲିଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗୁରୁବାର ଜଣେ ବ୍ୟକ୍ତି କାଠ କାଟି ସାଇକେଲରେ ଲଦିଥିବାବେଳେ କେତେକ ଲୋକେ ତାଙ୍କୁ ଏ ବିଷୟରେ ପଚାରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଯୁକ୍ତି ଥିଲା ଯେ, ବନବିଭାଗର ଜନୈକ କର୍ମଚାରୀ(ଗାର୍ଡଙ୍କୁ) ତାଙ୍କୁ ଏପରି କରିବାକୁ ସ୍ୱୀକୃତି ଦେଇଛନ୍ତି। ସମ୍ପୃକ୍ତ ଜଙ୍ଗଲ ବିଭାଗର ଗାର୍ଡଙ୍କୁ ବିଚ୍ ହାଉସରେ ଖୋଜିବାରେ ତାଙ୍କର ଦେଖା ମିଳି ନ ଥିଲା। ଏପ୍ରସଙ୍ଗରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରେ ଏ ବିଷୟ ସେ ତଦନ୍ତ କରିବେ ବୋଲି କହିଛନ୍ତି। ସୂଚନାଥାଉ କି ଷଣ୍ଢକୁଦଠାରୁ ଜଟାଧାର ନଦୀ ମୁହାଣ ପର୍ଯ୍ୟନ୍ତ ବେଳାଭୂମିରେ ଏବେ କିଛି ମାତ୍ରାରେ ଝାଉଁ ଜଙ୍ଗଲ ରହିଛି। ସମ୍ପୃକ୍ତ ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ବୋଲି ସେଠାରେ ବୋର୍ଡ ମରାଯାଇଛି ଏବଂ ଜଙ୍ଗଲି ପଶୁଙ୍କ ପାଇଁ ସରକାରୀ ଅର୍ଥରେ ପୋଖରୀ ଖୋଳାଯାଇଛି। କିନ୍ତୁ ସେଠାରେ ରକ୍ଷଣା ବେକ୍ଷଣ ଅଭାବରୁ ପ୍ରତିଦିନ କାଠ ଲୁଟେରାମାନେ ଜଙ୍ଗଲକାଟି ସଫା କରିବାରେ ଲାଗିଛନ୍ତି। ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପ୍ରତିବର୍ଷ ବନବିଭାଗ କେବଳ ଝାଉଁ ଗଛ ଲଗାଉଛି। କିନ୍ତୁ ସେହି ଅଞ୍ଚଳ ଧିରେ ଧିରେ ସଫା ହେବାରେ ଲାଗିଛି। ଏପରିକି ୨୦୦୪ରୁ ଏପର୍ଯ୍ୟନ୍ତ ମହାନଦୀ ମୁହାଣ ସଂଲଗ୍ନରେ ଥିବା ୧୮୦ ବର୍ଗ କି.ମି. ହେନ୍ତାଳବଣକୁ ଶିଳ୍ପ ସମ୍ପ୍ରସାରଣ ବେଳେ କଟାଯାଇ ଧ୍ୱଂସ କରାଯାଇଛି। ଅପରପକ୍ଷେ ପାରାଦୀପକୁ ଏବେ କ୍ରିଟିକାଲ ପ୍ରଦୂଷଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।



ଅବାଧରେ କଟା ଯାଇଥିବା ଗଛ।

## ସଂକ୍ଷେପରେ

### ଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଯାଞ୍ଚ
### ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ/ପଟ୍ଟାମୁଣ୍ଡାଇ(ସ୍ୱ.ପ୍ର.), ୧୨।୧୨:** ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ଜନ୍ମେଜୟ ମଲ୍ଲିକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ମଲ୍ଲିକ ଏବେ ପୋଲିସ ମୋଟର ଟ୍ରାନ୍ସପୋର୍ଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଗୁରୁବାର କଟକ, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ଥିବା ମଲ୍ଲିକଙ୍କ ଘର ଓ ଅଫିସ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ୍ ୧ କୋଟି ୧୯ ଲକ୍ଷ ୬୫ହଜାର ୯୨୨ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ମଧ୍ୟରେ କଟକର ବିଡ଼ାନାସୀଠାରେ ତାଙ୍କର ଗୋଟିଏ ୩ ମହଲା କୋଠା ଥିବାବେଳେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଅଣ୍ଡରା ଗ୍ରାମରେ ଗୋଟିଏ ଦୁଇ ମହଲା କୋଠା ରହିଛି। ସେହିପରି କଟକ ଓ କେନ୍ଦ୍ରାପଡ଼ାରେ ଦୁଇଟି ପ୍ଲଟ ଓ ଦୁଇଟି ଚାରି ଚକିଆ ଗାଡ଼ିକୁ ମଧ୍ୟ ଭିଜିଲାନ୍ସ ଠାବ କରିଛି। ସେହିପରି ଯାଞ୍ଚ ସମୟରେ ଘରୁ ୧ ଲକ୍ଷ ୧ହଜାର ୩୫୫ ଟଙ୍କା ଭିଜିଲାନ୍ସ ଠାବ କରିଛି ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଡେରାବିଶ, ୧୨।୧୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଭାଡ଼ିଓଲସ୍ଥିତ ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ୍ ପରିସରରେ ସେସୁର ଦୁଇ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଦାନପୁର ବିଦ୍ୟୁତ୍ ସେକ୍ସନ ଅଧୀନ ସେସୁର ପ୍ରହ୍ଲାଦ ଚରଣ ରାଉତ ଲାଇନ୍‌ମ୍ୟାନ-ଏ ଓ ଅକ୍ଷୟ କୁମାର ସେଠୀ ଲାଇନ୍‌ମ୍ୟାନ-ସି କାର୍ଯ୍ୟରୁ ଅବସର ନେଇଥିଲେ । ଏହି ଉପଲକ୍ଷେ ଦାନପୁର ବିଦ୍ୟୁତ୍ ସେକ୍ସନ କର୍ମଚାରୀମାନଙ୍କ ପକ୍ଷରୁ ବୁଧବାର ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଆସିଷ୍ଟାଣ୍ଟ ମ୍ୟାନେଜର ବସନ୍ତ ପତି ସଭାପତିତ୍ୱ କରିଥିଲେ । ଏହି ସଭାରେ କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶୁଭେନ୍ଦୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ କର୍ମଚାରୀଙ୍କ ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ । ଏହି ଅବସରରେ କର୍ମଚାରୀମାନଙ୍କ ତରଫରୁ ଉଭୟ ବିଦାୟୀ ଲାଇନମ୍ୟାନ୍‌ଙ୍କୁ ପୁଷ୍ପଗୁଚ୍ଛ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଧର୍ମପରାୟଣା ମହିଳାଙ୍କ ବିୟୋଗ

**ଆଳି, ୧୨।୧୨ (ଡି.ଏନ୍.ଏ.):** ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଡାମରପୁର ବାଲିପାଟଣା ଗ୍ରାମର ଖଡ୍ଗଚନ୍ଦ୍ର ପରିଡାଙ୍କ ସ୍ତ୍ରୀ ଜାନକୀଲତା ପରିଡ଼ା (୯୮)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଜଣେ ସମାଜ ସଂସ୍କାରକ, ସାମାଜିକ କର୍ମୀ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଡା. ବୀରକିଶୋର ପରିଡା, ସାନପୁଅ ତ୍ରୈଲୋକ୍ୟ ପରିଡାଙ୍କ ସମେତ ପୁତ୍ରବଧୂ, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ପୁରୁଷୋତ୍ତମ ପରିଡା ମୁଖାଗ୍ନି ଦେଇଥିଲେ।

## ■ ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ
# ୯ ବ୍ଲକର ୧୦୭ ପ୍ରକଳ୍ପ ପ୍ରଦର୍ଶିତ

**ପଟ୍ଟାମୁଣ୍ଡାଇ, ୧୨।୧୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ କଷଣଅଣ୍ଡା ହାଇସ୍କୁଲଠାରେ ଜିଲାସ୍ତରୀୟ ବିଜ୍ଞାନମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୁନି କୁନି ପିଲାମାନଙ୍କ ନୂତନ ବୈଜ୍ଞାନିକ ଭାବନାକୁ ସବୁ ସ୍ତରରୁ ଉତ୍ସାହ ମିଳିବା ଆବଶ୍ୟକ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଜ୍ଞାନମେଳାରେ ଭୁବନେଶ୍ୱରସ୍ଥିତ ନାଇଜରର ସହକାରୀ ପ୍ରଫେସର ଡ. ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଇନ୍‌ସ୍ପାୟାର୍‌ର ରାଜ୍ୟ ସଂଯୋଜକ ଅବିନାଶ ସାମଲ ସମ୍ମାନିତ ବକ୍ତା, ଜିଲା ବିଜ୍ଞାନ ସଂଯୋଜକ ଅଭୟ କୁମାର ପ୍ରତିହାରୀ, ବିଇଓ ଭ୍ରମରବର ବିଶ୍ୱାଳ, କଷଣଅଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ଷଡ଼ଙ୍ଗୀ, ବିଡିଓ ପବିତ୍ର ମୋହନ କାନୁନ୍‌ଗୋ ପ୍ରମୁଖ ସମ୍ମାନିତ ଅତିଥି



ବିଜ୍ଞାନମେଳା ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ସମର୍ଥ ବର୍ମା ଉଦ୍‌ବୋଧନ ଦେଉଛନ୍ତି।

### ୧୧ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନମତରା ହାଇସ୍କୁଲର ଶିକ୍ଷକ ଆଦିକନ୍ଦ ସାହୁ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମେଳାରେ ୯ ବ୍ଲକରେ ଥିବା ୧୦୭ ସ୍କୁଲର ଛାତ୍ରୀଛାତ୍ର ଭାଗନେଇ ୧୦୭ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଗୁଡିକ ମଧ୍ୟରୁ ବିଜ୍ଞାନ ମେଳାର ୬ ପ୍ରକଳ୍ପ ଓ ଇନ୍‌ସ୍ପାୟାର୍‌ର ୫ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବା ପାଇଁ ଚୟନ କମିଟି ପକ୍ଷରୁ ଯୋଗ୍ୟ ବିବେଚିତ ହୋଇଥିଲା। ଶେଷରେ ଶିକ୍ଷକ ଶୁଭ୍ରାଂଶୁ ଦାସ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଜିଲା ବିଜ୍ଞାନ ସଂଯୋଜକ ଅଭୟ କୁମାର ପ୍ରତିହାରୀ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ ବେହେରା ମୁଖ୍ୟଅତିଥି, ପ୍ରାକ୍ତନ ଜିଲା ବିଜ୍ଞାନ ସଂଯୋଜକ ନିରଞ୍ଜନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ତାପନ ଓ ଜଳ ସଙ୍କଟ ରୋକିବା ପାଇଁ ବ୍ୟାପକ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଜିଲା ରାମସା ସଂଯୋଜକ ପୀତବାସ ପଣ୍ଡାଙ୍କ ସମେତ ୯ ବ୍ଲକର ଶିକ୍ଷାଧିକାରୀମାନେ ଯୋଗ ଦେଇଥିଲେ। ଏଥିସହିତ ଜିଲା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ, ଏବିଇଓ ପ୍ରଦୀପ ସାମନ୍ତରାୟ, ବିଆର୍‌ସିସି ଗୋବିନ୍ଦ ପରିଡ଼ା ଓ ଚନ୍ଦ୍ରଭାନୁ ମଲ୍ଲିକ ଓ ସିଆରସିସିମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ମନୋନୀତ ହୋଇଥିବା ୧୧ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୋରୋ ପଞ୍ଚାୟତ ହାଇସ୍କୁଲ ସହକାରୀ ଶିକ୍ଷକ ହେମନ୍ତ କୁମାର ଜେନା ସଭା ସଂଯୋଜନା କରିଥିବା ବେଳେ କବି ଶୈଳଜା ଶଙ୍କର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ନିରନ ସାହୁ ଧନ୍ୟବାଦ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ନୋଡାଲ୍ ଶିକ୍ଷକ ସୁରେଶ କୁମାର ଜେନା, ନାରାୟଣ ପ୍ରସାଦ ରାଉଳ, ସଚ୍ଚିତ୍ର କୁମାର ବେହୁରା, ମନୋଜ ଶତପଥୀ, ଶ୍ରୀଧର ରାଉତ, ଚନ୍ଦ୍ରଶେଖର ତ୍ରିପାଠୀ, ମଳୟ ଜେନା, ଭାଗୀରଥି ମହାନ୍ତି, ଦେବରାଜ ନାୟକ, ଅନନ୍ତ କିଶୋର ଜେନା, ଶିବପ୍ରସାଦ ମହାନ୍ତି, ଜତିନ୍ ନାଥ, ସଞ୍ଜୀବ ସ୍ୱାଇଁ, ନାରାୟଣ ମନ୍ତ୍ରୀ, ଚିତ୍ତରଞ୍ଜନ କବି, ଗୋଲେଖ ଭୂୟାଁ, ପ୍ରକାଶ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରତାପ ସାମଲ, ମଞ୍ଜୁଲତା କର, ଜୟନ୍ତ ପଣ୍ଡା, ସ୍ମିତା ସାହୁ, ଶଶାଙ୍କ ଶେଖର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା ପାଇଁ ଏମ୍‌ପିଙ୍କୁ ଭେଟିଲେ ଛାତ୍ରୀ

**ମହାକାଳପଡ଼ା, ୧୨।୧୨ (ଡି.ଏନ୍.ଏ.)**

ଅଦାଲତରେ ମାମଲା ଯୋଗୁ ଦୀର୍ଘଦିନ ଧରି ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର-ମହାନଙ୍ଗଳା ଗ୍ରାମ ଉନ୍ନୟନ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏହି ରାସ୍ତା ଉପରେ ଯାତାୟାତ ନିମନ୍ତେ ହଜାର ହଜାର ଲୋକ ନିର୍ଭର କରୁଥିବାରୁ ତୁରନ୍ତ ଏହାର ମରାମତି ଆବଶ୍ୟକ ହୋଇପଡ଼ିଛି ବୋଲି ମହାନଙ୍ଗଳା ଗ୍ରାମର ଜଣେ ଛାତ୍ରୀ ସୁଶ୍ରୀପ୍ରିୟଦର୍ଶୀନି ବେହେରା ଦିଲ୍ଲୀରେ କେନ୍ଦ୍ରପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଭେଟି ଦାବି କରିଛନ୍ତି। ଏହାପରେ ଏମ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ ପଦସ୍ଥ ଅଧବକାରୀଙ୍କ ସହ ଆଲୋଚନା କରାଯାଇଛି ବୋଲି କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ୨-୩ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ


କୃଷି କାର୍ଯ୍ୟାଳୟ ଆଗରେ ଚାଷୀମାନେ।

**ମାର୍ଶାଘାଇ, ୧୨।୧୨ (ଡି.ଏନ୍.ଏ.)**

ଚାଷୀଙ୍କୁ ଅବହେଳା କରାଯାଉଥିବା ପ୍ରତିବାଦରେ ଗୁରୁବାର ମାର୍ଶାଘାଇ ବ୍ଲକ ଜୁଣ ଗ୍ରାମର ଚାଷୀମାନେ ମାର୍ଶାଘାଇ କୃଷି ଜିଲା କାର୍ଯ୍ୟାଳୟରେ ପହଞ୍ଚି କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାଳିଆ ଯୋଜନାରେ ନାମ ଥାଇ ସହାୟତା ରାଶି ନ ମିଳିବା, ବିଭିନ୍ନ ଲାଭକାରୀ ଫସଲ ଯଥା-ଝୋଟ, ଚିନାବାଦାମ, ମୁଗ ଆଦି ରବି ଜାତୀୟ ଫସଲର କ୍ଷେତ୍ର ପ୍ରଦର୍ଶନରେ ପ୍ରକୃତ ଚାଷୀମାନଙ୍କୁ ସାମିଲ ନ କରି କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଧାନ ଫସଲର ତଦନ୍ତ କରା ନ ଯିବା ଆଦି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ଦିନରେ ଅବହେଳା କରାଗଲେ ଚାଷୀ ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଉପେନ୍ଦ୍ରନାଥ ପ୍ରଧାନ, ଅକ୍ଷୟ ଜେନା, ପଦ୍ମନାଭ ଦାସ, ଘନଶ୍ୟାମ ପ୍ରଧାନ, ସୌରଚନ୍ଦ୍ର ଦାସ, ସମ୍ପଦ ସ୍ୱାଇଁ, ବାବାଜୀ ମହାରଣା, ସୁରେନ୍ଦ୍ରନାଥ ସ୍ୱାଇଁ, ଅଭିରାମ ବେହେରା, ପୀତାମ୍ବର ବାରିକ, ଧ୍ରୁବଚରଣ ଉଡାଣସିଂ, ଦେବେନ୍ଦ୍ର ମଳିକ, ବାବୁଲି ସାହୁ, ମହେଶ୍ୱର ମଳିକ, ବାବୁଲି ମଳିକ ପ୍ରମୁଖ ଚାଷୀ ସାମିଲ ଥିଲେ।

## ଭାଗବତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ମାର୍ଶାଘାଇ, ୧୨।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ଗୋପବନ୍ଧୁ କ୍ଲବ ପରିସରରେ ଗୁରୁବାର ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପ୍ରତିନିଧିତ୍ୱ ସମୟରେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ବହୁ ଜନହିତକର କାର୍ଯ୍ୟ ହୋଇପାରିଥିଲା। ତେଣୁ ସ୍ୱର୍ଗତ ମହାନ୍ତି ଚିରକାଳ ପର୍ଯ୍ୟନ୍ତ ମାର୍ଶାଘାଇ ଅଞ୍ଚଳବାସୀଙ୍କୁ ସ୍ମରଣୀୟ ହୋଇରହିବେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସଭାରେ ଗୌରାଙ୍ଗ ଚରଣ ଲେଙ୍କା, ପର୍ଶୁରାମ ନାୟକ, ନିରଞ୍ଜନ ବସନ୍ତିଆ, ରବୀନ୍ଦ୍ରନାଥ ସ୍ୱାଇଁ, କିଶୋର ମନ୍ତ୍ରୀ, ମଧୁସୂଦନ ବେହେରା, ହୃଷୀକେଶ ଲେଙ୍କା, ସୁନାକର ଗାହାଣ, ସୁକାନ୍ତ କୁମାର ପ୍ରଧାନ, ଭାଗବତ ସାହୁ, ସଚ୍ଚିଦାନନ୍ଦ ସ୍ୱାଇଁ, ଅଭୟ ବିଶ୍ୱାଳ, ଅକ୍ଷୟ ଜେନା, ଅଜୟ କର, ସୁବ୍ରତ ପ୍ରଧାନ, ରଞ୍ଜନ ବେହେରା, ଯୋଗେନ୍ଦ୍ର ବେଉରା, ଶିବପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଡେରାବିଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଡେରାବିଶ, ୧୨।୧୨(ସ୍ୱ.ପ୍ର.)**

ଆସନ୍ତା ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଡେରାବିଶ ମିନି ଷ୍ଟାଡିୟମରେ ୮ମ ବାର୍ଷିକ ଡେରାବିଶ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଡେରାବିଶ କଲେଜ ସଭାଗୃହରେ ବୁଧବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ମହୋତ୍ସବ ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନର ସହଭାଗିତାରେ ହେବାକୁ ଥିବାରୁ ବୈଠକରେ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ମହୋତ୍ସବକୁ କିପରି ସରସ ସୁନ୍ଦର କରାଯାଇ ପାରିବ ସେଥିନେଇ ଆଲୋଚନା ହୋଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଡେରାବିଶ ସାଂସ୍କୃତିକ ସଂଗଠନର ସଭାପତି ଦେବୀଦତ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ମନୋରମା



ବୈଠକରେ ଲୋକପ୍ରତିନିଧି, ପ୍ରଶାସନିକ ଓ ଅନ୍ୟମାନେ।

ସାହୁଙ୍କ ସମେତ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଓଝା, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ବେହେରା, ଡେରାବିଶ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ଭୀମସେନ ଲେଙ୍କା, ଛତା ବିଦ୍ୟୁତ ସେକସନ ସେସୁ ଯନ୍ତ୍ରୀ ସୀତାଂଶୁ ଶେଖର ମହାପାତ୍ର, ଏନଜେନ ଯନ୍ତ୍ରୀ ରାଜୀବ କୁମାର ସାହୁ, ସ୍ଥାନୀୟ ଗୋଲରାହାଟ ପଞ୍ଚାୟତ ସରପଞ୍ଚ ପ୍ରଭାତି ସାହୁ ଓ ସମିତି ସଭ୍ୟା ଶୈଳବାଳା ପଲେଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ୭ଦିନିଆ ମହୋତ୍ସବକୁ ଚଳିତବର୍ଷ ଆହୁରି ଶୃଙ୍ଖଳିତ ଓ ସୁଦୂର ପ୍ରସାରୀ କରିବା ପାଇଁ ସେମାନେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ସଂଗଠନର ସମ୍ପାଦକ ସରୋଜ କୁମାର ଦାଶ, କୋଷାଧ୍ୟକ୍ଷ ନୀଳମଣି ବେହେରାଙ୍କ ସମେତ ଚାଟରାଚକଡା ପଞ୍ଚାୟତ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା , ତ୍ରିଲୋଚନ ରାଉତ, ଶରତ ମିଶ୍ର, ଗୁରୁଚରଣ ସେଠୀ, ଗୌରାଙ୍ଗ ସାହୁ, ଶାନ୍ତିସ୍ୱରୂପ ଭୂୟାଁ, ବ୍ରହ୍ମାନନ୍ଦ ମଲିକ, ଖୁରସିଦ୍ ଆଲମ୍ ଖାନ୍, କରୁଣାକର କର, ପ୍ରଭାକର ଲେଙ୍କା, ଅନନ୍ତ ଭୂୟାଁ, ଲକ୍ଷ୍ମୀକାନ୍ତ ଜେନା ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଗଠନ କର୍ମକର୍ତ୍ତା ସାହାଜାହାନ ଖାନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନର ପ୍ରାକ୍ତନ ସଭାପତି ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ପତିତ ଜମି ଭୂମିହୀନଙ୍କୁ ପ୍ରଦାନ ନେଇ ଠାକୁରପାଟଣା ଗ୍ରାମବାସୀଙ୍କ ଅସନ୍ତୋଷ
# ଗୁଆଲସିଂ ରାଜସ୍ୱ କାର୍ଯ୍ୟାଳୟ ଆଗରେ ଧାରଣା

**ଡେରାବିଶ, ୧୨।୧୨(ସ୍ୱ.ପ୍ର.)**

ଗ୍ରାମବାସୀ ବ୍ୟବହାର କରୁଥିବା ଏକ ପତିତ ଜମିକୁ ଡେରାବିଶ ତହସିଲ ପକ୍ଷରୁ ଜଣେ ଭୂମିହୀନଙ୍କୁ ପ୍ରଦାନ କରାଯାଇଛି । ଏହି ଖବର ଜଣାପଡିବା ପରେ ତହସିଲ କାର୍ଯ୍ୟାଳୟ ଅଧୀନ ଗୁଆଲସିଂ ପଞ୍ଚାୟତର ଠାକୁରପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଏହାର ପ୍ରତିବାଦରେ ଗୁଆଲସିଂ ରାଜସ୍ୱ କାର୍ଯ୍ୟାଳୟ ଆଗରେ ଏହି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ମଧ୍ୟାହ୍ନରେ ସଂପୃକ୍ତ ସର୍କଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ସେ ଆସନ୍ତା ୮ଦିନ ମଧ୍ୟରେ ଭୂମିହୀନଙ୍କୁ ଜମି ପ୍ରଦାନ ଲାଗି ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଥିଲେ । ପରେ ତହସିଲଦାରଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଗୁଆଲସିଂ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଦେଇ ଗ୍ରାମକୁ ଯାଇଥିବା ରାସ୍ତା ଠାକୁରାପାଟଣା ଗ୍ରାମବାସୀଙ୍କ ଯାତାୟାତ ପାଇଁ ମୁଖ୍ୟ ରାସ୍ତା । ଏହି ରାସ୍ତା କଡରେ ଖାତା ନଂ ୧୬୪୪, ପ୍ଲଟ ନଂ-୭୦୩ରେ ଏ୦.୧୧୦ପରିମାଣର ଏକ ପତିତ ଜମି ରହିଛି। ଉକ୍ତ ପତିତ ଜମିରେ କେଉଁ ଆବାହମାନ କାଳରୁ ଗ୍ରାମବାସୀ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦଶହାଣ୍ଡି ପକାଇ ଆସୁଛନ୍ତି । ମାତ୍ର ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଜମିକୁ ଯଦୁ ପୃଷ୍ଟି ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଯଦୁ ଗତ ୨ଦିନ ତଳେ ଉକ୍ତ ଜମିରେ ବାଡ ଦେବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। କେତେକ ଗ୍ରାମବାସୀ ଏହାର ବିରୋଧ କରି ଏପରି କାର୍ଯ୍ୟ କରିବାର କାରଣ ଯଦୁଙ୍କୁ ପଚାରିବାରୁ ତହସିଲ ପ୍ରଶାସନ ଉକ୍ତ ଜମିକୁ ତାଙ୍କୁ ପ୍ରଦାନ କହିଥିବା କହିଥିଲେ। ତହସିଲ ପ୍ରଶାସନ ସଂପୃକ୍ତ ଭୂମିହୀନଙ୍କୁ ଜମି ପ୍ରଦାନ ପୂର୍ବରୁ ନିୟମ ଅନୁଯାୟୀ ନୋଟିସ କରାଯାଇଥିଲା ବୋଲି ଆରଆଇ ଗ୍ରାମବାସୀଙ୍କ ସହିତ ଆଲୋଚନା ସମୟରେ ସୂଚନା ଦେଇଥିଲେ। ପୂର୍ବତନ ସରପଞ୍ଚ ସରୋଜକାନ୍ତ ବିହାରୀ, ସୁରେଶ କୁମାର ସେଠୀ, ସୁଲେଖ କୁମାର ସାହୁ , ଅମର ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା । ଶୈଳବାଳା ସାହୁ, କାମିନୀ ସାହୁ, ରଶ୍ମିତା ବିହାରୀ, ମହେଶ୍ୱର ବେହେରା, କ୍ଷୀରୋଦ ସାହୁଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।


ପଣ୍ଡୁ ପୂର୍ଣ୍ଣମୀ ଅବସରରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବ ଜୀଉଙ୍କ ଧେନୁକାସୁର ବଧ ବେଶ।

## ■ ଅଧିକ ମାତ୍ରାରେ ଜରିମାନା ଆଦାୟକୁ ବିରୋଧ
# ତହସିଲଦାରଙ୍କୁ ଟ୍ରାକ୍ଟର ମାଲିକଙ୍କ ଦାବିପତ୍ର

**ମାର୍ଶାଘାଇ, ୧୨।୧୨ (ଡି.ଏନ୍.ଏ.)**

ଅତ୍ୟଧିକ ଜରିମାନା ଆଦାୟକୁ ବିରୋଧ କରି ମାର୍ଶାଘାଇ-ମହାକାଳପଡ଼ା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ମାର୍ଶାଘାଇ ତହସିଲଦାରଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟ୍ରାକ୍ଟର ସାହାଯ୍ୟରେ ହେଉଥିବା ରୋଜଗାର ତୁଳନାରେ ଅତ୍ୟଧିକ ମାତ୍ରାରେ ଜରିମାନା ଦେବାକୁ ପଡୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବି ପ୍ରଦାନ ପୂର୍ବରୁ ସଂଘ ପକ୍ଷରୁ ମାର୍ଶାଘାଇ ଯଜ୍ଞ ପଡ଼ିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତିକ୍ରମେ ସଂଘର ଶତାଧିକ ସଦସ୍ୟ ତହସିଲଦାରଙ୍କୁ ଭେଟି ଦବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ନିରଞ୍ଜନ ସାହୁଙ୍କ ଅନୁପସ୍ଥିତ ଥିବାରୁ ମୁଖ୍ୟଲିପିକ ରବୀନ୍ଦ୍ର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। ଦାବି ପ୍ରଦାନ ବେଳେ ନିର୍ମଳ ପତି, ରମେଶ ସ୍ୱାଇଁ, ଗଣେଶ ପ୍ରସାଦ ଲେଙ୍କା, ଶୈଳେନ୍ଦ୍ର ନାୟକ, ଅନାଦି ଚରଣ ନାୟକ, କୈଳାସ ଚନ୍ଦ୍ର ରଥ, ପ୍ରିୟରଞ୍ଜନ ଦାସ, ପ୍ରଶାନ୍ତ ଦାସ, ରାକେଶ କୁମାର ପଣ୍ଡା, ନିରଞ୍ଜନ ମଳିକ, ପ୍ରଦୀପ୍ତ ବସନ୍ତିଆ, ଆଲୋକ କୁମାର ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ପ୍ରଭାତ ରଞ୍ଜନ ପଣ୍ଡା, କିଶୋର କୁମାର ଦାସ, ଜ୍ଞାନରଞ୍ଜନ ବସନ୍ତିଆ, ଚିତ୍ତରଞ୍ଜନ ପ୍ରଧାନ, ଅମୀୟ ରଞ୍ଜନ ଦଳାଇ, ମାନସ ରଞ୍ଜନ ବସନ୍ତିଆ, କାର୍ତ୍ତିକ ସାମଲ ପ୍ରମୁଖ ମାଲିକମନେ ଉପସ୍ଥିତ ଥିଲେ।


ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ■ କାମ କରୁନି ବନ ବିଭାଗ କଟକଣା
# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**ମହାକାଳପଡା, ୧୨।୧୨ (ଡି.ଏନ୍.ଏ.)**



- ନିଷିଦ୍ଧାଞ୍ଚଳକୁ ଅବାଧରେ ପ୍ରବେଶ କରୁଛି ମାଛଧରା ଟ୍ରଲର
- ଲଞ୍ଚଘୋଲା ବେଳାଭୂମିରେ ପଡ଼ିଛି ମୃତ ଅଲିଭ୍‌ରିଡଲେ

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡଲେଙ୍କ ପ୍ରଜନନ ସ୍ଥଳ ଭାବେ ବେଶ ପରିଚିତି ଲାଭ କରିଛି। ଏଠାକାର ବିସ୍ତୀର୍ଣ୍ଣ ବେଳାଭୂମିରେ ଅଣ୍ଡାଦାନ କରିବାକୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଅଲିଭ୍‌ରିଡଲେ କଇଁଛ ପ୍ରତିବର୍ଷ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଏ। ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ନିଷିଦ୍ଧାଞ୍ଚଳକୁ ଟ୍ରଲର ନେଇ ଯିବା ବା ମାଛ ମାରିବା ପାଇଁ ବାରଣ କରାଯାଇଥାଏ। ଏଥିସହ ବନ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରିବା ସହ ପାଟ୍ରୋଲିଂ କରି କଇଁଛଙ୍କ ସୁରକ୍ଷା ଦିଗରେ ନଜର ରଖିଥାନ୍ତି। ହେଲେ ଏତେ କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରେ ମାଛ ମାଫିଆମାନେ ପଶି ମାଛ ମାରୁଥିବା ଜଣାପଡ଼ିଛି। ଗୁରୁବାର ମହାକାଳପଡ଼ା ବ୍ଲକ ଅଞ୍ଚଳର ଲଞ୍ଚଘୋଲାସ୍ଥିତ ବେଳାଭୂମିରେ ମଲା କଇଁଛ ପଡ଼ିଥିବା ଦେଖାଯିବା ପରେ ଅଲିଭ୍‌ରିଡଲେଙ୍କ ସୁରକ୍ଷା ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବନବିଭାଗ, ତଟରକ୍ଷୀ ବାହିନୀ, ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗ ଅଲିଭ୍‌ରିଡଲେ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ନିଷିଦ୍ଧାଞ୍ଚଳକୁ ଅବାଧରେ ଟ୍ରଲର ପଶୁଥିବା ବେଳେ ମାଛ ଧରାହେଉଛି। ଟ୍ରଲର ଗାଞ୍ଜି ଜାଲରେ ପଡି ବିରଳ କଇଁଛଙ୍କ ମୃତ୍ୟୁ ଘଟୁଛି। ଏ ନେଇ ପରିବେଶବିତ୍ ସମରେନ୍ଦ୍ର ମାହାଳୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇଙ୍କୁ ପଚାରିବାରେ କଇଁଛମାନଙ୍କ ସୁରକ୍ଷା ଦୃଷ୍ଟିରୁ ଅଗରନାସୀ, ବାବୁବାଲି ଓ ଏକକୁଳାନାସୀଠାରେ ୩ଟି କ୍ୟାମ୍ପ କରାଯାଇଛି। ୩୦ରୁ ଅଧିକ ସୁରକ୍ଷା କର୍ମଚାରୀଙ୍କ ସମେତ ୨ ହାଇସ୍ପିଡ ବୋଟ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ବୋଲି କହିଛନ୍ତି।



ମୁଁ କେବଳ ରାନୁ ମଣ୍ଡଳଙ୍କୁ ବ୍ରେକ୍ ଦେଇନି, ଅନେକେ ଏଥିରେ ସାମିଲ ହୋଇଛନ୍ତି। ମୋତେ ରାନୁଙ୍କ ମ୍ୟାନେଜର ଭାବି ପ୍ରଶ୍ନ କରିବା ବନ୍ଦ କରନ୍ତୁ।
-ହିମେଶ୍ ରେଶମିୟା,
ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ



# ୬୯ ବର୍ଷରେ ପାଦ ଥାପିଲେ ରଜନୀକାନ୍ତ

**ବେଙ୍ଗାଲୁରୁ:** ତାମିଲ, ତେଲୁଗୁ, ମାଲାୟଲମ୍, ବେଙ୍ଗଲୀ, ହିନ୍ଦୀ ଆଦି ଭାଷାରେ ୧୬୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଥିବା ସୁପରଷ୍ଟାର ରଜନୀକାନ୍ତ ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୫୦ ଡିସେମ୍ବର ୧୨ରେ ବେଙ୍ଗାଲୁରୁଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ ଶିବାଜୀ ରାଓ ଗାଏକ୍ୱାଡ୍। ତାଙ୍କୁ ଲୋକେ ସ୍ନେହରେ ଥାଲାଇବା ବୋଲି ଡାକିଥାନ୍ତି। ଫ୍ୟାମିଲିକୁ ଅଧିକ ଗୁରୁତ୍ୱ ଦେଉଥିବା ରଜନୀକାନ୍ତଙ୍କର ପୋର୍ନ ଅଭିନେତ୍ରୀ ସିଲ୍କ ସ୍ମିତାଙ୍କ ସହିତ ଆଫେୟାର୍ସ ନେଇ ୮୦ ଦଶକରେ ବେଶ୍ ଚର୍ଚ୍ଚା ହୋଇଥିଲା। ଉଭୟ ବହୁ ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଆଫେୟାର୍ସ ଅନେକ ଦିନ ଧରି ଚାଲିଥିଲା ବୋଲି କେତେକ କୁହନ୍ତି। ରଜନୀକାନ୍ତ ସିଲ୍କ ସ୍ମିତାଙ୍କ ଶରୀରରେ ସିଗାରେଟ ଚେଙ୍କ ଦେଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ୧୯୯୬ରେ ସିଲ୍କ ସ୍ମିତା ମାନସିକ ସ୍ଥିତି ହରାଇ ବସି ଆତ୍ମହତ୍ୟା କରିଥିଲେ। ପରେ ୨୦୧୧ରେ ତାଙ୍କ ଜୀବନୀ ଉପରେ ଡାର୍ଟି ପିକଚର ନିର୍ମିତ ହୋଇଥିଲା।

# ଭାବପ୍ରବଣତା ନଷ୍ଟ କରୁଛି ମୋବାଇଲ



**ନୂଆଦିଲ୍ଲୀ:** ସହଜ ଓ ଆରାମଦାୟକ ଜୀବନ ପାଇଁ ନୂଆ ଟେକ୍ନୋଲୋଜିମାନ ଉଦ୍ଭାବନ ହେବାରେ ଲାଗିଛି। ଏହି ଜ୍ଞାନକୌଶଳକୁ ଅତି ସୁବିଧାରେ ଆମେ ସ୍ମାର୍ଟଫୋନ ଜରିଆରେ ହାତପାହାନ୍ତାରେ ପାଇପାରୁଛୁ। ତେଣୁ ମୋବାଇଲ ଫୋନ ଆମ ସମସ୍ତଙ୍କ ଅତି ଜରୁରୀ ତଥା ପ୍ରିୟ ସାମଗ୍ରୀରେ ପରିଣତ ହୋଇଛି। ହେଲେ ଏହି ମୋବାଇଲ ଫୋନ ପ୍ରତି ମାତ୍ରାଧିକ ଦୁର୍ବଳତା ଯୁବପିଢ଼ିଙ୍କୁ ଗ୍ରାସ କରି ରଖିଥିବା ଏବଂ ବିଶେଷ କରି ସେମାନଙ୍କ ମାନସିକ ସ୍ଥିତି ଏଥିଯୋଗୁ ପ୍ରଭାବିତ ହେଉଥିବା ନିକଟରେ ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ରିସର୍ଚ୍ଚରଙ୍କ କହିବା ମୁତାବକ, ଫୋନରେ ଆଜିର ଯୁବପିଢ଼ି ଏତେ ହଜି ଯାଉଛନ୍ତି ଯେ, ସେମାନେ ନିଜ ପରିବାର କିମ୍ବା ପ୍ରିୟଜନଙ୍କ ନିକଟରେ ଥାଇ ମଧ୍ୟ ନ ଥିଲା ପରି ମନେହେଉଛି। ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ଭାବପ୍ରବଣତା ଏକ ପ୍ରକାର ନଷ୍ଟ ହେବାରେ ଲାଗିଛି। ଏହା ପ୍ରିୟଜନଙ୍କ ସହ ସମ୍ପର୍କ ମଧ୍ୟ ଦୁର୍ବଳ ହେବାର ମଧ୍ୟ କାରଣ ସାଜୁଛି। ଅଫିସ୍‌ର କାମ ଆଉ ଅଫିସ୍ ଭିତରେ ସୀମିତ ନ ରହୁନାହିଁ। ଫୋନ, ମେସେଜ, ଚାଟ ଜରିଆରେ ଲୋକେ ଘରେ କିମ୍ବା ବାହାରେ ଥାଇ ମଧ୍ୟ ଅଫିସ ସହ ଯୋଡି ହୋଇରହୁଛନ୍ତି। ଫଳରେ ନିଜ ଲୋକ କିମ୍ବା ବନ୍ଧୁଙ୍କ ସହ ଗୁଣାତ୍ମକ ସମୟ ବିତାଇବା ଅନେକଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଅନେକେ ଏକୁଟିଆପଣର ଶିକାର ହେଉଥିବାରୁ ସେମାନଙ୍କ ମଧ୍ୟରେ ଚିଡିଚିଡାପଣ ସ୍ୱଭାବ ଜନ୍ମ ନେଉଛି। ଏକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଏବ ସର୍ବେକ୍ଷଣ ମୁତାବକ, ଅନ୍ୟ ବିକାଶଶୀଳ ଦେଶଗୁଡିକ ତୁଳନାରେ ଭାରତରେ ୮୨ ପ୍ରତିଶତ ଯୁବପିଢି ଏକୁଟିଆପଣ, ଚିଡିଚିଡା ସ୍ୱଭାବ, ଭାବପ୍ରବଣତା ଅଭାବ, ମାନସିକ ଅଶାନ୍ତି ସହ ବିଭିନ୍ନ ପ୍ରକାରର ଶାରୀରିକ ଅସୁସ୍ଥତାର ଶିକାର। ଏପରିକି ସର୍ବେକ୍ଷଣରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୬୩ ପ୍ରତିଶତ ଲୋକଙ୍କ କହିବା ମୁତାବକ, ଛୋଟ ଛୋଟ କଥାରେ ଯେପରି ଫୋନ ଚାର୍ଜ ହେଉଥିବାବେଳେ କେହି ଏହାକୁ କାଢିଦେଲେ କିମ୍ବା ୱାଇଫାଇ ବନ୍ଦ ହୋଇଗଲେ ଅନେକେ ମାତ୍ରାଧିକ ବିରକ୍ତ ତଥା କ୍ରୋଧାନ୍ୱିତ ହେଉଥିବା ଦେଖାଯାଉଛି। ଏଥିଯୋଗୁ ବେଳେବେଳ ମାର୍‌ପିଟ୍ ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜୁଛି। ଯଦି ଦିନରେ କିଛି ସମୟ ଶାରୀରିକ ପରିଶ୍ରମ କରି ମୋବାଇଲରୁ ଧ୍ୟାନ ହଟାଯାଇପାରନ୍ତା ତେବେ ଅନେକେ ଏପରି ଅସୁବିଧାରୁ ମୁକୁଳିପାରନ୍ତେ ବୋଲି ମନସ୍ତତ୍ତ୍ୱବିତ୍‌ମାନେ ମତ ରଖିଛନ୍ତି।

# ଭାରତରେ ବାଦାମ ବିକୁଛନ୍ତି ପାକ୍‌ର ପୂର୍ବତନ ଏମ୍‌ପି



**ଫତେହାବାଦ:** ଭାରତର ହରିୟାଣାରେ ବାଦାମ ଓ ଆଇସକ୍ରିମ୍ ବିକ୍ରି କରୁଛନ୍ତି ପାକିସ୍ତାନର ପୂର୍ବତନ ଏମ୍‌ପି। ଏହି ଏମ୍‌ପି ଜଣକ ହେଉଛନ୍ତି ଦୱାୟାରାମ। ପାକିସ୍ତାନରୁ ବିତାଡ଼ିତ ହୋଇ ସେ ଏବେ ଫତେହାବାଦ୍‌ର ରତନଗଡ଼ରେ ବାସ କରୁଛନ୍ତି। ସେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ସମୟରେ ଏମ୍‌ପି ଥିଲେ। ତେବେ ଏମ୍‌ପି ହେବାର ୧୫ ଦିନ ପରେ କିଛିଲୋକ ତାଙ୍କ ପରିବାରର ଜଣେ ଝିଅଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ସଂରକ୍ଷିତ ଏମ୍‌ପି ପଦରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ଏହାପରେ ଦୱାୟାରାମ କୋର୍ଟରେ ଏକ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ଆପୋଷ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲେ। ନିର୍ଯାତିତ ହୋଇ ସେ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ଏବେ ଭାରତର ନାଗରିକ ହୋଇଥିବାରୁ ସେ ବିଭିନ୍ନ ସରକାରୀ ଯୋଜନାର ଲାଭ ନେବାକୁ ଆଶା କରିଛନ୍ତି।



# ଆଇ ଫୋନ୍ ବଦଳାଇଲା ଲୋଗୋ

# କଟା ଆପଲ ସ୍ଥାନରେ ଓନିଅନ୍

ପିଆଜ ଦର ଏବେବି ଅନେକ ରାଜ୍ୟରେ କିଲୋ ପିଛା ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଫଳରେ ଏହା ଏବେ ମୂଲ୍ୟବାନ୍ ଜିନିଷ ହୋଇଛି। ଏଭଳି ପରିସ୍ଥିତିରେ ପିଆଜକୁ ନେଇ ବିଭିନ୍ନ ରୋଚକ ଖବର ଆସୁଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ପିଆଜର ଚଢ଼ାଦର ସମୟରେ ଆର୍‌ପିଜି ଗ୍ରୁପ୍ ଚେୟାର୍‌ମ୍ୟାନ୍ ହର୍ଷ ଗୋଏଙ୍କା ଆଇ ଫୋନ୍ ଲୋଗୋରେ କଟା ସେଓ(ଆପଲ୍) ସ୍ଥାନରେ ପିଆଜ(ଓନିଅନ୍) ଥିବା ଫଟୋକୁ ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ, ପ୍ରିମିୟମ୍ ଲୋଗୋ ପାଇଁ ଆଇ ଫୋନ୍ ଏହାର ଲୋଗୋ ବଦଳାଇ ଦେଇଛି। ଏଠାରେ କହିରଖୁଛୁ ଯେ, ପିଆଜର ମୂଲ୍ୟ ବଢ଼ିବାପରେ ନିକଟରେ ଜଣେ ଚାଷୀଙ୍କ ଖେତରୁ ପିଆଜ ଚୋରି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ସେହିପରି ଏକ ବିବାହ ଉତ୍ସବରେ ନବଦମ୍ପତିଙ୍କୁ ପିଆଜ ଉପହାର ଦିଆଯାଇଥିବାବେଳେ ତାମିଲ୍‌ନାଡୁରେ ଜଣେ ସ୍ମାର୍ଟଫୋନ୍ ଦୋକାନୀ ଗ୍ରାହକଙ୍କ ପାଇଁ ସ୍ମାର୍ଟଫୋନ୍ ସହ କିଲେ ପିଆଜ ଫ୍ରି ଭଳି ଆକର୍ଷଣୀୟ ଅଫର୍ ମଧ୍ୟ ରଖିଥିବା ଖବର ନଜରକୁ ଆସିଛି। ହେଲେ ଆଇ ଫୋନ୍ ନିଜ ଲୋଗୋ ବଦଳାଇବା ଘଟଣା ଏବେ ଦେଶରେ ଚର୍ଚ୍ଚାର ବିଷୟ ହୋଇଛି।

**ତେଲ୍ ଆଭିବ୍:** ମଣିଷକୁ ଆଘାତ ଲାଗିଲେ କଷ୍ଟ ହୋଇଥାଏ। ଅନୁରୂପ ଭାବେ ଛୋଟ ବଡ଼ ସମସ୍ତ ପ୍ରାଣୀଙ୍କୁ ମଧ୍ୟ ଏଭଳି ଅନୁଭୂତ ହୋଇଥାଏ। ତେବେ ଗଛଲତାକୁ କାଟିଲେ ଅବା ପତ୍ର ଛିଣ୍ଡାଇଲେ କଷ୍ଟ ହୋଇଥାଏ। ଏନେଇ ଇସ୍ରାଏଲ୍ ତେଲ୍ ଆଭିବ୍ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଗବେଷକ ଟମାଟୋ ଏବଂ ତମାଖୁ ଗଛ ଉପରେ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି।



# ଗଛଲତାକୁ ବି ହୋଇଥାଏ କଷ୍ଟ

ଅନୁପଯୁକ୍ତ ପରିବେଶ ଏବଂ ଚାପଗ୍ରସ୍ତ ହେଲେ ଗଛଲତାଙ୍କୁ କଷ୍ଟ ହୋଇଥାଏ। ସେମାନେ ଏକ ପ୍ରକାର ଶବ୍ଦ ସୃଷ୍ଟି କରନ୍ତି। ଗବେଷକ ଏହି ଶବ୍ଦକୁ ମାଇକ୍ରୋଫୋନ ଦ୍ୱାରା ରେକର୍ଡ କରିଥିବା ଦାବି କରିଛନ୍ତି। ପତ୍ର ତୋଳିବା ସମୟରେ ଗଛଲତା ଯନ୍ତ୍ରଣାରେ ଶିହରି ଯାଇଥାନ୍ତି। ଫଳରେ ୨୦ କିଲୋହର୍ଜରୁ ୧୦୦ କିଲୋହର୍ଜ ଫ୍ରିକ୍ୟୁଏନ୍ସି ପର୍ଯ୍ୟନ୍ତ ଶବ୍ଦ ସୃଷ୍ଟି ହୋଇଥାଏ। ୩୫ ପ୍ରକାର ବିଭିନ୍ନ ମେସିନ୍ ଲଗାଯାଇ ଗବେଷକ ଟମାଟୋ ଏବଂ ତମାଖୁ ଗଛରେ ସୃଷ୍ଟି ହେଉଥିବା ତରଙ୍ଗକୁ ରେକର୍ଡ କରି ଏହା ଜାଣି ପାରିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଶ୍ୱାସ ଦୂରକରେ ଶଙ୍ଖ ବାଦନ

**ନୂଆଦିଲ୍ଲୀ:** କେତେକଙ୍କଠାରେ ଶ୍ୱାସ ସମସ୍ୟା ଦେଖାଦେଇଥାଏ। ବିଶେଷକରି ଶୀତଦିନେ ଏହାର ପ୍ରଭାବ ଅଧିକ ଦେଖାଦେଇଥାଏ। ଏଥିପାଇଁ କେତେକ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଔଷଧ ସେବନ କରିଥାନ୍ତି। ତେବେ କେତେକ ଘରୋଇ ଉପଚାର ଦ୍ୱାରା ଏହି ସମସ୍ୟା ସହଜରେ ଦୂର ହୋଇଥାଏ। ସକାଳେ ସନ୍ଧ୍ୟାରେ ଅଭ୍ୟାସ କରି ଶଙ୍ଖ ବାଦନ କଲେ ଶ୍ୱାସ ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଶଙ୍ଖ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ହାର୍ଟ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସ୍ୱାଭାବିକ ହୁଏ। ଶଙ୍ଖ ବାଦନ ଦ୍ୱାରା ମୁଖମଣ୍ଡଳର ମାଂସପେଶୀ ସୁଦୃଢ଼ ହୁଏ। ଏହାଦ୍ୱାରା ମୁଖମଣ୍ଡଳ ଉଜ୍ଜ୍ୱଳତା ମଧ୍ୟ ବୃଦ୍ଧି ପାଏ। ଏହାଦ୍ୱାରା ବିଭିନ୍ନ ତଳିପେଟ ସମସ୍ୟା ଦୂର ହୋଇଥାଏ। ନିୟମିତ ଶଙ୍ଖ ବାଦନ କଲେ ମୂତ୍ରାଶୟ ସମସ୍ୟା ହୋଇ ନ ଥାଏ।



# 'ଅନ୍ଦାଜ୍ ଅପ୍‌ନା ଅପ୍‌ନା-୨'ରେ ଦୁଇ ରଣବୀର



ରଣବୀର ସିଂ



ରଣବୀର କପୁର

**ମୁମ୍ବାଇ:** ୧୯୯୪ରେ ରିଲିଜ୍ ସଲ୍‌ମାନ ଖାନ୍ ଏବଂ ଆମୀର୍ ଖାନ୍ ଅଭିନୀତ ସୁପରହିଟ୍ ବଲିଉଡ୍ ଫିଲ୍ମ 'ଅନ୍ଦାଜ୍ ଅପ୍‌ନା ଅପ୍‌ନା'ର ସିକ୍ୱେଲ୍ ପ୍ରସ୍ତୁତ ହେଉଛି। ଆଜି ବି ୯୦ ଦଶକର ଫିଲ୍ମ ବାବଦରେ ଚର୍ଚ୍ଚା ଉଠିଲେ, 'ଅନ୍ଦାଜ୍ ଅପ୍‌ନା ଅପ୍‌ନା' ଢେର ପ୍ରଶଂସା ସାଉଁଟିଥାଏ। ତେବେ ଏପରି କିଛି ଘଟଣା ମଧ୍ୟ ରହିଛି, ଯାହା ଆଜି ଯାଏଁ ଫିଲ୍ମକୁ ଚର୍ଚ୍ଚାରେ ରଖିଛି। ଫିଲ୍ମକୁ ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଫିଲ୍ମର ସମସ୍ତ ଆକ୍ଟର ମତଭେଦ କାରଣରୁ କେହି କାହା ସହ କଥାବାର୍ତ୍ତା କରୁ ନ ଥିଲେ। ହେଲେ ଏହି ମତଭେଦ ସେମାନଙ୍କ ଅଭିନୟ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଦୀର୍ଘଦିନ ହେଲା ୯୦ ଦଶକର ଏହି ଲୋକପ୍ରିୟ ଫିଲ୍ମର ସିକ୍ୱେଲ ଆସିବା ନେଇ ଆଲୋଚନା ହେଉଛି। ଏକ ଜାତୀୟ ଗଣମାଧ୍ୟମ ଅନୁସାରେ, ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିଜ ଫିଲ୍ମର ସିକ୍ୱେଲ ନିର୍ମାଣ ପାଇଁ ଯୋଜନା ଚଳାଇଛନ୍ତି। ଏହାସହ ୨୦୨୦ରେ ଫିଲ୍ମର ସିକ୍ୱେଲ 'ଅନ୍ଦାଜ୍ ଅପ୍‌ନା ଅପ୍‌ନା-୨' ରିଲିଜ୍ ହେବ ବୋଲି ମଧ୍ୟ ଜଣାପଡ଼ିଛି। ତେବେ ସବୁଠାରୁ ବଡ଼ କଥା ହେଲା, ଫିଲ୍ମର ମୁଖ୍ୟ ଭୂମିକାରେ ରଣବୀର କପୁର ଏବଂ ରଣବୀର ସିଂଙ୍କୁ ନେବାକୁ ନିର୍ଦ୍ଦେଶକ ଯୋଜନା କରିଛନ୍ତି। ଏନେଇ ଉଭୟଙ୍କ ସହ ସନ୍ତୋଷୀ ଆଲୋଚନା କରିଛନ୍ତି। ଯଦି ଆଲୋଚନା ସଫଳ ହୁଏ, ତା'ହେଲେ ପ୍ରଥମ ଥର ପାଇଁ ଦୁଇ ଅଭିନେତାଙ୍କୁ ଗୋଟିଏ ସ୍କ୍ରିନ୍‌ରେ ଦର୍ଶକ ଦେଖିବାର ସୁଯୋଗ ପାଇବେ। ତେବେ ଦୁଇ ହିରୋଙ୍କ ଦୁଇ ହିରୋଇନ୍ କିଏ ହେବେ, ତାହାରି ଉପରେ ସମସ୍ତଙ୍କ ନଜର ଅଟକିଛି।

## ସଂକ୍ଷେପରେ

### ଅଟୋ ବାଇକ ମୁହାଁମୁହିଁ ଧକ୍କା, ୩ ଗୁରୁତର

ଡେରାବିଶ,୧୨।୧୨(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତ ଚାଟେଶ୍ୱର ମହାଦେବଙ୍କ ପୀଠ ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକମାନେ ହେଲେ ଚାଟରାଚକଡା ପଞ୍ଚାୟତ ଫକିରାବାଦ ଗ୍ରାମର ଧ୍ରୁବ ଜେନାଙ୍କ ପୁଅ ଦୀପକ (୧୮), ଧରଣୀଧର ଜେନାଙ୍କ ପୁଅ କାର୍ତ୍ତିକ (୧୭) ଏବଂ କାର୍ତ୍ତିକଙ୍କ ଜଣେ ସମ୍ପର୍କୀୟ। ପ୍ରକାଶ ଯେ, ଏହି ତିନି ଯୁବକ ଏକ ବାଇକ୍ ଯୋଗେ ଫକିରାବାଦରୁ ଡେରାବିଶ ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ଭାଗରୁ ଆସୁଥିବା ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ସେମାନେ ଆହତ ହୋଇଥିଲେ। ଦୀପକ ଓ କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ କାର୍ତ୍ତିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ଯୁବକ ଜଣକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁର ଗ୍ରାମରେ। ଦୁର୍ଘଟଣା ଘଟାଇଥିବା ଅଟୋ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଡେରାବିଶ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନାଗରିକତ୍ୱ ସଂଶୋଧନ ବିଲ୍ ନେଇ ଆଲୋଚନା ଜୋର

## ■ ବାଂଲାଦେଶୀଙ୍କ ଆଶା ସଞ୍ଚାର, ପରିବେଶବିତ୍‌ଙ୍କ ଉଦ୍‌ବେଗ

କେନ୍ଦ୍ରାପଡା ଅଫିସ,୧୨।୧୨

କେନ୍ଦ୍ରାପଡା ଜିଲା ପାଇଁ ବାଂଲାଦେଶୀ ଅନୁପ୍ରବେଶ ଏକ ମୁଖ୍ୟ ସମସ୍ୟା। ଏହି ଜିଲାରେ ୭୦ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ଦୀର୍ଘ ବର୍ଷ ହେବ ବାସ କରୁଛନ୍ତି। ତେବେ ଗତ ବୁଧବାର ରାଜ୍ୟ ସଭାରେ ନାଗରିକତ୍ୱ ସଂଶୋଧନ ବିଲ୍ ପାରିତ ହେବା ପରେ ଏଠାରେ ରହୁଥିବା ବଙ୍ଗ ଭାଷାଭାଷୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ବିଶେଷକରି ୨୦୦୫ ମସିହାରେ ଜିଲାର ଦେଶାନ୍ତର ନୋଟିସ ପାଇଥିବା ୧୫୫୧ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଏହି ବିଲ ଜିଲାର ପରିବେଶ ତଥା ଦେଶ ପାଇଁ ବିପଦ ସୃଷ୍ଟି କରିବ ବୋଲି ପରିବେଶବିତମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ବିଲ୍‌ରେ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ଥାନ ଦେଶରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ରହୁଥିବା ହିନ୍ଦୁ, ବୌଦ୍ଧ, ଶିଖ, ଖ୍ରୀଷ୍ଟିଆନ, ପାର୍ଶି ଓ ଜୈନ ଧର୍ମାବଲମ୍ବୀଙ୍କୁ ନାଗରିକତା ମିଳିବ ବୋଲି ଘୋଷଣା ହୋଇଛି। ଯାହା ଫଳରେ ବାଂଲାଦେଶ ଯୁଦ୍ଧ ସମୟରେ ଏହି ଜିଲାକୁ ଆସିଥିବା ଶରଣାର୍ଥୀଙ୍କ ସହ ଅନୁପ୍ରବେଶକାରୀଙ୍କୁ ନାଗରିକତା ମିଳିବା ଉପରେ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ମହାକାଳପଡା ବ୍ଲକ ପିତାପାଟ ଗ୍ରାମର ଦୀପକ ମଣ୍ଡଳ କହିଛନ୍ତି ଯେ, ତାଙ୍କ ନାମରେ ହୋଇଥିବା ଦେଶାନ୍ତର ନୋଟିସ ଭୁଲ। ୧୯୪୮ ମସିହାରେ ପଶ୍ଚିମବଙ୍ଗର ମେଦିନାପୁରରୁ ତାଙ୍କ ଜେଜେବାପା ଏଠାକୁ ଆସି ରହିଥିଲେ। ସେ କେନ୍ଦ୍ରାପଡାରେ ଜନ୍ମ ହୋଇଛନ୍ତି। ଏହି ବିଲ ଦେଶରେ ଲାଗୁ ହେଲେ ମୋତେ ମିଳିଥିବା ଦେଶାନ୍ତର ନୋଟିସ ଅକାମି ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ହରିଆବାଙ୍କ ଗ୍ରାମର ଅମିତ ମିର୍ଦ୍ଧା କୁହନ୍ତି ଯେ, ବଙ୍ଗ ବିଭାଜନ ସମୟରେ ସେମାନଙ୍କ ପୂର୍ବପୁରୁଷ ଏଠାରେ ଶରଣାର୍ଥୀ ଭାବେ ରହିଛନ୍ତି। ତେବେ ତାଙ୍କୁ ଦେଶାନ୍ତର ନୋଟିସ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ବିଲ ଅନୁମୋଦନ ପରେ ଏଠାରେ ରହିବା ନେଇ ତାଙ୍କର ଆଶା ଉଜ୍ଜ୍ୱଳ ହୋଇଥିବା ସେ ପ୍ରକାଶ କରିଛନ୍ତି। ହରିଆବାଙ୍କ ଗ୍ରାମର ଭବତୋଷ ରାୟ କହିଛନ୍ତି ଯେ, ମୋଦି ସରକାରଙ୍କ ଏହି ବିଲ ଆମ ମନରେ ଭରସା ଆଣିଛି। ଆମକୁ କେହି ବିଦେଶୀ ବୋଲି କହିବେ ନାହିଁ। ତାଙ୍କ ପୂର୍ବପୁରୁଷ ବାଂଲାଦେଶର ଖୁଲଣାରୁ ଆସିଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଦ୍ରଭୂମି ସୁରକ୍ଷା କମିଟିର କାର୍ଯ୍ୟକର୍ତ୍ତା ରଞ୍ଜନ ଦାସ, ପରିବେଶବିତ ହେମନ୍ତ କୁମାର ରାଉତ, ସୂଚନା ଅଧିକାର ଅଭିଯାନ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଏହି ବିଲ କେନ୍ଦ୍ରାପଡା ଜିଲା ତଥା ଦେଶ ପାଇଁ ବିପଦ ଆଣିବ। ଏହି ଜିଲାର ସମୁଦ୍ର ତଟ ଦେଇ ପ୍ରତି ସପ୍ତାହରେ ଅନୁପ୍ରବେଶ ଲାଗି ରହିଛି। ୧୨୫୩ ଶରଣାର୍ଥୀଙ୍କୁ ବଙ୍ଗ ବିଭାଜନ ସମୟରେ ଏଠାରେ ଥଇଥାନ କରାଯାଇଥିବା ବେଳେ ବଙ୍ଗଭାଷୀଙ୍କ ସଂଖ୍ୟା ଏବେ ୭୦ ହଜାର ଟପିଛି। ଏହି ଅନୁପ୍ରବେଶ ଫଳରେ ଜିଲାର ପରିବେଶ ନଷ୍ଟ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ନିଶା କାରବାର ଠାରୁ ଆରମ୍ଭ କରି ଜାଲ ନୋଟ ପ୍ରଚଳନ, ଜଙ୍ଗଲ ଜମି ଜବରଦଖଲ ଆଦି ବଢ଼ି ଚାଲିଛି। ଏନେଇ ସ୍ୱତନ୍ତ୍ର ଆଇନ ଲାଗୁ କରି ଅନୁପ୍ରବେଶକୁ ବନ୍ଦ କରିବା ଆବଶ୍ୟକ ହୋଇପଡିଛି।

# ଜିଲାରେ ୯ ଏପିପି ନିଯୁକ୍ତ



ଜିଲାପାଳଙ୍କ ନିକଟରେ ନବନିଯୁକ୍ତ ଏପିପି।

କେନ୍ଦ୍ରାପଡା ଅଫିସ, ୧୨।୧୨

ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲାର ବିଭିନ୍ନ କୋର୍ଟ ପାଇଁ ୯ ଜଣ ଏପିପିଙ୍କୁ ନିଯୁକ୍ତ କରାଯାଇଛି। ବିଭାଗୀୟ ନୋଟିସ (ନଂ- ୧୩୫୫୧) ଅନୁଯାୟୀ, ଏପିପି ସୁରେଶ ଚନ୍ଦ୍ର ନାୟକ, ଏପିପି ସ୍ମୃତିରଞ୍ଜନ ସିଂ, ଏପିପି ମୀର ଅଫସର ଅଲ୍ଲୀ ବକ୍ସ, ଏପିପି ତମସା ପାତ୍ର, ଏପିପି ଅଜୟ କୁମାର ମହାନ୍ତି କେନ୍ଦ୍ରାପଡା କୋର୍ଟରେ ଯୋଗ ଦେବେ। ସେହିପରି ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏପିପି ରାଜେନ୍ଦ୍ର କୁମାର ମିଶ୍ର ଓ ଏପିପି ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟଙ୍କୁ ନିଯୁକ୍ତ କରାଯାଇଛି। ଗରଦପୁର ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏପିପି ବ୍ରଜସୁନ୍ଦର ରାଉତ ଓ ଡେରାବିଶ ତହସିଲଦାର ତଥା ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟଙ୍କ କୋର୍ଟରେ ଏପିପି ଭାବେ ସେକ ଅଜିମୁଦ୍ଦିନ ନିଯୁକ୍ତି ପାଇଛନ୍ତି। ଏହି ନିଯୁକ୍ତି ପତ୍ର ପାଇବା ପରେ ସେମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଗୁରୁବାର ଭେଟିଛନ୍ତି।

# ବିଜୁ ଶିଶୁ ଉଦ୍ୟାନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ

ରାଜନଗର,୧୨।୧୨(ଡି.ଏନ.ଏ.)



ଶିଶୁ ଉଦ୍ୟାନ ପାଇଁ ମାପଚୁପ କରାଯାଉଛି।

ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ନେଇ ଲାଗି ରହିଥିବା ଉତ୍ତେଜନା ପ୍ରଶମିତ ହୋଇଛି। ଏହି ବିବାଦୀୟ ସ୍ଥାନ ଏବେ ସ୍ଥାନୀୟ ପ୍ରଶାସନର କବଜାକୁ ଆସିଛି। ସେଠାରେ ବିଜୁ ଶିଶୁ ଉଦ୍ୟାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗର୍ଜନପୁର ମୌଜାରେ ଥିବା ବିଜୁ ସ୍ମୃତି ସଂସଦ କାର୍ଯ୍ୟାଳୟ ପରିସର ଓ ଏହା ପାଖରେ ଥିବା ସରକାରୀ ଜମିକୁ ତହସିଲ ପକ୍ଷରୁ ମାପଚୁପ ଆରମ୍ଭ କରାଯାଇଛି। ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ପୋଲିସ ପ୍ରଶାସନ ଉପସ୍ଥିତିରେ ଜେସିବି ସାହାଯ୍ୟରେ ବିଜୁ ସ୍ମୃତି ସଂସଦ ଘରକୁ ଭଙ୍ଗାଯିବାର କାର୍ଯ୍ୟକ୍ରମ ରହିଛି। ଏହା ଭଙ୍ଗାଯିବା ପରେ ଶିଶୁ ଉଦ୍ୟାନ ନିର୍ମାଣ ହେବାକୁ ସ୍ଥାନକୁ ସମତଳ କରାଯିବ। ବିଜୁ ସ୍ମୃତି ସଂସଦରୁ ହଂସୁଆ ନଦୀ ପର୍ଯ୍ୟନ୍ତ ଥିବା ସରକାରୀ ଜମିରେ ଏହି ଶିଶୁ ଉଦ୍ୟାନ ନିର୍ମାଣ ହେବ। ବିଜୁ ବାବୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଜିଲାପାଳ ସମର୍ଥ ବର୍ମା ଏହି ଶିଶୁ ଉଦ୍ୟାନ ପାଇଁ ଏମଏନଇଜିଆରଏସରେ ୧୦ ଲକ୍ଷ ଟଙ୍କା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ବ୍ୟକ୍ତିଗତ ପାଣ୍ଠିରୁ ୫ଲକ୍ଷ ଟଙ୍କା ଦେଇଛନ୍ତି। ଗୁରୁବାର ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବିଡିଓ ମନ୍ଦରଧର ମହାଳିକ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି, ରାଜନଗର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରାଙ୍କ ସମେତ ତହସିଲର ସୁପରଭାଇଜର, ଅମିନ, ଆରଆଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାରୀ ଜମିକୁ ମାପଚୁପ କରାଯାଇଛି।

## ପ୍ରତିମୂର୍ତ୍ତି ଭଙ୍ଗା ଘଟଣା


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

### (ଭୂ-ଅର୍ଜନ ଉପବିଭାଗ)

ବିଜ୍ଞପ୍ତି ସଂଖ୍ୟା- ୧୨୧୮, ତାରିଖ: ୧୫।୧୧।୨୦୧୯, ସୁନ୍ଦରଗଡ଼

**No.: VII-27:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଯେ, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା- ଅବନକେଲା, ଥାନା- ଭଷ୍ମା, ତହସିଲ- ଟାଙ୍ଗରପାଲି, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲମତେ ପ୍ରାୟ ୦.୭୬ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଗୋଷ୍ଠୀ ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା/ କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଟାଙ୍ଗରପାଲି | ଅବନକେଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୭୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ନିଖିଳ ପବନ କଲ୍ୟାଣ) ଜିଲ୍ଲାପାଳ, ସୁନ୍ଦରଗଡ଼

### ଖତିୟାନ କପି

ମୌଜା– ଅବନକେଲା, ତହସିଲ– ଟାଙ୍ଗରପାଲି, ଜିଲ୍ଲା– ସୁନ୍ଦରଗଡ଼

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୪୮ | ୯୭୭ | ମା.ସା. | ୦.୭୬ | ୦.୭୬ | ଛିନୁ ନାଏକ, ପିତା– ଗରଗଡ଼ ନାଏକ, ଜାତି– ଭୂୟାଁ, ବା– ନିଜଗାଁ |
| ମୋଟ | | | | | ୦.୭୬ | |

24160/14/0027/1920



## GANGADHAR MEHER UNIVERSITY
Amruta Vihar, Sambalpur - 768004

### NOTICE

**No.: 6617/GMU** **Date: 12.12.19**

### TENDER CALL NOTICE

Gangadhar Meher University, Sambalpur invites sealed tenders in two-bid system (Technical and Financial Bid) Books Suppliers/Vendors/Distributors/ Subscription Agencies/Publishers for supply of **Books** to the Library of G.M. University **under RUSA Grant**. The interested firms may submit their sealed tenders superscribing **"Tender for supply of Books to the Library of G.M. University, Sambalpur under RUSA Grant", addressed to The Registrar, G.M. University, Amruta Vihar, Sambalpur - 768004 by Speed Post/ Registered Post only on or before 4.00 P.M. of 26.12.2019 positively.** The authority reserves the right to accept or reject any or all the tenders without assigning any reason thereof. Any changes to this tender call notice will only be notified in the University website. For more details please visit the university website **www.gmuniversity.ac.in**.

**Sd./- REGISTRAR**



## ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, କଟକ

### ବିଜ୍ଞାପନ

**ପତ୍ର ସଂ.୩୨୮୩** **ତା.୧୨।୧୨।୨୦୧୯**

ଶ୍ରୀ ବିଭୁଦେନ୍ଦ୍ର ଜେନା, ପିତା–ସ୍ୱର୍ଗତଃ ନରହରି ଜେନା, ସା:ରାଣୀହାଟ, ଶଗଡିଆସାହି, ଥାନା–ମଙ୍ଗଳାବାଗ, କଟକ ତାଙ୍କ ନାମରେ ଥିବା ବଜ୍ରକବାଟି ରୋଡରେ ବିଦେଶୀ ମଦ ଦୋକାନର ମାଲିକାନା ପାଇଁ ଶ୍ରୀ ଶୁଭେନ୍ଦୁ କୁମାର ଜେନା, ପିତା–ସ୍ୱର୍ଗତଃ ନରହରି ଜେନା, ଦାବି କରୁଅଛନ୍ତି। ଏଣୁ ଏହି ନୋଟିସ ଜରିଆରେ ଜଣାଇ ଦିଆଯାଉଛିକି ଶ୍ରୀ ବିଭୁଦେନ୍ଦ୍ର ଜେନାଙ୍କର କେହି ଦାବୀଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ। ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ।

**ସ୍ୱା./-**
**ଅବକାରୀ ଅଧୀକ୍ଷକ, କଟକ**



**ବିଜ୍ଞାପନ** **ପଞ୍ଚାୟତ ସମିତି, ଚମ୍ପୁଆ**

ଡିଏମ୍‌ଏଫ୍ ଓ ଜିଲ୍ଲା ପ୍ରଶାସନ, କେନ୍ଦୁଝର ଦ୍ୱାରା ନିଯୁକ୍ତି ଭିତ୍ତିକ ବ୍ଲକସ୍ତରୀୟ ପରାମର୍ଶ ଶିବିର

ତା୧୭।୧୨।୨୦୧୯ରିଖ, ସମୟ – ଦିବା ୮ଘଟିକା, ସ୍ଥାନ: ବ୍ଲକ ପରିସର, ଚମ୍ପୁଆ, ବୟସ – ୧୮ବର୍ଷରୁ ୩୨ବର୍ଷ ଭିତରେ। ବିଭାଗ – ଡିଗ୍ରୀ, ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ବିଭିନ୍ନ ଟେକ୍ନିକାଲ ବିଭାଗରେ ତାଲିମ, ଶିକ୍ଷାଗତ ଯୋଗ୍ୟତା – ଦଶମ ପାସ୍‌ରୁ ତଦୂର୍ଦ୍ଧ୍ୱ ଏବଂ ଡିପ୍ଲୋମା, ଡିଗ୍ରୀ ଇନ୍ ଇଞ୍ଜିନିୟରିଂ। ତାଲିମ ସମାପ୍ତି ପରେ ନିଯୁକ୍ତିର ବ୍ୟବସ୍ଥା ଅଛି। ଆବଶ୍ୟକୀୟ ପ୍ରମାଣପତ୍ର – ଫଟୋ, ଆଧାର କାର୍ଡ଼ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର।

**ବହୁ ସଂଖ୍ୟାରେ ଉକ୍ତ ଶିବିରରେ ଯୋଗଦାନ ପାଇଁ ଅନୁରୋଧ କରାଯାଉଛି।**

**BDO, Champua**



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

**ବିଜ୍ଞପ୍ତି ସଂଖ୍ୟା.୧୨୦୮** **(ଭୂ-ଅର୍ଜନ ଉପବିଭାଗ)** **ତାରିଖ:୧୫।୧୧।୨୦୧୯ ସୁନ୍ଦରଗଡ଼**

No.VII-34 :-ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଯେ, ଏକ ସାର୍ବଜନୀନ ଉଦ୍ଦ୍ୟେରେ ଅର୍ଥାତ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା-ଜବାଘାଟ, ଥାନା-ବଣ୍ଡମୁଣ୍ଡା, ତହସିଲ-ବିଶ୍ରା, ଜିଲ୍ଲା-ସୁନ୍ଦରଗଡ଼ରେ ନିମ୍ନ ତଫସିଲମତେ ପ୍ରାୟ ୦.୨୩ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧ – ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ
୨ – ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଗୋଷ୍ଠୀ ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡା/କେନ୍ଦୁଝର
୩ – କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ପ୍ରଯୁଜ୍ୟ ନୁହେଁ
୪ – ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଏଥିସହିତ ସଂଲଗ୍ନ କରାଗଲା
୫ – ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬ – ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ବିଶ୍ରା | ଜବାଘାଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୨୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ନିଖିଳ ପବନ କଲ୍ୟାଣ**
**ଜିଲ୍ଲାପାଳ, ସୁନ୍ଦରଗଡ଼**

### ଖତିୟାନ କପି

**ମୌଜା-ଜବାଘାଟ** **ତହସିଲ-ବିଶ୍ରା** **ଜିଲ୍ଲା-ସୁନ୍ଦରଗଡ଼**

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୦ | ୩୦ | ଗୋଡା-୨ | ୧.୬୦ | ୦.୧୮ | ଜାନକି ମୁଣ୍ଡାରୀ, ସ୍ୱା-ମଙ୍ଗଲ ମୁଣ୍ଡାରୀ, ଲକ୍ଷ୍ମୀ ମୁଣ୍ଡାରୀ, ଫୁଲମଣି ମୁଣ୍ଡାରୀ, ପିତା-ମଙ୍ଗଲ ମୁଣ୍ଡାରୀ, ଜାତି-ମୁଣ୍ଡାରୀ, ବା-ନିଜଗାଁ, ପଡାଗାଁ-ମଝାପଡା |
| ୨ | ୧୭ | ୨୪ | ଗୋଡା-୨ | ୧.୧୦ | ୦.୦୫ | ଝିର୍ଗା ଓରାମ, ପିତା-ଘାସିଆ ଓରାମ, ଜାତି-ଓରାମ, ବା-ନିଜଗାଁ, ପଡାଗାଁ-ଭାଟିପଡା |
| **ମୋଟ** | | | | | **୦.୨୩** | |

**24160/14/0034/1920**



## GOVERNMENT OF ODISHA
SWACHH ODISHA SUSTHA ODISHA

## HOUSING & URBAN DEVELOPMENT DEPARTMENT
## OFFICE OF THE MUNICIPAL COUNCIL, PARADEEP

**No.: 9687** **Dt.10.12.2019**

### e-Procurement Notice
**Paradeep Municipality, Paradeep**

| | | |
|---|---|---|
| Tender Call Notice No. | : | No. 9646/Dt.10.12.2019 |
| Bid Identification No. | : | EO/PDPM/W/02/2019-20 |
| Tender ID | : | 2019_ORULB_58006 |
| Nature of Works | : | Civil Works |
| Number of Works | : | 27 (Twenty Seven) Nos. |
| Tender Value | : | 02.22 Lakhs - 17.80 Lakhs |
| Available Period | : | Dt.13.12.2019 from 17.00 hours to Dt.23.12.2019 by 17.00 hours |
| Tender Opening Date | : | Dt.26.12.2019 at 11.00 hours |

Bidders are requested to read the NIT & DTCN and Participate with their Class-II DSC before closing date at **www.tendersodisha.gov.in**.

**Sd./- Executive Officer**
**Paradeep Municipality**



## DISTRICT PROJECT OFFICE, S.S., KEONJHAR

**No.: 3324/CIVIL/19** **Dated: 12.12.19**

### SHORT QUOTATION CALL NOTICE

Sealed quotations are invited from the registered/approved Soil Testing Lab/Institutions etc. for Soil Test for construction of 10 Nos. upgraded KGBV hostel buildings (100 seated) at Dhakotha Nodal UPS of Anandapur, Harichandanpur Govt. UPS of Harichandanpur, Rutisila UPS of Ghatagaon, Billa UPS of Saharapada, Padampur UPS of Sadar, Khajurimundi UGUPS of Banspal, Sirigida UGUPS of Telkoi, Bhaluka UGUPS of Jhumpura, Champua UGUPS of Champua and Kamarjoda UGUPS of Joda Block under Keonjhar District. The details of the advertisement, specification, terms & conditions can be downloaded from the website **www.osepa.in & www.keonjhar.nic.in**. The applicant must apply only in the prescribed format and through Speed Post/Regd. Post only **latest by 24.12.2019 upto 01.00 P.M.** & the tender paper is to be **opened at 04.00 P.M. of the same day**. The authority reserves the right to cancel any or all quotations without assigning any reason thereof.

**Sd./- District Project Co-ordinator**
**Samagra Shiksha, Keonjhar**



## DISTRICT PROJECT OFFICE
## SAMAGRA SHIKSHA {S.S.}
**MALKANGIRI-764048**
**(06861)-230481**
**E-mail : dpcmalkanssa.opepa@nic.in, stcmalkangiri@gmail.com**

**Letter No.4332 / Civil / 19** **Date:12.12.2019**

### TENDER CALL NOTICE

Sealed tenders in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Governement and contractor of equivalent grade/class registered with Central Government/MES/Railways. having registration for Civil works on production of definite proof from the appropriate authority. The detailed of the works are available in the website www.malkangiri.nic.in and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SCA 2019-20. |
| No. of Works | : | 09 Nos. (Nine) Nos. |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of tender papers | : | The Bid documents can be downloaded from the Govt. website www.malkangiri.nic.in only from 13.12.2019 to 26.12.2019 up to 5.00 P.M. |
| Date of receipt of tender paper | : | From 13.12.2019 to 26.12.2019 up to 5.00 P.M. (in working days) through Registered Post / Speed Post only. No tender paper will be received by hand or Courier services. |
| Date of opening of tender papers | : | At 10.00 A.M. on 27.12.2019 in the Office Chamber of Collector, Malkangiri in presence of tender finalisation Committee member, tenderer or their authorised representatives. |

**N.B :** If the last date of receipt of tender paper turns out be a holiday, it will automatically be extended to next working day.

**By order of Collector**
**Sd./-**
**District Project Coordinator**
**SS, Malkangiri**

# ସମର୍ପଣର ପ୍ରତୀକ ଆହ୍ଲାଦିନୀ

**ସ୍ମୃତି ଅର୍ଘ୍ୟ**



ଯେତିକି ଧର୍ମପ୍ରାଣା, ସେତିକି ପରୋପକାରୀ ଓ ମିଷ୍ଟଭାଷୀ ଥିଲେ ସ୍ୱର୍ଗତା ଆହ୍ଲାଦିନୀ ମିଶ୍ର। ନିଜ କର୍ମମୟ ଜୀବନରେ ସମାଜ ପ୍ରତି ଥିଲା ତାଙ୍କର ଅନେକ ଅବଦାନ। ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ବୋହୂ ଥିଲେ ବି ଘରୁ ଗୋଡ଼ କାଢ଼ି କୁଷ୍ଠରୋଗୀଙ୍କ ସେବା କରିବା ତାଙ୍କ ବିଶାଳ ହୃଦୟର ଥିଲା ଅନ୍ୟ ଏକ ପରିଚୟ। ଆଧ୍ୟାତ୍ମିକତା ଦିଗରେ ମଧ୍ୟ ସେ କରିଥିଲେ ବେଶ୍ ଅବିସ୍ମରଣୀୟ କାର୍ଯ୍ୟ, ଯାହା ତାଙ୍କୁ ସର୍ବଦା ବଞ୍ଚାଇ ରଖିବ ଜନମାନସରେ।

୧୯୩୯ ଜୁଲାଇ ୨୯ରେ ଢେଙ୍କାନାଳ ନୂଆଁଶାସନର ଗଣେଶ୍ୱର ନନ୍ଦ ଓ ନେତ୍ରମଣି ନନ୍ଦଙ୍କ କୋଳମଣ୍ଡନ କରିଥିଲେ ଆହ୍ଲାଦିନୀ। ୧୯୫୪ ମସିହା ପବିତ୍ର ଅକ୍ଷୟ ତୃତୀୟାରେ ତାଳଚେରର ଜଗନମୋହନ ମିଶ୍ର ଓ ଜଗନମୋହିନୀ ମିଶ୍ରଙ୍କ ପୁତ୍ର ଦ୍ୱାରିକାମୋହନ ମିଶ୍ରଙ୍କ ସହ ବିବାହ ବନ୍ଧନରେ ସେ ଆବଦ୍ଧ ହୋଇଥିଲେ। ସ୍ୱାମୀ ଜଣେ କମ୍ୟୁନିଷ୍ଟ ନେତା ତଥା ବହୁ ଶ୍ରମିକ ଆନ୍ଦୋଳନରେ ବ୍ୟସ୍ତ ରହୁଥିବାରୁ ତାଙ୍କ ଯୌଥ ପରିବାରର ଦାୟିତ୍ୱ ପଡ଼ିଥିଲା ଆହ୍ଲାଦିନୀଙ୍କ କୋମଳ କାନ୍ଧ ଉପରେ। ଏହାବାଦ ନିଜର ୯ ସନ୍ତାନସନ୍ତତିଙ୍କ ଲାଳନପାଳନର ଗୁରୁଦାୟିତ୍ୱ ମଧ୍ୟ ସେ ସୁଚାରୁରୂପେ ନିର୍ବାହ କରିଥିଲେ। ବେଶି ପାଠ ପଢ଼ି ନ ଥିଲେ ମଧ୍ୟ ନିଜ ପିଲାମାନଙ୍କୁ ଉଚ୍ଚଶିକ୍ଷିତ ଓ ସଂସ୍କାର ସମ୍ପନ୍ନ କରାଇବାର ସଂକଳ୍ପ ତାଙ୍କର ସଫଳ ହୋଇଥିଲା। କେବଳ ପରିବାର ଭିତରେ ସେ ନିଜକୁ ସୀମିତ ନ ରଖି ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱକୁ ମଧ୍ୟ ଅନୁଭବ କରିଥିଲେ। ତେଣୁ ପରୋପକାର ତାଙ୍କ ଜୀବନର ବ୍ରତ ପାଲଟି ଯାଇଥିବାବେଳେ ସେବା ଓ ସମର୍ପଣ ଏକ ଅଂଶ ହୋଇଯାଇଥିଲା। ଢେଙ୍କାନାଳ ଜିଲା ସତ୍ୟସାଇ ସେବା ସଂଘର ମହିଳା ସଙ୍ଗଠନ ଆବାହିକା, ତାଳଚେରର ନାରାୟଣ ସେବା ପ୍ରତିଷ୍ଠାନର ଆବାହିକା ଭାବେ ତାଙ୍କ କାର୍ଯ୍ୟଧାରା ବେଶ୍ ପ୍ରଶଂସନୀୟ ଥିଲା। ଦତ୍ତାତ୍ରେୟ ଓ ସାଇଙ୍କୁ ସେ ଗଭୀର ଭକ୍ତି କରୁଥିବାରୁ ତାଙ୍କ ପ୍ରଭାବରେ ପରିବାରର ସମସ୍ତେ ଶିରିଡି ସାଇବାବାଙ୍କ ଆଶ୍ରିତ ହୋଇଥିଲେ। ତାଙ୍କ ପ୍ରେରଣାରେ ଢେଙ୍କାନାଳର କପିଳାସ ନିକଟରେ ଗଢ଼ି ଉଠିଥିବା ଦତ୍ତାତ୍ରେୟ ସାଇ ଆଶ୍ରମ ସାରା ରାଜ୍ୟର ସାଇ ଭକ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପରିବେଶକୁ ଖୁବ୍ ଭଲ ପାଉଥିବା ଆହ୍ଲାଦିନୀ ନିଜ ଜୀବଦ୍ଦଶାରେ ଦତ୍ତାତ୍ରେୟ ଆଶ୍ରମ ପରିସରକୁ ସବୁଜିମାମୟ କରିଥିବାରୁ ଏହା ଏକ ଶାନ୍ତ ସାଧନାର ପୀଠ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ଏହି ଆଶ୍ରମକୁ ନାରାୟଣ ସେବା ଓ ଆଧ୍ୟାତ୍ମିକ ସାଧନାର ପୀଠ ଭାବେ ଗଢ଼ି ତୋଳିବା ତାଙ୍କ ସ୍ୱପ୍ନ ଥିଲା। ପଢ଼ା ବେଶୀ ନ ଥିଲେ ବି ଓଡ଼ିଶାର ସଂସ୍କୃତି, ରୀତିନୀତି, ଧର୍ମଶାସ୍ତ୍ର ଉପରେ ତାଙ୍କ ବେଶ୍ ଦଖଲ ଥିଲା। ମୃତ୍ୟୁ ପରେ ଦତ୍ତାତ୍ରେୟ ସାଇ ଆଶ୍ରମ ପରିସରରେ ତାଙ୍କ ସମାଧି ହେଉ ବୋଲି ତାଙ୍କ ଶେଷ ଇଚ୍ଛା ଥିଲା, ଯାହା ୨୦୧୮ ଡିସେମ୍ବର ୨୪ରେ ଇହଧାମ ତ୍ୟାଗ ପରେ ପୂରଣ ହୋଇଛି। ମୃତ୍ୟୁ ପରେ ମଣିଷର ଯଶ, ପ୍ରତିଷ୍ଠାକୁ ଯେପରି କେହି ଲିଭାଇ ପାରେନି ଠିକ୍ ସେହିପରି କେବଳ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ନୁହେଁ, ଆହ୍ଲାଦିନୀଙ୍କ ସତ୍‌କର୍ମ ସର୍ବଦା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ।

**– ଅଖିଳ କୁମାର ଜେନା**
**ଆବାହକ, ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମ ଟ୍ରଷ୍ଟ, କପିଳାସ, ଢେଙ୍କାନାଳ**

## ■ ମାଓବାଦୀଙ୍କ ଧମକ
# ମୋବାଇଲ ବ୍ୟବହାର କଲେ ମୃତ୍ୟୁଦଣ୍ଡ

ଚିତ୍ରକୋଣ୍ଡା,୧୨।୧୨ (ଡି.ଏନ୍.ଏ.)



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ମାଓବାଦୀମାନେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହି ଅଞ୍ଚଳର ଓରାପଦର ଗ୍ରାମ ସହ ବିଭିନ୍ନ ସ୍ଥାନରେ ନାମଫଳକରେ ମାଓବାଦୀମାନେ ମୋବାଇଲ ଫୋନ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛନ୍ତି। ବିଭିନ୍ନ ନାମଫଳକରେ ସେମାନେ ମାଓବାଦୀ ସଙ୍ଗଠନର ଶହୀଦ ସ୍ତମ୍ଭ ଚିତ୍ରଣ କରି ଏଥିରେ ଗ୍ରାମରେ କେହି ମୋବାଇଲ ଫୋନ ବ୍ୟବହାର କରନ୍ତୁ ନାହିଁ, ବିନା ଅନୁମତିରେ ଫୋନ ବ୍ୟବହାର କରନ୍ତୁ ନାହିଁ। ଫୋନ ବ୍ୟବହାର କଲେ ମୃତ୍ୟୁଦଣ୍ଡ ମିଳିବ ବୋଲି ଉଲ୍ଲେଖ ରହିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଲେଖା ତଳେ ସିପିଆଇ ମାଓବାଦୀ ବୋଲି ଉଲ୍ଲେଖ କରାଯାଇ ନାହିଁ। କେବଳ ଶହୀଦ ସ୍ତମ୍ଭର ଚିତ୍ରରୁ ମାଓବାଦୀମାନେ ଏହା ଲେଖିଥିବା ସନ୍ଦେହ କରାଯାଉଛି।





























Your classified advertisement published in Dharitri will be listed free in Dharitri online edition : **dharitriepaper.in**















### ଆର୍ମି ପରୀକ୍ଷାର୍ଥୀ ଅସ୍ୱାସ୍ଥ୍ୟକର ପରିବେଶରେ ରହିବା ଘଟଣା

# ପ୍ରତିରକ୍ଷା ବିଭାଗକୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଅକ୍ଟୋବର ୧୪ରୁ ୨୦ ତାରିଖ ୭ଦିନ ଧରି ଭୁବନେଶ୍ୱର ୧୨୦ ବାଟାଲିୟନରେ ଆର୍ମି ନିଯୁକ୍ତି ପରୀକ୍ଷା କରାଯାଇଥିଲା। ୭ ରାଜ୍ୟର ହଜାର ହଜାର ଯୁବକ ପରୀକ୍ଷା ଦେବାକୁ ଆସି ଅସ୍ୱାସ୍ଥ୍ୟକର ପରିବେଶରେ ରାତି କଟାଇଥିଲେ। ଏନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ଅଭିଯୋଗ ହୋଇଛି। ଘଟଣାକୁ କମିଶନ ଗୁରୁତ୍ୱର ସହ ଗ୍ରହଣ କରିବା ସହ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ପ୍ରତିରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ମଧ୍ୟ ଉକ୍ତ ରିପୋର୍ଟର ଏକ କପି ଦେବାକୁ କୁହାଯାଇଛି।

ସୂଚନା ଅନୁଯାୟୀ, ୮ ବର୍ଗର ମୋଟ ୮୩ ପଦବୀ ପାଇଁ ରାଜଧାନୀକୁ ହଜାର ହଜାର ପରୀକ୍ଷାର୍ଥୀ ଆସିଥିଲେ। ନିର୍ଦ୍ଧାରିତ ତାରିଖର ପୂର୍ବ ଦିନରୁ ସେମାନେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କ ରହଣି ବା ବିଶ୍ରାମ ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଇ ନ ଥିଲା। ସେହିଭଳି ପିଇବା ପାଣି ଓ ଶୌଚାଳୟର ବ୍ୟବସ୍ଥା ନ ଥିଲା। ଫଳରେ ସେମାନେ ରାସ୍ତାକଡ଼, ଫୁଟ୍‌ପାଥ, ରେଳଷ୍ଟେଶନରେ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିଲେ। ଖୋଲା ଆକାଶ ଓ ଗଛ ତଳେ ବର୍ଷା କାକର ଖାଇ ରାତି କଟାଇଥିଲେ। ବିଶେଷକରି ୧୩, ୧୪, ୧୫ ତାରିଖ ତିନିଦିନ ପରୀକ୍ଷାର୍ଥୀମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିଲେ। ଫଳରେ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲା। ଏନେଇ ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ବିଜୟ ପଣ୍ଡା ଅକ୍ଟୋବର ୧୪ରେ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଯେଉଁ ରାଜ୍ୟରେ ଆର୍ମି ପରୀକ୍ଷା କରାଯିବ ସେହି ରାଜ୍ୟ ସରକାର ଓ ପ୍ରତିରକ୍ଷା ବିଭାଗର ସମନ୍ୱୟରେ ପରୀକ୍ଷାର୍ଥୀଙ୍କ ପାଇଁ ଅସ୍ଥାୟୀ ଶିବିର କରାଯାଉ ବୋଲି ସେମାନେ ନିବେଦନ କରିଥିଲେ।

### ■ ସ୍ୱର୍ଗଦ୍ୱାର ପୁନରୁଦ୍ଧାର ଲାଗି ଉଚ୍ଛେଦ ଜାରି

# ମୃତଦେହ ଦାହ ପାଇଁ ପ୍ରତିବନ୍ଧକ ନାହିଁ

ପୁରୀ ଅଫିସ, ୧୨।୧୨

ସ୍ୱର୍ଗଦ୍ୱାର ପୁନରୁଦ୍ଧାର ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏଠାରେ ଥିବା ଏକାଧିକ ପୁରୁଣା କୋଠା ଭଙ୍ଗାଯାଉଛି। ଗୁରୁବାର ୩ୟ ଦିନରେ ଚିମିନ, ଆଶ୍ରୟସ୍ଥଳୀ ଆଦି ଉଚ୍ଛେଦ କରାଯାଇଛି। ତେବେ ସ୍ୱର୍ଗଦ୍ୱାର ଭଙ୍ଗାଯିବାକୁ ନେଇ ଲୋକେ କୌଣସି ପ୍ରକାର ଭ୍ରମରେ ନ ପଡ଼ନ୍ତୁ। ଉଚ୍ଛେଦ ଏବଂ ମୃତଦେହ ଦାହ କାର୍ଯ୍ୟ ସମାନ୍ତରାଳ ଭାବେ ଚାଲିବ। ମୃତଦେହ ଦାହ କରିବାରେ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ ବୋଲି ଉପଜିଲାପାଳ ସ୍ପଷ୍ଟ କରିଛନ୍ତି।


ସ୍ୱର୍ଗଦ୍ୱାର ପରିସରରୁ ଚିମିନ ଉଚ୍ଛେଦ କରାଯାଉଛି।

ସ୍ୱର୍ଗଦ୍ୱାରର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଏଥିଲାଗି ୫ କୋଟି ଟଙ୍କାର ଅନୁଦାନ ଘୋଷଣା ହୋଇଛି। କାମ ଆରମ୍ଭ ପୂର୍ବରୁ ଏହା ପରିସରରେ ଥିବା ପୁରୁଣା କୋଠାକୁ ଗତ ମଙ୍ଗଳବାରଠାରୁ ଉଚ୍ଛେଦ କରାଯାଉଛି। ତୃତୀୟ ଦିନ ସୁଦ୍ଧା ପଥଶ୍ରାଦ୍ଧ ଘର, ଆଶ୍ରୟସ୍ଥଳୀ, ପଞ୍ଜୀକରଣ କୋଠା, ଧାତବ ଚୁଲାକୁ ଭଙ୍ଗାଯାଇଛି। ଉଚ୍ଛେଦ କାର୍ଯ୍ୟ ସରିବା ପରେ ପ୍ରଥମେ ଗୋଟିଏ ପାର୍ଶ୍ୱରେ ଦାହ ପାଇଁ ୭ଟି ପିଣ୍ଡି ତିଆରି କରାଯିବ। ଏହି ସମୟରେ ଅପର ପାର୍ଶ୍ୱରେ ମୃତଦେହ ଦାହ ଚାଲୁଥିବ। ୭ଟି ପିଣ୍ଡି ସମ୍ପୂର୍ଣ୍ଣ ହେବା ପରେ ଅନ୍ୟ ପାର୍ଶ୍ୱରେ ଆଉ ୭ଟି ପିଣ୍ଡି ତିଆରି ହେବ। ଏହାବ୍ୟତୀତ ମୃତଦେହ ଆଣି ଆସୁଥିବା ପରିଜନଙ୍କ ଲାଗି ସବୁ ପ୍ରକାର ସୁବିଧା କରାଯିବ। ଏହାର ପୁନରୁଦ୍ଧାର ପାଇଁ ନକ୍ସା ଓ ଡିଜାଇନ ପ୍ରସ୍ତୁତ ସରିଛି। ମାତ୍ର ଉଚ୍ଛେଦ ଯୋଗୁ ବୁଧବାର ମୃତଦେହ ଦାହ ସଂଖ୍ୟା କମିଥିବାକୁ ପ୍ରଶାସନ ଅସ୍ୱୀକାର କରିଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସ୍ୱର୍ଗଦ୍ୱାର ଉଚ୍ଛେଦ ଚାଲିଥିବାରୁ ଏଠାରେ ମୃତଦେହ ଦାହ ସଂଖ୍ୟା କମିଛି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ। ଉଚ୍ଛେଦ ଚାଲିଥିଲେ ବି ଦାହ କାର୍ଯ୍ୟରେ କୌଣସି ପ୍ରକାର ବାଧା ଉପୁଜୁନାହିଁ। ଏ ନେଇ ପ୍ରଶାସନ ବେଶ୍ ସଚେତନ ଅଛି। ଗୋଟିଏ ପାର୍ଶ୍ୱରେ ନବୀକରଣ କାମ ଏବଂ ଅନ୍ୟ ପାର୍ଶ୍ୱରେ ଦାହ କାର୍ଯ୍ୟ ସମାନ୍ତରାଳ ଭାବେ ଚାଲିବା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ପଥଶ୍ରାଦ୍ଧ ଗୃହ ଭଙ୍ଗାକୁ ନେଇ ମୃତଦେହ ଦାହ କରିବାକୁ ଆସୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ଖୁବ୍‌ଶୀଘ୍ର ଅସ୍ଥାୟୀ ପଥଶ୍ରାଦ୍ଧ ଗୃହ ତିଆରି କରାଯିବ। ମୃତଦେହ ଦାହ ପାଇଁ ଆସୁଥିବା ସମ୍ପର୍କୀୟମାନେ ଯେପରି କୌଣସି ପ୍ରକାର ଅସୁବିଧା ନ ଭୋଗିବେ ସେଥିପ୍ରତି ଦୃଷ୍ଟି ଦିଆଯିବ।

**ଖୁବ୍‌ଶୀଘ୍ର ନିର୍ମାଣ ହେବ ଅସ୍ଥାୟୀ ପଥଶ୍ରାଦ୍ଧ ଗୃହ**

# ପ୍ରତାରିତ ନ କରି ସରକାର ବସ୍ତିବାସିନ୍ଦାଙ୍କୁ ଜାଗା ଦିଅନ୍ତୁ: ଭାଜପା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

'ଜାଗା ମିଶନ'କୁ ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ମିଳିଥିବା ନେଇ ରାଜ୍ୟ ସରକାର ଦାବି କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ଏନେଇ ଟୁଇଟ୍ କରିବା ପରେ ମନ୍ତ୍ରୀ ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହି ଆୱାର୍ଡ ପ୍ରଦାନ କରିଥିବା ୱାର୍ଲ୍ଡ ହାବିଟାଟ୍ ଅଫିସିଆଲର ୱେବସାଇଟ ଅନୁସାରେ କର୍ଣ୍ଣାଟକର ଆଦିବାସୀ ଅଞ୍ଚଳରେ କାମ କରୁଥିବା 'ଆକ୍ସନଏଡ ଇଣ୍ଡିଆ' ଓ ସ୍ପେନର ଏକ ସଂସ୍ଥାର ନାମକୁ ପ୍ରଥମ ପୁରସ୍କାର ମିଳିଥିବା ନେଇ ଉଲ୍ଲେଖ ରହିଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ୱାର୍ଲ୍ଡ ହାବିଟାଟ ଆୱାର୍ଡରେ ବିଜେତାମାନଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଏ। ରାଜ୍ୟ ସରକାରଙ୍କ ଜାଗା ମିଶନ ପ୍ରକଳ୍ପକୁ ଏହି ପୁରସ୍କାର ପାଇଁ ଫାଇନାଲ ରାଉଣ୍ଡକୁ ମନୋନୀତ କରାଯାଇଥିଲା। ଏହି ପ୍ରତିଯୋଗିତାର ଫାଇନାଲିଷ୍ଟଙ୍କୁ ସିଲଭର ଓ ବ୍ରୋଞ୍ଜ ପଦକ ଦିଆଯାଏ। ପୁରସ୍କାର ପ୍ରଦାନ କରିଥିବା ସଂସ୍ଥା ନିଜର ଅଫିସିଆଲ ୱେବସାଇଟରେ ଏକଥା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସରକାର ହିତାଧିକାରୀଙ୍କୁ ପଟ୍ଟା ବଦଳରେ ଖଣ୍ଡେ କାଗଜ ଧରାଇ ମିଛ ତଥ୍ୟ ରଖି ଆୱାର୍ଡ ହାତେଇଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟବାସୀଙ୍କୁ ଭ୍ରମିତ କରି ପୁରସ୍କାର ପାଇବା ପାଇଁ ସରକାର ଜାଗା ମିଶନର ହିତାଧିକାରୀ ସଂଖ୍ୟା ସମ୍ପର୍କରେ ଭୁଲ ତଥ୍ୟ ଦେବା ଅତ୍ୟନ୍ତ ସାଙ୍ଘାତିକ କଥା। ୨୦୦୮ରେ ଜାଗା ମିଶନ ଉଦ୍‌ଘାଟନ କଲାବେଳେ ସରକାର ୧୦ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ଲାଭ ମିଳିବ ବୋଲି କହିଥିଲେ। ବିଭିନ୍ନ ସମୟରେ ସରକାରୀ ବିଜ୍ଞାପନରେ ଦିଆଯାଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ୧୦ ଲକ୍ଷ ଲୋକଙ୍କୁ ଜାଗା ମିଶନରେ ଜମି ମିଳିବାର ଯୋଜନା ରହିଛି। ତେବେ ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ୱେବସାଇଟରେ ଥିବା ତଥ୍ୟ ଅନୁଯାୟୀ ଓଡିଶା ଜାଗା ମିଶନରେ ହିତାଧିକାରୀଙ୍କ ସଂଖ୍ୟା ୧୮ଲକ୍ଷ ଦର୍ଶାଯାଇଛି। ସରକାର ହିତାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ମଧ୍ୟ ପ୍ରଦାନ କରିନାହାନ୍ତି। କେବଳ ଖଣ୍ଡେ ଖଣ୍ଡେ କାଗଜ ଦେଇ ରହିଯାଇଛନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

**ଭାଜପା ଈର୍ଷାନ୍ୱିତ ହୋଇ ହୀନ ରାଜନୀତି କରୁଛି: ବିଜେଡି**

ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସଫଳତାରେ ଦଳମତ ନିର୍ବିଶେଷରେ ସମସ୍ତେ ଖୁସି ହେବା ପରିବର୍ତ୍ତେ ଏହାକୁ ନେଇ ବିରୋଧୀ ଈର୍ଷାନ୍ୱିତ ହୋଇ ହୀନ ରାଜନୀତି କରୁଛନ୍ତି। ଏହାଦ୍ୱାରା ରାଜ୍ୟର ମର୍ଯ୍ୟାଦା ହାନି ହେଉଛି। କୌଣସି ଭାଜପା ଶାସିତ ରାଜ୍ୟ ଏଭଳି ପୁରସ୍କାର ପାଇ ନ ଥିବାରୁ ରାଜ୍ୟ ଭାଜପା ନେତୃବୃନ୍ଦ ଈର୍ଷାନ୍ୱିତ ହେଉଛନ୍ତି।

# ୩ ରେଳ ଷ୍ଟେଶନରେ ହେବ ବାୟୋଗ୍ୟାସ୍ ପ୍ଲାଣ୍ଟ

- ■ ପ୍ରମୁଖ ଷ୍ଟେଶନରେ ବର୍ଜ୍ୟ ପରିଚାଳନା କରିବ ଘରୋଇ ସଂସ୍ଥା
- ■ ସମ୍ବଲପୁର ଓ ଖୋର୍ଦ୍ଧାରୋଡ୍‌ରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ବର୍ଜ୍ୟ ପରିଚାଳନା ପାଇଁ ପୁରୀ, କଟକ ଓ ଭୁବନେଶ୍ୱର ରେଳ ଷ୍ଟେଶନରେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ହେବ। ଷ୍ଟେଶନରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ତାହାକୁ ବ୍ୟବହାରଯୋଗ୍ୟ କରାଯିବ। ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ପ୍ରଶ୍ନରେ ରେଳମନ୍ତ୍ରୀ ପିୟୂଷ ଗୋୟଲ ରାଜ୍ୟସଭାରେ ଏହି ଉତ୍ତର ରଖିଛନ୍ତି। ଏହି ୩ ଷ୍ଟେଶନ ବ୍ୟତୀତ ରାଜ୍ୟର ଅନ୍ୟ ପ୍ରମୁଖ ରେଳ ଷ୍ଟେଶନରେ ମଧ୍ୟ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଯୋଜନା ରହିଛି ବୋଲି ପୀୟୂଷ କହିଛନ୍ତି।

ଓଡ଼ିଶାର ପ୍ରମୁଖ ରେଳ ଷ୍ଟେଶନରେ ବର୍ଜ୍ୟ ପରିଚାଳନା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ସସ୍ମିତ୍ ପ୍ରଶ୍ନ କରିଥିଲେ। ଉତ୍ତର ରଖି ରେଳମନ୍ତ୍ରୀ ପିୟୂଷ କହିଥିଲେ, ଭୁବନେଶ୍ୱର ଓ ପୁରୀ ଷ୍ଟେଶନରେ ଦୁଇଟି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟ କରୁଛି। ଟ୍ରେନ୍ ଧୁଆଁରୁ ନିର୍ଗତ ଜଳକୁ ପ୍ରକ୍ରିୟାକରଣ କରାଯାଇ ଏହାକୁ ପୁନଃ ବ୍ୟବହାରଯୋଗ୍ୟ କରାଯାଉଛି। ସେହିପରି ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ ଏକ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିବାବେଳେ ସମ୍ବଲପୁର ଷ୍ଟେଶରେ ପ୍ଲାଣ୍ଟ ନିର୍ମାଣ ଚାଲିଛି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଭିନ୍ନ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ଯୋଜନା କରାଯାଉଛି। ଉକ୍ତ ଘରୋଇ ସଂସ୍ଥା ଷ୍ଟେଶନରୁ କଠିନ ବର୍ଜ୍ୟବସ୍ତୁ କିଣି ଏହାକୁ ପ୍ରକ୍ରିୟାକରଣ କରି ବ୍ୟବହାରଯୋଗ୍ୟ କରିବେ କିମ୍ବା ଏଥିରୁ ଶକ୍ତି ଉତ୍ପାଦନ କରିବେ। ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ପାଇଁ ବଟଲ କ୍ରସିଂ ମେଶିନ ବ୍ୟବହାର କରାଯାଉଛି ଓ ୫୦ ମାଇକ୍ରୋନରୁ କମ୍ ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ କରାଯାଇଛି। ପୁରୀ, କଟକ, ସମ୍ବଲପୁର ଓ ଭୁବନେଶ୍ୱର ରେଳ ଷ୍ଟେଶନରେ ପ୍ଲାଷ୍ଟିକ କ୍ରସିଂ ମେଶିନ ଲଗାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

**ପୁରୀ ଗଣବଳାତ୍କାର ଘଟଣା**

## ହାଇକୋର୍ଟରେ ଅଭିଯୁକ୍ତ

କଟକ ଅଫିସ,୧୨।୧୨: ରାଜ୍ୟର ବହୁଚର୍ଚ୍ଚିତ ପୁରୀ ଗଣବଳାତ୍କାର ଘଟଣା ଭିନ୍ନ ମୋଡ଼ ନେଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ରାଜେଶ କୁମାର ସେଠୀ ଗୁରୁବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଣବଳାତ୍କାରକୁ ନେଇ ଯେଉଁ ଅଭିଯୋଗ ହୋଇଛି ତାହା ଭିତ୍ତିହୀନ ଓ କପୋଳକଳ୍ପିତ। କେବଳ କେତେଜଣଙ୍କୁ ଫସାଇବା ପାଇଁ ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ତେଣୁ ଏହାର ସିବିଆଇ, କ୍ରାଇମବ୍ରାଞ୍ଚ କିମ୍ବା ନ୍ୟାୟିକ ତଦନ୍ତ ପାଇଁ ଆବେଦନକାରୀ ସେଠୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ ବୋଲି ଆବେଦନକାରୀ ପିଟିଶନରେ ନିବେଦନ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଗୃହ ବିଭାଗ ସଚିବ, ପୁରୀ ଏସ୍‌ପି, କ୍ରାଇମବ୍ରାଞ୍ଚ ଏସ୍‌ପି, ସିବିଆଇ ଏସ୍‌ପି ଓ କୁମ୍ଭାରପଡା ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପିଟିଶନକୁ କୋର୍ଟ ଗ୍ରହଣ କରି ଆସନ୍ତା ୧୯ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, ଗତ ୨ ତାରିଖରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ପୋଲିସ ରାଜେଶଙ୍କ ସମେତ ମୋଟ୍ ୬ ଜଣଙ୍କୁ ଗିରଫ କରିଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି। ଆଡଭୋକେଟ ତ୍ରିପାଠୀଙ୍କ କହିବା ଅନୁଯାୟୀ, ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା। ଏପରି କି ପୋଲିସ ଉକ୍ତ ଘଟଣାକୁ ଅଧିକ ରଙ୍ଗିନ କରୁଛି। ପ୍ରକୃତ ଘଟଣା ଲୋକଲୋଚନକୁ ନ ଆସିବା ପାଇଁ ପୋଲିସ ଉଦ୍ୟମ କରୁଥିବା ତ୍ରିପାଠୀ କହିଛନ୍ତି।


**PANCHAYATI RAJ & DRINKING WATER DEPARTMENT**
Bhubaneswar – 751001
Phone/Fax: 0674-2390079/23/28
Letter No. PR-RH-IAY-0030-2018 /PR&DW / Dtd. 11.12.2019

**E.O.I. FOR EMPANELMENT OF AGENCIES FOR IEC ACTIVITIES UNDER RURAL HOUSING SCHEMES**

No.: i-51: Expression of Interest (EOI) is invited from different agencies for developing communication materials like Radio Jingles, Spots, Magazine Programmes, short play & signature tune in Odia and local dialects of Odisha. Agencies fulfilling the requisites criteria will be empaneled by this Department for a period of one year. Payment for development of these communication materials will be as per I&PR rate.

Interested agencies may submit their EOIs to Director Special Project, Rural Hosing Section, PR&DW Department, Lok Seva Bhavan, Sachibalaya Marg, Bhubaneswar and Pin 751001 in a sealed envelope superscribed as **"EOI for Empanelment of Agency for IEC activities under Rural Housing Scheme"**. The last date of receipt of EoI is 20.12.2019 till 5.30 pm.

The detail EOI can be downloaded from the website of the Rural Housing Odisha, **https://rhodisha.gov.in** under the item-Tender Section at the home page. The undersigned reserves the right to reject any or all the EOIs without assigning any reason thereof.

**Sd./- Director Special Project**
**PR&DW Department**
**Lok Seva Bhavan**
**Bhubaneswar**
19001/11/0013/1920

**OFFICE OF THE EXECUTIVE ENGINEER**
**BHUBANESWAR(R&B)DIVISION NO.-IV,BHUBANESWAR**
Email: eernb4bbsr@gmail.com

**Bid Identification No. C.C. (R&B) 04**
**Quotation Call Notice No. 02 of 2019-20**
**For Hiring of Vehicles for the O/o. Executive Engineer, Bhubaneswar (R&B) Division No. - IV, Bhubaneswar**

No.: 6757 Dated, Bhubaneswar 04.12.2019

No.: B-417: Sealed quotations are invited from interested reputed Travel Agencies/tour Operator or Private Individuals owning vehicle for providing 1 (One) No Diesel/Petrol driven Bolero Vehicle on monthly rent basis for the O/o. the Executive Engineer, Bhubaneswar (R&B) Division No.-IV, Bhubaneswar.

The application forms of quotation containing general information vide Detailed Quotation Call Notice and terms and conditions of hiring of vehicles (Annexure - I, II, III) can be obtained from Office of the Executive Engineer, Bhubaneswar (R&B) Division No. - IV, Bhubaneswar/Office of the Asst. Executive Engineer, Bhubaneswar (R&B) Sub-Division No. - I, Bhubaneswar from 06.12.2019 at 10.00 A.M. to 16.12.2019 upto 2.00 P.M. on working days by payment of Rs.200/- (Rupees two hundred) only per or can be downloaded from Government website **(www.odisha.gov.in)**. In case the application forms is downloaded from Government website, the quotationer shall furnish a Demand Draft for an amount of Rs.200.00 (Rupees two hundred) only in favour of Executive Engineer, Bhubaneswar (R&B) Division No. - IV, Bhubaneswar towards cost of application along with the quotation.

The quotation completed in all respect as per the above referred application forms should reach the undersigned on or before 16.12.2019 upto 2.00 P.M. & shall be opened on the same day at 4.00 P.M. in presence of the quotationers or their authorized representatives.

**Sd./- Executive Engineer**
**Bhubaneswar (R&B) Division No.-IV**
34090/11/0009/1920

**ଜିଲ୍ଲା ପ୍ରଶାସନ, ଗଞ୍ଜାମ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗ ଆନୁକୂଲ୍ୟରେ**
**ଜିଲ୍ଲା ସ୍ତରୀୟ ପୁଷ୍ପ, ଫଳ ଓ ପନିପରିବା ପ୍ରଦର୍ଶନୀ**
No.: L-85:
ସ୍ଥାନ: ଅନ୍‌ସ୍ଲୋ ମିନି ଷ୍ଟାଡିୟମ, ଛତ୍ରପୁର
ତାରିଖ: ୨୦।୧୨।୨୦୧୯ ଠାରୁ ୨୨।୧୨।୨୦୧୯
ଗଞ୍ଜାମ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉପଭୋଗ କରିବା ପାଇଁ ଅନୁରୋଧ।
ଉପ–ନିର୍ଦ୍ଦେଶକ
ଉଦ୍ୟାନକୃଷି, ଗଞ୍ଜାମ, ବ୍ରହ୍ମପୁର
01110/11/0001/1920

**ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ**
(ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ସୂଚନା)

ଏତଦ୍ୱାରା ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯–୨୦୨୦ ଖରିଫ ବିପଣନ ବର୍ଷରେ ନିମ୍ନଲିଖିତ ମୋଟ ୨୩ଗୋଟି ସେବା ସମବାୟ ସମିତି ମାଧ୍ୟମରେ ତା୧୬।୧୨।୨୦୧୯ରିଖଠାରୁ ଧାନକ୍ରୟ ହେବାର ବ୍ୟବସ୍ଥା କରାଯାଇ ଅଛି। ଧାନର ସର୍ବୋନିମ୍ନ ସମର୍ଥନ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।
୨୦୧୯–୨୦ ଖରିଫ ବର୍ଷଲାଗି ଏଫ୍.ଏ.କ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ।

| କ୍ର.ନଂ. | ଧାନର କିଷମ | କୁଇଣ୍ଟାଲ ପିଛା ସର୍ବନିମ୍ନ ସମର୍ଥନ ମୂଲ୍ୟ |
|---|---|---|
| ୧ | ମୋଟା ଧାନ (Common Paddy) | ଟ.୧୮୧୫.୦୦ଙ୍କା |
| ୨ | ସରୁଧାନ (Grade ''A'' Paddy) | ଟ.୧୮୩୫.୦୦ଙ୍କା |

| କ୍ର. ନଂ. | ସେବା ସମବାୟ ସମିତିର ନାମ | ଧାନକ୍ରୟ କେନ୍ଦ୍ର ସହିତ ସଂଲଗ୍ନ କରାଯାଇଥିବା ଗ୍ରାମପଞ୍ଚାୟତର ନାମ | ଧାର୍ଯ୍ୟ ଦିବସ |
|---|---|---|---|
| ୧ | ଅଏଡ଼ା | ଅଏଡ଼ା, ଜାମୁଡୋଲି, ଲୁହାସିଂଙ୍ଗା | ସୋମବାର |
| ୨ | ବଘୁଆକଟା | ନଅଗାଁ ଓ ଅଏଡ଼ା (ଆଂଶିକ) | ବୁଧବାର |
| ୩ | କଇଁତ୍ରାଗଡ଼ | ଆଠମଲ୍ଲିକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ନଅଗାଁ (ଆଂଶିକ) | ଶୁକ୍ରବାର |
| ୪ | ମାଳିପଦର | ପୂରୁଣାମାଣତ୍ରୀ (ଆଂଶିକ) | ଶନିବାର |
| ୫ | ମାଧପୁର | ମାଧପୁର, ଲୁଣହାଣ୍ଡି, କମ୍ପଲା, କୁଦଗାଁ (ଆଂଶିକ) | ସୋମବାର ଓ ମଙ୍ଗଳବାର |
| ୬ | କମ୍ପଲା | କମ୍ପଲା, ଲୁଣହାଣ୍ଡି (ଆଂଶିକ) | ବୁଧବାର |
| ୭ | କନ୍ଧପଡ଼ା | କନ୍ଧପଡ଼ା, ବାସୁଦେବପୁର, ଏବଂ ମାଧପୁର (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୮ | ସାନହୁଲା | ସାନହୁଲା, ପେଡ଼ିପଥର, କୁରୁମଟାପ, ଠାକୁରଗଡ଼ (ଆଂଶିକ) | ଶନିବାର |
| ୯ | ପାଇକସାହି | ପାଇକସାହି, ଟାପଢୋଲ, ସାପଘରା | ସୋମବାର |
| ୧୦ | କନ୍ତପଡ଼ା | କନ୍ତପଡ଼ା ଓ ମଇମୁରା (ଆଂଶିକ) | ମଙ୍ଗଳବାର |
| ୧୧ | ଠାକୁରଗଡ଼ | ଠାକୁରଗଡ଼, ମଇମୁରା, ଆମ୍ବସରମୁଣ୍ଡା (ଆଂଶିକ) | ସୋମବାର |
| ୧୨ | ଆମ୍ବସରମୁଣ୍ଡା | ଆମ୍ବସରମୁଣ୍ଡା | ବୁଧବାର |
| ୧୩ | କିଆକଟା | କିଆକଟା, ଟୁସର ଓ ବାସୁଦେବପୁର (ଆଂଶିକ) | ମଙ୍ଗଳବାର |
| ୧୪ | କୃତ୍ତିବାସପୁର | କୃତ୍ତିବାସପୁର ଓ ଠାକୁରଗଡ଼ (ଆଂଶିକ) | ସୋମବାର |
| ୧୫ | ପୁରୁଣାମାଣତ୍ରୀ | କୁଦଗାଁ ଓ ପୁରୁଣାମାଣତ୍ରୀ (ଆଂଶିକ) | ଶନିବାର |
| ୧୬ | ଲୁହାମୁଣ୍ଡା | ଲୁହାମୁଣ୍ଡା, ନୁନୁକାପଶି, ଜାମୁନାଳି, ଗାଁ ବଇଁଣ୍ଡା, କଣ୍ଟେଇକୁଳିଆ, ବିଲେଇନାଳି, ପେଡ଼ିପଥର (ଆଂଶିକ) | ମଙ୍ଗଳବାର ଓ ବୁଧବାର |
| ୧୭ | ହଣ୍ଡପା | ହଣ୍ଡପା, ବିଲେଇନାଳି, କଟରଙ୍ଗୀ, କଣ୍ଟେଇକୁଳିଆ, ଲୁହାମୁଣ୍ଡା (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୧୮ | ଉରୁକୁଲା | ଉରୁକୁଲା, ନାକଚି, ଠେଲକନାଳି, ଏବଂ କଟରଙ୍ଗୀ (ଆଂଶିକ) | ଶନିବାର |
| ୧୯ | ଅଙ୍ଗପଡ଼ା | ଅଙ୍ଗପଡ଼ା, ଧଡ଼ରପାଳ ଏବଂ ଝରାବରେଣୀ (ଆଂଶିକ) | ବୁଧବାର |
| ୨୦ | ହିମିତିରା | ହିମିତିରା, ସଂଜ୍ଞାମୁରା ଏବଂ ଝରାବରେଣୀ (ଆଂଶିକ) | ଶୁକ୍ରବାର |
| ୨୧ | ବାମୁର | ବାମୁର, ଓସ୍କାପାଲି, ଆମ୍ବପାଳ | ମଙ୍ଗଳବାର ଓ ଶୁକ୍ରବାର |
| ୨୨ | ଧଉରାପାଲି | ଧଉରାପାଲି, ଜୟରାଟ ଏବଂ ଓସ୍କାପାଲି | ଶୁକ୍ରବାର |
| ୨୩ | ରଣିଆକଟା | ରଣିଆକଟା, କଦଳୀମୁଣ୍ଡା | ଶନିବାର |

ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମର ଧାନ (ଦୁର୍ଗନ୍ଧମୁକ୍ତ ଏବଂ ବିଷାକ୍ତ ମୁକ୍ତ) ଏବଂ ନିମ୍ନ ବର୍ଣ୍ଣିତ ଏଫ.ଏ.କ୍ୟୁ ମାନର ଧାନ ବିକ୍ରୟ ନିମନ୍ତେ ଆଣନ୍ତୁ ଏବଂ ସମର୍ଥନ ମୂଲ୍ୟ ପାଇ ଉପକୃତ ହୁଅନ୍ତୁ।

**ନିମ୍ନରେ ଧାନର ଏଫ.ଏ.କ୍ୟୁ. ଧାନର ମାନ ପ୍ରଦତ୍ତ କରାଗଲା।**

| କ୍ର.ନଂ. | ଧାନରେ ମିଶ୍ରିତ ପଦାର୍ଥ | ସର୍ବୋଚ୍ଚସୀମା |
|---|---|---|
| କ | ବାଲି, ମାଟି, ଗୋଡ଼ି, ପଥର, ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧ ପ୍ରତିଶତ |
| ଖ | କାଠି,କୁଟା, ଧୁଷା, ଅଗାଡି ବା ପୋଲ ଇତ୍ୟାଦିଜୈବିକ ପଦାର୍ଥ | ୧ ପ୍ରତିଶତ |
| ଗ | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି (ଖରାପ, ପାଣିଫୁଲା ଓ ପୋକମିଶା ୪%ରୁ ଅଧିକ ହୋଇ ନ ଥିବ | ୫ ପ୍ରତିଶତ |
| ଘ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩ ପ୍ରତିଶତ |
| ଙ | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬ ପ୍ରତିଶତ |
| ଚ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭ ପ୍ରତିଶତ |

**ସ୍ୱା./- ଉପଜିଲ୍ଲାପାଳ ତଥା ଅଧକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ**



**ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର**

**ମଣ୍ଡେଇ ବାର୍ତ୍ତା**



ବହୁ ପୁରାତନ କାଳରୁ ସମୟର ସ୍ରୋତରେ ସ୍ୱତଃ ପ୍ରବୃତ୍ତ ଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗି ଉଠି ଥିବା ପାରମ୍ପରିକ ଲୋକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା, ଏହି ଅଞ୍ଚଳର ଲୋକକଳାରେ ରୁଚି ଥିବା କଳାକାରମାନଙ୍କ ମଧ୍ୟରେ ଲୁଚିରହିଥିବା ଲୋକ କଳାର ପ୍ରତିଭାକୁ ଏକ ବୃହତ ମଞ୍ଚ ଯୋଗାଇଦେବା, ଏହି ଜିଲ୍ଲାର କଳା ଓ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ଜନସାଧାରଣଙ୍କ ସହିତ ପରିଚିତ କରାଇବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ 'ମଣ୍ଡେଇ'ର ପରିକଳ୍ପନା। କଳା ଓ ସଂସ୍କୃତିର ଏହି ମହାକୁମ୍ଭ, ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି କ୍ରମରେ ଚଳିତ ବର୍ଷ ମଧ୍ୟ 'ମଣ୍ଡେଇ ୨୦୧୯' ଯୁବ ସୁଲଭ ୧୮ ବର୍ଷରେ ପଦାର୍ପଣ ପୂର୍ବକ ୧୩.୧୨.୨୦୧୯ ରୁ ୧୫.୧୨.୨୦୧୯ ପର୍ଯ୍ୟନ୍ତ ନୂତନ ଭାବରେ ସ୍ଥିରୀକୃତ ହୋଇଥିବା ବେହେରାଗୁଡା ଗ୍ରାମ ସ୍ଥିତ ବିସ୍ତୃତ ପଡିଆରେ ପାଳନ କରାଯାଉଛି। ତତ୍ ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତି କୃଷି ଭିତ୍ତିକ, ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକ୍ରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନର ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ 'ପଲ୍ଲିଶ୍ରୀ ମେଳା ୨୦୧୯' ୧୩.୧୨.୨୦୧୯ ରୁ ୧୭.୧୨.୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଜିଲ୍ଲାବାସୀଙ୍କୁ 'ମଣ୍ଡେଇ ୨୦୧୯'ର ଅଭିନନ୍ଦନ ଜ୍ଞାପନ କରିବା ସହ ଏହି କଳା ଓ ସଂସ୍କୃତିର ମହାକୁମ୍ଭରେ ବହୁ ସଂଖ୍ୟାରେ ଯୋଗଦେଇ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଉପଭୋଗ କରିବା ପାଇଁ ସମସ୍ତଙ୍କୁ ସ୍ୱାଗତ କରୁଛି।

ସ୍ୱା./– ଡଃ ଅଜିତ୍ କୁମାର ମିଶ୍ର,
ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

**ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ**

୧୩.୧୨.୨୦୧୯ : ୧. ସ୍ୱାଗତ ସଙ୍ଗୀତ (ସାରେଗାମା ଗ୍ରୁପ), ୨. ଓଡ଼ିଶୀ, ୩. ରିଙ୍ଗୋଡି, ୪. ଡେମସା (ନବରଙ୍ଗପୁର), ୫. ଢେମସା (କୋରାପୁଟ), ୬. ଘୁମୁରା (କଳାହାଣ୍ଡି) ୭. ଚୁଟକୁଚୁଟା (ବଲାଙ୍ଗିର), ୮. ଲୋକନୃତ୍ୟ (ପୌରପାଳିକା ନବରଙ୍ଗପୁର), ୯. ରିଙ୍ଗୋଡି ଢେମସା ମିକ୍ସ (ବୋରିଗୁମ୍ମା)।

୧୪.୧୨.୨୦୧୯ : ୧. ସ୍ୱାଗତ ସଙ୍ଗୀତ (କୁମାର ମ୍ୟୁଜିକ୍ ନବରଙ୍ଗପୁର), ୨. ଓଡ଼ିଶୀ (ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର), ୩. ଢେମସା, ୪. ଦଶ ଅବତାର, ୫. ଲାଞ୍ଜିଆ ସୌର ନୃତ୍ୟ, ୬. କୋୟା ନୃତ୍ୟ, ୭. ମୁଣ୍ଡ ପୋତା ନୃତ୍ୟ, ୮. ସେମି କ୍ଲାସିକାଲ ଡ୍ୟାନ୍ସ, ୯. ଆଦିବାସୀ ନୃତ୍ୟ, ୧୦. ଦଣ୍ଡାରି ନୃତ୍ୟ, ୧୧. ଲୋକ ନୃତ୍ୟ (କୋଲକାତା), ୧୨. ଆଦିବାସୀ ସଂସ୍କୃତି ଓ ପର୍ବ ପର୍ବାଣି ନୃତ୍ୟ, ୧୩. ପଶୁମୁଖା ନୃତ୍ୟ।

୧୫.୧୨.୨୦୧୯ : ୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ, ୩. ସମ୍ବଲପୁରୀ ନୃତ୍ୟ, ୪. ଲାଞ୍ଜିଆ ସୌରା, ୫. ଢେମସା, ୬. ଶିବତାଣ୍ଡବ ନୃତ୍ୟ।

**ଅନୁସୂଚିତ ଜନଜାତିଙ୍କ ସେବାରେ....**
**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର ଆଦିବାସୀମାନଙ୍କର ସାମୂହିକ ବିକାଶ ପାଇଁ ୧୯୭୯ ମସିହାଠାରୁ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ପଞ୍ଚାୟତ ସମିତିରେ କାର୍ଯ୍ୟ କରିଆସୁଅଛି।

- ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୯ ଗୋଟି ଆଶ୍ରମ ବିଦ୍ୟାଳୟ ଗୁଡିକୁ ଉଚ୍ଚ ବିଦ୍ୟାଳୟ ରୂପେ ଉନ୍ନତି କରାଯାଇଅଛି। ତତ୍ ସଂଗେ ସଂଗେ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି ଏବଂ B.Ed. College ପ୍ରତିଷ୍ଠା କରାଯାଇଅଛି ତଥା ସେମାନଙ୍କୁ ଉଚ୍ଚ ମାନର ଶିକ୍ଷାର ବୃଦ୍ଧି ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟ ଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି। ଆତ୍ମନିଯୁକ୍ତି / ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡି ଚାଳନା ଶିକ୍ଷା, ୱେଲ୍‌ଡିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି।
- ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଲୋକଙ୍କ ୪୨୨ ଗୋଟି ପିଠସ୍ଥଳୀକୁ ପୁନରୁଦ୍ଧାର କରାଯାଇଅଛି ତଥା ସେମାନଙ୍କ ଆମୋଦପ୍ରମୋଦ ସକାଶେ ଜିଲ୍ଲାର ସମସ୍ତ ୧୮୯ଟି ପଞ୍ଚାୟତରେ ଗୋଟିଏ ଲେଖାଏ ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କରାଯାଉଅଛି।

ସ୍ୱା./– ଶ୍ରୀଯୁକ୍ତ ଅଣାକାର ଠାକୁର, ଓ.ପ୍ର.ସେ. – ଗ୍ରେଡ୍.ଏ.(ଏସ୍.ବି.)
ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା, ନବରଙ୍ଗପୁର



ନିର୍ମଳ କୁମାର ମିଶ୍ର

# ପ୍ରସ୍ତୁତି ପଥେ ବାରବାଟୀ





ଫଟୋ:– ରାଜକିଶୋର ମହାନ୍ତି

**ଦୀର୍ଘଦିନ ପରେ ବାରବାଟୀ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ । ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ ମୁହାଁମୁହିଁ ହେବେ । ଏକ ହାଇସ୍କୋରିଂ ମ୍ୟାଚ ଆଶାରେ ରହିଛନ୍ତି ଓଡ଼ିଆ ଦର୍ଶକ । ଏହି ମ୍ୟାଚ୍‌କୁ ସବୁ ଦୃଷ୍ଟିକୋଣରୁ ସଫଳ କରିବା ପାଇଁ ଓସିଏ ପ୍ରୟାସ ଜାରି ରଖିଛି...**

ବାରବାଟୀ ଏକ ଦିବସୀୟ ମ୍ୟାଚକୁ ଆଉ ଅଳ୍ପ କେଇଦିନ ବାକି ରହିଲା । ଆସନ୍ତା ୨୨ତାରିଖରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହି ସିରିଜ୍‌ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଖେଳାଯିବ । ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଓଡ଼ିଶାର ଗର୍ବ ଏବଂ ଗୌରବ ବାରବାଟୀ ଷ୍ଟାଡିୟମ । ଫନୀ କ୍ଷତିଗ୍ରସ୍ତ ବାରବାଟୀ ଷ୍ଟାଡିୟମର ପୁନରୁଦ୍ଧାର ପାଇଁ ସମସ୍ତ ଆବଶ୍ୟକ କାର୍ଯ୍ୟ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବ ନିର୍ବାଚିତ ସମ୍ପାଦକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ବେଶ୍ ସୁଚାରୁ ରୂପେ ଆଗେଇ ଚାଲିଛି । ନୂଆ ରୂପରେ ସଜେଇ ହେଉଛି ବାରବାଟୀ । ଦର୍ଶକମାନଙ୍କ ଉତ୍ସାହ ଏବଂ ମ୍ୟାଚ ପ୍ରତି ଉତ୍କଣ୍ଠା ଆୟୋଜକ ଓସିଏ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି । ବାରବାଟୀରେ ଖେଳାଯାଇଥିବା ସମସ୍ତ ଏକଦିବସୀୟ ମ୍ୟାଚ ପାଇଁ କ୍ରିକେଟ୍‌ପ୍ରେମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଉଭୟ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ପ୍ରତ୍ୟେକ ମ୍ୟାଚରେ ଷ୍ଟାଡିୟମ୍ ବେଶ୍ ଭରପୂର ରହିଛି । ଦୁଇବର୍ଷ ପରେ ପୁଣି ଥରେ ମ୍ୟାଚ ଖେଳାଯାଉଥିବାରୁ ଦର୍ଶକମାନଙ୍କ ଆଗ୍ରହ ଆକାଶଛୁଆଁ ହୋଇଛି । ମାତ୍ର ୧ଘଣ୍ଟା ମଧ୍ୟରେ ସମସ୍ତ ଅନଲାଇନ୍ ଟିକେଟ୍ ବିକ୍ରି ହୋଇଛି । କ୍ରିକେଟ୍ ପ୍ରେମୀମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ଏବଂ ଉତ୍ସାହ ରହିଥିବାର ସୂଚନା ମିଳିବା ମ୍ୟାଚ ପାଇଁ ଏକ ଶୁଭ ସୂଚନା । ଦର୍ଶକମାନେ କିପରି ସୁଚାରୁ ରୂପେ ମ୍ୟାଚର ପୂର୍ଣ୍ଣ ଆନନ୍ଦ ଉଠାଇ ପାରିବେ ସେଥିପାଇଁ ଷ୍ଟାଡିୟମ ମଧ୍ୟରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ । ଏ ନେଇ ଓସିଏର ବିଭିନ୍ନ କମିଟିର ମୁଖ୍ୟମାନେ ସୂଚନା ଦେବା ଫଳରେ ଦର୍ଶକମାନେ ଉତ୍ସାହିତ ରହିଛନ୍ତି । ମ୍ୟାଚ୍ ପାଇଁ ଏକ ସୁନ୍ଦର ଏକଦିବସୀୟ ପିଚ୍ ପ୍ରସ୍ତୁତ କରାଯାଇଛି । ଉଭୟ ବୋଲିଂ ଏବଂ ବ୍ୟାଟିଂକୁ ଏହି ପିଚ୍ ବେଶ୍ ସୁହାଇବା ଆଶା ରହିଛି ।

ଧୀରେ ଧୀରେ ମାହୋଲ ଜମି ଆସୁଛି । ଏନେଇ ପ୍ରସ୍ତୁତି ଜୋରଦାର ଚାଲିଛି । ଏକଦା ମ୍ୟାଚ୍ ଅନ୍ୟତ୍ର ସ୍ଥାନାନ୍ତରକୁ ନେଇ ଆଲୋଚନା କ୍ରିକେଟ୍ ପ୍ରେମୀଙ୍କୁ ହତୋତ୍ସାହିତ କରିଥିବା ବେଳେ ଓସିଏ ଏହାକୁ ଏକ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିଥିଲା । ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌କୁ କିପରି ଆକର୍ଷଣୀୟ ତଥା ସୁନ୍ଦର କରାଯାଇ ପାରିବ ସେ ନେଇ ନୂତନ ଯୋଜନାମାନ ବିଭିନ୍ନ କମିଟିମାନଙ୍କ ଦ୍ୱାରା ପ୍ରଣୟନ କରାଯାଇଛି । ଫଳରେ ମ୍ୟାଚ୍‌ର ରୋମାଞ୍ଚ ଆହୁରି ବଢ଼ିଛି । ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବାରବାଟୀ ଷ୍ଟାଡିୟମରେ ପ୍ରତ୍ୟେକ ଗ୍ୟାଲେରିରେ ହେଲ୍ପ ଡେସ୍କ ଖୋଲାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଥି ସହିତ ଷ୍ଟାଡିୟମ ପାଖରେ ଥିବା ଜିଲା ପଡିଆରେ ଫ୍ୟାନ ପାର୍କ ହେବା ମଧ୍ୟ ଦର୍ଶକମାନଙ୍କ ପାଇଁ ନୂତନ ଉତ୍ସାହ ଆଣିଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋଲିସ ଡିଜିଙ୍କ ଦ୍ୱାରା ମ୍ୟାଚ ପୂର୍ବରୁ ଏବଂ ମ୍ୟାଚ ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ଓସିଏ ସହିତ ଆଲୋଚନା କରିବା ପରେ ଗୋଟିଏ ଗ୍ୟାଲେରିକୁ ଅନୁପଯୁକ୍ତ ଘୋଷଣା କରାଯାଇଛି । ଫଳରେ ପ୍ରାୟ ପାଖାପାଖି ୬ହଜାର ଟିକେଟ୍ ବିକ୍ରି ନ ହେବା ଦର୍ଶକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ପ୍ରଥମ ଥର ପାଇଁ ଦର୍ଶକମାନେ ଖେଳ ଦେଖିବାରୁ ବଞ୍ଚିତ ହେବେ । ସେଥିପାଇଁ ଗ୍ୟାଲେରିଠାରୁ ଆରମ୍ଭ କରି କର୍ପୋରେଟ ବକ୍ସ ପର୍ଯ୍ୟନ୍ତ ସମସ୍ତ ଟିକେଟର ଚାହିଦା ଆଶାତୀତ ବୃଦ୍ଧି ପାଇଛି । ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ଯେତେଗୁଡିଏ ମ୍ୟାଚ ଖେଳାଯାଇଛି ସେତେବେଳେ ଗ୍ୟାଲେରିରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି । ବିଶେଷ କରି ଦର୍ଶକମାନେ ଅଡୁଆର ସମ୍ମୁଖୀନ ହୋଇଥାଆନ୍ତି । ଖାଦ୍ୟ, ପାନୀୟ ଏବଂ ବାଥ୍‌ରୁମର ସମସ୍ୟା ଦର୍ଶକମାନଙ୍କୁ ବେଶ୍ ଅଡୁଆରେ ପକାଇ ଥାଏ । ଏଥିପାଇଁ ଅଧିକ ଦରରେ ଖାଦ୍ୟ ପଦାର୍ଥ ବିକ୍ରି ନ କରିବା ପାଇଁ ଟେଣ୍ଡର ନେଇଥିବା ଭେଣ୍ଡରମାନଙ୍କୁ ଓସିଏ ପକ୍ଷରୁ ନିର୍ଦ୍ଦେଶ ଦେବା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ ବାହାରୁ ଆସୁଥିବା ଦର୍ଶକ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଫିସିଆଲ୍, ଉଭୟ ଦଳର ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର ଆତିଥ୍ୟ ପ୍ରଦାନ କରିବା ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଛି । ଗ୍ୟାଲେରି ଏବଂ ପ୍ରତ୍ୟେକ ପ୍ରବେଶ ପଥ ଏବଂ ପ୍ରସ୍ଥାନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯିବା ସହିତ ସମ୍ପୂର୍ଣ୍ଣ ଷ୍ଟାଡିୟମ୍‌କୁ ଆଲୋକିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପାଣି ବୋତଲ, ପାଣି ପାଉଚ୍, ଫଳ, ହେଲମେଟ୍, ବାଣ, ଗ୍ଲାସ ଏବଂ କଏନ୍ ପଡିଆ ଭିତରକୁ ମ୍ୟାଚ୍ ସମୟରେ ନ ନେବା ପାଇଁ ଦର୍ଶକମାନଙ୍କୁ ଅନୁରୋଧ କରାଯାଇଛି ।

ପୂର୍ବରୁ ଅନଲାଇନ୍ ମାଧ୍ୟମରେ ୮ହଜାର ଟିକେଟ ବିକ୍ରି କରାଯାଇଥିବା ବେଳେ ବହୁ ଟିକେଟ ଆଶାୟୀ କ୍ରିକେଟ୍‌ପ୍ରେମୀମାନେ ଟିକେଟ ନ ପାଇ ନିରାଶ ହୋଇଛନ୍ତି । କାରଣ ମାତ୍ର ଏକଘଣ୍ଟା ମଧ୍ୟରେ ସମସ୍ତ ଟିକେଟ ସରିଯିବା ଦ୍ୱାରା ଏବେ ୧୨ଟି କାଉଣ୍ଟର ମାଧ୍ୟମରେ ବିକ୍ରି ହେବାକୁ ଥିବା ପାଖାପାଖି ୧୦ହଜାର ଟିକେଟ୍ ଉପରେ ସମସ୍ତଙ୍କର ନଜର ରହିଛି । ଏହି ଅନ୍ତର୍ଜାତୀୟ ମ୍ୟାଚରେ ମୋଟ ବିକ୍ରି ହେବାକୁ ଥିବା ପାଖାପାଖି ୧୮୦୦୦ ଟିକେଟ୍ ସାଧାରଣ ଦର୍ଶକମାନଙ୍କ ପାଇଁ ଉପଲବ୍ଧ ରହିଛି । ଓସିଏର ସମସ୍ତ ଅନୁବନ୍ଧିତ କ୍ଲବଗୁଡିକୁ ୧୬ ଏବଂ ୧୭ତାରିଖରେ ଟିକେଟ୍ ବିକ୍ରି କରାଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ବିସିସିଆଇର ସମସ୍ତ ପ୍ରାୟୋଜକମାନଙ୍କ ପାଇଁ ପ୍ରାୟ ୯ହଜାର ଟିକେଟ୍ ରହିଛି । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୭ ନଂ ଗ୍ୟାଲେରି ବନ୍ଦ ରହୁଥିବାରୁ ମୋଟ ୪୫,୦୦୦ ଦର୍ଶକ ବିଶିଷ୍ଟ ବାରବାଟୀ ଷ୍ଟାଡିୟମର କ୍ଷମତା ୩୮,୮୦୦ରେ ସୀମିତ ରହିଛି । ଏହା ଦ୍ୱାରା ବହୁ ଦର୍ଶକ ଅସନ୍ତୋଷ ଜାହିର କରିଛନ୍ତି । ଟିକେଟ୍ କଳାବଜାରୀକୁ ରୋକିବା ପାଇଁ ଡିଜି ଏବଂ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି ।

ଯାହା ହେଉ କ୍ରିକେଟ୍‌ପ୍ରେମୀ ଦର୍ଶକମାନେ ବହୁ ଉତ୍କଣ୍ଠାର ସହିତ ଆସନ୍ତା ମ୍ୟାଚକୁ ଦେଖିବାକୁ ବେଶ୍ ଉତ୍ସାହିତ ରହିଛନ୍ତି । କାରଣ ଦୀର୍ଘ ୨ବର୍ଷ ପରେ ବାରବାଟୀକୁ ଫେରିଛି ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ । ସୁନ୍ଦର ଭାବରେ ଖୁବ୍ ଅଳ୍ପଦିନରେ ସଜାଇ ହେବାରେ ଲାଗିଛି ବାରବାଟୀ ଷ୍ଟାଡିୟମ୍ । ଏକ ସୁନ୍ଦର ବ୍ୟାଟିଂ ପିଚ୍ ପ୍ରସ୍ତୁତ କରାଯାଉଥିବାରୁ ଏବଂ ଲସ୍ ଗ୍ରୀନ୍ ଆଉଟ ଫିଲ୍ଡ ବାରବାଟୀର ସୁନ୍ଦରତାକୁ ଆହୁରି ବଢ଼ାଇଦେଇଛି । ଦର୍ଶକମାନେ ଏହି ରୋମାଞ୍ଚକ ମ୍ୟାଚର ପୂର୍ଣ୍ଣ ଆନନ୍ଦ ଉଠାଇବା ପାଇଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

## ୟୁନିଟ୍

ଦକ୍ଷିଣ ଏସୀୟ କ୍ରୀଡ଼ାରେ ଇଣ୍ଡିଆ
ଅଭିଯାନ କଲା ଶେଷ
ତିନିଶହ ବାର ପଦକ ପାଇକି
ଟପ୍‌ରେ ମୋର ଦେଶ
ରୋହିତ ମୋଡଇ ନିଶ
ଚାରି ଶହ ଛକା ମାରି ଆମ ଟୋକା
ରଚିଅଛି ଇତିହାସ ।୧ ।

ସିରିଜ ପଛରେ ବିରାଟ ଉଇକେଟ
ହାସଲ କରିଲେ ମଣି
ବାକି ଫର୍ମାଟରେ ଜିତିବାଟା ପକ୍କା
କୋଚ୍ ଫିଲ୍ କହେ ଠାଣି
ୟୁନିଟ୍ ଷ୍ଟ୍ରେଙ୍ଗ୍ ପୁଣି
ଭୀମ ହତ ହେଲେ ଟିମ୍ ଇଣ୍ଡିଆକୁ
ମିଶି ପିଆଇବା ପାଣି ।୨ ।



ବିରାଟ କୋହଲି ଷ୍ଟିଭ୍ ସ୍ମିଥ୍‌କୁ
କରିଅଛି ଗାଦିଚ୍ୟୁତ
ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ଶୀର୍ଷରେ ବସିଛି
ଟି–ଟ୍ୱେଣ୍ଟିରେ ବାଜିମାତ
ପୋଲାର୍ଡ ଆଣ୍ଡ ଟିମ୍ ହତ
ବ୍ୟକ୍ତିଗତ ଦମ୍ ସହ ୟୁନିଟ୍
ବିଜୟ ଆଣଇ ମିତ ।୩ ।

–ସୁବାସ ଚନ୍ଦ୍ର ପ୍ରଧାନ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।
ଚିତ୍ତରଞ୍ଜନ ଦିଗାଲ
ଫିରିଙ୍ଗିଆ
ପଞ୍ଚାୟତ ନିର୍ବାହୀ ଅଧିକାରୀ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ପୂର୍ଣ୍ଣାନନ୍ଦ ବେହେରା
ସରପଂଚ,
ଚାଟରାଚକଡ଼ା ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ବସୁପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଅମୃତରାଜ ବେହେରା
ସରପଂଚ,
ବସୁପୁର ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଯୁଗଳ କିଶୋର ମହାନ୍ତି
ସରପଂଚ,
ହରିଅଙ୍କ ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ରଣଜିତ କୁମାର ମହାନ୍ତି
ମୟୂରଭଞ୍ଜ ଜିଲ୍ଲା ସଭାପତି
ସର୍ବଭାରତୀୟ ଗ୍ରାହକ
କଲ୍ୟାଣ ପରିଷଦ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ସଂଯୁକ୍ତା ସାହୁ
ସରପଂଚ,
ଲକ୍ଷ୍ମୀନାରାୟଣପୁର ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଜବା ମୁର୍ମୁ
ଜିଲ୍ଲା ପରିଷଦ ସଭ୍ୟା
୧୩ ନଂ ଜୋନ୍
କେନ୍ଦ୍ରାପଡ଼ା

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଜଳେଶ୍ୱର ପୌରପାଳିକାର ସର୍ବାଙ୍ଗୀନ ବିକାଶରେ ସହରବାସୀଙ୍କ ସହଯୋଗ କାମନା କରିବା ସହ ଜନସାଧାରଣଙ୍କୁ ଶୁଭେଚ୍ଛା ।
ଅଜୟ କୁମାର ମହାପାତ୍ର
କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଅଖିଳ କୁମାର ଲେଙ୍କା
ସରପଞ୍ଚ, ବାଲ୍ୟାମ୍ବା ଗ୍ରାମପଞ୍ଚାୟତ
ସଦର ବ୍ଲକ୍, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
M/S. BHAPUR INDANE GRAMIN VITARAK
ଭାପୁର ଇଣ୍ଡେନ୍ ଗ୍ରାମୀଣ ବିତରକ
ଭାପୁର, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଅନ୍ତର୍ଯ୍ୟାମୀ ସାହୁ
ସରପଞ୍ଚ, କାକୁଡ଼ିଭାଗ ଗ୍ରାମପଞ୍ଚାୟତ
ସଦର ବ୍ଲକ୍, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଶ୍ରୀମତୀ ସଲିଳା ସାହୁ
ସରପଞ୍ଚ, ଘଟିପିରି ଗ୍ରାମପଞ୍ଚାୟତ
ଓଡ଼ାପଡ଼ା ବ୍ଲକ୍, ଢେଙ୍କାନାଳ



ସାରା ଦେଶରେ ୧୫.୫ ଲକ୍ଷ ଟନ୍ ଉତ୍ପାଦନ ହ୍ରାସ ହେବା ଯୋଗୁ ପିଆଜ ଦର ବଢ଼ିଛି।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



ଅର୍ଥନୀତି ଶୀଘ୍ର ସ୍ଥିତାବସ୍ଥାକୁ ଫେରିବ। ଜିଡିପି ଖସିବାକୁ ନେଇ ଆଶଙ୍କା କରିବାର କୌଣସି କାରଣ ନାହିଁ।
– ରାଓ ଇନ୍ଦରଜିତ ସିଂ, ପରିସଂଖ୍ୟାନ ରାଷ୍ଟ୍ର ମନ୍ତ୍ରୀ

## ସଂକ୍ଷେପରେ

### ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକିବେ ସରକାର

ନୂଆଦିଲ୍ଲୀ,୧୨-୧୨: ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ଅଂଶଧନ ବିକ୍ରି ନେଇ ରହିଥିବା ପ୍ରସ୍ତାବ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଗୁରୁବାର ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ବିମାନ କମ୍ପାନୀ ଉପରେ ୫୦,୦୦୦ କୋଟି ଟଙ୍କାର ଋଣ ରହିଛି। ଏହା ଲଗାତର କ୍ଷତି ସହି ଚାଲିଥିବା ବେଳେ ଏହାର ପୁନରୁଦ୍ଧାର ଲାଗି ସରକାର ପ୍ରୟାସ କରିଥିବା ସେ କହିଛନ୍ତି। ନୂଆ ସରକାର ଆସିବା ପରେ ଏୟାର ଇଣ୍ଡିଆ ସ୍ପେଶିଫିକ ଅଲଟରନେଟିଭ ମେକାନିଜିମ୍(ଏଆଇଏସ୍ଏମ୍) ପୁନର୍ଗଠନ ହେବା ସହ ବିମାନ କମ୍ପାନୀର ଅଂଶଧନ ବିକ୍ରି ଲାଗି କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି ବୋଲି ପୁରୀ ସ୍ପଷ୍ଟ କରିଛନ୍ତି।

### କଲ୍, ଡାଟାର ନ୍ୟୁନତମ ଚାର୍ଜ ଉପରେ ବିଚାର ହେବ

ନୂଆଦିଲ୍ଲୀ,୧୨-୧୨: କଲ୍ ଏବଂ ଡାଟା ଉପରେ ନ୍ୟୁନତମ ଚାର୍ଜ ଲାଗୁ କରିବା ଲାଗି ଟେଲିକମ ଶିଳ୍ପ ପକ୍ଷରୁ ହୋଇଥିବା ଦାବିକୁ ନିୟାମକ ଟ୍ରାଇ ବିଚାର କରିବ ବୋଲି ଜଣାପଡ଼ିଛି। ଟ୍ରାଇ ଏହି ପ୍ରସ୍ତାବ ଯଦି ଆଗାମୀ ଦିନରେ ଲାଗୁ କରେ ତେବେ କଲ୍ ଏବଂ ଡାଟା ଆଉ ମାଗଣା ହେବ ନାହିଁ ଅର୍ଥାତ୍ ଗ୍ରାହକଙ୍କୁ କିଛି ଦେୟ ଦେବାକୁ ପଡ଼ିବ। ଦେଶର ଟେଲିକମ୍ ଶିଳ୍ପ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଶିଳ୍ପର ବାରମ୍ବାର ଦାବିକୁ ବିଚାର କରି ଏଭଳି ପ୍ରସ୍ତାବ ଉପରେ ଧ୍ୟାନ ଦିଆଯିବ ବୋଲି ଟ୍ରାଇ ଅଧକ୍ଷ ଆରଏସ୍ ଶର୍ମା ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

### ଜିଡିପି ହ୍ରାସକୁ ନେଇ ଚିନ୍ତିତ ନୁହେଁ: ପ୍ରଣବ ମୁଖାର୍ଜୀ

ନୂଆଦିଲ୍ଲୀ,୧୨-୧୨: ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ଯୋଗୁ ଦେଶର ଜିଡିପି ଅଭିବୃଦ୍ଧି ଏବେ ହ୍ରାସ ଘଟିଛି। ହେଲେ ଏହାକୁ ନେଇ ବିଶେଷ ଚିନ୍ତିତ ନୁହେଁ ବୋଲି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥା ଏଭଳି କିଛି କାର୍ଯ୍ୟକଳାପ ହେଉଛି ଯାହାର ପ୍ରଭାବ ନିଶ୍ଚୟ ଦେଖାଯିବ। ୟୁପିଏ ସରକାରଙ୍କ ସମୟରେ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ମୁଖାର୍ଜୀ କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁନଃ ପୁଞ୍ଜିକରଣ କରିବାରେ କୌଣସି ଅସୁବିଧା ନାହିଁ। ଏବେ ବ୍ୟାଙ୍କଗୁଡ଼ିକ ପୁଞ୍ଜୀ ଆବଶ୍ୟକତା କରୁଥିବାରୁ ଏହା ଯୋଗାଇ ଦେବା ଉଚିତ ହେବ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ୟାର ସମାଧାନ ଲାଗି ଆଲୋଚନାର ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହା ବାଦ ସରକାର ଠିକ୍ ଡାଟା ପ୍ରଦାନ ନ କରିଲେ ଏହା ବ୍ୟବସ୍ଥା ଲାଗି ଖରାପ ପ୍ରଭାବ ପକାଇବ ବୋଲି ସେ ମତ ରଖିଛନ୍ତି।

# ଶିଳ୍ପ କ୍ଷେତ୍ର ଉତ୍ପାଦନ ହ୍ରାସ ଧାରା ଜାରି

■ ଲଗାତର ୩ ମାସ ଧରି ଖସୁଛି
■ ଅକ୍ଟୋବରରେ ୩.୮% କମିଲା ଶିଳ୍ପ ଉତ୍ପାଦନ



ନୂଆଦିଲ୍ଲୀ,୧୨-୧୨

ମାନ୍ଦାବସ୍ଥା ଦେଶର ଅର୍ଥ ବ୍ୟବସ୍ଥାକୁ ଏବେ ମଧ୍ୟ ଜାବୁଡ଼ି ଧରିଛି। ଏହାର ପ୍ରଭାବରେ ଲଗାତର ତୃତୀୟ ମାସ ଲାଗି ଦେଶର ଉଦ୍ୟୋଗଗୁଡ଼ିକର ଉତ୍ପାଦନ ଖସିଛି। ଚଳିତ ବର୍ଷ ଅକ୍ଟୋବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ୩.୮% କମିଛି। ମାନୁଫାକଚରିଂ, ଖଣି, ବିଦ୍ୟୁତ ଶକ୍ତି ଭଳି କ୍ଷେତ୍ରରେ ଉତ୍ପାଦନ କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଗୁରୁବାର ପ୍ରକାଶିତ ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ତଥ୍ୟ ମୁତାବକ ସେପ୍ଟେମ୍ବରରେ ଦେଶର ଫ୍ୟାକ୍ଟ୍ରିଗୁଡ଼ିକରୁ ଉତ୍ପାଦନ ୪.୩% ହ୍ରାସ ହୋଇଛି। ସେହିଭଳି ଅଗଷ୍ଟରେ ଏଥିରେ ୧.୪% ହ୍ରାସ ହୋଇଥିଲା। ଅପରପକ୍ଷରେ ଏହା ଜୁଲାଇରେ ୪.୯% ବୃଦ୍ଧି ହୋଇଥିଲା। ଫ୍ୟାକ୍ଟ୍ରିଗୁଡ଼ିକର ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି)ରେ ଆକଳନ କରାଯାଉଥିବାରେ ଏହା ୨୦୧୮ ଅକ୍ଟୋବରରେ ୮.୪% ବଢ଼ିଥିଲା।

ଚଳିତବର୍ଷ ଏପ୍ରିଲରୁ ଅକ୍ଟୋବର ସମୟ ମଧ୍ୟରେ ଆଇଆଇପି ଅଭିବୃଦ୍ଧି ୦.୫% ରହିଛି। ଯାହା ଆଖି ଦୃଶିଆ ନୁହେଁ। ଗତ ବର୍ଷ ଏହି ସମୟରେ ଆଇଆଇପି ୫.୭% ଥିଲା। ଅକ୍ଟୋବରରେ ଦେଶର ମାନୁଫାକଚରିଂ ଅଭିବୃଦ୍ଧି ୨.୧% କମିଛି। ଏହା ଗତ ବର୍ଷ ସମାନ ସମୟରେ ୮.୨% ବଢ଼ିଥିଲା। ଚଳିତ ବର୍ଷ ଅକ୍ଟୋବରରେ ଶକ୍ତି କ୍ଷେତ୍ରରେ ଉତ୍ପାଦନ ୧୨.୨% ହ୍ରାସ ହୋଇଛି। ଯାହା ଗତ ବର୍ଷ ୧୦.୮% ରହିଥିଲା। ଖଣି କ୍ଷେତ୍ର ଉତ୍ପାଦନ ୮% ଖସିଯାଇଛି। ଏହା ଗତ ବର୍ଷ ୭.୩% ଥିଲା। ଏହାବାଦ କ୍ୟାପିଟାଲ ଗୁଡ୍ସ ଉତ୍ପାଦନ ୨୧.୯% କମିଛି। ଯାହା ଗତ ବର୍ଷ ସମାନ ସମୟରେ ୧୬.୯% ବଢ଼ିଥିଲା। ଏହାବାଦ ପ୍ରାଥମିକ ସାମଗ୍ରୀ ଅଭିବୃଦ୍ଧି (–)୬%, ମାଧ୍ୟମିକ ସାମଗ୍ରୀ ଅଭିବୃଦ୍ଧି ୨୨.୨% ଏବଂ ଭିତ୍ତିଭୂମି ନିର୍ମାଣ ସାମଗ୍ରୀ ଅଭିବୃଦ୍ଧି (–) ୯.୨% ରହିଛି। କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ସ କ୍ଷେତ୍ରରେ ଏହା ଯଥାକ୍ରମେ (–) ୧୮% ଏବଂ (–) ୧.୧% ରହିଛି। ମାନୁଫାକଚରିଂର ମୋଟ ୨୩ ଶିଳ୍ପଗ୍ରୁପ ମଧ୍ୟରୁ ୧୮ଟିର କାର୍ଯ୍ୟକଳାପ ନକାରାତ୍ମକ ରହିଛି।

କମ୍ପ୍ୟୁଟର, ଇଲେକଟ୍ରୋନିକ୍ସ ଏବଂ ଅପ୍ଟିକାଲ ପ୍ରଡକ୍ଟ ମାନୁଫାକଚରିଂ ସର୍ବାଧିକ ନକାରାତ୍ମକ ଅଭିବୃଦ୍ଧି (–)୩୧.୩% ସ୍ତରରେ ରହିଛି। ଏହାବାଦ ମୋଟର ଭେଇକିଲ, ଟ୍ରେଲର, ସେମିଟ୍ରେଲର ମାନୁଫାକଚରିଂ କ୍ଷେତ୍ର ଏହା ପରେ ରହିଛି। ଏହି କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି (–) ୨୭.୯% ରହିଛି। ଏହି ସମୟ ମଧ୍ୟରେ କେମିକାଲ ପ୍ରଡକ୍ଟ କ୍ଷେତ୍ରରେ ସର୍ବାଧିକ ୩୧.୮% ଅଭିବୃଦ୍ଧି ହୋଇଛି। ସେହିଭଳି ବେସିକ୍ ମେଟାଲ କ୍ଷେତ୍ରରେ ଅଭିବୃଦ୍ଧି ୯.୪% ରହିଛି।

## ୩ ବର୍ଷର ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨-୧୨

ନଭେମ୍ବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୩ ବର୍ଷର ସର୍ବୋଚ୍ଚ ସ୍ତର ୫.୫୪% ଛୁଇଁଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଖାଉଟି ମୂଲ୍ୟସୂଚୀ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨୦୧୮ ଅକ୍ଟୋବରରେ ୪.୬୨% ଥିବାବେଳେ ନଭେମ୍ବରରେ ୨.୩୩% ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ଡାଟା ମୁତାବକ ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ୧୦.୦୧% ବଢ଼ିଛି। ଏହା ଗତ ବର୍ଷ ନଭେମ୍ବରରେ ୭.୮୯% ଏବଂ ଅକ୍ଟୋବରରେ (–) ୨.୬୧% ରହିଥିଲା। ଏହା ପୂର୍ବରୁ ୨୦୧୬ରେ ସିପିଆଇର ସର୍ବୋଚ୍ଚ ସ୍ତର ୬.୦୭% ରହିଥିଲା। ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ସୀମିତ କରିବାକୁ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଥିବା ବେଳେ ଏହା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରହିଥିବା ଜଣାପଡ଼ିଛି।

# ତନିସ୍କ ପକ୍ଷରୁ ବ୍ରାଣ୍ଡ ପ୍ରତିଶ୍ରୁତି




ଭୁବନେଶ୍ୱର,୧୨-୧୨

ପ୍ରମୁଖ ଜୁଏଲର୍ସ ତନିସ୍କ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ବ୍ରାଣ୍ଡ ପ୍ରତିଶ୍ରୁତି ପ୍ରଦାନ କରାଯାଉଛି। ଏହାକୁ ଗ୍ରାହକ ସବୁଦିନ ଲାଗି ବିଶ୍ୱାସ କରିପାରିବେ ବୋଲି ଏହା ସୂଚନା ଦେଇଛି। ଟାଟାର ୧୩୫ ବର୍ଷର ବିଶ୍ୱାସ, ତନିସ୍କର ୨୩ ବର୍ଷ, ୫ ନିୟୁତ ଗ୍ରାହକ, ସାରା ଦେଶରେ ୩୧୯ ଷ୍ଟୋର ଏବଂ ୨୦୦ ସହରରେ କମ୍ପାନୀ ଏହାର ଭରସାଯୋଗ୍ୟ ସେବା ଯୋଗାଇ ଦେଉଛି। ସବୁ ଷ୍ଟୋରରେ ଷ୍ଟେଟ ଅଫ୍ କ୍ୟାରେଟ ମିଟର ଦ୍ୱାରା ଶୁଦ୍ଧତାର ଗ୍ୟାରେଣ୍ଟି ଏହା ପ୍ରଦାନ କରୁଥିବା କହିଛି। ମୂଲ୍ୟବୋଧ ବ୍ୟବସ୍ଥାର ପାଳନ ଅନ୍ତର୍ଗତ ଏହା ଫେୟାର ପ୍ରାଇସିଂ, ସରକାରୀ ନୀତି ଏବଂ ନିୟାମକ ବ୍ୟବସ୍ଥାକୁ ପାଳନ କରୁଛି। ଗ୍ରାହକଙ୍କୁ ପୁରୁଣା ସୁନାର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ ଲାଗି ଏହା ସୁନାର ୧୦୦% ଏକ୍ସଚେଞ୍ଜ ଗ୍ୟାରେଣ୍ଟି ପ୍ରଦାନ କରୁଛି। କମ୍ପାନୀପକ୍ଷରୁ ହୀରାଗୁଡ଼ିକୁ ଯତ୍ନର ସହ ଚୟନ କରାଯାଉଛି। ସବୁଠୁ ଚମକ ହୀରା କେବଳ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ପରିବେଶ ପ୍ରତି ପ୍ରତିବଦ୍ଧତା ଅନ୍ତର୍ଗତ ପରିବେଶ ଉପଯୋଗୀ ମାନୁଫାକଚରିଂ ବ୍ୟବସ୍ଥାକୁ ଏହା ଆପଣାଇଛି। ବିଭିନ୍ନ ପଦକ୍ଷେପ ଦ୍ୱାରା ଶକ୍ତି ସଞ୍ଚୟକୁ ଏହା ଗୁରୁତ୍ୱ ଦେଉଛି। କମ୍ପାନୀ କାରିଗରଙ୍କ ପ୍ରତି ଯତ୍ନବାନ ରହିଛି। ୨୦୦୦ରୁ ଉର୍ଦ୍ଧ୍ୱ କାରିଗର ୫୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ଗହଣା କଳା ପ୍ରସ୍ତୁତିର ପୁନରୁଦ୍ଧାର କରିଛନ୍ତି ବୋଲି ତନିସ୍କ ପକ୍ଷରୁ ସୂଚନା ରହିଛି।

# ଗ୍ରୀନ୍ କ୍ୟାମ୍ପସ ପ୍ରତିଯୋଗିତାରେ ସି.ଭି. ରମଣର ତୃତୀୟ ସ୍ଥାନ

ଭୁବନେଶ୍ୱର, ୧୨-୧୨



ଅଲ ଇଣ୍ଡିଆ କାଉନସିଲ ଫର ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ଆୟୋଜିତ ଗ୍ରୀନ କ୍ୟାମ୍ପସ ପ୍ରତିଯୋଗିତାରେ ସିଭି ରମଣ କଲେଜ ଅଫ ଇଞ୍ଜିନିୟରିଂ ଓଡ଼ିଶାରେ ପ୍ରଥମ ଏବଂ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ସବୁଜ ପରିବେଶ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ସୌର ଶକ୍ତିର ବିନିଯୋଗ ଏବଂ ୫୦ଟି ବିଶେଷତ୍ୱକୁ ନେଇ ସର୍ବଭାରତୀୟ ସ୍ତରରେ ବିଶ୍ଳେଷଣ କରାଯାଇଥାଏ। ଫନୀ ଦ୍ୱାରା କଲେଜର ପରିବେଶ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ କହିଛନ୍ତି। ଏହା ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଲାଗି ଗୌରବର ବିଷୟ ବୋଲି ସେ ମତ ରଖିଛନ୍ତି। କଲେଜ ପରିବେଶକୁ ସବୁଜ, ସୁନ୍ଦର ରଖିବାରେ ଛାତ୍ରୀଛାତ୍ରଙ୍କ ଅବଦାନକୁ ସେ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାଙ୍କୁ ରାଉତ ଧନ୍ୟବାଦ ଜଣାଇଛନ୍ତି।

# ଏସ୍‌ବିଆଇର ୟୋନୋ ଶପିଂ ଫେଷ୍ଟିଭାଲ

ଭୁବନେଶ୍ୱର,୧୨-୧୨




ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ଡିଜିଟାଲ ପ୍ଲାଟଫର୍ମ ୟୋନୋର ଶପିଂ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଶପିଂ କରୁଥିବା ଗ୍ରାହକଙ୍କ ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। ଏଥିରେ ଗ୍ରାହକ ବଜାର ଦର ତୁଳନାରେ ରିହାତି ହାରରେ ଶପିଂ କରିପାରିବେ। ୧୪ ଡିସେମ୍ବର ପର୍ଯ୍ୟନ୍ତ ଏହା ଚାଲୁ ରହିଛି। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଫେଷ୍ଟିଭାଲରେ ଗ୍ରାହକ ବିଭିନ୍ନ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ୟୋନୋ ଆପ୍ ସହାୟତାରେ ଗ୍ରାହକ ଏହି ସମୟରେ କାର୍ ଋଣ ଲାଗି ଆବେଦନ କଲେ ପ୍ରୋସେସିଂ ଫି ଛାଡ ଏବଂ ୦.୨୫% ସୁଧହାର ହାସଲ କରିପାରିବେ। ଏହି ସମୟରେ ଗୃହ ଋଣ ପ୍ରୋସେସିଂ ଫିରେ ୫୦% ଛାଡ ସୁବିଧା ରହିଛି। ୟୋନୋ ଆପରେ ଏସ୍‌ବିଆଇ କାର୍ଡ ଆବେଦନ କଲେ ୭୦୦ ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ସୁବିଧା ପାଇବେ। ୧୭ ନାମୀଦାମୀ କମ୍ପାନୀ ଏହି ଫେଷ୍ଟିଭାଲରେ ଅଂଶ ଗ୍ରହଣ କରିଛନ୍ତି। ଏହାବାଦ ଏସ୍‌ବିଆଇ ରିୟଲିଟି ଜରିଆରେ ସମ୍ପତ୍ତି କିଣିଲେ ନିଶ୍ଚିତ ଉପହାର ରହିଛି। ଫେଷ୍ଟିଭାଲ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ପ୍ରବୀଣା କାଲା ଏକ ଡିଜିଟାଲ ଭ୍ୟାନ ଶୁଭାରମ୍ଭ କରିଥିଲେ। ଏହା ଭୁବନେଶ୍ୱର ସମେତ କଟକ ଏବଂ ପୁରୀ ଭଳି ସ୍ଥାନରେ ଭ୍ରମଣ କରିବ।

# ବିଓବିର ଇଣ୍ଟର ଜୋନାଲ ଚେସ୍

ଭୁବନେଶ୍ୱର,୧୨-୧୨

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପାଟନା ଜୋନ, ସ୍ପୋର୍ଟସ ଆଣ୍ଡ କଲଚରାଲ ଟିମ୍ ପକ୍ଷରୁ ଇଣ୍ଟର ଜୋନାଲ ଚେସ୍ ଟୁର୍ନାମେଣ୍ଟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଓବି ପାଟନା ଜୋନର ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱର କ୍ଷେତ୍ର ଡିଆର୍‌ଏମ୍ ଭାରତ ଭୂଷଣ, ଡିଆର୍‌ଏମ୍-୨ ହରିଷ ସିହ୍ନା ଏବଂ ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦ ଜୋନର ୧୦୦ ପ୍ରତିନିଧି ଭାଗ ନେଇଥିଲେ। ଏଥିରେ କଲିକତା ଜୋନ ବିଜୟୀ ହୋଇଛି। ଏହି ଅବସରରେ ମହାପ୍ରବନ୍ଧକ (ସିସି, ପୂର୍ବୀୟ) ବିଶ୍ୱ ରୂପ ଦାସ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ଡ୍ୟୁକ୍ ଫ୍ୟାଶନ୍ସ ସମ୍ମାନିତ

ଚଣ୍ଡିଗଡ,୧୨-୧୨



ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡ ପଞ୍ଜାବ ଷ୍ଟେଟ ଏମ୍ଏସ୍ଏମ୍ଇ ଆୱାର୍ଡ ପ୍ରଦାନ କରାଯାଇଛି। ଗୁଣବତ୍ତା ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀ ଏଭଳି ସମ୍ମାନ ଲାଭ କରିଛି। ଡ୍ୟୁକ୍ ଫ୍ୟାସନ୍ସ ଅଧ୍ୟକ୍ଷ କୋମଲ କୁମାର ଜୈନ ଏବଂ ତାଙ୍କ ସ୍ତ୍ରୀ କାଞ୍ଚନ ଜୈନ ପଞ୍ଜାବ ଇନଭେଷ୍ଟର୍ସ ସମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଗ୍ରାହକଙ୍କ ଭଲ ପାଇବା ଯୋଗୁ ଡ୍ୟୁକ ଆଗକୁ ବଢ଼ି ଚାଲିଛି ବୋଲି ପୁରସ୍କାର ଗ୍ରହଣ ଅବସରରେ ଅଧ୍ୟକ୍ଷ ଜୈନ କହିଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିବ ବୋଲି ସେ ମତ ରଖିଛନ୍ତି।

■ ବ୍ୟାଙ୍କଗୁଡ଼ିକୁ ଶକ୍ତିକାନ୍ତଙ୍କ ଆହ୍ୱାନ

# ଚ୍ୟାଲେଞ୍ଜିଂ ସ୍ଥିତିର ସାମ୍ନା ଲାଗି ପ୍ରସ୍ତୁତ ରୁହ

ନୂଆଦିଲ୍ଲୀ,୧୨-୧୨

ବର୍ତ୍ତମାନର ଆର୍ଥିକ ସ୍ଥିତି ଦେଶର ବ୍ୟାଙ୍କଗୁଡ଼ିକ ଲାଗି ବିଭିନ୍ନ ଚ୍ୟାଲେଞ୍ଜିଂ ସ୍ଥିତି ଆଣିପାରେ। ଏହାକୁ ସାମ୍ନା କରିବା ଲାଗି ବ୍ୟାଙ୍କଗୁଡ଼ିକ ନିଜକୁ ପ୍ରସ୍ତୁତ କରି ରଖିବା ଆବଶ୍ୟକ। ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଭେଟିବା ସହ ଏଭଳି ଆହ୍ୱାନ ଦେଇଛନ୍ତି। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପରେ ଉନ୍ନତି ହେଉଥିବା ସେ ମତ ରଖିଛନ୍ତି। ଭାରତର ଜିଡିପି ଅଭିବୃଦ୍ଧି ସେପ୍ଟେମ୍ବର ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଥିବା ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ବିକାଶ ଅନୁମାନକୁ ୫%କୁ ଖସାଇଛି। ଏଭଳି ସ୍ଥିତିରେ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଏଭଳି ମନ୍ତବ୍ୟ ଦେଇଥିବା ଜଣାପଡ଼ିଛି। ମିଳିତ ହୋଇ ଚାପଗ୍ରସ୍ତ ସମ୍ପତ୍ତିର ସମାଧାନ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ସୁଧହାର ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଉପରେ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ୨୦୧୯ରେ ରିଜର୍ଭ ବ୍ୟାଙ୍କ ୧.୩୫% ସୁଧହାର ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ କିନ୍ତୁ ବହୁ କମ୍ ପରିମାଣରେ ଲାଭ ଗ୍ରାହକଙ୍କୁ ଦେଇଛନ୍ତି। ଏହାବାଦ ଅର୍ଥନୀତିକୁ ଋଣ ଯୋଗାଣ ଧାରାରେ ଉନ୍ନତି, ଅଣ ବ୍ୟାଙ୍କ ଋଣ ଗ୍ରହୀତା ଏବଂ କ୍ଷୁଦ୍ର ବାଣିଜ୍ୟ, ଡିଜିଟାଲ ନେଣଦେଣ ଭଳି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି।

No. B-419:-
E-mail ID:pwd_sng@yahoo.co.in
Tel/ Fax No-(06622)272230
ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ପୂର୍ତ୍ତ ବିଭାଜନ, ସୁନ୍ଦରଗଡ଼
OFFICE OF THE EXECUTIVE ENGINEER
SUNDARGARH (R&B) DIVISION, SUNDARGARH
Letter No.: 4224 // Date: 11-12-2019
TENDER CANCELLATION NOTICE
The Bid Identification No-EE-R&B-SNG-14 OF 2019-20 is hereby cancelled due to unavoidable circumstances .
Sd/- (G.C. Ray ), Executive Engineer
Sundargarh (R&B) Division
34043/11/0005/1920

ପ୍ରେସ୍ ବିଜ୍ଞପ୍ତି
No.AA-19 :- ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣେଇ ଦିଆଯାଉଛି ଯେ, ଆସନ୍ତା ଡିସେମ୍ବର ମାସ ୧୪ ତାରିଖରେ 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ' ପାଳନ କରାଯାଉଅଛି। ଏହି ଅବସରରେ ସକାଳ ଆଠଟାରେ ଶକ୍ତି ସଂରକ୍ଷଣ ରାଲି କଳିଙ୍ଗ ଷ୍ଟାଡିୟମ୍ ୩ ନମ୍ବର ଗେଟ୍‌ଠାରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଛଡ଼ା, ଦିନ ୧୦ଟା ପରଠାରୁ 'ଜୟଦେବ ଭବନ' ଠାରେ ବିଭିନ୍ନ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏଠାରେ ଶକ୍ତି ଦକ୍ଷତାପୂର୍ଣ୍ଣ ମଡେଲ୍/ପ୍ରୋଜେକ୍ଟ/ଉତ୍ପାଦ/ଉପକରଣ (Model/Project/Product/Appliance) ଗୁଡ଼ିକ ପ୍ରଦର୍ଶନ କରାଯିବ। ଏହାସହିତ ବିଦ୍ୟୁତ୍‌ଚାଳିତ କାର ଏବଂ ମୋଟର ସାଇକେଲ ପ୍ରଦର୍ଶିତ କରାଜିବ। ଆପଣମାନଙ୍କୁ ଅନୁରୋଧ, ବହୁ ସଂଖ୍ୟାରେ ଏହି ପ୍ରଦର୍ଶନୀରେ ଯୋଗଦେଇ ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଦକ୍ଷ ଉତ୍ପାଦ ବିଷୟରେ ଜାଣନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ।
ସନ୍ତୋଷ ଦାସ
ସର୍ବୋଚ୍ଚ ଯନ୍ତ୍ରୀ, ବିଦ୍ୟୁତ୍ ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
04004/11/0015/1920

No. O-615:- Annexure
IFB IDENTIFICATION NO. EEBLGR-online-01/2019-20
1. Name of work : Periodical Maintenance for the road Such as providing SDBC work
2. Total no of works : 2 ( Two ) nos.
3. Approximate Estimated Cost : Varies from 53.04 lakhs to 79.56 lakhs.
4. Time for completion : 2 ( Two ) Calander months
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No.EEBLGR-online-1/2019-20

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Bolangir | Online Tender/01/BLGR | 21.12.2019 At 11.00 A.M. | 31.12.2019 upto 5.00 P.M. | 30.12.2019 upto 1.00 P.M. | 03.1.2020 at 11.00 A.M. |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.
25068/11/0001/1920 Executive Engineer, R.W Division, Bolangir

OFFICE OF THE DIVISIONAL FOREST OFFICER:
SATKOSIA WILDLIFE DIVISION: ANGUL
Phone-No-06764-236219 / Fax No-06764-236218,
E-mail-ID- dfosatkosiawl@yahoo.co.in / Website-www.satkosia.org
No. MM-107:-
NOTIFICATION
This is for information of all concerned that the following Forest Roads of Satakosia Wildlife Division in the District of Angul & Cuttack will remain closed to the traffic on Dt. 31.12.2019 from zero hours to 24 hours in accordance with Rule 284 of Odisha Forest Department Code 1979. The Movement of traffic on the above date as specific will be violation of Section 26 of Odisha Forest Act, 1972 and hence will be liable for prosecution.

| Sl. No | Name of the Forest Road | Name of the District | Name of the Range | Length in k.m |
|---|---|---|---|---|
| 1 | Kaudoli-Rasanda | Angul | Raigoda (WL) Range | 5.30 Kms |
| 2 | Majhipada–Bipradiha | Angul | Tikarapada (WL) Range | 14.00 Kms |
| 3 | Tikarapada-Katarang | Angul | Tikarapada &Jilinda (WL) Range | 15.00 Kms |
| 4 | Baghmunda-Majhipada | Angul | Purunakote & Tikarapada (WL) Range | 15.00 Kms |
| 5 | Purunakote-Baghamunda | Angul | Purunakote (WL) Range | 9.00 Kms |
| 6 | Labangi-Tuluka | Angul | Pampasara & Purunakote (WL) Range | 14.13 Kms |
| 7 | Labangi- Rasanda | Angul | Raigoda & Pampasara (WL) Range | 8.40 Kms |
| 8 | Rasanda-Raigoda | Angul | Raigoda & Pampasara (WL) Range | 6.10 Kms |
| 9 | Raigoda-Nuakheta | Angul | Raigoda (WL) Range | 1.54 Kms |
| 10 | Bhurkundi-Kuaadoli | Angul | Purunakote (WL) Range | 6.20 Kms |
| 11 | Raigoda-Kuadoli | Angul | Purunakote & Raigoda (WL) Range | 4.20 Kms |
| 12 | Chhotkei-Katarang | Angul | Jilinda & Purunakote (WL) Range | 17.00 Kms |
| 13 | Katrang-Judum | Angul | Jilinda (WL) Range | 04.00 Kms |
| 14 | Baliput-Angul Dist. Border | Cuttack | Jilinda (WL) Range | 05.00 Kms |

08022/11/0002/1920 Sd/- Divisional Forest Officer, Satakosia Wildlife Division, Angul



ଟି୨୦ରେ ଅତୀତରେ ଆମେ ବଡ଼ ସ୍କୋର ଚେଜ୍ କରିଛୁ। ରଣନୀତି କାର୍ଯ୍ୟକାରୀ କରି ନ ପାରିବା ଏବଂ ଇଭିନ ଲୁଇସ୍‌ଙ୍କ ଉଇକେଟ ପତନ ଆମ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

**-କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ ଅଧିନାୟକ**



ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ରେ ପ୍ରଭାବୀ ବ୍ୟାଟିଂ ପରେ ଭାରତୀୟ ଦଳରେ ମୋ ସ୍ଥାନ ନେଇ ମୁଁ ଆଉ ଚିନ୍ତିତ ନୁହେଁ।

**-ଲୋକେଶ ରାହୁଲ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ**





ବାରବାଟୀ ଷ୍ଟାଡିୟମ ପଡ଼ିଆର ଘାସକୁ ଅଧିକ ରଙ୍ଗିନ କରିବା ପାଇଁ କେମିକାଲ ସ୍ପ୍ରେ କରାଯାଉଛି। ଖେଳାଳିମାନଙ୍କ ଅଭ୍ୟାସ ପାଇଁ ପ୍ରସ୍ତୁତ ନେଟ୍ସ।

## ସଂକ୍ଷେପରେ

### ସ୍ୱତନ୍ତ୍ର କ୍ଲବରେ କୋହଲି

ମୁମ୍ବାଇ,୧୨।୧୨- ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବିସ୍ଫୋରକ ୭୦ ରନ୍‌ର ଇନିଂସ ଖେଳି ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଟି୨୦ କ୍ରିକେଟ୍‌ରେ ଘରୋଇ ମାଟିରେ ଏକ ହଜାର ରନ୍ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ବିଶ୍ୱର ୩ୟ କ୍ରିକେଟର। କୋହଲି ଏପର୍ଯ୍ୟନ୍ତ ଦେଶରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ୧୦୬୪ ରନ୍ କରିସାରିଛନ୍ତି। ନିକଟ ଭବିଷ୍ୟତରେ ରୋହିତ ଶର୍ମା (୯୨୮) ଏହି କ୍ଲବରେ ସାମିଲ ହୋଇପାରନ୍ତି। ନିଜ ଦେଶରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ରେ ଏକ ହଜାରରୁ ଅଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ କୋହଲିଙ୍କ ଛଡ଼ା ନ୍ୟୁଜିଲାଣ୍ଡ ଓପନର ମାର୍ଟିନ ଗୁପ୍ଟିଲ (୧୪୩୦ ରନ) ଓ କଲିନ୍ ମୁନ୍‌ରୋ (୧୦୦୦) ରହିଛନ୍ତି।

### ଯୁଗ୍ମ ଶୀର୍ଷରେ କୋହଲି, ରୋହିତ

ମୁମ୍ବାଇ,୧୨।୧୨- ଟି୨୦ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ବିରାଟ କୋହଲି ଓ ରୋହିତ ଶର୍ମା ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଦୁହେଁ ଏପର୍ଯ୍ୟନ୍ତ ୨୬୩୩ ରନ୍ କରିଛନ୍ତି। ଉଭୟ ଭାରତୀୟ ବ୍ୟାଟ୍ସମ୍ୟାନ ଶୀର୍ଷରେ ରହି ଚଳିତବର୍ଷ ଶେଷ କରିବା ନେଇ ସ୍ପଷ୍ଟ ହୋଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ମ୍ୟାଚ୍ ପୂର୍ବରୁ କୋହଲିଙ୍କଠାରୁ ରୋହିତ ମାତ୍ର ଏକ ରନ୍ ପଛରେ ଥିଲେ। ମ୍ୟାଚ୍‌ରେ ରୋହିତ ୭୧ ଓ କୋହଲି ୭୦ ରନ୍ କରିଥିଲେ।

### 'ପାଣ୍ଡ୍ୟା, ରାହୁଲ ଫୁଟବଲରଙ୍କ ହେୟାର ଷ୍ଟାଇଲ ଆପଣାଇଛନ୍ତି'

ମୁମ୍ବାଇ,୧୨।୧୨(ପି.ଟି.)- ଏବେ କ୍ରିକେଟରମାନେ ତାରକା ଫୁଟବଲରଙ୍କ ଶୈଳୀରେ କେଶ ବିନ୍ୟାସ କରୁଛନ୍ତି ବୋଲି ଲା ଲିଗାର ନୂଆ ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା କହିଛନ୍ତି। ଲା ଲିଗାର ଅଗ୍ରଣୀ ଫ୍ରାଞ୍ଚାଇଜ୍ ରିୟଲ ମାଡ୍ରିଡ୍ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହେବା ପରେ ରୋହିତ ତାଙ୍କ ଫେଭରାଇଟ୍ ଫୁଟବଲର, ଦଳ ଓ କ୍ଲବ ସମ୍ପର୍କରେ ମତ ରଖିଥିଲେ। ଭାରତୀୟ ଦଳରେ ସାମିଲ ହୋଇଥିବା ଶ୍ରେୟାସ ଆୟାର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଯୁବ ଖେଳାଳି ଫୁଟବଲରମାନଙ୍କୁ ଅନୁସରଣ କରିଥାନ୍ତି ଓ ସେମାନଙ୍କ ଭଳି କେଶ ବିନ୍ୟାସ ମଧ୍ୟ କରିଥାନ୍ତି ବୋଲି ରୋହିତ କହିଛନ୍ତି। ରିୟଲ ମାଡ୍ରିଡ ହେଉଛି ମୋର ଫେଭରାଇଟ କ୍ଲବ ଓ ଜିଦାନ ହେଉଛନ୍ତି ମୋର ପ୍ରିୟ ଫୁଟବଲର ବୋଲି ରୋହିତ କହିଛନ୍ତି। ରିୟଲ ମାଡ୍ରିଡ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରୁ ବୋଲି ସେ ଚାହାନ୍ତି। ତେବେ ଫିଫା ବିଶ୍ୱକପ୍‌ରେ ସ୍ପେନ ତାଙ୍କର ଫେଭରାଇଟ ଦଳ ବୋଲି ସେ କୁହନ୍ତି। ଜିଦାନ, ରିୟଲ ମାଡ୍ରିଡ ଓ ସ୍ପେନ୍ ଯେଉଁଭଳି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି ତାହା ପ୍ରଶଂସନୀୟ। ଭାରତୀୟ କ୍ରିକେଟ ଦଳରେ ମହେନ୍ଦ୍ର ସିଂ ଧୋନୀ ଓ ଇଶାନ୍ତ ଶର୍ମା ଭଲ ଫୁଟବଲ ଖେଳିଥାନ୍ତି। ଗତ କିଛି ବର୍ଷରେ ଭାରତୀୟ ଫୁଟବଲ୍‌ରେ ବହୁତ ଉନ୍ନତି ହୋଇଛି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବାଠାରୁ ଭାରତୀୟ ଫୁଟବଲ୍ ବେଶ୍ କମ୍ପିଟେଟିଭ ହୋଇପାରିଛି ବୋଲି ସେ କହିଛନ୍ତି।

# ଲାବୁସେନଙ୍କ ଶତକ: ଅଷ୍ଟ୍ରେଲିଆ ୨୪୮/୪

**ପର୍ଥ, ୧୨।୧୨**

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ ଗୁରୁବାର ସ୍ଥାନୀୟ ପର୍ଥ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ମାର୍ନୁସ ଲାବୁସେନଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ପୂରା ୯୦ ଓଭର ଖେଳ ସମ୍ଭବ ହୋଇଥିଲେ ହେଁ ନ୍ୟୁଜିଲାଣ୍ଡ ବୋଲରମାନେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧିରଖିବାରେ ସକ୍ଷମ ହେବାରୁ ସ୍କୋର ୨୫୦ ସ୍ପର୍ଶ କରି ପାରିନାହିଁ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ମାତ୍ର ୨.୭୫ ହାରରେ ରନ ସଂଗ୍ରହ କରିଛି। ଲାବୁସେନ ୧୧୦ ରନରେ ଅପରାଜିତ ରହି ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ସାଜିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ଜୋ ବର୍ନ୍ସଙ୍କୁ ମାତ୍ର ୯ ରନରେ ଆଉଟ କରି ନ୍ୟୁଜିଲାଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ କଲିନ ଡି ଗ୍ରାଣ୍ଡହୋମ୍। ନିକଟରେ ପାକିସ୍ତାନ ବିପକ୍ଷରେ ତ୍ରିଶତକ ହାସଲ କରିଥିବା ଡେଭିଡ ୱାର୍ନର ଏଠାରେ ମଧ୍ୟ ସ୍ୱାଭାବିକ ଭଙ୍ଗୀରେ ଖେଳିବା ଆରମ୍ଭ କରିଥିଲେ। ମାତ୍ର ସେ ୪୩ ରନ କରି ନେଲ ୱାଗନରଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱାର୍ନର ନିଜ ଇନିଂସ ମଧ୍ୟରେ ୪ ଚୌକା ମାରିଥିଲେ। ୭୫ ରନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଉଇକେଟ ହରାଇଥିଲା। ଲାବୁସେନଙ୍କ ସହିତ କ୍ରିଜରେ ଯୋଗଦେଇ ଷ୍ଟିଭ୍ ସ୍ମିଥ ଇନିଂସ ସମ୍ଭାଳିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଅପେକ୍ଷାକୃତ ଧିମା ଖେଳି ନ୍ୟୁଜିଲାଣ୍ଡ ବୋଲରଙ୍କ ପରୀକ୍ଷା ନେଇଥିଲେ। ତୃତୀୟ ଉଇକେଟରେ ୧୩୨ ରନର ଭାଗୀଦାରି ହେବାପରେ ଯୋଡ଼ି ଭାଙ୍ଗିଥିଲା। ସ୍ମିଥ୍‌ଙ୍କୁ ଟିମ୍ ସୌଦୀଙ୍କ ହାତରେ କ୍ୟାଚ କରାଇ ନ୍ୟୁଜିଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ୱାଗନର। ୪ ଚୌକା ସହ ୪୩ ରନ କରିଥିବା ସ୍ମିଥ ଏଥିପାଇଁ ୧୬୪ଟି ବଲ୍ ଖେଳିଥିଲେ। ଚା' ବିରତି ପରେ ଶତକ ପୂରଣ କରିଥିଲେ ଲାବୁସେନ। ଏହାଥିଲା ତାଙ୍କ କ୍ୟାରିୟରର ୩ୟ ଟେଷ୍ଟ ଶତକ। ୧୬୬ ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ତିନିଅଙ୍କ ସ୍ପର୍ଶ କରିଥିଲେ ଏହି ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ୫ମ ବ୍ୟାଟ୍ସମ୍ୟାନଭାବେ କ୍ରିଜକୁ ଆସିଥିବା ମାଥ୍ୟୁ ୱାଡେ କିନ୍ତୁ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୨୬ ବଲ୍‌ରୁ ମାତ୍ର ୧୨ ରନ କରିଥିବାବେଳେ ସୌଦୀଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଲାବୁସେନ ୧୧୦(୨୦୨ ବଲ) ଓ ଟ୍ରାଭିସ ହେଡ୍ ୨୦(୩୪ ବଲ, ୪ ଚୌକା) ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୫ମ ଉଇକେଟରେ ଏ ଦୁହେଁ ୨୩ ରନର ଭାଗୀଦାରି ଗଢ଼ି ଦଳପାଇଁ ସମ୍ମାନଜନକ ସ୍କୋରର ସମ୍ଭାବନା ସୃଷ୍ଟି କରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ୱାଗନର ୨ଟି ଏବଂ ସୌଦୀ ଓ ଗ୍ରାଣ୍ଡହୋମ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।





ଶତକ ହାସଲ ପରେ ମାର୍ନୁସ ଲାବୁସେନ। ଷ୍ଟିଭେନ ସ୍ମିଥଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ନ୍ୟୁଜିଲାଣ୍ଡର ନେଲ ୱାଗନର।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୪୮/୪(ଲାବୁସେନ-୧୧୦*, ସ୍ମିଥ-୪୩, ୱାର୍ନର-୪୩, ହେଡ୍-୨୦*, ୱାଗନର-୨/୫୨, ସୌଦୀ-୧/୫୩, ଗ୍ରାଣ୍ଡହୋମ-୧/୨୪)।

## ଏଲଆର୍‌କୁ ହରାଇ ଫାଇନାଲରେ ସିଡିଏ ଡିଏଭି

**କଟକ ଅଫିସ,୧୨।୧୨**

ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ସିଡ଼ିଏ ଡିଏଭି ସ୍କୁଲ ଫାଇନାଲରେ ପ୍ରବେଶ କରିଛି। ଉକ୍ତ ଟୁର୍ନାମେଣ୍ଟରେ ଲଗାତର ଭାବେ ଏହି ସ୍କୁଲ ଫାଇନାଲରେ ପହଞ୍ଚିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସିଡିଏ ଡିଏଭି ୫ ଉଇକେଟରେ ଏଲଆର ଡିଏଭିକୁ ହରାଇଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କିସ୍ ଓ ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲ ମଧ୍ୟରେ ମୁକାବିଲା ହେବ। ଏଲଆର ଡିଏଭି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୭୦ ରନରେ ଅଲଆଉଟ ହୋଇଥିଲା। ମହମ୍ମଦ ନଦିମ ଖାନ୍ ସର୍ବାଧିକ ୧୩ ରନ କରିଥିଲେ। ସିଡ଼ିଏ ଡିଏଭି ପକ୍ଷରୁ ଅରବିନ୍ଦ ମହାପାତ୍ର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅରବିନ୍ଦଙ୍କ ୪୩ ରନର ଅପରାଜିତ ଇନିଂସ ବଳରେ ସିଡ଼ିଏ ଡିଏଭି ୫ ଉଇକେଟ ବିନିମୟରେ ବିଜୟୀ ହୋଇଥିଲା। ଏଲଆର ଡିଏଭି ପକ୍ଷରୁ ମହମ୍ମଦ ନଦିମ ଖାନ ଓ ସ୍ନେହାଶିଷ ମହାନ୍ତିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି। ଅଲରାଉଣ୍ଡର ପ୍ରଦର୍ଶନ ଯୋଗୁ ଅରବିନ୍ଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି।

## ପିଚ୍ ପ୍ରସ୍ତୁତ, ଆଉଟ୍‌ଫିଲ୍ଡ କାମ ଆରମ୍ଭ

**ବାରବାଟୀ ଦିନିକିଆ ଆଉ ୯ ଦିନ**

**କଟକ ଅଫିସ,୧୨।୧୨**

ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ନିମନ୍ତେ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଛି। ଷ୍ଟାଡିୟମକୁ ରଙ୍ଗିନ କରାଯିବା ସହ ଗ୍ୟାଲେରିର ସିଟ୍ ନମ୍ବର ଲେଖା ସରିଲାଣି। ଦିନକୁ ଦିନ ବାରବାଟୀ ସଜେଇ ହେବାରେ ଲାଗିଛି। ଏବେ ପିଚ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଲାଣି ବୋଲି ପିଚ୍ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ କହିଛନ୍ତି। କେବଳ ପିଚ୍‌ରୁ ଘାସ କଟାଯିବ। ଆଉଟ୍‌ଫିଲ୍ଡରେ ନିୟମିତ ପାଣି ଓ ରାସାୟନିକ ସାର ଦିଆଯାଉଛି। ଘାସର ଘନତ୍ୱ ବଢ଼ାଯିବା ପରେ ଏହାକୁ କଟାଯିବ ବୋଲି କୁହାଯାଇଛି। ଆଉଟଫିଲ୍ଡରେ ଘାସ ୫ମିମିର ରହିବ ବୋଲି ଜଣେ କର୍ମଚାରୀ କହିଥିଲେ। ତେବେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ରହିଥିବାରୁ ଏଠାରେ ଦର୍ଶକ ଏକ ହାଇସ୍କୋରିଂ ମ୍ୟାଚ୍‌ର ଆଶା ରଖିଛନ୍ତି। ହେଲେ ୨୨ତାରିଖରେ ବାରବାଟୀ ପିଚ୍‌ର ପ୍ରକୃତି କିଭଳି ରହିବ ତାହା ସ୍ପଷ୍ଟ ହୋଇନି।

## ମଞ୍ଜୁଳାମଣି ସ୍ମାରକୀ ବ୍ଲିଜ୍ ଚେସ୍‌ରେ ସ୍ୱୟମ୍ଭ ଭାଗନେବେ

**ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆସନ୍ତା ୧୫ରେ ରାଜ୍ୟସ୍ତରୀୟ ମଞ୍ଜୁଳାମଣି ମିଶ୍ର ସ୍ମାରକୀ ରାଜ୍ୟ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୧୦୦ ପ୍ରତିଯୋଗୀ ନାମ ପଞ୍ଜୀକୃତ କରି ସାରିଛନ୍ତି। ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଆକର୍ଷଣର କେନ୍ଦ୍ରରେ ରହିବେ ବୋଲି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିଯୋଗିତା ୮ ରାଉଣ୍ଡ ବିଶିଷ୍ଟ ହେବ। ଆୟୋଜକଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମାନର ଚେସ୍ ବୋର୍ଡ ଓ ଘଣ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମୁକୁଟ ସହ ୫୦୦୦ ଟଙ୍କା ସମେତ ଶ୍ରେଷ୍ଠ ୧୦ ଜଣଙ୍କୁ ୧୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ଏହା ବ୍ୟତୀତ ୭, ୮, ୧୧ ଓ ୧୩ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ଏବଂ ଶ୍ରେଷ୍ଠ ୩ ଜଣ ମହିଳା, ଭେଟେରାନ(୫୦ ବର୍ଷରୁ ଊର୍ଦ୍ଧ୍ୱ) ଓ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୩୦୦ ଟଙ୍କାର ଏଣ୍ଟ୍ରି ଫି ଧାର୍ଯ୍ୟ କରାଯାଇଛି। ପୂର୍ବରୁ ୧୨ ତାରିଖ ଏଣ୍ଟ୍ରିର ଶେଷ ତାରିଖ ରଖାଯାଇଥିଲା। ମାତ୍ର ଏବେ ଏହାକୁ ୧୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସ୍ୱୟମ୍ଭଙ୍କ ବ୍ୟତୀତ ଏଥିରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦକ୍ଷ ଖେଳାଳିମାନେ ହେଲେ ରାଜ୍ୟଗୋଷ୍ଠୀ ଚେସ୍ ପଦକ ବିଜେତା ନିଲ୍ସୁ ପଟ୍ଟନାୟକ, ଶ୍ରୀୟମ ଶୁଭମ୍ ପଟ୍ଟନାୟକ, ଅଙ୍କିତା ସାହୁ, ପି. ସାଇରୂପା, ସଞ୍ଜୀବନ ନାୟକ, ସୌମ୍ୟରଞ୍ଜନ ସାହୁ, ରବୀନ୍ଦ୍ର ଓଝା, ଆଦିତ୍ୟ ପଟ୍ଟନାୟକ। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ଓ ଜ୍ୟୋତି ପ୍ରକାଶ ନନ୍ଦ ପରିଚାଳନା କରିବେ। ପ୍ରତିଯୋଗିତା ପରେ ସଙ୍ଗୀତ କାର୍ଯ୍ୟକ୍ରମ ଆଶା ଭୋସଲେ ନାଇଟ ଅନୁଷ୍ଠିତ ହେବ ବୋଲି ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ରାୱଲପିଣ୍ଡି ଟେଷ୍ଟରେ ବର୍ଷା ବାଧା

**ରାୱଲପିଣ୍ଡି, ୧୨।୧୨**

ଦଶନ୍ଧି ପରେ ପାକିସ୍ତାନକୁ ଫେରିଥିବା ଟେଷ୍ଟ କ୍ରିକେଟ ବର୍ଷାଦ୍ୱାରା ବାଧାପ୍ରାପ୍ତ ହୋଇଛି। ପ୍ରଥମ ଦିବସରେ ୬୮.୧ ଓଭର ଖେଳ ହୋଇଥିବାବେଳେ ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୧୮.୨ ଓଭର ଖେଳ ସମ୍ଭବ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଛି।

ବୁଧବାର ପ୍ରଥମ ଦିବସ ଶେଷ ବେଳକୁ ଶ୍ରୀଲଙ୍କା ୫ ଉଇକେଟ ହରାଇ ୨୦୨ ରନ କରିଥିଲା। ଅର୍ଥାତ୍ ଦ୍ୱିତୀୟ ଦିବସରେ ଦଳ ଆଉ ୬୧ ରନ ଯୋଗ କରି ଗୋଟିଏ ଉଇକେଟ ହରାଇଛି। ପୂର୍ବଦିନ ୧୧ ରନରେ ଅପରାଜିତ ଥିବା ନିରୋଶାନ ଡିକ୍‌ୱେଲା ଦ୍ୱିତୀୟ ଦିବସରେ ଆଉ ୨୨ ରନ ଯୋଗକରି ଆଉଟ ହୋଇଛନ୍ତି। ସେ ୬୩ ବଲ୍‌ରୁ ୪ ଚୌକା ସହାୟତାରେ ୩୩ ରନ କରିଥିବାବେଳେ ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ବାବର ଆଜମ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଛନ୍ତି। ଡିକ୍‌ୱେଲା ଆଉଟ ହେବାପରେ ଆଉ ମାତ୍ର ୨ ଓଭର ଖେଳ ସମ୍ଭବ ହୋଇଥିଲା। ସେତେବେଳକୁ ଧନଞ୍ଜୟ ଡି'ସିଲ୍‌ଭା କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିଥିଲେ। ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ଧନଞ୍ଜୟ ୭୨(୧୩୧ ବଲ, ୭ ଚୌକା) ଓ ଦିଲରୁୱାନ ପେରେରା ୨ ରନ କରିଥିଲେ।

ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୬୩/୬ (ଧନଞ୍ଜୟ-୭୨*, ଦିମୁଥ କରୁଣାରତ୍ନେ-୫୯, ଓଶାଡା ଫର୍ନାଣ୍ଡୋ-୪୦, ଡିକ୍‌ୱେଲା-୩୩, ଆଞ୍ଜେଲୋ ମାଥ୍ୟୁସ-୩୧, ଶାହିନ ଆଫ୍ରିଦୀ-୨/୪୭, ନସିମ ଶାହ-୨/୭୫, ଉସମାନ ଶିନ୍‌ୱାରି-୧/୫୪, ମହମ୍ମଦ ଆବାସ-୧/୫୬)।



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଇଛି।

## ହାତ ମିଳାଇବାକୁ ମନା କଲେ ସ୍ନୁକର ଷ୍ଟାର ଓସୁଲିଭାନ

**ଲଣ୍ଡନ,୧୨।୧୨(ଏଏଫ୍‌ପି)**

ସ୍ନୁକର କିମ୍ବଦନ୍ତୀ ରୋନି ଓସୁଲିଭାନ ନିଜ ଜାଜ୍ୱଲ୍ୟମୟ କ୍ୟାରିୟରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ସ୍କଟିଶ ଓପନ ଟୁର୍ନାମେଣ୍ଟରେ ଏକ ମ୍ୟାଚ୍ ପୂର୍ବରୁ ସେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳି ଓ ରେଫରିଙ୍କ ସହ ହାତ ମିଳାଇବାକୁ ମନା କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ପାରମ୍ପରିକ ଭାବେ ପ୍ରତ୍ୟେକ କ୍ରୀଡ଼ାରେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଖେଳାଳିମାନେ ପରସ୍ପର ଓ ମ୍ୟାଚ୍ ଅଫିସିଆଲଙ୍କ ସହ ହାତ ମିଳାନ୍ତି। କିନ୍ତୁ ୫ ଥର ବିଶ୍ୱ ଚାମ୍ପିୟନ ଅତ୍ୟଧିକ ସ୍ୱାସ୍ଥ୍ୟ ସଚେତନତା କାରଣରୁ ଏପରି କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ମୁଁ କୀଟାଣୁ ପ୍ରତି ଅଧିକ ସତର୍କ ରୁହେ। ଏପରି କି କଦାପି କବାଟର ହ୍ୟାଣ୍ଡଲ ଧରେ ନାହିଁ। ଡୋର ହ୍ୟାଣ୍ଡେଲରେ ଟିସୁ ପେପର ବ୍ୟବହାର କରେ ବୋଲି ଜେମ୍ସ କାହିଲଙ୍କୁ ୪-୦ରେ ହରାଇବା ପରେ ଓସୁଲିଭାନ କହିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପରେ ଓସୁଲିଭାନଙ୍କୁ ପରାସ୍ତ କରି କାହିଲ ସଭିଙ୍କୁ ଚକିତ କରି ଦେଇଥିଲେ।

## ରୋହିତ ଲା ଲିଗାର ବ୍ରାଣ୍ଡ ଆମ୍ବାସାଡର

**ମୁମ୍ବାଇ,୧୨।୧୨(ପି.ଟି.)**

ଭାରତୀୟ ତାରକା ଓପନର ରୋହିତ ଶର୍ମା ସ୍ପାନିଶ୍ ଫୁଟବଲ ଲିଗ୍ ଲା ଲିଗାର ପ୍ରଥମ ଭାରତୀୟ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସେ ଏହି କ୍ରମରେ ସ୍ପାନିଶ୍ ଫୁଟବଲ କ୍ଲବ ରିୟଲ ମାଡ୍ରିଡ ପାଇଁ ପ୍ରଥମ ଭାରତୀୟ ଭାବେ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ନନ୍ ଫୁଟବଲର ଭାବେ ସେ ଲିଗ୍ ଇତିହାସ ପ୍ରଥମ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ୨୦୧୭ ପରଠାରୁ ଲା ଲିଗା ଭାରତରେ ଫୁଟବଲର ବିକାଶ ନେଇ ପ୍ରୟାସ କରିଆସୁଛି। କ୍ରିକେଟ ଇତିହାସରେ ରୋହିତ ଏକ ମାତ୍ର ବ୍ୟାଟ୍ସମ୍ୟାନ ଭାବେ ଦିନିକିଆରେ ୩ଟି ଦ୍ୱିଶତକ ଅର୍ଜନ କରିଛନ୍ତି। ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

ଲା ଲିଗ୍ ସହିତ ଜଡିତ ହୋଇ ବେଶ୍ ଆନନ୍ଦିତ ବୋଲି ରୋହିତ କହିଛନ୍ତି। ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରି ଲା ଲିଗା ଭାରତୀୟ ଫୁଟବଲ ବିକାଶରେ ସାମିଲ ହୋଇଛି। ଏବେ ଲା ଲିଗା ସହିତ ଭାରତୀୟ ପ୍ରଶଂସକମାନେ ଜଡିତ ହୋଇପାରିବେ ବୋଲି ରୋହିତ କହିଛନ୍ତି। ସାରା ବିଶ୍ୱକୁ ଦୃଷ୍ଟିରେ ରଖିଲେ ଭାରତ ଲା ଲିଗା ପାଇଁ ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ମାର୍କେଟ ବୋଲି ଏହି ଲିଗ୍‌ର ଇଣ୍ଡିଆ ମେନେଜିଂ ଡାଇରେକ୍ଟର ଜୋସ ଆଣ୍ଟୋନିଓ କାଚାଜା କହିଛନ୍ତି। ଭାରତରେ ଫୁଟବଲ୍‌କୁ ନେଇ ବେଶ୍ ଆଗ୍ରହ ରହିଛି। ବର୍ତ୍ତମାନ ଭାରତରେ ଏକାଧିକ କ୍ରିକେଟ ସୁପରଷ୍ଟାର ରହିଥିଲେ ମଧ୍ୟ ରୋହିତ ବ୍ରାଣ୍ଡ ଆମ୍ବାସାଡର ପାଇଁ ଉପଯୁକ୍ତ। ଜଣେ ସଫଳ କ୍ରିକେଟର ହୋଇଥିଲେ ମଧ୍ୟ ରୋହିତ ଲା ଲିଗା ତଥା ଫୁଟବଲର ଜଣେ ବଡ଼ ପ୍ରଶଂସକ ବୋଲି କାଚାଜା କହିଛନ୍ତି।



ଜୋସ ଆଣ୍ଟୋନିଓ କାଚାଜାଙ୍କ ସହ ରୋହିତ ଶର୍ମା।

# ଆସଲେ ବାର୍ଟି ବର୍ଷର ଶ୍ରେଷ୍ଠ ମହିଳା ଟେନିସ ଖେଳାଳି



**ଲସ୍‌ଏଞ୍ଜେଲ୍ସ, ୧୨।୧୨ (ଏଏଫ୍‌ପି)**

ଚଳିତ ସିଜନରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସଲେ ବାର୍ଟି ୨୦୧୯ ବର୍ଷ ଲାଗି 'ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ବାର୍ଟି ଫ୍ରେଞ୍ଚ୍ ଓପନ୍ ଜିତିବା ସହ ମହିଳା ସିଙ୍ଗଲ୍ସ ର୍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ମଧ୍ୟ ହାସଲ କରିଥିଲେ। ୧୯୭୬ ପରେ ପ୍ରଥମ ଅଷ୍ଟ୍ରେଲିଆ ଖେଳାଳି ଭାବେ ସେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ରହିବାର ସୌଭାଗ୍ୟ ପାଇଥିଲେ। ଶେଷଥର ପାଇଁ ୧୯୭୬ରେ ଅଷ୍ଟ୍ରେଲିଆର ଇଭୋନେ ଗୋଲଗଙ୍ଗ କାଓଲୀ ଏକ ନମ୍ବର ମାନ୍ୟତା ପାଇଥିଲେ। ମୋଟ୍ ୮୨ ପ୍ରତିଶତ ମିଡିଆ ଭୋଟ୍ ପାଇ ବାର୍ଟି ଚଳିତ ବର୍ଷ ଲାଗି ଶ୍ରେଷ୍ଠ ଡବ୍ଲ୍ୟୁଟିଏ ଖେଳାଳି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଫ୍ରେଞ୍ଚ୍ ଓପନ୍ ବ୍ୟତୀତ ବାର୍ଟି ବର୍ଷର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡବ୍ଲ୍ୟୁଟିଏ ଫାଇନାଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏଥିସହ ସେ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଦ୍ୱିତୀୟ ସ୍ଥାନରେ ରହିଥିବା କାରୋଲିନା ପ୍ଲିସ୍କୋଭାଙ୍କଠାରୁ ସେ ଦୁଇ ହଜାର ପଏଣ୍ଟ ଅଧିକ ପାଇଛନ୍ତି। ୨୩ ବର୍ଷୀୟା ବାର୍ଟି ସିଜନ ଆରମ୍ଭରୁ ୧୫ତମ ସ୍ଥାନରେ ରହିଥିଲେ। ତାଙ୍କ କୋଚ୍ କ୍ରେଗ୍ ଟାଇଜରଙ୍କୁ ବର୍ଷର ଶ୍ରେଷ୍ଠ ଡବ୍ଲ୍ୟୁଟିଏ କୋଚ୍ ଭାବେ ମନୋନୀତ କରାଯାଇଛି। ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ଦୌଡ଼ରେ ବାଏଙ୍କା ଆନ୍ଦ୍ରେସ୍କୁ, ସିମୋନା ହାଲେପ୍ ଓ ନାଓମି ଓସାକା ପ୍ରମୁଖ ରହିଥିଲେ।

# ଅଲିମ୍ ଦର୍‌ଙ୍କ ରେକର୍ଡ



**ପର୍ଥ, ୧୨।୧୨**

ଅଧିକ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ପରିଚାଳନା କରିବାରେ ୱେଷ୍ଟଇଣ୍ଡିଜର ଷ୍ଟିଭ ବକନର୍‌ଙ୍କୁ ପଛରେ ପକାଇ ପାକିସ୍ତାନ ଅମ୍ପାୟର ଅଲିମ୍ ଦର୍ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୁରୁବାରଠାରୁ ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଘରୋଇ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପରିଚାଳନା କରି ଦର୍ ଏହି ସଫଳତା ହାସଲ କରିଛନ୍ତି। ଏହା ତାଙ୍କର ୧୨୯ତମ ଟେଷ୍ଟ ମ୍ୟାଚ୍ ପରିଚାଳନା ଥିଲା। ଗୋଟିଏ ଦଶନ୍ଧି ଧରି ପ୍ରଥମଶ୍ରେଣୀ କ୍ରିକେଟ୍ ମ୍ୟାଚ୍ ଖେଳିବା ପରେ ୫୧ ବର୍ଷୀୟ ଅଲିମ୍ ଅମ୍ପାୟରିଂ କ୍ଷେତ୍ରରେ ପାଦ ଥାପିଥିଲେ। ୨୦୦୩ରେ ଇଂଲଣ୍ଡ ଓ ବାଂଲାଦେଶ ମଧ୍ୟରେ ଢାକାରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଅମ୍ପାୟର ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୨୦୭ ଦିନିକିଆ ଓ ୪୬ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ଆଉ ୨ଟି ଦିନିକିଆ ମ୍ୟାଚ୍ ପରିଚାଳନା କଲେ ଦାର୍ ଦକ୍ଷିଣ ଆଫ୍ରିକାର ରୁଡି କର୍ଜନ (୨୦୯)ଙ୍କ ନାମରେ ରହିଥିବା ରେକର୍ଡର ସମକକ୍ଷ ହେବେ। ଅପରପକ୍ଷରେ ୱେଷ୍ଟଇଣ୍ଡିଜର ଷ୍ଟିଭ୍ ବକନର୍ ୨୯୮୯ରୁ ୨୦୦୯ ପର୍ଯ୍ୟନ୍ତ ଦୁଇ ଦଶନ୍ଧି ଧରି ଅମ୍ପାୟରିଂ କାର୍ଯ୍ୟ ତୁଲାଇଥିଲେ। ସେ ୧୨୮ ଟେଷ୍ଟ ଓ ୧୮୧ ଦିନିକିଆ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି।

**ଫିଲ୍ଡ ଅମ୍ପାୟର ଭାବେ ସର୍ବାଧିକ ମ୍ୟାଚ୍ ପରିଚାଳନା**

| ଅମ୍ପାୟର | ଦେଶ | ମ୍ୟାଚ୍ | ସମୟ |
|---|---|---|---|
| ଅଲିମ୍ ଦର୍ | ପାକିସ୍ତାନ | ୧୨୯ | ୨୦୦୩ରୁ ବର୍ତ୍ତମାନ |
| ଷ୍ଟିଭ ବକନର୍ | ୱେଷ୍ଟଇଣ୍ଡିଜ | ୧୨୮ | ୧୯୮୯ରୁ ୨୦୦୯ |
| ରୁଡି କର୍ଜନ | ଦକ୍ଷିଣ ଆଫ୍ରିକା | ୧୦୮ | ୧୯୯୨ରୁ ୨୦୧୦ |
| ଡାର୍ଲୀ ହାପର୍ | ଅଷ୍ଟ୍ରେଲିଆ | ୯୫ | ୧୯୯୮ରୁ ୨୦୧୧ |
| ଡେଭିଡ୍ ଶେଫର୍ଡ | ଇଂଲଣ୍ଡ | ୯୨ | ୧୯୮୫ରୁ ୨୦୦୫ |
| ବିଲି ବାଓଡେନ | ନ୍ୟୁଜିଲାଣ୍ଡ | ୮୪ | ୨୦୦୦ରୁ ୨୦୧୫ |

**ଜନ୍ମଦିନ ଶୁଭେଚ୍ଛା**



Ashutosh Bhoi (Sai)
ବାଲିଅନ୍ତା (ତିରଣପଦା)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେ, ମା', ସାନ ମା', ବୋଉ, ପିଇସା, ଅପା, ବଡବାପା, ବଡବୋଉ, ଆଦି, ଆର୍ଯ୍ୟନ୍, ମଧୁ, ସୋନୁ, ଶୁଭ, ମାମୁ, ମାଈଁ, ଅଜା, ଆଈ, ଚିକୁ, ଲିମା, ସୀମା, ଲିପ୍ସା
ଧ-୧୫୬୯୮

**ଜନ୍ମଦିନ ଶୁଭେଚ୍ଛା**



ସୋନାଲି ଶୁଭସ୍ମିତା ଜେନା
ଆଜି ତୋର ଜନ୍ମଦିନ। ତୋର ପ୍ରତିଟି ମୁହୂର୍ତ୍ତର ଚଲାପଥ କୁସୁମିତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା।
:-ଶୁଭେଚ୍ଛା ସହ:-
ବାବା, ମାମାଙ୍କ ସହ ଅନ୍ୟ ଶୁଭେଚ୍ଛୁବୃନ୍ଦ।
ଧ-୧୫୬୫୫

**29th Birthday Wish**



SATABDEE DAS (PUJA)
G.G.P., Rasulgarh, BBSR
ତୁମର ୨୯ତମ ଜନ୍ମଦିନ ଉପଲକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ। ତାଙ୍କ କୃପାରୁ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ ହେଉ।
:-ଶୁଭେଚ୍ଛା ସହ:-
ବୋଉ, ମାମୁ, ମାଈଁ, ଜଗାଭାଇ, ଭାଉଜ, ରାଜାଭାଇ, ଶରତ, ଗୁଲ୍ଲୀ, ଗୁଲୁ, ଧନ।
ଧ-୧୫୬୯୯

**ଜନ୍ମଦିନ ଶୁଭେଚ୍ଛା**



ଗୌତମ ବାରିକ (ମଣ୍ଟୁ)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
:-ଶୁଭେଚ୍ଛା ସହ:-
ବନ୍ଧୁ, ପରିବାରବର୍ଗ ଓ ଅନ୍ୟ ଶୁଭେଚ୍ଛୁବୃନ୍ଦ।
ଧ-୧୫୭୦୨

**ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



କୌଶିକ ସୁତାର (କହ୍ନେଇ)
ଗୋଖଣୀ, ରାଜନଗର, କେନ୍ଦ୍ରାପଡା
ଆଜି ତୋର ତୃତୀୟ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେମା', ଜେଜେବାପା, ବାପା, ବୋଉ, ମାମୁ, ମାଈଁ, ଅଜା, ଆଈ, ଦାଦା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୨୨୬

# ନିଲାମ ପ୍ରକ୍ରିୟାରେ ୩୩୨ ଖେଳାଳି

**ଆଇପିଏଲ୍-୧୩**

**କୋଲକାତା, ୧୨।୧୨**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ତ୍ରୟୋଦଶ ସଂସ୍କରଣର ଖେଳାଳି ନିଲାମୀ ପ୍ରକ୍ରିୟା ଡିସେମ୍ବର ୧୯ରେ କୋଲକାତାରେ ଅନୁଷ୍ଠିତ ହେବ। ନିଲାମ ପ୍ରକ୍ରିୟା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତୀୟ ଓ ବିଦେଶୀ ଖେଳାଳିଙ୍କୁ ମିଶାଇ ମୋଟ୍ ଉପରେ ୯୯୧ଜଣ ନାମ ରେଜିଷ୍ଟ୍ରେଶନ କରିଥିଲେ। କିନ୍ତୁ ଆଇପିଏଲ୍ ମ୍ୟାନେଜମେଣ୍ଟ ନିଲାମ ପ୍ରକ୍ରିୟା ଲାଗି ଚୂଡ଼ାନ୍ତ ଖେଳାଳି ତାଲିକାକୁ ୩୩୨ରେ ସୀମିତ ରଖିଛନ୍ତି। ଏହି ତାଲିକାରେ ୧୯ ଜଣ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ରହିଛନ୍ତି। ସେହିଭଳି ୨୪ଜଣଙ୍କୁ ନିଲାମରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜର କେସରିକ ୱିଲିୟମ୍ସ, ଅଷ୍ଟ୍ରେଲିଆର ଡାନ୍ କ୍ରିଷ୍ଟିଆନ, ଆଡାମ ଜାମ୍ପା ଓ ବାଂଲାଦେଶର ମୁସଫିକର ରହିମ ପ୍ରମୁଖ ରହିଛନ୍ତି। ଓରିଜିନାଲ ତାଲିକାରେ ଏହି ୨୪ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। କିନ୍ତୁ ଫ୍ରାଞ୍ଚାଇଜମାନଙ୍କ ଅନୁରୋଧ ପରେ ଆଇପିଏଲ୍ ମ୍ୟାନେଜମେଣ୍ଟ ସେମାନଙ୍କୁ ନିଲାମ ପ୍ରକ୍ରିୟାରେ ସାମିଲ କରିଛି।

ପ୍ରଥମେ ବ୍ୟାଟ୍ସମ୍ୟାନଙ୍କଠାରୁ ନିଲାମ ଆରମ୍ଭ ହେବ। ଏହାପରେ ପର୍ଯ୍ୟାୟକ୍ରମେ ଅଲ୍‌ରାଉଣ୍ଡର, ଉଇକେଟ୍‌କିପର, ଦ୍ରୁତ ବୋଲର ଓ ସ୍ପିନରଙ୍କ ନାମ ନିଲାମରେ ଡକାଯିବ। ଏହି ନିଲାମରେ ମୋଟ୍ ୭୩ଟି ସ୍ଥାନ ଲାଗି ୩୩୨ ଖେଳାଳିଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଗ୍ଲେନ ମ୍ୟାକ୍ସୱେଲ, କ୍ରିସ ଲିନ୍, ପ୍ୟାଟ୍ କମିନ୍ସ, ଜୋଶ ହାଜେଲଉଡ୍, ମିଚେଲ ଷ୍ଟାର୍କ, ଡେଲ୍ ଷ୍ଟେଇନ ଓ ଆଞ୍ଜେଲୋ ମାଥ୍ୟୁସଙ୍କ ପରି ଖେଳାଳିଙ୍କୁ ବେସ୍ ପ୍ରାଇସ ୨ କୋଟି ରଖାଯାଇଛି। ନିଲାମରେ ସାମିଲ ଥିବା ଭାରତର ୧୯ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ରବିନ୍ ଉଥାପ୍ପା, ଜୟଦେବ ଉନାଡକଟ ରହିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ଉଥାପ୍ପାଙ୍କୁ ରିଲିଜ କରିଥିଲା। ତାଙ୍କର ବେସ୍ ପ୍ରାଇସ ୧.୫ କୋଟି ଓ ଉନାଡକଟଙ୍କ ୧ କୋଟି ମୂଲ୍ୟ ରହିଛି।

## ଚେନ୍ନାଇରେ ଭାରତ, ୱେଷ୍ଟଇଣ୍ଡିଜ ଦଳ

ଚେନ୍ନାଇ,୧୨।୧୨- ସ୍ଥାନୀୟ ଚିଦାମ୍ବରମ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ଏଥିନେଇ ଉଭୟ ଦଳର ଖେଳାଳିମାନେ ଗୁରୁବାର ଏଠାରେ ପହଞ୍ଚିଛନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ଫଟୋ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ତାଙ୍କ ସହ ଉକ୍ତ ଫଟୋରେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ରହିଛନ୍ତି। ସିରିଜ୍‌ର ବଳକା ଦୁଇ ମ୍ୟାଚ୍ ବିଶାଖାପାଟନମ (୧୮ ଡିସେମ୍ବର) ଓ କଟକ (୨୨ ରେ) ଖେଳାଯିବାର ଅଛି।

## ଡୋପିଂକୁ ରୋକିବା ପାଇଁ ବିଏଫ୍‌ଆଇର ନୂଆ ପ୍ରୟାସ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ଗତ କିଛି ଦିନ ମଧ୍ୟରେ ଏକାଧିକ ଭାରତୀୟ ବକ୍ସର ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ନିଦ ଭାଙ୍ଗିଛି। ଡୋପିଂକୁ ରୋକିବା ପାଇଁ ବିଏଫ୍‌ଆଇ ଗୁରୁବାର ହାଇ ପରଫର୍ମାନ୍ସ ଡାଇରେକ୍ଟର ଓ କୋଚ୍‌ମାନଙ୍କୁ ଖେଳାଳିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛି। ଜାତୀୟ କ୍ୟାମ୍ପ ଡୋପ୍‌କୁ ହେଉଥିବା ଠକାମିକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେହିପରି ୪ ମାସକୁ ଥରେ ନିଶା ନିବାରଣ ନେଇ ସମସ୍ତଙ୍କୁ ସତର୍କ କରାଇବାକୁ କୁହାଯାଇଛି। ଉଲ୍ଲେଖଥାଉ କି, ପୂର୍ବତନ ଏସିଆନ ରୌପ୍ୟ ପଦକ ବିଜେତା ସୁମିତ ସାଙ୍ଗୱାନ ଓ ଟୋକିଓ ଅଲିମ୍ପିକ୍ସ ସମ୍ଭାବ୍ୟ ମହିଳା ବକ୍ସର ନୀରଜ ଫୋଗତ ଡୋପ୍ ଟେଷ୍ଟରେ ବିଫଳ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଜାଣିଶୁଣି ଭୁଲ କରୁଥିବା ବକ୍ସରଙ୍କୁ ସମବେଦନା ଜଣାଇବାର ଆବଶ୍ୟକତା ନାହିଁ। ତେବେ ଅଜାଣତରେ ଭୁଲ କରି ଯେଉଁମାନେ ଡୋପ୍ ଟେଷ୍ଟରେ ବିଫଳ ହେଉଛନ୍ତି ସେମାନଙ୍କ ସବୁ ଦୃଷ୍ଟିକୋଣରୁ ସହାୟତା ଦେବାର ଆବଶ୍ୟକତା ରହିଛି ବୋଲି ବିଏଫ୍‌ଆଇ ସାଧାରଣ ସମ୍ପାଦକ ଜୟ କୋହଲି କହିଛନ୍ତି।

# କର୍ଫ୍ୟୁ ଲାଗି ୪ର୍ଥ ଦିନ ଖେଳ ବାଧାପ୍ରାପ୍ତ

**ରଣଜୀ ଟ୍ରଫି**

**ନୂଆଦିଲ୍ଲୀ, ୧୨।୧୨ (ପି.ଟି.)**

ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିବା ପରେ ଉତ୍ତର-ପୂର୍ବ ସମେତ ଭାରତର ବିଭିନ୍ନ ରାଜ୍ୟରେ ଏହାକୁ ଜୋର୍‌ଦାର ବିରୋଧ କରାଯାଇଛି। ଏହି କାରଣରୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ରଣ୍‌ଜୀ ଟ୍ରଫି ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ଏହିକ୍ରମରେ ଗୁଆହାଟୀ ଓ ଅଗରତାଲାରେ ଖେଳାଯାଇଥିବା ୨ଟି ମ୍ୟାଚ୍‌ର ୪ର୍ଥ ଦିବସ ଖେଳକୁ ଗୁରୁବାର ବାତିଲ କରି ଦିଆଯାଇଛି। ଗୁଆହାଟୀର ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ମ୍ୟାଚ୍ ଚାଲିଥିଲା। ସେହିଭଳି ଅଗରତାଲାରେ ଘରୋଇ ତ୍ରିପୁରା ଓ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିଲେ ମଧ୍ୟ କର୍ଫ୍ୟୁ ଲାଗି ୪ର୍ଥ ଦିବସ ଖେଳକୁ ବନ୍ଦ କରାଯାଇଛି। 'ଖେଳକୁ ବନ୍ଦ ରଖିବାକୁ ଆମେ ରାଜ୍ୟ ଆସୋସିଏଶନକୁ ପରାମର୍ଶ ଦେଇଛୁ। ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କୁ ହୋଟେଲରେ ରହିବାକୁ କୁହାଯାଇଛି। ଏହି ପରିସ୍ଥିତିରେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ସୁରକ୍ଷା ଜରୁରୀ' ବୋଲି ବିସିସିଆଇ ଜିଏମ୍ (କ୍ରିକେଟ୍ ଅପରେଶନ)ସବା କରିମ୍ କହିଛନ୍ତି। ମ୍ୟାଚ୍‌ର ଅନ୍ତିମ ଦିନ ଖେଳ ବାତିଲ କରାଯାଇଥିବାରୁ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗବଣ୍ଟା ହେବ କି ନାହିଁ ତାହା ପରେ ଆମେ ନିଷ୍ପତ୍ତି ନେବୁ। ଉଭୟ ଭେନ୍ୟୁରୁ ଆମେ ନିୟମିତ ଅନ୍ତରରେ ରିପୋର୍ଟ ସଂଗ୍ରହ କରୁଛୁ। ସେହିଭଳି ଆୟୋଜକ ଆସୋସିଏଶନ ସହିତ ଯୋଗାଯୋଗରେ ରହିଛୁ। ସ୍ଥିତି ଉପରେ ନଜର ମଧ୍ୟ ରଖାଯାଇଛି। କର୍ଫ୍ୟୁ ଉଠିଲା ପରେ ଉଭୟ ଦଳର ଖେଳାଳିଙ୍କୁ ହୋଟେଲ ନ ଛାଡ଼ିବା ପାଇଁ କୁହାଯାଇଛି। ଆୟୋଜକ ଆସୋସିଏଶନରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କରିମ ଏହି ଅବସରରେ କହିଛନ୍ତି। ଗୁଆହାଟୀରେ ସର୍ଭିସେସ ପକ୍ଷରୁ ଧାର୍ଯ୍ୟ ୨୪୨ ରନର ଲକ୍ଷ୍ୟକୁ ପିଛା କରି ଆସାମ ୫ ଉଇକେଟ୍ ହରାଇ ୭୪ ରନ୍ ସଂଗ୍ରହ କରିଛି। ସେହିଭଳି ଅଗରତାଲାରେ ଝାଡ଼ଖଣ୍ଡ ୨ୟ ଇନିଂସରେ ୫ ଉଇକେଟ୍ ହରାଇ ୩୫୮ ରନ ସଂଗ୍ରହ କରିବା ସହ ୨୦୫ ରନ୍ ଅଗ୍ରଣୀ ଲାଭ କରିଛି। ପ୍ରଥମ ଇନିଂସରେ ଝାଡ଼ଖଣ୍ଡ ୧୩୬ ଓ ତ୍ରିପୁରା ୨୮୯ ରନ କରିଥିଲା।

## ଗୋଥାମଙ୍କୁ ୮ ଉଇକେଟ ; ତାମିଲନାଡୁକୁ ହରାଇଲା କର୍ଣ୍ଣାଟକ

ଡିଣ୍ଡିଗୁଲ,୧୨।୧୨(ପି.ଟି.): ଅଫ୍ ସ୍ପିନର କେ. ଗୋଥାମଙ୍କ ୮ ଉଇକେଟ ସଫଳତା ଯୋଗୁ କର୍ଣ୍ଣାଟକ ୨୬ ରନ୍‌ରେ ତାମିଲନାଡୁକୁ ପରାସ୍ତ କରିଛି। ପ୍ରଥମ ଇନିଂସ୍‌ରେ ୨୯ ରନ୍‌ର ଅଗ୍ରଣୀ ହାସଲ କରିଥିବା କର୍ଣ୍ଣାଟକ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୧୫୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ତାମିଲନାଡୁକୁ ଜିତିବା ପାଇଁ ମ୍ୟାଚ୍‌ର ଅନ୍ତିମ ଦିନରେ ୧୮୧ ରନ୍ ଦରକାର ଥିଲା। ମୁରଲୀ ବିଜୟ ଓ ଏନ୍. ଜଗଦୀଶନଙ୍କୁ ଛାଡ଼ି ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଉଇକେଟ ହାତେଇଥିଲେ ଗୋଥାମ। ଫଳରେ ତାମିଲନାଡୁ ୧୫୪ ରନ୍‌ରେ ସୀମିତ ରହିଥିଲା। ପ୍ରଥମ ଇନିଂସ୍‌ରେ ଘରୋଇ କର୍ଣ୍ଣାଟକ ୩୩୬ ରନ୍ କରିଥିବାବେଳେ ତାମିଲନାଡୁ ୩୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ଗୋଥାମ ୧୪ଟି ଉଇକେଟ ହାସଲ କରିଥିଲେ। ତାମିଲନାଡୁ ପକ୍ଷରୁ ଖେଳୁଥିବା ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମୋଟ ୮ ଉଇକେଟ ନେଇଥିଲେ।

# ସ୍ପେଶାଲ ଅଲିମ୍ପିକ୍ ଭାରତ-ଓଡ଼ିଶା ଏଫ୍‌ସି ବୁଝାମଣା




ଗ୍ରାସ୍ ରୁଟ୍ ପ୍ରୋଗ୍ରାମ୍ ଅବସରରେ ଖେଳାଳିଙ୍କ ସହ ସ୍ପେଶାଲ ଅଲିମ୍ପିକ୍ ଭାରତ ଓ ଓଡ଼ିଶା ଏଫ୍‌ସି କର୍ମକର୍ତ୍ତାମାନେ।

**ଭୁବନେଶ୍ୱର,୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ତୃଣମୂଳସ୍ତରରେ ଫୁଟବଲର ବିକାଶ ପାଇଁ ଓଡ଼ିଶା ଏଫ୍‌ସି ସ୍ପେଶାଲ ଅଲିମ୍ପିକ୍ ଭାରତ (ଏସ୍‌ଓବି) ସହିତ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି। ପୂର୍ବରୁ ଓଡ଼ିଶା ଏଫ୍‌ସି ଦିଲ୍ଲୀ ଡାଇନାମୋସ ଦଳ ଥିଲା। ସେବେଠାରୁ କ୍ଲବ ସ୍ପେଶାଲ ଅଲିମ୍ପିକ୍ ଭାରତ ସହିତ ଜଡିତ ରହିଆସିଛି। ଓଡ଼ିଶା ଏଫ୍‌ସି ମଧ୍ୟ ସ୍ପେଶାଲ ଅଲିମ୍ପିକ୍ ଭାରତର ଏକ କୋଚ୍ ଏଜୁକେଶନ ପ୍ରୋଗ୍ରାମ ଆୟୋଜନ କରିଥିଲା। ଏଥିରେ ୨୨ଜଣ କୋଚ୍ ଅଂଶଗ୍ରହଣ କରିଥିଲେ। କୋଚ୍‌ମାନଙ୍କ ପାଇଁ ଉଭୟ ଥିଓରି ଓ ପ୍ରାକ୍ଟିକାଲ ସେସନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ହେଡ୍ ଅଫ୍ ଦି ଫୁଟବଲ ଡେଭଲପ୍‌ମେଣ୍ଟ ଆକାଶ ନରୁଲା, ଗ୍ରାସରୁଟ ମ୍ୟାନେଜର ସାୟାନ୍ତନ ଗାଙ୍ଗୁଲି ଓ ଆସିଷ୍ଟାଣ୍ଟ ମ୍ୟାନେଜର ଶୁଭମ ଦାସ ଯୋଗଦେଇଥିଲେ। ଦୁଇଜଣ ନୂଆ କୋଚ୍ ମହାବୀର ନାଥ ଓ ସୌରଭ ବିର୍ଡି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏସ୍‌ଓବି ସହିତ ମିଳିତ ଭାବେ କାର୍ଯ୍ୟକରି ଆମେ ବହୁତ ଖୁସି। ଏହାଦ୍ୱାରା ରାଜ୍ୟରେ ଫୁଟବଲର ବିକାଶ ହୋଇପାରିବ ବୋଲି ନରୁଲା କହିଛନ୍ତି।



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

# ଆଇପିସିର ନିଷ୍ପତ୍ତି: ବୈଷୟିକ ଶିକ୍ଷା ନେବେ କୋଚ୍

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

୨୦୨୦ ଅଲିମ୍ପିକ୍ସ ସହ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟରେ ଭାରତର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ପାରା ଅଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। କୋଚ୍‌ମାନଙ୍କର ଜ୍ଞାନ ଓ କୌଶଳ ବଢ଼ାଇବା ପାଇଁ ପିସିଆଇ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପିସିଆଇ ଏବେ କୋଚ୍‌ମାନଙ୍କୁ ଟେକ୍ନିକାଲ କୋର୍ସ ତଥା ବୈଷୟିକ ଶିକ୍ଷା ପାଇଁ ପଠାଉଛି। ଏହି କୋର୍ସରେ ବିଭିନ୍ନ ୱାର୍କଶପ୍ ଓ ଟ୍ରେନିଂ ସେସନ ରହିଛି। ଏହି କୋର୍ସଗୁଡିକ ଅଗିଟୋସ ଫାଉଣ୍ଡେଶନ୍ସ ରୋଡ ଟୁ ଟୋକିଓ ୨୦୨୦ ସ୍ପୋର୍ଟ୍ସ ଟେକ୍ନିକାଲ ପ୍ରୋଗ୍ରାମର ଅଂଶବିଶେଷ। ବିଭିନ୍ନ ଦେଶର କୋଚ୍‌ମାନଙ୍କର ଦକ୍ଷତା ଓ କ୍ରୀଡ଼ା ସମ୍ପର୍କିତ ଜ୍ଞାନର ଉନ୍ନତି ପାଇଁ ଏହି କୋର୍ସର ବ୍ୟବସ୍ଥା କରାଯାଇଛି। ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ ଗେମ୍ସ ଓ ଏହା ପରେ ଆୟୋଜନ ହେବାକୁ ଥିବା ସବୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ଏହି କୋସି କୋଚ୍‌ମାନଙ୍କୁ ସହାୟ ହେବ ବୋଲି ପିସିଆଇ ତରଫରୁ କୁହାଯାଇଛି। ଅଗିଟୋସ ଫାଉଣ୍ଡେଶନ ଅନ୍ତର୍ଜାତୀୟ ପାରା ଅଲିମ୍ପିକ୍ କମିଟି (ଆଇପିସି)ର ଏକ ଅଗ୍ରଣୀ ଶାଖା।

ଗତ ସପ୍ତାହରେ ଜାପାନର ସୁକୁବାରେ ଅନୁଷ୍ଠିତ ପାରା ଜୁଡୋ କୋଚିଂ କୋର୍ସରେ ଅଂଶଗ୍ରହଣ କରିବାକୁ ପିସିଆଇ ଦୁଇ ଅଫିସିଆଲ ମୁନାୱାର ଅଞ୍ଜାର ଅଲି ଓ ଅଏଶା ମୁନୱାରଙ୍କୁ ପଠାଇଥିଲା। ଏହି ଦୁଇ ଅଫିସିଆଲ ଭାରତୀୟ ଦୃଷ୍ଟିହୀନ ଓ ପାରା ଜୁଡୋ ଆସୋସିଏଶନ ସହିତ ଜଡିତ ଓ ଏମାନେ ଯଥାକ୍ରମେ ସାଧାରଣ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦୁଇଜଣ ଭଲ ଅଭିଜ୍ଞତା ନେଇ ଫେରିଛନ୍ତି ଓ ନିଜର ଦକ୍ଷତା ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

## ଗ୍ରେମ୍ ସ୍ମିଥ୍‌ଙ୍କୁ ନୂଆ ଦାୟିତ୍ୱ

କେପ୍ ଟାଉନ, ୧୨।୧୨- ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍‌ଙ୍କୁ ନୂଆ ଦାୟିତ୍ୱ ମିଳିଛି। କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ନିର୍ଦ୍ଦେଶକ (କ୍ରିକେଟ) ଭାବେ ସେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପର୍ଯ୍ୟନ୍ତ ସ୍ମିଥ୍ ଏହି ପଦରେ ରହିବେ ବୋଲି ସିଏସ୍‌ଏର ସିଇଓ ଜ୍ୟାକ୍ସ ଫାଉଲ୍ କହିଛନ୍ତି। ଗତ ଆଇସିସି ବିଶ୍ୱକପ୍‌ରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ କ୍ରିକେଟ୍ ଦକ୍ଷିଣ ଆଫ୍ରିକା ଡିରେକ୍ଟର ଅଫ୍ କ୍ରିକେଟ୍ ପଦ ସୃଷ୍ଟି କରିଛି। ଦେଶରେ କ୍ରିକେଟରେ ଉନ୍ନତି ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ। ଏଠାରେ ପ୍ରକାଶଯୋଗ୍ୟ, ଦକ୍ଷିଣ ଆଫ୍ରିକା କ୍ରିକେଟ୍‌ର ସବୁଠାରୁ ସଫଳ ଅଧିନାୟକ ରହିଥିବା ସ୍ମିଥ୍ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ଜାତୀୟ ଦଳ ପକ୍ଷରୁ ୧୧୭ ଟେଷ୍ଟ, ୧୯୭ ଦିନିକିଆ ଓ ୩୩ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୯୨୬୫, ୬୯୮୯ ଓ ୯୮୨ ରନ୍ ସଂଗ୍ରହ କରିଛନ୍ତି।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବାସୁ ଦଳାଇ
ଆବିର୍ଭାବ: ୨୩।୦୯।୧୯୪୦
ତିରୋଧାନ: ୦୧।୧୨।୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଆମର ଚିର ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ଆଶିଷ, ରବୀନ୍ଦ୍ର, ବାସନ୍ତୀ, ସୁଦାମ, ମିକୁ, ଟିକି ଓ ସମସ୍ତ ପରିବାର ଏବଂ ବନ୍ଧୁ ବାନ୍ଧବବର୍ଗ।
ଧ-୬୩୯୬୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଦାସ
ଟାଉନ୍‌ହଲ୍ ରୋଡ୍, କଟକ
ଆବିର୍ଭାବ: ୧୦।୦୮।୧୯୪୯
ତିରୋଧାନ: ୨୪।୧୨।୨୦୧୮
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୬୫୯

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସଞ୍ଜୀବନୀ ପଟ୍ଟନାୟକ
ନିତୁ ଚାହୁଁ ଚାହୁଁ ଆଜକୁ ଆଠ ବର୍ଷ ହେଲା ତୁ ଆମ ସମସ୍ତଙ୍କୁ ଛାଡି ଚାଲିଗଲୁ। ଆଜି ବି ପ୍ରତି ମୁହୂର୍ତ୍ତରେ ତୋର ସ୍ମୃତି ମନେପଡେ। ତୁ ଯେଉଁଠି ବି ଅଛୁ ଭଲରେ ଥା।
ଶୋକସନ୍ତପ୍ତ :
ପଟ୍ଟନାୟକ ଓ ସାମଲ ପରିବାରବର୍ଗ, ଚାନ୍ଦବାଲି।
ଧ-୧୫୭୦୦

**୨୮ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱର୍ଗତ ମଦନ ମୋହନ ସେନାପତି
ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ଆଜି ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ: ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ୍ ହଲ୍ (A Unit of ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲିଃ), ରବୀନ୍ଦ୍ର ହେଲ୍ଥ କେୟାର ପ୍ରା.ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ୍ ଏଣ୍ଡ ବିତରକ ପ୍ରା.ଲିଃ., ମଦନ ମୋହନ ଆସୋସିଏଟ୍ସ ଆଶ୍ରିତ ଉଦ୍ୟମୀ-।
ଧ-୫୯୧୯୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରଞ୍ଜନ କୁମାର ଜେନା
ପୂର୍ବତନ କର୍ପୋରେଟର
ଭୁବନେଶ୍ୱର ମହାନଗର ନିଗମ
ନିଳାଦ୍ରୀ ବିହାର
ଆବିର୍ଭାବ: ୧୫।୧୧।୧୯୬୯
ତିରୋଧାନ: ୦୩।୧୨।୨୦୧୯
ନୈନଂ ଛିନ୍ଦନ୍ତି ଶାସ୍ତ୍ରାଣୀ ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଶ୍ରଦ୍ଧାଞ୍ଜଳି ସହ:
ସମସ୍ତ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୦୪

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ବାଲିକୁଦା,୧୨।୧୨(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଞ୍ଚଳର ଜଣେ ୮ ବର୍ଷର ବାଳିକା ଏହି ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତସ୍ଥିତ ମାମୁଘରକୁ ଯାଇଥିବା ବେଳେ ବୁଧବାର ବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ମାମୁଘର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ ହେବା ପରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ନାଗପୁର ପଞ୍ଚାୟତର ହାପି ଭୋଇ(୨୫)। ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ.୨୬୧/୧୯)ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ମାମୁଘର ପାଖରେ ଥିବା ବାରଣ୍ଡାରେ ଖେଳୁଥିବା ବେଳେ ହାପି ତାଙ୍କୁ ଚକଲେଟ୍ ଦେଇ ପାଖରେ ଥିବା ନଦୀକୂଳକୁ ନେଇ ବଳାତ୍କାର କରିଥିଲେ। ଏନେଇ ପୀଡିତା ମାମୁଘରେ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡିତାଙ୍କୁ ଡାକ୍ତରୀମାଇନା କରାଯାଇ ତଦନ୍ତ ଜାରି ରହିଛି।

## କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ

# ମଧୁସୂଦନପୁର, ମର୍ଜିତାପୁର ବିଜୟୀ

**ଧର୍ମଶାଳା,୧୧।୧୨(ଡି.ଏନ୍.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ମଧୁପୁରଗଡ ଖେଳ ପଡିଆରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ୍‌ରେ ମଧୁସୁଦନପୁର ଓ ମର୍ଜିତାପୁର ପଞ୍ଚାୟତ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ବୃନ୍ଦାଦେଇପୁର ଟିମକୁ ୧୧୨ ରନରେ ପରାସ୍ତ କରି ମଧୁସୁଦନପୁର ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଏଣ୍ଡଳବା ଟିମ୍‌କୁ ୯ୱିକେଟରେ ପରାସ୍ତ କରି ମର୍ଜିତାପୁର ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ମଧୁସୁଦନପୁର ଦଳ ବ୍ୟାଟିଂ କରି ୧୫ ଓଭରରେ ୩ ୱିକେଟ୍ ହରାଇ ୨୨୩ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ଆଲୋକ ନାୟକ ୧୫୬ ଓ ରବିନାରାୟଣ ଧୀର ୩୦ ରନ କରିଥିଲେ। ଜବାବରେ ବୃନ୍ଦାଦେଇପୁର ଦଳ ବ୍ୟାଟିଂ କରି ୧୧.୫ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ପ୍ରଭାତ ରଉତ ୩୩ ଓ ଦୀପକ ଓଝା ୩୧ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏଣ୍ଡଳବା ପ୍ରଥମେ ବ୍ୟାଟିଂ କରି ୧୪.୧ ଓଭରରେ ସମସ୍ତ ୱିକେଟ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅନୁପମ ପଣ୍ଡା ୩୫ ଓ ପପୁ ପ୍ରଧାନ ୨୫ ରନ କରିଥିଲେ। ଜବାବରେ ମର୍ଜିତାପୁର ଦଳ ବ୍ୟାଟିଂ କରି ୭.୩ ଓଭରରେ ୧ ୱିକେଟ ହରାଇ ୧୪୬ ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ନିରଞ୍ଜନ ବାରିକ ୬୨ ଓ ତ୍ରିଲୋଚନ ପ୍ରଧାନ ୪୮ ରନ କରିଥିଲେ। ଉଭୟ ମ୍ୟାଚକୁ ଉତ୍ତମ ସାମଲ, ସୌଭାଗ୍ୟ ମୁଦୁଲି, ରଞ୍ଜନ ପାଲ, ପ୍ରତାପ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶୁକ୍ରବାର କମାଗଡ଼ ସହିତ ସାହାଣୀ ଡିହ ଓ ସଂପାରୁ ସହିତ ରାଇଛନ୍ଦା ପଞ୍ଚାୟତ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

# ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ, ବିଶ୍ୱଭାରତୀ ସେମିରେ

**ରସୁଲପୁର,୧୨।୧୨(ଡି.ଏନ୍.ଏ.)**

ଯାଜପୁର ବ୍ଲକ ଅନ୍ତର୍ଗତ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ସତ୍ୟସାଇ ଖେଳ ପଡ଼ିଆରେ ଚାଲିଥିବା ୩୫ତମ ସର୍ବଭାରତୀୟ ସତ୍ୟସାଇ କ୍ରିକେଟ୍ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଶ୍ୱଭାରତୀ କ୍ରିକେଟ କ୍ଲବ,କଟକ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ ଇଲେଭେନ୍ ଷ୍ଟାର୍,ଯାଜପୁରଟାଉନ ଓ ବିଶ୍ୱଭାରତୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍‌ରେ ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ଜିତି ବ୍ୟାଟିଂ ପାଇଁ ଇଲେଭେନ୍ ଷ୍ଟାରକୁ ଆମନ୍ତ୍ରଣ କରିଥିଲା। ଇଲେଭେନ୍ ଷ୍ଟାର ନିର୍ଦ୍ଧାରିତ ୨୫ଓଭରରୁ ୨୦.୧ଓଭର ଖେଳି ତାର ସମସ୍ତ ଉଇକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ଅଭିଲାସ ରାଉତ ରାୟ,୪୮ ବଲରୁ ୬୦ ରନ୍ ଓ ସ୍ୱପ୍ନେଶ୍ ବିଶ୍ୱାଳ ୧୮ ବଲ ରୁ ୧୭ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ବିଶ୍ୱଭାରତୀ କ୍ରିକେଟ୍ କ୍ଲବର ବୋଲର୍ ସୌରଭ ପରିଡା ୨.୧ ଓଭରରେ ୩ ରନ୍ ଦେଇ ୬ ଉଇକେଟ୍ ଓ ସୁଭାଶିଷ ସାହୁ ୪ ଓଭରରେ ୨୮ ରନ୍ ଦେଇ ୨ ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୧୨୫ ରନ୍ ବିଜୟ ଲକ୍ଷ୍ୟକୁ ପିଛାକରି ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ୧୮.୧ ଓଭରରେ ୬ ଉଇକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ଭବାନି ମାହାନ୍ତି ୩୬ ବଲରୁ ୫୧ ରନ୍ ଓ ସୌରଭ ପରିଡା ୯ ବଲରୁ ୧୩ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର୍ ଶୁଭମ୍ ବେହେରା ୪ ଓଭର ବୋଲିଂ କରି ୨୮ ରନ ବିନିମୟରେ ୩ ଉଇକେଟ୍ ଓ କ୍ଷୀତିଶ୍ ମହାନ୍ତି ୫ ଓଭରରେ ୨୮ ରନ୍ ଦେଇ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଅଲରାଉଣ୍ଡର ଖେଳ ପ୍ରଦର୍ଶନ ପାଇଁ ବିଶ୍ୱଭାରତୀ କ୍ରିକେଟ୍ କ୍ଲବର ବୋଲର୍ ସୌରଭ ପରିଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ରମେଶ ମହାରଣା ଓ ଉତ୍କଳ ଜେନା ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଚିନ୍ମୟ ଦଳେଇ ଓ ଚିନ୍ମୟ ସାହୁ, ଭାଷ୍ୟକାର ଦାୟିତ୍ୱ ପ୍ରିୟନାଥ ରାଉତ ଓ ଅରୁଣ ପତି ତୁଲାଇଥିଲେ। ଶୁକ୍ରବାର ମ୍ୟାଚ୍ ମା' ବଟ ମଙ୍ଗଳା କ୍ରିକେଟ କ୍ଲବ୍ , ଗୋଲକୁଣ୍ଡ ଓ ଜୟଦୁର୍ଗା କ୍ରିକେଟ କ୍ଲବ୍ , ରାଉଲକେଲା ମଧ୍ୟରେ ଅନୁଷ୍ଠିତ ହେବ।








**Bhubaneshwar: Trinity ŠKODA:** 9937 000 695, 1800 103 8001; **Jamshedpur: Imperial Vehicle:** 1800 123 7499, 9835 180 200; **Kolkata: Global Motocorp LLP:** 9073 962 605, 1800 123 0737; **Patna: Bhoomi Cars:** 7004 303 385; **Rajasthan: Jaipur:** Saisha ŠKODA Jawahar Circle: 7574999339; **Jodhpur:** Jai Cars: Pali Road: 7574066622; **Udaipur:** Jai Cars: RIICO Ind Area: 7574066688
**Branches: Ranchi: Imperial Vehicle:** 1800 123 7499, 9835 180 200; **Alwar:** Saisha Motors: Old Delhi Road: 7574999339; **Sikar:** Saisha Motors: Jaipur Jhunjunu Bypass: 7574999339; **Kota:** Saisha Motors: Automobile Zone, IPIA: 7574999339

OFFER VALID TILL 25TH DECEMBER

ŠKODA LOYALTY BENEFIT ₹25,000

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the courts in Aurangabad jurisdiction only. Terms and Conditions – **Warranty** – 4 years or 1,00,000 km whichever occurs first (promotional offer on 3rd and 4th year, additional 5th and 6th year extended warranty optional); **Roadside Assistance** – 4 years or unlimited km (5th and 6th year Roadside Assistance optional); **ŠKODA Maintenance Package** – 4 years/60,000 km (optional). Four periodic maintenance services each at an interval of 15,000 km or one year (whichever occurs first from the date of delivery) at an attractive price. Loan at the sole discretion of financial institution.




LIMITED PERIOD ONLY

OFFER VALID TILL STOCKS LAST

Scratch & WIN! GOLD COIN OFFER ^WIN UP TO 10 GM GOLD COIN

| | ALTO (P) | VITARA BREZZA (D) | DZIRE (P) | DZIRE (D) | SWIFT (P) | SWIFT (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|
| CONSUMER OFFER* | ₹42 500 | ₹40 000 + 5 Yr. Warranty | ₹30 000 | ₹30 000 + 5 Yr. Warranty | ₹25 000 | ₹25 000 + 5 Yr. Warranty | ₹30 000 | ₹15 000 |
| EXCHANGE OFFER* | ₹15 000 | ₹20 000 | ₹20 000 | ₹20 000 | ₹20 000 | ₹20 000 | ₹15 000 | ₹20 000 |
| CORPORATE OFFER* | ₹5 000 | ₹10 000 | ₹5 000 | ₹10 000 | ₹5 000 | ₹10 000 | ₹5 000 | ₹5 000 |
| TOTAL SAVINGS (UP TO)* | ₹62 500 | ₹89 500 | ₹55 000 | ₹77 000 | ₹50 000 | ₹70 750 | ₹50 000 | ₹40 000 |

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473. PURI: CALL: 9583022035. PARADEEP: CALL: 9583022034/ 06722-228044.

**ODYSSEY MOTORS**
ANGUL: CALL: 7752076136, 9776901481. PALLAHARA: CALL: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818. DHENKANAL: CALL: 9776900005. JAJPUR: CALL: 9776900777.

*Offer includes consumer offer, corporate offer and exchange bonus (Wherever Applicable). Terms and conditions apply. The terms and conditions are subject to change without any prior notice. ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. ^Offer applicable on all Models except New Ertiga Petrol. Offer valid from 2nd to 31st December, 2019. The value of 1gm gold coin is ₹3500/-. The scratch card is not transferable. ^Best year-end offers and Best year-end exchange bonus would not be applicable on Vitara Brezza and Celerio. Offer is not applicable on S-Presso & Ertiga. #Applicable at the sole discretion of the financer. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. *Only applicable for Dzire, Swift and Vitara Brezza. The article is released in Hindustan Times. Offers are valid till 31st December 2019.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଡିସେମ୍ବର, ୨୦୧୯




 କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ ।
- ଭଗବଦ୍ ଗୀତା



## ସଂକ୍ଷେପରେ

### ହାତ ଦେଖିବାକୁ କହି ବୃଦ୍ଧାଙ୍କୁ ଟଣାଓଟରା, ବୃଦ୍ଧ ଗିରଫ

**କଳିଙ୍ଗନଗର,୧୨।୧୨(ଡି.ଏନ.ଏ):** ଯଖପୁରା ଥାନା ଯଖପୁରା ଗ୍ରାମ ଦଳିତ ସାହିର ଜଣେ ବୃଦ୍ଧାଙ୍କୁ ଟଣା ଓଟରା କରି ଜଣେ ବୃଦ୍ଧ ଗୁରୁବାର ଗିରଫ ହୋଇଛନ୍ତି। ଗିରଫ ବୃଦ୍ଧ କୋଦଣ୍ଡ ମଳିକ ଓରଫ ସାଧୁଆ (୬୦) ବୋଲି ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ ଦଳିତ ସାହିର ଜଣେ ୭୦ବର୍ଷୀୟ ମହିଳା ତାଙ୍କ ଘରେ ବୋହୂ ସହିତ କଥା ହୋଉଥିବାବେଳେ ସେହି ସାହିର ସାଧୁଆ ତାଙ୍କ ଘରେ ପହଞ୍ଚି ହାତ ଦେଖି ଭବିଷ୍ୟତ କହିବାକୁ କହିଥିଲେ। ଏହାକୁ ବୃଦ୍ଧା ବିରୋଧ କରିବାରୁ ସାଧୁଆ ତାଙ୍କୁ ଅସଦାଚରଣ କରିବା ସହିତ ଟଣା ଓଟରା କରିଥିଲେ। ଏହା ଦେଖି ବୃଦ୍ଧା ଜଣକ ଚିତ୍କାର କରିବାରୁ ତାଙ୍କ ବୋହୂ ସମେତ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ସାଧୁଆଙ୍କୁ ଅଟକ ରଖିଥିଲେ। ଗୁରୁବାର ସକାଳୁ ଯଖପୁରା ଥାନାରେ ବୃଦ୍ଧାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଶାଶୁଘରୁ ମହିଳା ନିଖୋଜ
### ହତ୍ୟା କରି ମୃତଦେହ ଲୁଚାଇ ଦେଇଥିବା ଅଭିଯୋଗ

**ବରୀ/ରତ୍ନଗିରି, ୧୨।୧୨(ସ୍ୱ.ପ୍ର/ଡିଏନଏ):** ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତ ମଠସାହି ଗ୍ରାମର ଲକ୍ଷ୍ମୀଧର ସାମଲଙ୍କ ସ୍ତ୍ରୀ କବିତା ବୁଧବାର ସକାଳୁ ନିଖୋଜ ଥିବା ନେଇ ବିଞ୍ଝାରପୁର ଥାନାରେ ଗୁରୁବାର ଅଭିଯୋଗ ହୋଇଥିଲା। ସ୍ତ୍ରୀ ନିଖୋଜ ହୋଇଯାଇଥିବା ନେଇ ଲକ୍ଷ୍ମୀଧର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲାବେଳେ ଥାନାଧିକାରୀ ତାଙ୍କୁ ଅଟକାଇ ଥାନାରେ ଜେରା କରୁଥିବା ଜଣାପଡିଛି। ଅପରପକ୍ଷେ କବିତାଙ୍କ ମା' ଜ୍ୟୋତ୍ସ୍ନାରାଣୀ ବରାଳ ଝିଅକୁ ଜୀବନରୁ ମାରି କେଉଁଠି ଲୁଚାଇ ଦେଇଥିବା ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୮/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି।

ଆଜକୁ ୩ ବର୍ଷ ତଳେ ଯାଜପୁର ସଦର ଥାନା ଅଧିନ ଶିମିଳିଆ ଗ୍ରାମର ଜ୍ୟୋତ୍ସ୍ନାରାଣୀଙ୍କ ଝିଅ କବିତା ବୈଦିକ ରିତିରେ ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତ ମଠସାହି ଗ୍ରାମର ଲକ୍ଷ୍ମୀଧରଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଧିକ ଯୌତୁକ ଦାବିରେ କବିତାଙ୍କ ସ୍ୱାମୀ ଓ ଶ୍ୱଶୁର ଶାରୀରିକ ମାନସିକ ନିର୍ଯାତନା ଦେଉଥିଲେ ବୋଲି କବିତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୧୦ତାରିଖ ରାତିରେ କବିତା ନିଜ ମା' ଜ୍ୟୋତ୍ସ୍ନାରାଣୀଙ୍କୁ ଫୋନ କରି ତାଙ୍କୁ ଆସି ନେଇଯିବାକୁ କହିଥିଲେ। ନଚେତ୍ ସେମାନେ ତାଙ୍କୁ ଜୀବନରୁ ମାରି ଦେବେ ବୋଲି କହିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ବୁଧବାର ସକାଳୁ ଲକ୍ଷ୍ମୀଧର ଶାଶୁଙ୍କୁ ଫୋନ କରି କବିତା ନିଖୋଜ ହୋଇଯାଇଥିବା ଜଣାଇଥିଲେ। ମାତ୍ର ଝିଅ କବିତାକୁ ଜୀବନରୁ ମାରି ମୃତଦେହକୁ ଶାଶୁଘର ଲୋକେ କେଉଁଠି ଲୁଚାଇ ରଖିଥିବା ନେଇ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ମା' ଅଭିଯୋଗ ଆଣିଥିବା କହିଛନ୍ତି।

# ୧୦ ଡିଗ୍ରୀ କଲେଜର ଜିବି ଅବଧି ଶେଷ

**ଯାଜପୁର ଜିଲ୍ଲା**
- ମନୋନୟନରେ ବିଭାଗୀୟ ଆନ୍ତରିକତାର ଅଭାବ
- ବଢ଼ୁଛି ଅନିୟମିତତା, ବିକାଶ ପରାହତ

**ଯାଜପୁର ଅଫିସ,୧୨।୧୨**

ସେଲ୍ଫ ଫାଇନାନ୍ସିଂ ସ୍କିମ୍ ନାମରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାର ବ୍ୟବସାୟୀକରଣ ଯୋଗୁ ରାଜ୍ୟରେ ବହୁ ପ୍ରତିଷ୍ଠିତ ଘରୋଇ କଲେଜ ଖୋଲିଛି। ଆବଶ୍ୟକ ଭିତ୍ତିଭୂମି ଅଭାବ ସତ୍ତ୍ୱେ ଅନେକ କଲେଜକୁ ସ୍ୱୀକୃତି ମିଳିଛି। ଏଥିଯୋଗୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଅଧୀନରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ୩ କଲେଜ ଗୁଡ଼ିକର ଗଭର୍ନିଂବଡି(ଜିବି)କୁ ଅଣଦେଖା କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାର ପ୍ରାୟ ୧୦ଟି କଲେଜର ଜିବି ଅବଧି ସରି ଯାଇଥିଲେ ହେଁ ନୂତନ ଭାବେ ଗଠନ କରିବାକୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆଦୌ ଆନ୍ତରିକତା ଦେଖାଉ ନ ଥିବା ମନେ ହେଉଛି। ଏପରିକି କେତେକ କଲେଜରେ ପୂର୍ବତନ ବିଧାୟକମାନେ ଏଯାଏ ସଭାପତି ରହିଥିବାରୁ ସେମାନେ ଉପଯୁକ୍ତ ଭାବେ କଲେଜର ବିକାଶ ଦିଗରେ ସେତେଟା ସମୟ ଦେଇ ପାରୁନାହାନ୍ତି। ଫଳରେ ସମ୍ପୃକ୍ତ କଲେଜଗୁଡ଼ିକରେ ଅନିୟମିତତା ଦେଖାଯିବା ସହ ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅଧିନରେ ଯାଜପୁର ଜିଲାରେ ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ୩ କଲେଜ ରହିଛି। ସେଥିମଧ୍ୟରୁ ୧୦ଟି କଲେଜର ଜିବି ଅବଧି ଶେଷ ହୋଇସାରିଛି। ଏଥିରେ କୋରେଇ ନିର୍ବାଚନମଣ୍ଡଳୀର ମୁଗପାଳ ୟୁଏନ୍ଏସ୍ ଡିଗ୍ରୀ କଲେଜର ଜିବି ଅବଧି ଶେଷ ହୋଇସାରିଛି। ସେହିପରି ସୁକିନ୍ଦା ନିର୍ବାଚନମଣ୍ଡଳୀର ଝାଡ଼େଶ୍ୱର ଡିଗ୍ରୀ କଲେଜ, ସିଂହପୁର ଖରସ୍ରୋତା ଡିଗ୍ରୀ କଲେଜ, ଧର୍ମଶାଳା ଡିଗ୍ରୀ କଲେଜ, ବୈତରଣୀରୋଡ ପି.କେ. ଡିଗ୍ରୀ କଲେଜ, ମାର୍କଣ୍ଡପୁର ବାବା ଏଚ୍.କେ. ଦାସ ମହାବିଦ୍ୟାଳୟ, ଚିତାଳୋ ଡିଗ୍ରୀ କଲେଜ, ବିଟାନା ଜୁନାଭଦ୍ର ଡିଗ୍ରୀ କଲେଜ ଓ ଅଳକୁଣ୍ଡ ଆଞ୍ଚଳିକ ବଳଦେବ ଜିଉ ମହିଳା ଡିଗ୍ରୀ କଲେଜର ଜିବି ମନୋନୀତ ହେବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ବରୀ ନିର୍ବାଚନମଣ୍ଡଳୀର ବାଲିଆ ଏଏସ୍ଏସ୍ ଡିଗ୍ରୀ କଲେଜର ଜିବି ସଂକ୍ରାନ୍ତରେ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏହି କଲେଜର ଜିବି ୨୪।୧୦।୨୦୧୪ରେ ମନୋନୀତ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗର ପତ୍ରାଙ୍କ ସଂଖ୍ୟା ୨୪୬୫୪/ ଏଚ୍‌ଇ/ ୨୪।୧୦।୨୦୧୪ରେ ଏହି ଜିବିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ପୂର୍ବତନ ବରୀ ବିଧାୟକ ଦେବାଶିଷ ନାୟକ ଜିବିର ସଭାପତି ଭାବେ ମନୋନୀତ ହୋଇଥିଲେ। ହେଲେ କୋର୍ଟ ମାମଲା ଯୋଗୁ ଏହି କଲେଜର ଜିବି ଅବସ୍ଥା ଝୁଲି ରହିଛି। କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲି ମା' ତାରିଣୀ ଡିଗ୍ରୀ କଲେଜର ଜିବି ଅବଧି ମଧ୍ୟ ଦୀର୍ଘଦିନ ହେଲା ଶେଷ ହୋଇସାରିଛି। ଏହି କଲେଜର ଜିବି ୨୪୬୫୪/ଏଚଇ/୨୪।୧୦।୨୦୧୪ ତାରିଖରେ ସ୍ୱୀକୃତି ଲାଭ କରିଥିଲା। ଏଥିରେ ପୂର୍ବତନ ବିଧାୟକ ଆକାଶଦାସ ନାୟକ ସଭାପତି ମନୋନୀତ ହୋଇଥିଲେ। ତେବେ ଏହି କଲେଜର ଜିବି ନିର୍ବାଚନ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ ଅପେକ୍ଷାରେ ରହିଥିବା ସୂଚନା ମିଳିଛି। ଏହାବାଦ ବ୍ୟାସନଗର ପୌରାଞ୍ଚଳରେ ଥିବା ଇନ୍ଦିରାଗାନ୍ଧୀ ମହିଳା ଡିଗ୍ରୀ କଲେଜରେ ଆକାଶଦାସ ନାୟକ, ଅଙ୍ଗାଳୋ ଏଲ.ବି. ଡିଗ୍ରୀ କଲେଜରେ ଦେବାଶିଷ ନାୟକ, ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ ବିଧାୟକ ପ୍ରଣବକୁମାର ବଳୱନ୍ତରାୟ, ହରିପୁର ଭାରତୀ ବିହାର ଡିଗ୍ରୀ କଲେଜରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ନୂଆହାଟ ବି.ଏସ୍. ଡିଗ୍ରୀ କଲେଜରେ ଅମରପ୍ରସାଦ ଶତପଥି, ଜେନାପୁର ଡିଗ୍ରୀକଲେଜ ଓ କଲଣ, ମଧୁପୁର ଡିଗ୍ରୀ କଲେଜରେ ପ୍ରଣବକୁମାର ବଳୱନ୍ତରାୟ ସଭାପତି ରହିଛନ୍ତି। ସେହିପରି ବାଲିଚନ୍ଦ୍ରପୁର ସାହାସପୁର ଡିଗ୍ରୀ କଲେଜରେ ଅମରପ୍ରସାଦ ଶତପଥି, କନିକାପଡା ଏସ୍.ଜି ଡିଗ୍ରୀ କଲେଜରେ କର୍ଣ୍ଣାଟକେଶରୀ ଦାଶ, ସୁଜନପୁର ଆଞ୍ଚଳିକ ପଞ୍ଚାୟତ ଡିଗ୍ରୀ କଲେଜ ଓ ରାଜାତୋଟା କାଦମ୍ବିନୀପାଳ ମହିଳା ଡିଗ୍ରୀ କଲେଜରେ ଦେବାଶିଷ ନାୟକ, ରାମବାଗ ରିଜିଓନାଲ ଡିଗ୍ରୀ କଲେଜରେ କେଦାରନାରାୟଣ ପରିଡା, ବିରଜା ମହିଳା ଡିଗ୍ରୀ କଲେଜରେ ପ୍ରଣବପ୍ରକାଶ ଦାସ, ମଙ୍ଗଳପୁର ମହିଳା ଡିଗ୍ରୀ କଲେଜରେ ଅନାମଚରଣ ସେନାପତି, ଛତିଆ ଏମ୍ଏଚ୍‌ଡି ଡିଗ୍ରୀ କଲେଜରେ ପ୍ରହଲ୍ଲାଦ ନନ୍ଦ, ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜ ଓ କଇପଡ଼ା କାଶିନାଥ ଡିଗ୍ରୀ କଲେଜରେ ଦେବାଶିଷ ନାୟକ, କୋରେଇ କାହ୍ନୁଚରଣ ଡିଗ୍ରୀ କଲେଜ ଓ ବ୍ରହ୍ମବରଦା ଡିଗ୍ରୀ କଲେଜରେ ଆକାଶଦାସ ନାୟକ, ବରୁଣେଶ୍ୱର ଡିଗ୍ରୀ କଲେଜରେ ପ୍ରମିଳା ମଲ୍ଲିକ ସଭାପତି ଭାବେ ରହିଛନ୍ତି । ତେବେ ଭୁବନେଶ୍ୱର ଆୟଞ୍ଚଳିକ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଅବଧି ଶେଷ ହୋଇଥିବା ଜିବି ମନୋନିତ ହେବାକୁ ଯାଉଛି ବୋଲି ସୂଚିତ କରିଛନ୍ତି।

### ତହସିଲ ପକ୍ଷରୁ ଚଢ଼ାଉ
### ବେଆଇନ ଖନନକାରୀଙ୍କ ବିରୋଧରେ ଥାନାରେ ଏତଲା

**ଧର୍ମଶାଳା,୧୨।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଘୁଆ କଳାପଥର ଖାଦାନରେ ବେଆଇନ ଖନନ କରୁଥିବା ଲୋକଙ୍କ ବିରୋଧରେ ଜେନାପୁର ଥାନାରେ ତହସିଲ ପକ୍ଷରୁ ଏତଲା ଦିଆଯାଇଛି। ବାଘୁଆ କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବରପାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି,ଏଆର୍ଆଇ ଚନ୍ଦନ ସାହୁ ଏପିଆର ଫୋର୍ସ ସହ ଗୁରୁବାର ଚଢ଼ାଉ କରିଥିଲେ । ବେଆଇନ ଖନନ କରୁଥିବା ପଥର ମାଫିଆ କୌଣସି ସୂତ୍ରରୁ ଖବର ପାଇ ବ୍ୟବହୃତ ଗାଡି ଓ ଶ୍ରମିକଙ୍କୁ ହଟାଇ ନେଇଥିଲେ। ମାତ୍ର ଓଡି ୩୪– ୦୫୩୧ନଂ ମୋଟର ସାଇକେଲଟିକୁ ନେଇପାରି ନ ଥିଲେ। ଏହି ମୋଟର ସାଇକେଲଟିକୁ ତହସିଲ ପକ୍ଷରୁ ଜବତ କରାଯାଇ ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଥିବାବେଳେ ମୋଟର ସାଇକେଲ ମାଲିକଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିବା ଅତିରିକ୍ତ ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

## କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ପୁରୀ ବୁଲିଲେ ବରିଷ୍ଠ ନାଗରିକ

**ଧର୍ମଶାଳା,୧୨।୧୨(ଡି.ଏନ୍.ଏ.)**

ଧର୍ମଶାଳାର କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥ ଭ୍ରମଣରେ ପଠାଯାଇଛି। ଗୁରୁବାର ସକାଳ ୮ଟାରେ କାଏମା ନିକଟସ୍ଥ ମାମାଲି ଫିଲିଂ ଷ୍ଟେଶନ ନିକଟରୁ ଏକ ଘରୋଇ ବସ୍ ଯୋଗେ କାଏମା, ଅଭୟପୁର ଓ ଭବାନୀପୁର ପଞ୍ଚାୟତର ୪୨ଜଣ ବରିଷ୍ଠ ନାଗରିକ ତୀର୍ଥ ଭ୍ରମଣରେ ପୁରୀ ଯାଇଥିଲେ। ତୀର୍ଥଯାତ୍ରୀମାନେ ପୁରୀ ଜଗନ୍ନାଥ ଦର୍ଶନ ପରେ କୋଣାର୍କ ଓ ସେଠାରେ ଥିବା ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ଦର୍ଶନ କରି ସନ୍ଧ୍ୟାରେ ଫେରିଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳୱନ୍ତରାୟ ଓ ଧର୍ମଶାଳା ବ୍ଲକ ଅଧକ୍ଷ ତଥା ଫାଉଣ୍ଡେଶନର ସଭାପତି ପ୍ରଭାତ କୁମାର ବଳୱନ୍ତରାୟ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ପର୍ଯ୍ୟାୟକ୍ରମେ ଶ୍ରୀକ୍ଷେତ୍ରକୁ ତୀର୍ଥଯାତ୍ରା ନିମନ୍ତେ ପଠାଯିବାକୁ ଫାଉଣ୍ଡେଶନ ନିଷ୍ପତି ନେଇଛି ବୋଲି ବିଧାୟକ ବଳୱନ୍ତରାୟ


ପୁରୀ ଠାରେ ବରିଷ୍ଠ ନାଗରିକଙ୍କ ସହ ବିଧାୟକ ପ୍ରଣବ ବଳବନ୍ତରାୟ।

ସୂଚନା ଦେଇଥିଲେ। ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣରେ ଶରତ ନାୟକ ଓ ବଟକୃଷ୍ଣ ରାଉତ ସଂଯୋଜକ ଭାବେ ଯାଇଛନ୍ତି। ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ସାଗର ନାୟକ ଓ ସଭ୍ୟା ମମତା ଦଣ୍ଡପାଟ, ଜିଲା ବିଜେଡି ସମ୍ପାଦକ ପ୍ରିୟନାଥ ମହାପାତ୍ର , ବ୍ଲକ ସଭାପତି ନିରଞ୍ଜନ ବଳ, କ୍ଷୀତିଶ ନାୟକ,ଟୁଟୁ ନାୟକ, ପ୍ରତାପ ପ୍ରଧାନ, ମଦନ ନାୟକ, ସବ୍ୟସାଚୀ ସୁନ୍ଦରାୟ ପ୍ରମୁଖ ଯୁବ ସଂଗଠକଙ୍କ ସମେତ କେଡିଏମ୍‌ର ବହୁ ସଦସ୍ୟ ବରିଷ୍ଠ ନାଗରିକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ରହିଥିଲେ । କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ସମୟରେ ଗୁରୁ ପୂଜନ, ମହିଳାଙ୍କ ପାଇ ରଜ ମହୋତ୍ସବ, ଶିଶୁ ମହୋତ୍ସବ, ଯୁବକଙ୍କ ମଧ୍ୟରେ ବିଭିନ୍ନ କ୍ରୀଡାର ପ୍ରତିଯୋଗିତା, ବୃକ୍ଷରୋପଣ ଓ ସ୍ୱାସ୍ଥ୍ୟସେବା ଭଳି ଅନେକ ପଦକ୍ଷେପ ନିଆଯାଉଛି । ତେବେ ଚଳିତ ବର୍ଷ ଠାରୁ ପ୍ରଥମଥର ପାଇଁ ବରିଷ୍ଠମାନଙ୍କୁ ଗୁରୁତ୍ୱ ଦିଆଯାଇ ଓଡିଶାର ବିଭିନ୍ନ ତୀର୍ଥସ୍ଥାନକୁ ବୁଲାଇ ନେବା ପାଇଁ ପଦକ୍ଷେପ ନିଆଯାଇଥିବା ଫାଉଣ୍ଡେଶନର ଅଧକ୍ଷ ପ୍ରଭାତ କୁମାର ବଳୱନ୍ତରାୟ ସୂଚନା ଦେଇଛନ୍ତି ।

## ମହିଳା ପୋଡ଼ି ହୋଇ ଗୁରୁତର, ସ୍ୱାମୀ ଅଟକ

**ରସୁଲପୁର,୧୨।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ଗୁରୁବାର ଜଣେ ମହିଳା(୨୭) ସନ୍ଦେହଜନକ ଭାବରେ ପୋଡି ହୋଇ ଗୁରୁତର ହୋଇପଡ଼ିଛନ୍ତି। ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଧର୍ମଶାଳା ପୋଲିସକୁ ସୂଚନା ଦେଇଥିଲେ। ଧର୍ମଶାଳା ପୋଲିସ ଡାକ୍ତରଖାନାରୁ ମହିଳାଙ୍କ ସ୍ୱାମୀଙ୍କୁ କାବୁ କରିଥିଲା । ଉକ୍ତ ମାମଲା କୁଆଖିଆ ଥାନା ଅଧୀନରେ ଘଟିଥିବାରୁ ଏହି ପୋଲିସ ସ୍ୱାମୀକୁ କୁଆଖିଆ ଥାନାକୁ ହସ୍ତାନ୍ତର କରିଥିଲା। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଘଟଣା ସ୍ଥଳକୁ ଯାଇ ପଚରାଉଚୁରା ଜାରି ରଖିଛି।

## ଜିଲା ସ୍କୁଲରେ ଗୀତା ଜୟନ୍ତୀ

**ଯାଜପୁର ଟାଉନ,୧୨।୧୨(ଡିଏନଏ)**

ସ୍ଥାନୀୟ ଯାଜପୁର ଜିଲା ସ୍କୁଲରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିଳାମ୍ବରୀ ମିଶ୍ର ଓ ଶିକ୍ଷକ ନିରଞ୍ଜନ ସାମଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆବାହକ ସଂସ୍କୃତ ଶିକ୍ଷକ ପଣ୍ଡିତ ବିଜୟ ଭୂଷଣ ନନ୍ଦ ସମଗ୍ର କାର୍ଯ୍ୟକୁ ସଞ୍ଚାଳନ କରିବା ସହିତ ଗୀତା ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ଉପରେ ବିଶେଷଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଅଷ୍ଟାଦଶ ଶ୍ଳୋକୀ ଗୀତା ପିଲାମାନେ ପାଠ କରିଥିଲେ। ଶିକ୍ଷକ ଦିଲୀପ କୁମାର ଦାଶ, ରବିନ୍ଦ୍ର ସାହାଣୀ, ମହେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଜହିରୁଦ୍ଦିନ ଖାଁ, ମୋତିଉର ରହେମାନ, ପୁଷ୍ପିତା କର, ଆଜିତା ଖାତୁନ, ମହେଶ୍ୱର ମହାନ୍ତି ପ୍ରମୁଖ ଗୀତା ଜୟନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ। ୩୧ଜଣ ଛାତ୍ରୀଛାତ୍ର ଗୀତା ଆବୃତ୍ତିରେ କୃତୀତ୍ୱ ପାଇଁ ପୁରସ୍କୃତ ହୋଇଥିଲେ।

**ଶ୍ରେଣୀଗୃହରେ ଶୋଇପଡ଼ିଲେ ପ୍ରଧାନ ଶିକ୍ଷୟିତ୍ରୀ**

## ଫଟୋ ଭାଇରାଲ ପରେ କୈଫିୟତ ତଲବ

**ରସୁଲପୁର,୧୨।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କଇଁଚି ଶାସନ ନୋଡାଲ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ଦେଓ ଶ୍ରେଣୀ ଗୃହରେ ଶୋଇ ପଡ଼ିଥିବାର ଏକ ଦୃଶ୍ୟ ସାମଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଏହାକୁ ଦେଖି ଅନେକ ସଚେତନ ନାଗରିକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପିଲାମାନଙ୍କୁ ପାଠ ପଢାଇ ଶିକ୍ଷିତ କରିବା ସହ ବଡ଼ ବଡ଼ ସ୍ୱପ୍ନ ଦେଖାଇବାର ଦାୟିତ୍ୱ ଶିକ୍ଷିକାଶିକ୍ଷକଙ୍କ କାନ୍ଧରେ ରହିଛି। ଏହାକୁ ତଦାରଖ କରିବା ଦାୟିତ୍ୱ ପ୍ରଧାନ ଶିକ୍ଷକଙ୍କୁ ଦିଆଯାଇଛି । ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଯେଉଁଠି ଶ୍ରେଣୀ ପ୍ରକୋଷ୍ଠରେ ଚୌକିରେ ବସି ଶୋଇପଡୁଛନ୍ତି, ସେଠି ପିଲାଙ୍କୁ କିପରି ଶିକ୍ଷାଦାନ କିପରି ହେଉଥିବ ତାହା ସହଜରେ ଅନୁମାନ କରିହେଉଛି।

ପ୍ରାପ୍ତ ସୂଚନାରୁ ଜଣାଯାଏ ଏହି ବିଦ୍ୟାଳୟରେ ୧ ରୁ ୭ମ ଶ୍ରେଣୀ ରହିଛି । ଏ ସମସ୍ତ ଶ୍ରେଣୀରେ ମୋଟ ୭୧ଜଣ ପିଲା ଅଧ୍ୟନରତ ଅଛନ୍ତି। ଏହି ବିଦ୍ୟାଳୟରେ ୪ଜଣ ଶିକ୍ଷକ ନିୟୋଜିତ ଅଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ପିଲାଙ୍କୁ ପାଠପଢା ଦେଇ ଶୋଇପଡ଼ିଥିବାର ଦୃଶ୍ୟକୁ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ି ଦେଇଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦେଓଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ସେ ଏହାକୁ ସ୍ୱୀକାର ମଧ୍ୟ କରିଥିଲେ । ଘଟଣା ଦିନ ତାଙ୍କ ଦେହ ଅସୁସ୍ଥ ଥିଲା। ସେ ପିଲାଙ୍କୁ ପାଠପଢାଇବା ପରେ ଶୋଇପଡ଼ିଥିଲେ । ତେବେ ସେ ସମୟରେ ଖାଇବା ଛୁଟି ହୋଇଥିଲା ବୋଲି ସଫେଇ ଦେଇଥିଲେ । ପରେ ଏ ନେଇ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁକୁମାର କରଙ୍କ ସହ ଯୋଗାଯୋଗ କରିବାରେସେ ଏ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ଜଣାଇଥିଲେ । ଏ ନେଇ ସେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୈଫିୟତ ତଲବ କରିଛନ୍ତି। ସେ କେଉଁ ପରିସ୍ଥିତିରେ ଶ୍ରେଣୀ ପ୍ରକୋଷ୍ଠରେ ଶୋଇପଡ଼ିଲେ ସେ ନେଇ ଲିଖିତ ଉତ୍ତର ଦେବାକୁ କୁହାଯାଇଛି ବୋଲି କର କହିଛନ୍ତି।

**କୋର୍ଟରୁ ଚମ୍ପଟ ମାରିବାକୁ ଅଭିଯୁକ୍ତଙ୍କ ଉଦ୍ୟମ**

## କାବୁକରି ପୋଲିସ ଜିମା ଦେଲେ ଲୋକେ

**ଯାଜପୁର ଟାଉନ,୧୨।୧୨(ଡିଏନଏ)**

ଯାଜପୁର ଜିଲା ଦୌରାଜଜଙ୍କ କୋର୍ଟକୁ ଏକ ମାମଲାର ବିଚାର ପାଇଁ ଆସିଥିବା ଜଣେ ଅଭିଯୁକ୍ତ ହଠାତ୍ ଖସି ପଳାଉଥିବାବେଳେ ସ୍ଥାନୀୟ ଲୋକେ ମାଡି ବସି ପୋଲିସକୁ ଜିମା ଦେଇଛନ୍ତି। ସଦର ଥାନା ମାର୍କଣ୍ଡପୁର ଗ୍ରାମର ସରୋଉମ ସୁତାର ନାମକ ଜଣେ ଯୁବକ ଏକ ମାମଲାରେ ସମ୍ପୃକ୍ତ ଥାଇ ୨୦୧୮ରୁ ନିଖୋଜ ଥିଲେ। ଏଥିପାଇଁ କୋର୍ଟରୁ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା। ସଦର ପୋଲିସ ମଙ୍ଗଳବାର ରାତିରେ ସରୋଉମଙ୍କ ଘରେ ଚଢାଉ କରି ତାକୁ ଗିରଫ କରିଥିବାବେଳେ କୋର୍ଟରେ ହାଜର ପାଇଁ ଆସିଥିବାବେଳେ ପୋଲିସ କର୍ମଚାରୀଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଦୌଡି ପଳାଇ ଯାଉଥିଲେ। ତେବେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ମାଡି ବସି ପୋଲିସକୁ ଜିମା ଦେବା ପରେ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ସ୍ଥାନୀୟ ଜେଲକୁ ପଠାଇ ଦିଆଯାଇଛି।

## ବିଶ୍ୱ ମୁସ୍‌ଲିମ୍ ସମ୍ମିଳନୀ ପାଇଁ ପ୍ରସ୍ତୁତିର ସମୀକ୍ଷା କଲେ ବରୀ ବିଧାୟିକା

**ରସୁଲପୁର,୧୨।୧୨(ଡି.ଏନ୍.ଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅବିଭକ୍ତ ବ୍ରହ୍ମବରଦା ଅଞ୍ଚଳରେ ବିଶ୍ୱସ୍ତରୀୟ ମୁସଲିମ୍ ସମ୍ମିଳନୀ(ଇସ୍ତେମା)୨୦୨୦ ଫେବୃଆରୀରେ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ସମୟରେ ସମୀକ୍ଷା ମଧ୍ୟ କରାଯାଉଛି । ଗୁରୁବାର ପୂର୍ବାହ୍ନରେ ବରୀ ବିଧାୟିକା ସୁନନ୍ଦା ଦାସ ଇସ୍ତେମା ସ୍ଥଳରେ ଆଲୋକ, ରାସ୍ତା, ପାନୀୟଜଳ ଭଳି କେତେକ ମୌଳିକ ଆବଶ୍ୟକତା କାର୍ଯ୍ୟଗୁଡିକର ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରକାଶଥାଉ କି ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ପଡ଼ୋଶୀ ନିର୍ବାଚନମଣ୍ଡଳୀ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଣବ କୁମାର ବଳୱନ୍ତରାଏ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ପରଖି ଥିଲେ। ଚଳିତଥର ଇସ୍ତେମାକୁ ସରସ ସୁନ୍ଦର କରିବା ପାଇଁ ସବୁପ୍ରକାର ପଦକ୍ଷେପ ନିଆଯିବ ବୋଲି ଯାଜପୁର ବିଧାୟକ ଦାସ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ବହୁ ଗୁଡିଏ କାର୍ଯ୍ୟ ହତାକୁ ନିଆଯାଇଛି। କାର୍ଯ୍ୟର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ବରୀ ନିର୍ବାଚନ ମଣ୍ଡଳୀ ବିଧାୟିକା ସୁନନ୍ଦା ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ମୁତାବକ ବିଧାୟିକା ଦାସ ବ୍ରହ୍ମବରଦାକୁ ଘନ ଘନ ଗସ୍ତରେ ଆସୁଛନ୍ତି। ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକୁ ସମୀକ୍ଷା କରୁଛନ୍ତି ।


ବିଧାୟିକା ସୁନନ୍ଦା ଦାସ ଇସ୍ତେମା ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

**କୋଠଡିହ ବୈଷ୍ଣବ ନାୟକ ବିଦ୍ୟାପୀଠରେ ଅଘଟଣ**

## ଛାତ୍ରୀଙ୍କୁ ଅସଦାଚରଣ ନେଇ ଉତ୍ତେଜନା

**ରସୁଲପୁର/ ଧର୍ମଶାଳା, ୧୨।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର କୋଠଡିହସ୍ଥିତ ବୈଷ୍ଣବ ନାୟକ ବିଦ୍ୟାପୀଠରେ ବୁଧବାର ଜଣେ ଅସ୍ଥାୟୀ ଶିକ୍ଷକ କେତେକ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଛୁଟି ହେବାପରେ ଏନେଇ ଛାତ୍ରୀମନେ ସେମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ । ଅଭିଭାବକଗଣ ବିଦ୍ୟାଳୟରେ ପହଁଚି ପ୍ରଧାନ ଶିକ୍ଷକ ସୁନନ୍ଦ ନାୟକଙ୍କୁ ଅଭିଯୋଗ କରିବେ ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଡକାଇ ଘଟଣା ବିଷୟରେ ପଚାରିବାକୁ କହିଥିଲେ। ହେଲେ ବିଦ୍ୟାଳୟ ଛୁଟି ହୋଇଯାଇଥିବାରୁ ସମ୍ପୃକ୍ତ ଶିକ୍ଷକ ଜଣକ ଘରକୁ ଚାଲିଯାଇଥିଲେ। ତେଣୁ ଗୁରୁବାର ଘଟଣା ବିଷୟରେ ଆଲୋଚନା କରିବାକୁ ଅଭିଭାବକଙ୍କୁ କୁହାଯାଇଥିଲା। ସେହି ମୁତାବକ ଗୁରୁବାର ମଧ୍ୟାହ୍ନରେ ଅଭିଭାବକମାନେ


ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଗ୍ରାମବାସୀଙ୍କ ଗହଳି।

ପୁଣି ବିଦ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଶିକ୍ଷକ ଆସି ବିଦ୍ୟାଳୟରେ ପହଞ୍ଚିଥିଲେ । ଶିକ୍ଷକଙ୍କୁ ଦେଖି ବିଦ୍ୟାଳୟ ପରିସରରେ ଏକ ପ୍ରକାର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଓ ଅଭିଭାବକ ଅଭିଯୁକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ଧର୍ମଶାଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ନିଜ ହେପାଜତକୁ ନେଇଥିଲେ। ପୋଲିସ ଉକ୍ତ ଶିକ୍ଷକଙ୍କୁ କୋତପୁର ଫାଣ୍ଡିରେ ଅଟକ ରଖାଯାଇ ପଚରା ଉଚୁରା ଜାରି ରହିଛି। ଖବରଲେଖା ହେବା ପର୍ଯ୍ୟନ୍ତ ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ଘଟଣାକୁ ଚପାଇ ଦିଆଯିବା ପାଇଁ ଏକ ପ୍ରକାର ଉଦ୍ୟମ କରାଯାଉଥିବା ଆଲୋଚନା ହେଉଛି। ତେବେ ଏନେଇ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ପଚାରିବାରୁ ସେ ଛାତ୍ରୀ ଅସଦାଚରଣ କଥାକୁ ଅସ୍ୱୀକାର କରିବା ସହ ଶିକ୍ଷକଙ୍କ ମଧ୍ୟରେ ଥିବା ଗୋଷ୍ଠୀ ବିବାଦ ଯୋଗୁଁ ଏଭଳି ହୋଇଛି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ ନାୟକଙ୍କୁ ପଚାରିବାରୁ ସେ ଅଭିଯୋଗକୁ ସ୍ୱୀକାର କରିବା ସହ ଛାତ୍ରୀମାନଙ୍କ ପାଠପଢାରେ ତ୍ରୁଟି ଥିବାରୁ ସମ୍ପୃକ୍ତ ଶିକ୍ଷକ ସେମାନଙ୍କୁ ମାଡ଼ ମାରିଥିଲେ ବୋଲି କହିଛନ୍ତି । ପ୍ରକାଶ ଯେ, ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ପୃକ୍ତ ଶିକ୍ଷକଙ୍କୁ ରଖାଯାଇଛି । ୨ବର୍ଷ ହେଲା ସେ ପାଠ ପଢାଇ ଆସୁଛନ୍ତି। ପ୍ରକାଶଥାଉକି ୬ମାସ ତଳେ ଜନୈକ ଦଳିତ ଛାତ୍ରୀଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରିଥିବା ନେଇ ଉକ୍ତ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିଥିଲା । ସେତେବେଳେ ପ୍ରଧାନ ଶିକ୍ଷକ ନାୟକ ସଂପୃକ୍ତ ଶିକ୍ଷକଙ୍କୁ ଏହିଭଳି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ତାଗିଦ୍ କରି ଛାଡି ଦେଇଥିଲେ।

## ସଂକ୍ଷେପରେ

### ଷ୍ଟେଶନର ଉନ୍ନତୀକରଣ ପାଇଁ ଦାବିପତ୍ର

**କଳିଙ୍ଗନଗର,୧୨।୧୨(ଡି.ଏନ.ଏ):** ଯାଜପୁର ରୋଡ ରେଳ ଷ୍ଟେଶନରେ ବହୁ ସମସ୍ୟା ଥିବାବେଳେ ବୁଧବାର ଖୋର୍ଦ୍ଧା ରେଲୱେ ଡିଭିଜନର ଦ୍ୱିତୀୟ ଡିଆରୟୁସିସି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ରୋଡର ସଦାସିବ ଦାସ, ଏମ୍‌ପି ପ୍ରତିନିଧି ପ୍ରୀତିରଞ୍ଜନ ସାହୁ ଯୋଗଦେଇ ଭୁବନେଶ୍ୱର ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସ ସପ୍ତାହକୁ ଦୁଇ ଦିନ ରହୁଥିବାବେଳେ ଏହା ସବୁଦିନ ରହିବା, ୨ ଓ ୩ ନମ୍ବର ପ୍ଲାଟଫର୍ମର ସେଡ ନିର୍ମାଣ, ଯାତ୍ରୀଙ୍କ ଜିନିଷର ଲକ୍ ରୁମ୍, ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସୁବିଧା, ବୁକ୍ ଷ୍ଟଲ ଖୋଲିବା, ଯାତ୍ରୀମାନଙ୍କ ସୂଚନା ନିମନ୍ତେ ସାଉଣ୍ଡ ସିଷ୍ଟମ ବ୍ୟବସ୍ଥା, ଗୋପବନ୍ଧୁ ଛକ ନିକଟରେ ଗଳି ପୋଲ ନିର୍ମାଣ, ବଜାର ମଧ୍ୟରୁ ମାଲ ପରିବହନ ସ୍ଥାନାନ୍ତର, ମାଲ ଗୋଦାମ ପାର୍ଶ୍ୱରେ ଟିକେଟ କାଉଣ୍ଟର, ଯାଜପୁର ରୋଡଷ୍ଟେଶନକୁ ଡିଭିଜନର ମାନ୍ୟତା, ୨ୟ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଆଦି ଦାବି କରାଯାଇଥିଲା। ଏନେଇ ଏକ ଦାବିପତ୍ର ଡିଭିଜୋନାଲ ରେଲୱେ ମ୍ୟାନେଜର (ଡିଆରଏମ୍)ଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ଉପରେ ତର୍ଜମା କରି ପୂରଣ କରିବାକୁ ଡିଆରଏମ ପ୍ରତିଶ୍ରୁତି ଦେଇଥିଲେ।

ନିୟମ ମାନୁନାହାନ୍ତି ବେସରକାରୀ ବିଦ୍ୟାଳୟ

# ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

**ଚଣ୍ଡିଖୋଲ,୧୨।୧୨(ଡି.ଏନ.ଏ)**

**ବଡ଼ଚଣା ବ୍ଲକ**
- ୭୦ରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ରହିଛି
- ୧୧ଟିକୁ ମିଳିଛି ଆପତ୍ତିବିହୀନ ପ୍ରମାଣପତ୍ର
- ଅନେକ ବିଦ୍ୟାଳୟରେ ନାହିଁ ଆବଶ୍ୟକ ଭିତ୍ତିଭୂମି

ବଡ଼ଚଣା ବ୍ଲକରେ ୭୦ରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ରହିଛି। ସେଥିରୁକ ଏପର୍ଯ୍ୟନ୍ତ ୩୯ଟି ବିଦ୍ୟାଳୟ ଆପତ୍ତିବିହୀନ ପ୍ରମାଣପତ୍ର ପାଇଁ ଆବେଦନ କରିଥିବାବେଳେ ସେଥିରୁ ମାତ୍ର ୧୧ଟିକୁ ପ୍ରମାଣପତ୍ର ମିଳିଛି। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି ରହିଥିବା ଜରୁରୀ। ଏହା ସହ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ରହିଥିବେ। ସେହିଭଳି ସେମାନଙ୍କ ଅର୍ନ୍ତନିବେଶ ଶିକ୍ଷା, ଲାଇବ୍ରେରୀ, ଶୌଚାଳୟ ଓ ପାନୀୟଜଳର ସୁବିଧା ଥିବା ଆବଶ୍ୟକ। ଏସବୁ ଆବଶ୍ୟକତା ପୂରଣ କରିପାରୁଥିଲେ ସେମାନଙ୍କୁ ଆପତ୍ତିବିହୀନ ପ୍ରମାଣପତ୍ର ମିଳିପାରିବ। ତେବେ ବହୁ ବିଦ୍ୟାଳୟ ଏହାକୁ ପୂରଣ କରି ପାରୁ ନ ଥିବାରୁ ସେମାନେ ଆବେଦନ ମଧ୍ୟ କରୁନାହାନ୍ତି। ଏହି ବ୍ଲକରେ ଥିବା ଛତିଆ, ଚଣ୍ଡିଖୋଲ, ଧାନମଣ୍ଡଳ, ବଡ଼ଚଣା, ବାଲିଚନ୍ଦ୍ରପୁର, ବାଲିକୁଦା ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଛତୁ ଫୁଟିଲା ଭଳି ବେସରକାରୀ ବିଦ୍ୟାଳୟ ଖୋଲାଯାଇଛି। ସେମାନେ ସରକାରୀ ନିୟମ ବ୍ୟତିରେକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ଆଖି ବୁଜି ଦେଇଛନ୍ତି। ବିନା ପ୍ରମାଣ ପତ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ ନାହିଁ। ଏହାବାଦ୍ ସେମାନେ ପିଲାଙ୍କ ଯାତାୟାତ ଓ ଖେଳକୁଦ ପାଇଁ ଦୃଷ୍ଟି ଦେଉ ନ ଥିବା ଦେଖାଯାଉଛି। ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ବେଶୀ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ସରକାରୀ ସ୍କୁଲର ଉପସ୍ଥାନ କମୁଥିବାବେଳେ ବେସରକାରୀ ବିଦ୍ୟାଳୟରେ ଉପସ୍ଥାନ ବଢୁଛି। ତେବେ ଏନେଇ ଶିକ୍ଷା ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ। କେତେଗୁଡ଼ିଏ ବେସରକାରୀ ବିଦ୍ୟାଳୟ ଏହି ବ୍ଲକ ଅଧୀନରେ ରହିଛି। ସେ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ସୂଚନା ନ ଥିବା ଜଣାପଡ଼ିଛି। କେତେକ ବିଦ୍ୟାଳୟରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବାବେଳେ ସମ୍ପୃକ୍ତ ବିଦ୍ୟାଳୟ ଅଦ୍ୟାବଧି ପ୍ରମାଣପତ୍ର ପାଇପାରି ନାହାନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇ ବିଦ୍ୟାଳୟ ଚାଲୁଥିବାବେଳେ ତାହା ସରକାରୀ ହିସାବରେ ନାହିଁ। ଏଥିପାଇଁ ଭବିଷ୍ୟତରେ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ଶିକ୍ଷାଧିକାରିଣୀ ସସ୍ମିତା ସାହୁଙ୍କୁ ପଚାରିବାରେ, ଏହି ବ୍ଲକ ଅଧୀନରେ କେତେ ବେସରକାରୀ ବିଦ୍ୟାଳୟ ଅଛି ତାହାର ଖବର ତାଙ୍କ ପାଖରେ ନାହିଁ। ତେବେ ବହୁ ବିଦ୍ୟାଳୟ ଏପର୍ଯ୍ୟନ୍ତ ସେମାନଙ୍କ ଟ୍ରେଣ୍ଡ ଟିଚର ଓ ଭିତ୍ତିଭୂମି ସଜାଡ଼ି ନ ଥିବାରୁ ସେମାନେ ଆବେଦନ କରିନାହାନ୍ତି। ପ୍ରମାଣ ପତ୍ର ନ ପାଇଲେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକ ନିଶ୍ଚିତ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବେ।

ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ

# ସିସି ଟିଭି ସ୍ଥାପନ ଦାବି

**ଯାଜପୁର ଟାଉନ,୧୨।୧୨(ଡିଏନଏ)**

ଜାତୀୟ ରାଜପଥରେ ଯାଉଥିବା ଦୂରାଗତ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସାମୟିକ ରହଣୀ ନିମନ୍ତେ ଯାଜପୁର ଜିଲାର ଷଠିପୁର ଏବଂ ଡୁବୁରୀଠାରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ପଥପ୍ରାନ୍ତ ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଠାରେ ପାର୍କିଂ ବ୍ୟବସ୍ଥା ସହିତ ଶୌଚାଳୟ ଏବଂ ପିଲାଙ୍କ ପାଇଁ ପାର୍କ ତିଆରି କରାଯାଇଛି। ଯାତ୍ରା କ୍ଲାନ୍ତି ମେଣ୍ଟାଇବା ପାଇଁ ଅଳ୍ପ ସମୟ ରହଣୀ ପାଇଁ ଏହି ଦୁଇ ସୁବିଧା କେନ୍ଦ୍ର ପ୍ରତି ଯାତ୍ରୀ ଓ ପର୍ଯ୍ୟଟକ ମାନେ ଆଗ୍ରହ ରଖୁଥିବାବେଳେ ଷଠିପୁରସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ବହୁ ସମୟରେ ଅସାମାଜିକ ଲୋକେ ଆଡ୍ଡା ଜମାଉଛନ୍ତି। ଫଳରେ ଏଠାକୁ ପର୍ଯ୍ୟଟକ ଓ ଦୂରଯାତ୍ରା କରୁଥିବା ଯାତ୍ରୀମାନେ ପରିବାର ସହ ଆସିବା ପାଇଁ ଉଚିତ ମନେ କରୁନାହାନ୍ତି। ଏହି ସୁବିଧା କେନ୍ଦ୍ରଟି ୨୦୧୮ ମାର୍ଚ୍ଚରେ ଉଦଘାଟିତ ହୋଇଥିଲା। ଏହାର ପରିଚାଳନା ଦାୟିତ୍ୱ ପିଏସ୍‌ଆଇପିଏଲ ନାମକ ସଂସ୍ଥା ନେଇଛି। ଏଠାରେ ମାତ୍ର ୪ଜଣ ସୁରକ୍ଷାକର୍ମୀ ଓ ଜଣେ ମ୍ୟାନେଜର ନିଯୁକ୍ତି ପାଇଥିବାବେଳେ ୩ ସିଫ୍ଟରେ ଏତେ କମ୍ ସଂଖ୍ୟକ ସୁରକ୍ଷା କର୍ମୀ ପର୍ଯ୍ୟାପ୍ତ ହେଉ ନ ଥିବା କୁହାଯାଉଛି। ଗତ ୬/୭ମାସ ତଳେ କେତେଜଣ ଅସାମାଜିକ ଯୁବକ ଏଠାରେ ଆସି ଗଣ୍ଡଗୋଳ କରିଥିବାବେଳେ ଡ୍ୟୁଟିରେ ଥିବା ଜଣେ ମାତ୍ର ସୁରକ୍ଷାକର୍ମୀ ଏମାନଙ୍କୁ ମୁକାବିଲା କରିବାକୁ ସମର୍ଥ ହୋଇ ନ ଥିଲେ। ଯଦିଓ ସେତେବେଳେ ପରିଚାଳନା ସଂସ୍ଥା ପକ୍ଷରୁ ନିକଟସ୍ଥ ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ଘଟଣାରେ ଦୋଷୀଙ୍କୁ ଗିରଫ କରାଯିବା ପରିବର୍ତ୍ତେ ଛାଡି ଦିଆଯାଇଥିଲା ବୋଲି ଜଣାଯାଏ। ଏବେ ଯଦିଓ ମଦ୍ୟପ ମାନେ ଆଉ ଗଣ୍ଡଗୋଳ କରୁନାହାଁନ୍ତି କିନ୍ତୁ ପର୍ଯ୍ୟଟକ ଓ ବହିରାଗତଙ୍କ ଉଦ୍ଦେଶ୍ୟରେ ନିର୍ମିତ ଉକ୍ତ ସୁବିଧା କେନ୍ଦ୍ର ସ୍ଥାନୀୟ ଅଞ୍ଚଳର କିଛି ଲୋକ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନ୍ୟପକ୍ଷରେ ଏହି ସୁବିଧା କେନ୍ଦ୍ରକୁ କେଉଁମାନେ ଆସୁଛନ୍ତି ଓ କ'ଣ କରୁଛନ୍ତି ସେଥିପାଇଁ ସିସି ଟିଭି ସ୍ଥାପନର ଆବଶ୍ୟକତା ରହିଛି। କିନ୍ତୁ ପ୍ରତିଷ୍ଠା ହେବାର ପାଖାପାଖି ୨ବର୍ଷ ପୂରିବାକୁ ବସିଥିଲେ ମଧ୍ୟ ଏଠାରେ ଏହି ସର୍ବନିମ୍ନ ଦାୟିତ୍ୱକୁ ସମ୍ପାଦନ କରାଯାଇ ନାହିଁ। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ ପ୍ରସଙ୍ଗ

# କ୍ଷତିଗ୍ରସ୍ତ ଚାଷୀଙ୍କ ସହ ପ୍ରଶାସନର ଆଲୋଚନା

**ଡୁବୁରୀ,୧୨।୧୨(ଡିଏନଏ)**

ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ ନିର୍ମାଣ ଯୋଗୁ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଥିବା ଦାନଗଦୀ ତହସିଲ ଅନ୍ତର୍ଗତ ବାଘୁଆପାଳ, ବାଲିଆପାଳ, ରଣାଗୁଣ୍ଡି ଓ ଶାଳିଜଙ୍ଗା ମୌଜାର ଚାଷୀଙ୍କ ସହ ସ୍ଥାନୀୟ ପ୍ରଶାସନ ଆଲୋଚନା କରିଛନ୍ତି। ବାଲିଆପାଳସ୍ଥିତ ମା' ଲକ୍ଷ୍ମୀ କମ୍ୟୁନିଟି ସେଣ୍ଟରରେ ଗୁରୁବାର ଏ ସମ୍ପର୍କରେ ଏକ ବୈଠକ କରାଯାଇ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ରେଳପ୍ରକଳ୍ପ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବା ସହ ଅଞ୍ଚଳରେ ଦେଖାଦେଇଥିବା ପାନୀୟଜଳ ଓ ଅନ୍ୟାନ୍ୟ ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଦାନଗଦୀ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ପ୍ରଶାସନ, ଜନପ୍ରତିନିଧି ଓ କ୍ଷତିଗ୍ରସ୍ତ ଚାଷୀ ଉପସ୍ଥିତ ଥିଲେ। ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଗତ ଅକ୍ଟୋବର ୧୫ରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦେଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

ରେଳପ୍ରକଳ୍ପ ନିର୍ମାଣ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇ ଉପରୋକ୍ତ ୪ଟି ମୌଜାର ପ୍ରାୟ ୨ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଗତ ୩ବର୍ଷ ହେଲା ମରୁଡି କବଳିତ। ଏଥିଯୋଗୁ ୩ବର୍ଷ ହେଲା ହୋଇଥିବା କ୍ଷତିର ଭରଣା ପାଇଁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ହେଲେ ପ୍ରଶାସନକୁ ନେଇ ବାରମ୍ବାର ଅବଗତ କରାଯାଇଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ପିଇବା ପାଣି ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ଏହାଛଡା ଅଞ୍ଚଳରେ ଥିବା କୂଅ ପୋଖରୀ, ନାଳ ଓ ବିଭିନ୍ନ ଜଳାଶୟଗୁଡିକ ଶୁଷ୍କ ହୋଇଯାଇଥିବାରୁ ଲୋକେ ଗାଧୁଆ ଓ ଅନ୍ୟାନ୍ୟ କାମରେ ପାଣି ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଆହୁରି ମଧ୍ୟ ରେଳ ଲାଇନ ଯୋଗୁ ଗୋଟିଏ ପଟରୁ ଅନ୍ୟ ପଟକୁ ଯାଇ ଜଳ ସଂଗ୍ରହ କରିବାରେ ନାନା ସମସ୍ୟା ଲାଗି ରହୁଛି। ଏହି ସବୁ ଦାବି ନେଇ ଗତ ଅକ୍ଟୋବର ୧୫ରେ ସମ୍ପୃକ୍ତ ଅଞ୍ଚଳର ଶତାଧିକ ଚାଷୀଙ୍କୁ ନେଇ ଏକ ବୈଠକ ବାଲିଆପାଳରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଏହାର ନିରାକରଣ ନିମନ୍ତେ ଚାଷୀମାନେ ପ୍ରଶାସନକୁ ଦାବି ଜଣାଇଥିଲେ। ଏହି ସବୁ ଦାବି ଉପରେ ଗୁରୁବାର ବୈଠକରେ ଆଲୋଚନା କରାଯାଇ ପିଇବା ପାଣି ସମସ୍ୟା ଖୁବଶୀଘ୍ର ସମାଧାନ କରାଯିବା ସହ ଅନ୍ୟାନ୍ୟ ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବୈଠକରେ ଦାନଗଦୀ ତହସିଲଦାର ବୁଲବୁଲ ବେହେରା, ଦାନଗଦୀ ଅତିରିକ୍ତ ବିଡିଓ, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ହେମନ୍ତ ନାୟକ, ରେଲୱେ କନିଷ୍ଠ ଯନ୍ତ୍ରୀ ସୁନୀଲ ସାହୁ, ଶାଳିଜଙ୍ଗା ସରପଞ୍ଚ ଚକ୍ରଧର ତାମସଏ, ଜୟନ୍ତ ରାଉତ ଉପସ୍ଥିତ ଥିବାବେଳେ ଡାବର ଜାମୁଦା, ରାମଚନ୍ଦ୍ର ଜାମୁଦା, ବଳରାମ ମହାନ୍ତ, ଉପେନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସମେତ ବହୁ ମହିଳା ଚାଷୀ ପ୍ରତିନିଧି ଯୋଗ ଦେଇଥିଲେ।


କ୍ଷତିଗ୍ରସ୍ତ ଚାଷୀଙ୍କ ସହ ପ୍ରଶାସନର ଆଲୋଚନା।

# ଧାରଣାରେ ବସିଲେ ଛାତ୍ରୀଛାତ୍ର, ଅଭିଭାବକ

**ସିଂହପୁର,୧୨।୧୨(ଡିଏନଏ)**



ସ୍କୁଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

**୮ ଶିକ୍ଷକ ପଦବୀ ପୂରଣ ଦାବି**

ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ଅଙ୍ଗାଲୋ ଉଚ୍ଚ ବିଦ୍ୟାଳୟରେ ୮ ଶିକ୍ଷକ ପଦବୀ ଶୀଘ୍ର ପୂରଣ କରିବାକୁ ଦାବି ଜୋର ଧରିଛି। ଏ ନେଇ ସ୍କୁଲ ଗେଟ ସମ୍ମୁଖରେ ଛାତ୍ର ଓ ଅଭିଭାବକମାନେ ଗୁରୁବାର ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ବି ସେ ପୁଣି ଜଣେ ଶିକ୍ଷକଙ୍କୁ ବଦଳି କରିଥିବା ଅଭିଯୋଗରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି କହିଛନ୍ତି। ୧୯୫୭ ମସିହାରୁ ସ୍ଥାପିତ ଏହି ବିଦ୍ୟାଳୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରଧାନଶିକ୍ଷକ ପଦ ପୂରଣ କରାଯାଉ ନ ଥିବାବେଳେ ଜଣକ ପରେ ଜଣେ ଶିକ୍ଷକଙ୍କୁ ସେଠାରୁ ବଦଳି କରାଯାଉଛି। ଏହି ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ, ଷଷ୍ଠ,ସପ୍ତମ ଶ୍ରେଣୀ ଶିକ୍ଷକ ପଦ କିରାଣି, ଚପରାଶି ପଦ ବହୁ ଦିନରୁ ଖାଲି ପଡିଛି। ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ପାଠପଢାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଣାଇଥିଲେ ମଧ୍ୟ ସେ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଜିଲା ଶିକ୍ଷାଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ବିରୋଧରେ ଗୁରୁବାର ଧାରଣା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ତୁରନ୍ତ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ କହିଛନ୍ତି। ଏହି ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ମଧ୍ୟ ଏକଜୁଟ ହେବାରେ ଲାଗିଛନ୍ତି। ଆଖପାଖ ଗାଁର ଲୋକେ ଏଥିପ୍ରତି ସମର୍ଥନ ଜଣାଇ ତୁରନ୍ତ ଖାଲିଥିବା ଶିକ୍ଷକ ପଦ ପୂରଣ ପାଇଁ ଦାବି କରିଛନ୍ତି। ୨ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବୁଦ୍ଧିଜୀବୀମାନେ ସିଧା ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ଦାବି ଜଣାଇବେ ବୋଲି ସ୍ଥିର କରାଯାଇଥିବା ଚିନ୍ତାମଣି ସାମଲ, ସ୍କୁଲ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ସାମଲ, ବସନ୍ତ ରାଉତ, ପ୍ରବୋଧ ସାମଲ, ପୂର୍ଣ୍ଣଚନ୍ଦ୍ର ମଲିକ, ପ୍ରମିଳା ବେହେରା, ମମତାରାଣୀ ରାଉତ, ରବି ନାରାୟଣ ପଣ୍ଡ ପ୍ରମୁଖ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ ଧଳ ଆନ୍ଦୋଳନକାରୀଙ୍କୁ ବୁଝାଇ ବିଫଳ ହୋଇଛନ୍ତି। ଅଙ୍ଗାଲୋ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ପଦ ତଥା ଜିଲାର ଅଧିକାଂଶ ବିଦ୍ୟାଳୟରେ ଖାଲି ପଡିଥିବା ପ୍ରଧାନ ଶିକ୍ଷକ ପଦ ପୂରଣ କରିବାକୁ ସାମାଜିକ କର୍ମୀ ହରେକୃଷ୍ଣ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ହାଣ୍ଡିଆ ବିକ୍ରି ଚାଳିଆକୁ ଭାଙ୍ଗିଲା ପୋଲିସ

**ଚଣ୍ଡିଖୋଲ,୧୨।୧୨(ଡି.ଏନ.ଏ)**

ଚଣ୍ଡିଖୋଲ ଛକ ନିକଟରେ ଦୀର୍ଘଦିନ ଧରି ହାଣ୍ଡିଆ ବିକ୍ରି କରୁଥିବା ଆଦିବାସୀଙ୍କ ଚାଳିଆକୁ ବଡ଼ଚଣା ପୋଲିସ ଭାଙ୍ଗି ଦେଇଛି। ଚଣ୍ଡିଖୋଲ କୋର୍ଟ ନିକଟ ଓ ପୁରୁଣା ବସ୍‌ଷ୍ଟାଣ୍ଡ ସମେତ ଜାତୀୟ ରାଜପଥ କଡ଼ରେ ଚାଳିଆ ଘର କରି ହାଣ୍ଡିଆ ବିକ୍ରି କରୁଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ଗୁରୁବାର ଚଣ୍ଡିଖୋଲ ଛକ ଆଖପାଖରେ ହାଣ୍ଡିଆ ବିକ୍ରି ହେଉଥିବା ଚାଳିଆ ଘରଗୁଡ଼ିକୁ ପୋଲିସ ଭାଙ୍ଗି ଦେଇଛି।

ମଙ୍ଗଳପୁର ଚାଷୀ କୃଷି ବୀମାରୁ ବଞ୍ଚିତ ପ୍ରସଙ୍ଗ

# ଜିଲା ମାଜିଷ୍ଟ୍ରେଟଙ୍କ କୋର୍ଟରେ ପକ୍ଷ ରଖିଲେ ଚାଷୀ, ଅଧିକାରୀ

**ଯାଜପୁର ଟାଉନ,୧୨।୧୨(ଡିଏନଏ)**

ଯାଜପୁର ଜିଲାର ଦଶରଥପୁର ବ୍ଲକ ମଙ୍ଗଳପୁର କୃଷି ସମବାୟ ସମିତି ଅଧୀନରେ ଥିବା ୧୦୩ ଜଣ ଚାଷୀଙ୍କୁ କୃଷି ବୀମାରୁ ବଞ୍ଚିତ କରାଯାଇଛି। ଏମାନେ ପାଖାପାଖି ୨୭ଲକ୍ଷ ଟଙ୍କା ବୀମା ବାବଦ ଅର୍ଥ ପାଇବାକୁ ଥିବାବେଳେ ଉଦ୍ଦେଶ୍ୟମୂଳକଭାବେ ତତ୍କାଳୀନ ସମ୍ପାଦକ ରଜତ ରାୟ ଏହି ସୁବିଧାରୁ ବଞ୍ଚିତ କରାଇଛନ୍ତି ବୋଲି ନଭେମ୍ବରରେ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ ଥାଲକୁଡି ଓ କସପା ଗ୍ରାମର ସଦାଶିବ ମଲ୍ଲିକ, ଅଜୟ ମଲ୍ଲିକ, ରମେଶ ପୃଷ୍ଟି ପ୍ରମୁଖଙ୍କ ସମେତ ୧୦୩ଜଣ ଚାଷୀ ଅଭିଯୋଗରେ ଜଣାଇଥିଲେ ଯେ, ତିତିଲି ବାତ୍ୟାଜନିତ ଫସଲ ହାନୀ ଯୋଗୁ ଚାଷୀଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଓ ସହାୟତା ରାଶି ସମ୍ପୃକ୍ତ ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକଙ୍କ ତାଲିକା ପ୍ରସ୍ତୁତିରେ ତ୍ରୁଟି ଯୋଗୁ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ପ୍ରଦାନ କରାଯାଇଥିବା ୪୬ପ୍ରତିଶତ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଥିବାବେଳେ ଏବେ ୧୬.୦୫ ପ୍ରତିଶତ ସହାୟତା ରାଶି ପାଇବାରେ ମଧ୍ୟ ଏହି ଚାଷୀଙ୍କ ନାମ ନାହିଁ। ଏମାନେ ମଙ୍ଗଳପୁର ପ୍ୟାକ୍ସ ଅନ୍ତର୍ଗତ ହୋଇଥିଲେ ମଧ୍ୟ ଏମାନଙ୍କୁ ସୁସୁଆ, କନିକାପଡା ଓ ମଙ୍ଗଳପୁର ବାସିନ୍ଦାଭାବେ ଦର୍ଶାଯାଇ ବୀମା କମ୍ପାନୀକୁ ତାଲିକା ଦିଆଯାଇଛି। ଚାଷୀମାନେ ବୀମା ସମେତ ଅନ୍ୟ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ। ଅଭିଯୋଗକୁ ହାଇକୋର୍ଟ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ଜିଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଏହାର ଶୁଣାଣି ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ କୋର୍ଟରେ ଶୁଣାଣି ହୋଇଛି। ଏଥିରେ ଆବେଦନକାରୀ ଚାଷୀଙ୍କ ପକ୍ଷରୁ ଥାଲକୁଡି ଓ କସପାର ଉପରୋକ୍ତ ୩ଜଣ ଚାଷୀ ଉପସ୍ଥିତ ଥିବାବେଳେ ସମ୍ପୃକ୍ତ ବୀମା କମ୍ପାନୀ, ତତ୍କାଳୀନ ପ୍ୟାକ୍ସ ସମ୍ପାଦକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ଏବଂ ଯାଜପୁର ଓ ଦଶରଥପୁରର ସମ୍ପାଦକମାନେ ମଧ୍ୟ ଉପସ୍ଥିତ ହୋଇ ନିଜର ପକ୍ଷ ରଖିଥିଲେ।


ବୀମା ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଚାଷୀ।

ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଦୁର୍ନୀତି

# ଧସିଲା ଗୋପପୁର ଛକ-ଅଡ଼ମ୍ବରୁ ରାସ୍ତା

**ଚଣ୍ଡିଖୋଲ ୧୨।୧୨(ଡି.ଏନ୍.ଏ)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡିଭିଜନ ଅଧୀନରେ ରହିଥିବା ରାସ୍ତାଗୁଡ଼ିକର କାର୍ଯ୍ୟ ଏତେ ନିମ୍ନମାନର ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା ବି ଭୁଷୁଡ଼ି ପଡୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟସ୍ଥ ଗୋପପୁର- ଅଡ଼ମ୍ବରୁ ରାସ୍ତାରେ। ୨୦୧୩-୧୪ ଆର୍ଥିକ ବର୍ଷରେ ଗୋପପୁରଠାରୁ ଅଡ଼ମ୍ବରୁ ପର୍ଯ୍ୟନ୍ତ ଦୀର୍ଘ ୨କି.ମି. ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କେବଳ ରାସ୍ତା ପାଇଁ ୯୬ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଏହି ରାସ୍ତାରେ ରହିଥିବା ୨ଟି ସେତୁକୁ ଭିନ୍ନ ଟେଣ୍ଡର କରାଯାଇଥିଲା। ଏହି ରାସ୍ତାର ମଧ୍ୟଭାଗରେ ସଫେଇ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ୧କୋଟି ୩୭ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ଗେଙ୍ଗୁଟି ନଦୀ ଉପରେ ହୋଇଥିବା ସେତୁ ପାଇଁ ୨କୋଟି ୪୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଗୋଟିଏ ରାସ୍ତାକୁ ଭାଗ ଭାଗ କରି ୪ଟି ଟେଣ୍ଡର କରାଯାଇ ଏଥିରେ ବ୍ୟାପକ ହରିଲୁଟ ହୋଇଥିବାନେଇ ସେତେବେଳେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏପରି କି ଦୁଇଟି ସେତୁର ଟେଣ୍ଡର ଭିନ୍ନ ଭିନ୍ନ କରାଯାଇଥିବାବେଳେ ଏହାର ଆପ୍ରୋଚ ରୋଡ୍ ପାଇଁ ଅଲଗା ଟେଣ୍ଡର କରାଯାଇଥିଲା। ପାଖାପାଖି ୨କି.ମି. ରାସ୍ତା ମଧ୍ୟରେ ୨ଟି ସେତୁ ନିର୍ମାଣ ହୋଇଥିଲେ ମଧ୍ୟ ମାତ୍ର ୩ ବର୍ଷ ପରେ ରାସ୍ତାର ବିଭିନ୍ନ ସ୍ଥାନରୁ କଂକ୍ରିଟ ଉଠିଯାଇଥିଲାବେଳେ ପିଚୁ ରାସ୍ତାଟି ଭୁଷୁଡ଼ି ପଡ଼ିଲାଣି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହେଉଥିବା ରାସ୍ତାର ମରାମତି ପାଇଁ ୫ବର୍ଷ ଅବଧି ରହିଥିବାବେଳେ ମାତ୍ର ୩ବର୍ଷରେ ରାସ୍ତା ଭୁଷୁଡ଼ିବା ଘଟଣା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁର୍ନୀତିକୁ ପଦାରେ ପକାଇଛି। ଏପରିକି ସଫେଇ ନାଳୀ ଉପରେ ହୋଇଥିବା ସେତୁର ଆପ୍ରୋଚ ରୋଡ୍ ଏଭଳି ନିମ୍ନମାନର କରାଯାଇଛି ଯଦ୍ୱାରା ଏହି ରାସ୍ତାରେ ଯାତାୟତ ଏକ ପ୍ରକାର କଷ୍ଟକର ହୋଇପଡ଼ିଛି। ସଫେଇ ନାଳୀର ଉପର ଭାଗରେ ଦୁଇମିଟର ଲମ୍ବର କଂକ୍ରିଟ ଗାର୍ଡ଼ୱାଲ ବା ସୁରକ୍ଷା କାନ୍ଥ ଓ ନିମ୍ନ ଭାଗରେ ୩ ମିଟର ଲମ୍ବର ସୁରକ୍ଷା କାନ୍ଥ ନିର୍ମାଣ କରିବାର ନିୟମ ଥିବାବେଳେ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାର ଏହାକୁ ନିର୍ମାଣ କରି ନାହାନ୍ତି। ଏପରି କି ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ସେତୁ ସୁରକ୍ଷା କାନ୍ଥ ନ ଥିବାରୁ କେତେବେଳେ ଭୁଷୁଡ଼ି ନ ପଡ଼ିବ ତାହା କହିହେବ ନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋପପୁରଠାରୁ ଅଡ଼ମ୍ବରୁ ପର୍ଯ୍ୟନ୍ତ ୨କି.ମି. ବିଶିଷ୍ଟ ନିର୍ମାଣ ହୋଇଥିବା ରାସ୍ତା ମଧ୍ୟରେ ୧କି.ମି. ୨ଶହ ମିଟର କଂକ୍ରିଟ ରାସ୍ତା ହେବାର ନିୟମ ଥିବାବେଳେ ୮ଶହ ମିଟର ପିଚୁ ରାସ୍ତା ହେବ ବୋଲି ବିଭାଗ ତରଫରୁ କୁହାଯାଇଥିଲା। ତେବେ ଏହି ରାସ୍ତାରେ ମାତ୍ର ୮ଶହ ମିଟର କଂକ୍ରିଟ ଢଳେଇ କରାଯାଇଥିବାବେଳେ ଅନ୍ୟ ସବୁ ଅଂଶକୁ ପିଚୁ କରାଯାଇଥିଲା। ରାସ୍ତା କାର୍ଯ୍ୟ ଶେଷ ହେବାର ୩ବର୍ଷ ହୋଇଯାଇଥିବାବେଳେ ଏହାର ମରାମତି ପାଇଁ ରହିଥିବା ଅର୍ଥକୁ ବିଭାଗ ତରଫରୁ ଉଠାଯାଇ ଚଳୁ କରାଯାଇଛି। ସେସମୟରେ ଏହି ରାସ୍ତା ପାଇଁ ନିଯୁକ୍ତ କନିଷ୍ଠ ଯନ୍ତ୍ରୀ ପଦୋନ୍ନତି ପାଇଁ ଏବେ ଚଣ୍ଡିଖୋଲ ସବଡିଭିଜନର ସହକାରୀ ଯନ୍ତ୍ରୀ ଭାବେ କାମ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ ସେ କୁହନ୍ତି ରାସ୍ତା ନିର୍ମାଣ ସମୟରେ ଜମି ଛାଡ଼ିବା ନେଇ ସେଠି ବିବାଦ ଦେଖାଯାଇଥିଲା। ତେବେ ସେଠାରେ ବହୁ କଷ୍ଟରେ ରାସ୍ତା ନିର୍ମାଣ ହୋଇଛି। ସମ୍ପୃକ୍ତ ରାସ୍ତାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀ ପରିଦର୍ଶନ କରିଛନ୍ତି। ଖୁବ ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେବ।


ଗୋପପୁର ଛକରୁ ଅଡ଼ମ୍ବରୁ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଜାତୀୟ ସଂହତି ଶିବିର

**ଖୋର୍ଦ୍ଧା ଅଫିସ,୧୨।୧୨:** ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଙ୍ଗଠନ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବରୁଣେଇ ପୀଠ ନିକଟବର୍ତ୍ତୀ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଏବଂ ଗାଇଡ୍ସ ଉକ୍ତ ଶିବିରରେ ଯୋଗ ଦେଇଛନ୍ତି। ପୂର୍ବାହ୍ନ ୯ରେ ଶିବିରାର୍ଥୀମାନଙ୍କର ନାମ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇ ସମସ୍ତଙ୍କୁ ଶିବିରରେ ଥଇଥାନ କରାଯାଇଥିଲା। ଶୁକ୍ରବାର ଆୟୋଜିତ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହ ପାଇଁ ପ୍ରସ୍ତୁତି କାର୍ଯ୍ୟରେ ସମସ୍ତ ସ୍କାଉଟ୍ସ ଓ ଗାଇଡ୍ସ ନିୟୋଜିତ ହୋଇଥିଲେ। ସାଜସଜ୍ଜା, ଗେଟ୍ ନିର୍ମାଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ତାଲିମ କେନ୍ଦ୍ର ପରିସର ବେଶ୍ କୋଳାହଳ ପୂର୍ଣ୍ଣ ଥିଲା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

### ଟ୍ରେନ୍‌ରେ କଟି ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

**ଜଟଣୀ,୧୨।୧୨(ଡି.ଏନ.ଏ.):** ଖୋର୍ଦ୍ଧାରୋଡ ରେଳଷ୍ଟେଶନରେ ଟ୍ରେନ୍‌ରେ କଟି ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ହେମଚନ୍ଦ୍ର ବେହେରା (୪୯)। ସେ ଇଣ୍ଡିଆନ୍ ବ୍ୟାଙ୍କ ଜଟଣୀ ଶାଖାର ମ୍ୟାନେଜର ଥିଲେ। ଗଞ୍ଜାମ ଜିଲା ଗୋଳନ୍ଥରା ଥାନାର କେ. ସୁମାଣି ଗ୍ରାମରେ ତାଙ୍କ ଘର। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏହି ଦୁଃଖଦ ଘଟଣା ଘଟିଥିଲା। ଟ୍ରେନ୍‌ରୁ ଖସିପଡି ଏପରି ଘଟିଛି। ତେବେ କେଉଁ ଟ୍ରେନ୍‌ରୁ ଖସି ଏଭଳି ଘଟିଲା ସ୍ପଷ୍ଟ ହୋଇ ନ ଥିଲେ ମଧ ଦୁରନ୍ତ ଟ୍ରେନ୍‌ରେ ଏହା ଘଟିଥିବା ଖୋର୍ଦ୍ଧାରୋଡ ରେଲୱେ ପୋଲିସ ସନ୍ଦେହ କରୁଛି। ଏ ନେଇ ଖୋର୍ଦ୍ଧାରୋଡ ଜିଆରପି ଥାନାରେ (୯୮/୧୯) ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

### ଟ୍ରେନ ଧକ୍କାରେ ମହିଳା ମୃତ

**ବ୍ରହ୍ମପୁର ଅଫିସ,୧୨।୧୨** ସରକାରୀ ରେଲୱେ ପୋଲିସ (ଜିଆରପି) ଅଧୀନ ରାମନଗର ରେଳଷ୍ଟେଶନ ନିକଟରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଛି। ମୃତାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୫୦ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୬୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ୭୨ ଘଣ୍ଟା ପାଇଁ ମୃତଦେହ ଏମ୍‌କେସିଜି ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ମହିଳା ଜଣକ ଭିକ୍ଷୁକ ହୋଇଥିବା ବେଳେ ସେ ରେଳ ଧାରଣା ପାର ହେଉଥିବା ବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିବା ପୋଲିସ କହିଛି।

### ୫୨ ବସ୍ତିବାସିନ୍ଦାଙ୍କୁ ଘରପଟ୍ଟା ପ୍ରଦାନ

**ଜି.ଉଦୟଗିରି,୧୨।୧୨(ଡି.ଏନ.ଏ.):** ଜି.ଉଦୟଗିରି ଏନ୍‌ଏସିର ବସ୍ତିବାସିନ୍ଦା ବର୍ଷବର୍ଷ ଧରି ସରକାରୀ ଜାଗାରେ ଘର କରି ରହିଥିବା ୫୨ ଜଣଙ୍କୁ ଜାଗା ମିଶନରେ ଘରପଟ୍ଟା ପ୍ରଦାନ କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପଟ୍ଟା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସିଇଓ ସରିତା ରଥ, ସ୍ୱର୍ଣ୍ଣପ୍ରଭା ଦାଶ, ଏନ୍‌ଏସି ସଂଯୋଜକ କମ୍ବୁପାଣି ପାଣିଗ୍ରାହୀ ଉପସ୍ଥିତ ଥିଲେ।

■ ସ୍ୱଚ୍ଛତା ଅଭିଯାନର ପ୍ରଭାବ

# ଖାଦ୍ୟ ନ ପାଇ ଘରେ ପଶୁଛନ୍ତି ମାଙ୍କଡ଼

**ପୁରୀ ଅଫିସ,୧୨।୧୨**

ସ୍ୱଚ୍ଛ ହେବ ସହର। ସୁସ୍ଥ ରହିବ ପରିବେଶ। ଏମିତି ଲକ୍ଷ୍ୟ ନେଇ ପର୍ଯ୍ୟଟନ ସହର ପୁରୀରେ ଆରମ୍ଭ ହୋଇଛି ସ୍ୱଚ୍ଛ ପରିମଳ ଅଭିଯାନ। ସହରର ଗଳିକନ୍ଦିଠୁ ଆରମ୍ଭ କରି ପ୍ରମୁଖ ରାସ୍ତାରେ ଯେମିତି ଆବର୍ଜନା ନ ପଡ଼େ ସେଥିଲାଗି ପଦକ୍ଷେପ ନେଇଛି ପୁରୀ ପୌର ସଂସ୍ଥା। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ସ୍ୱଚ୍ଛତା ଅଭିଯାନର ପ୍ରଭାବ ସହରର ମାଙ୍କଡ଼ ଓ ବୁଲା କୁକୁରଙ୍କ ଉପରେ ପଡ଼ିଛି। ଏମାନେ ଆଉ ଖାଇବାକୁ ପାଉନାହାନ୍ତି। ଫଳରେ ମାଙ୍କଡ଼ ଘର ଭିତରେ ପଶିବା ଆରମ୍ଭ କଲେଣି। ଖାଦ୍ୟ ଅନ୍ୱେଷଣ ଲାଗି ମାଙ୍କଡ଼ ଓ କୁକୁର ଏବେ ସହର ଛାଡ଼ି ଉପକଣ୍ଠମୁହାଁ ହୋଇଥିବା କୁହାଯାଉଛି। ସ୍ୱଚ୍ଛତା ଅଭିଯାନକୁ ସମର୍ଥନ କରୁଥିଲେ ମଧ ମାଙ୍କଡ଼, କୁକୁର ଓ ବିଭିନ୍ନ ପକ୍ଷୀଙ୍କ ଖାଇବା ବ୍ୟବସ୍ଥା କରାଯିବା ଦରକାର ବୋଲି ମତ ଦେଇଛନ୍ତି ପଶୁପକ୍ଷୀପ୍ରେମୀ।

ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଇଛି। ପୂର୍ବରୁ ରାସ୍ତାଘାଟଠୁ ବେଳାଭୂମି ପର୍ଯ୍ୟନ୍ତ ସବୁଠି ଆବର୍ଜନା ପଡୁଥିଲା। ଏଥିଯୋଗୁ

**ଉପକଣ୍ଠମୁହାଁ ହେଲେଣି କୁକୁର**

ପରିମଳ ପ୍ରଦୂଷିତ ହେବା ସହ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ତିକ୍ତ ଅନୁଭୂତି ସାଉଣ୍ଟୁଥିଲେ। ସେହିପରି ନାଳ ନର୍ଦ୍ଦମା ଜାମ୍ ହୋଇ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସୁଥିଲା। ଏ ସବୁକୁ ଦୃଷ୍ଟିରେ ରଖି ଆବର୍ଜନା ସୁପରିଚାଳନା ପାଇଁ ନିଷ୍ପତ୍ତି ନେଇଛି ପୌରସଂସ୍ଥା। ଏଣିକି ପୌରାଞ୍ଚଳରେ କେହି ବି ବାହାରେ ଅଳିଆ ପକାଇବେ ନାହିଁ। ଏଥିଲାଗି ସହରରେ ୩୦ଟି ସ୍ୱଚ୍ଛ ସବାରୀ ଗାଡ଼ି ବୁଲୁଛି। ସକାଳୁ ପ୍ରତ୍ୟେକ ସାହିଗଳିକୁ ଯାଇ ଆବର୍ଜନା ସଂଗ୍ରହ କରୁଛି। ଏଥିପାଇଁ ସ୍ୱଚ୍ଛ ସାଥୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ସେହିପରି ହୋଟେଲ, କଲ୍ୟାଣ ମଣ୍ଡପ, ବ୍ୟବସାୟ ପ୍ରତିଷ୍ଠାନରୁ ମଧ ଆବର୍ଜନା ସଂଗ୍ରହ କରାଯାଉଛି। କୌଣସି ସ୍ଥାନରେ ଭୋଜି ହେଲେ ଆୟୋଜକମାନେ ଯେପରି ବାହାରେ ବଳକା ଖାଦ୍ୟ କିମ୍ବା



ମେଘନାଦ ପାଚେରି ଉପରେ ମାଙ୍କଡ଼।

ଅଳିଆ ନ ପକାଇବେ ସେଥିଲାଗି ଜରିମାନା ବ୍ୟବସ୍ଥା ରହିଛି। ଏଥିଯୋଗୁ ଆଉ ପ୍ରାୟ କେହି ବାହାରେ ଅଳିଆ ପକାଉ ନାହାନ୍ତି। ସେହିପରି ପୂର୍ବରୁ ଘର ଆଗରେ କିମ୍ବା ଡଷ୍ଟବିନରେ ଲୋକେ ଆବର୍ଜନା ପକାଉଥିଲେ। ରାତିରେ ହେଉ କିମ୍ବା ଭୋରୁ ଦଳ ଦଳ ହୋଇ ମାଙ୍କଡ଼, କୁକୁର ଏବଂ ବିଭିନ୍ନ ପଶୁପକ୍ଷୀ ସେଥିରୁ ଖାଦ୍ୟ ସଂଗ୍ରହ କରୁଥିଲେ। ପୁରୀ ସହରରେ ହଜାର ହଜାର ମାଙ୍କଡ଼ ରହିଛନ୍ତି, ଯେଉଁମାନେ ବାହାରେ ପଡୁଥିବା ଆବର୍ଜନାରୁ ହିଁ ଖାଦ୍ୟ ପାଇଥାନ୍ତି। ପ୍ରାୟ ୨ମାସ ହେବ ଏମାନଙ୍କୁ ଆଉ ଖାଦ୍ୟ ମିଳୁନାହିଁ। ଫଳରେ ମାଙ୍କଡ଼, କୁକୁର ଭୋକରେ ଆଉଟୁ ପାଉଟୁ ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ଖାଦ୍ୟ ଆଶାରେ ମାଙ୍କଡ଼ ଘରେ ପଶିବା ଆରମ୍ଭ କରିଦେଲେଣି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନର ସମ୍ପାଦକ ଗୋବିନ୍ଦ ପ୍ରସାଦ ମହାନ୍ତି କହିଛନ୍ତି, ମାଙ୍କଡ଼ ଓ ବିଭିନ୍ନ ପକ୍ଷୀ ଫଳମୂଳ ଖାଇ ରହୁଥିଲେ। ବାତ୍ୟାରେ ଜିଲାରେ ବହୁ ଗଛ ଭାଙ୍ଗିଗଲା। ଏବେ ଆବର୍ଜନା ବାହାରେ ପକାଯିବା ବନ୍ଦ ହେଲା। ପରିବେଶକୁ ସ୍ୱଚ୍ଛ ରଖିବା ଠିକ୍ ଅଛି, କିନ୍ତୁ ମାଙ୍କଡ଼, କୁକୁର, ବିଭିନ୍ନ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ବଢ଼ିଲା। ଏମାନେ ଖାଦ୍ୟ ନ ପାଇ ଏବେ ସହର ଉପକଣ୍ଠମୁହାଁ ହେଉଛନ୍ତି। ତେଣୁ ପ୍ରଶାସନ ଏମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଦରକାର। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ ଏ ଦିଗରେ ଉଦ୍ୟମ କରିବା ଜରୁରୀ ହୋଇପଡ଼ିଛି। ସରୋଜ କୁମାର ବେହେରା କହିଛନ୍ତି, ସହରର ରାସ୍ତାଘାଟ ସ୍ୱଚ୍ଛ ରହିବା ଦିଗରେ ପ୍ରଶାସନର ଏହା ଉଚିତ ପଦକ୍ଷେପ। କିନ୍ତୁ ଆମକୁ ପଶୁ, ପକ୍ଷୀଙ୍କ କଥା ବି ଚିନ୍ତା କରିବାକୁ ପଡ଼ିବ। ଯଦି ପ୍ରତ୍ୟେକ ବ୍ୟକ୍ତି ଛାତ ଉପରେ କୌଣସି ପାତ୍ରରେ ଖାଦ୍ୟପଦାର୍ଥ ରଖନ୍ତେ ତେବେ ମାଙ୍କଡ଼ ଓ ବିଭିନ୍ନ ପକ୍ଷୀ ଏହାକୁ ଖାଇପାରନ୍ତେ। କିଛିଦିନ ନିର୍ଦ୍ଦିଷ୍ଟ ସ୍ଥାନରୁ ଖାଦ୍ୟ ପାଇଲେ ସେମାନେ ନିୟମିତ ଆସିବେ। ଧୀରେ ଧୀରେ ଏମାନଙ୍କ ସଂଖ୍ୟା ବି ବଢ଼ିବ। ବାତ୍ୟାରେ ଅନେକ ମାଙ୍କଡ଼ ଏବଂ ବିଭିନ୍ନ ପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଆଉ ଯେଉଁମାନେ ଅଛନ୍ତି ଖାଦ୍ୟ ବିନା ଅନ୍ୟ ଆଡ଼େ ପଳାଇବେ ନଚେତ୍ ଏମାନଙ୍କ ମୃତ୍ୟୁ ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏ ଦିଗରେ ସଚେତନ ହେବା ଉଚିତ।

### ଲାଞ୍ଚ ନେଇ ନଗର ଆର୍‌ଆଇ ଗିରଫ

**ପୁରୀ ଅଫିସ, ୧୨।୧୨**

ଅସ୍ତରଙ୍ଗ ତହସିଲ ଅଧୀନ ନଗର ସର୍କଲ-୧ର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ସୁବାସ ରଞ୍ଜନ ମହାପାତ୍ର ଗୁରୁବାର ୪ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ନଗର ଗ୍ରାମର ଅଶୋକ ବେହେରା ଏକ ଫାଇଲ ପ୍ରୋସେସିଂ ଲାଗି ରାଜସ୍ୱ ନୀରିକ୍ଷକ ସୁବାସଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କ ନିକଟକୁ ବାରମ୍ବାର ଦୌଡ଼ିବା ପରେ ସେ ଏଥିଲାଗି ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ଦେଲେ କାମ ଶୀଘ୍ର ହୋଇଯିବ ବୋଲି କହିଥିଲେ। ଏ ନେଇ ଅଶୋକ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି କ୍ରମେ ଗୁରୁବାର ପୂର୍ବାହ୍ନରେ ରାଜସ୍ୱ କାର୍ଯ୍ୟାଳୟରେ ଅଶୋକଙ୍କଠାରୁ ରାଜସ୍ୱ ନୀରିକ୍ଷକ ସୁବାସ ୪ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ପହଞ୍ଚି ତାଙ୍କୁ କାବୁ କରିଥିଲେ। ତାଙ୍କ କାର୍ଯ୍ୟାଳୟରୁ କେତେକ କାଗଜପତ୍ର ଜବତ କରାଯାଇଥିବା ଜଣାପଡ଼ିଛି।

## କାଠଖୁଣ୍ଟରେ ଲଟକିଛି ବିଦ୍ୟୁତ୍ ତାର, ବିପଦ ଆଶଙ୍କା

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଦ୍ୟୁତ୍ ବିଭାଗ(ସେସୁ) କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ବିପଦସଙ୍କୁଳ ଅବସ୍ଥାରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରଗୁଡିକ ବର୍ଷ ବର୍ଷ ଧରି ତଳକୁ ଝୁଲିରହିଛି। ଫଳରେ ପ୍ରତି ମୁହୂର୍ତ୍ତରେ ବିପଦ ଆଶଙ୍କା ରହିଥିଲେ ହେଁ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଖଣ୍ଡପଡା ସହରର ଡାକ୍ତରଖାନା ଛକଠାରୁ ରଥଗଡା ଛକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅସଜଡ଼ା ଅବସ୍ଥାରେ ବିଦ୍ୟୁତ୍ ତାର ତଳକୁ ଝୁଲି ରହିଛି। ଖଣ୍ଡପଡା ସହର ବଡ଼େଇ



କାଠ ଖୁଣ୍ଟରେ ବିଦ୍ୟୁତ୍ ତାର ଉଠାଇ ରଖାଯାଇଛି।

ସାହିର ଜନୈକ ବ୍ୟକ୍ତିଙ୍କ ବାସଗୃହ ପାର୍ଶ୍ୱ ଦେଇ ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ତଳକୁ ଝୁଲି ଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ସେସୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବାରୁ ପରିଶେଷରେ ଗୃହକର୍ତ୍ତା ଜଣଙ୍କ ବାଧ୍ୟହୋଇ ୨ଟି କାଠ ଟଣକା ସହାୟତାରେ ବିଦ୍ୟୁତ୍ ତାରକୁ ଟେକି ରଖିଥିବା ନଜରକୁ ଆସୁଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏହା ସମସ୍ତଙ୍କ ପାଇଁ ବିପଦର କାରଣ ପାଲଟିଛି। ବିଦ୍ୟୁତ୍ ସେବାରେ ସୁଧାର ଆଣିବା ଦିଗରେ ସେସୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ସେସୁ କନିଷ୍ଠଯନ୍ତ୍ରୀ ବିନୋଦ କୁମାର ମହାରଣାଙ୍କୁ ଯୋଗାଯୋଗ କରିବାରେ ସେ ଏ ଦିଗରେ ଦୃଷ୍ଟି ଦେବେ ବୋଲି ସୂଚନା ଦେଇଛନ୍ତି।

■ ବ୍ୟାରିକେଡ ନିର୍ମାଣରେ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର

## ନୀରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ

**ପୁରୀ ଅଫିସ,୧୨।୧୨**

ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶ ଲାଗି ଚାଲିଛି କାର୍ଯ୍ୟ। ସିଂହଦ୍ୱାର ନିକଟରେ ଥିବା ଅସ୍ଥାୟୀ ଶେଡକୁ ଉଠାଯାଇ ବଡଦାଣ୍ଡରେ ଚାଲିଛି ବ୍ୟାରିକେଡ ନିର୍ମାଣ। ଲୁହା ପାଇପରେ ଏହି ଶେଡ୍ ଓ ବ୍ୟାରିକେଡ ତିଆରି କରାଯିବ। ଏଥିଲାଗି ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଛି। ତେବେ ଲୁହା ସାମଗ୍ରୀ ଝଳେଇ ଲାଗି ସମ୍ପୃକ୍ତ ସଂସ୍ଥା ସାଧାରଣ ବିନା ଫାୟାର ସେଫ୍ଟିରେ ଖାଉଟିଙ୍କ ଲାଗି ଉଦ୍ଦିଷ୍ଟ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରକୁ ବ୍ୟବହାର କରୁଛି। ପ୍ରଶାସନିକ ଅଧିକାରୀମାନେ ଏହା ଦେଖୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ବସିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗର ଦାୟିତ୍ୱହୀନତା ଯୋଗୁ ପୁରୀ ସହରରେ ବ୍ଲାକରେ ଘରୋଇ ରନ୍ଧନ ଗ୍ଯାସ ସିଲିଣ୍ଡର ବିକ୍ରି ହେଉଛି। ଏ ନେଇ ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କୁ ପଚାରିବାରେ କହିଛନ୍ତି, ବଡଦାଣ୍ଡରେ ବ୍ୟାରିକେଡ ନିର୍ମାଣରେ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର ନଜରକୁ ଆସିନାହିଁ। ଏଭଳି ଅଭିଯୋଗର ତଦନ୍ତ ହେବ। ସେହିପରି ଦୋକାନ, ହୋଟେଲ ଆଦିରେ ନିୟମିତ ବ୍ୟବଧାନରେ ଚଢାଉ କରାଯାଉଛି। ଏ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏଡ୍‌ସ ପରାମର୍ଶଦାତା ପୁରସ୍କୃତ



ପୁରସ୍କାର ଗ୍ରହଣ କରୁଛନ୍ତି ଦେବାଶିଷ।

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର)**

ଉତ୍କୃଷ୍ଟ ସେବା କାର୍ଯ୍ୟ ପାଇଁ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଏଡ୍‌ସ ପରାମର୍ଶଦାତା ତଥା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ମାଧବ ଚୌଧୁରୀ ପାଟଣା ଗ୍ରାମର ଦେବାଶିଷ ମିଶ୍ର ବିଶ୍ୱ ଏଡ୍‌ସ ଦିବସ ୨୦୧୯ ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମିଶ୍ରଙ୍କ ପୁତ୍ର। କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ରାଜଶ୍ରୀ ପଟ୍ଟନାୟକ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ବିଶ୍ୱ ଏଡ୍‌ସ ଦିବସ ପାଳନ ଉତ୍ସବରେ ସମ୍ବର୍ଦ୍ଧିତ କରିଥିଲେ ।

ସୂଚନାଯୋଗ୍ୟ ଯେ, ୨୦୦୨ ନଭେମ୍ବରଠାରୁ ଦୀର୍ଘ ୧୭ ବର୍ଷର କାର୍ଯ୍ୟକାଳ ମଧ୍ୟରେ ମିଶ୍ର ୪୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏଡ୍‌ସ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପରାମର୍ଶ ପ୍ରଦାନ କରିଛନ୍ତି । ଏଡ୍‌ସ ରୋଗାକ୍ରାନ୍ତଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ସେ ଉଚ୍ଚପ୍ରଶଂସିତ ହୋଇଛନ୍ତି। ସେ ୨୦୧୭ରେ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପ୍ରକଳ୍ପ ନିର୍ଦ୍ଦେଶକଙ୍କଠାରୁ ପ୍ରଶଂସାପତ୍ର ପ୍ରାପ୍ତ ହୋଇଥିବା ବେଳେ ୨୦୧୮ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଶ୍ରେଷ୍ଠ ସେବା ପ୍ରଦାନକାରୀ ଭାବେ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

### ସଫେଇ କର୍ମଚାରୀଙ୍କୁ ହଇରାଣ ଅଭିଯୋଗ

**ପୁରୀ ଅଫିସ,୧୨।୧୨**

ପୁରୀ ପୌରସଂସ୍ଥାର ସଫେଇ କର୍ମଚାରୀ ମୋହନ ନାୟକଙ୍କୁ ହଇରାଣ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ମୋହନ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସେ ଜଟିଆ ବାବା ଛକଠାରୁ ନରେନ୍ଦ୍ର ଛକ ପର୍ଯ୍ୟନ୍ତ ସଫେଇ କରୁଛନ୍ତି। ଏହି ଅଞ୍ଚଳରେ ଅଧିକ ଘର ଥିବାରୁ ସେ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ ଆଣି ସଫା କରାଉଛନ୍ତି। କିନ୍ତୁ ତାଙ୍କୁ ଜଣେ ଜମାଦାର ବାରମ୍ବାର ହଇରାଣ କରୁଛନ୍ତି। ପ୍ରତି ମାସରେ ୭ହଜାର ଟଙ୍କା ଦେବାକୁ କହୁଛନ୍ତି। ସେ ଏଥିରେ ରାଜି ନ ହେବାରୁ ତାଙ୍କର ୫ଦିନ ଅନୁପସ୍ଥିତ ପକାଯାଇ ଦରମା କାଟି ଦିଆଯାଇଛି। ତେଣୁ ଏହାର ତଦନ୍ତ କରି ନ୍ୟାୟ ଦେବାକୁ ମୋହନ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ଏଭଳି ଏକ ଅଭିଯୋଗ ଆସିବା ପରେ ଏହାର ତଦନ୍ତ ଚାଲୁଛି।

## ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

ମାର୍ଗଶିର ମାସର ଶେଷ ଗୁରୁବାର ଅବସରରେ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ସାର୍ବଜନୀନ ଭାବେ ଆରମ୍ଭ ହୋଇଛି। ଖଣ୍ଡପଡା ସହରର ସାମନ୍ତ ଛକରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୨୦୧୯ ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡା, ଖଳିସାହି ପଞ୍ଚାୟତର କୋଟପୋଖରୀ, ଖଳିସାହି ଲକ୍ଷ୍ମୀବଜାର, ମର୍ଦ୍ଦରାଜପୁର, କଣ୍ଟିଲୋ ସେବକସାହି ସମେତ ନିକଟସ୍ଥ ବେଣାଗାଡିଆ ଓ ବରକୋଳି ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିରେ ପାଳନ ହେଉଛି । ଏହି ଅବସରରେ ପୂଜା ମଣ୍ଡପଗୁଡିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଭାଗବତ ପଠନ ଉପଭୋଗ କରିବା ପାଇଁ ଜନସମାଗମ ହୋଇଥିଲା। ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜାପାଉଛନ୍ତି ।

ମାଣବସା ଗୁରୁବାର ଶେଷ ତିଥିରେ ପ୍ରତ୍ୟେକଙ୍କ ଘରେ ମା'ଙ୍କୁ ପୂଜା କରାଯାଇଛି । ଓଡ଼ିଆ କୁଳ ଯୁବକ ସଂଘ ପକ୍ଷରୁ ବାଇଗୁଣିଆଁ ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି । କଣ୍ଟିଲୋ ସେବକସାହି ପୂଜା ମଣ୍ଡପରେ ସନ୍ଧ୍ୟାରେ ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶେଷକରି ବେଣାଗାଡିଆ ଓ ଶିଖରପୁର ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାରଠାରୁ ୪ଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହେବ । ବେଣାଗାଡିଆଠାରେ ୪ଦିନ ବ୍ୟାପୀ ବାଦିପାଲା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି।



ଖଣ୍ଡପଡ଼ାରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

■ ନୀତି ସବ୍ କମିଟି ବୈଠକ ଆଜି

## ଚୂଡ଼ାନ୍ତ ହେବ ପହିଲି ଭୋଗ ନୀତି

**ପୁରୀ ଅଫିସ, ୧୨।୧୨**

ଆସନ୍ତା ୧୬ତାରିଖ ଧନୁ ସଂକ୍ରାନ୍ତି। ଏହି ପବିତ୍ର ତିଥିରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଆରମ୍ଭ ହେବ ପହିଲି ଭୋଗ। ଏହା ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ପହିଲି ଭୋଗ ନୀତି ନିର୍ଘଣ୍ଟ ନେଇ ଶୁକ୍ରବାର ଅପରାହ୍ନରେ ବସିବ ଶ୍ରୀମନ୍ଦିର ନୀତି ସବ୍ କମିଟି ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ପହିଲି ଭୋଗ ନୀତି ଉପରେ ଆଲୋଚନା ହୋଇ ଏହା ଚୂଡ଼ାନ୍ତ କରାଯିବ। ଏଥିସହ ମକର ସଂକ୍ରାନ୍ତି, ନୂଆବର୍ଷର ନୀତି ସଂକ୍ରାନ୍ତରେ ମଧ ଆଲୋଚନା ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତା ୨୬ ତାରିଖରେ ସୂର୍ଯ୍ୟପରାଗ। ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି କରାଯିବ। ଏଥିପାଇଁ ପୂର୍ବରୁ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୀତି ସବ୍‌କମିଟି ବୈଠକରେ ମଧ ଏହା ଉପରେ ଆଲୋଚନା ହୋଇ ନୀତି ଚୂଡ଼ାନ୍ତ କରାଯିବ। ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଏଥିରେ ମୁଖ୍ୟତଃ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ରାୟ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଗତମାସ ୪ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ୨୨ଟି ନିର୍ଦ୍ଦେଶନାମା ଦେଇଛନ୍ତି। ଏଥିମଧ୍ୟରେ ପୂର୍ଣ୍ଣକାଳୀନ ପ୍ରଶାସନ ନିଯୁକ୍ତି, ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ସୁବିଧା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ହିସାବ ଓ ରକ୍ଷଣାବେକ୍ଷଣ, ସେବାୟତ ଓ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ଆଦି ରହିଛି।

■ ପାଲା ଗାୟକ ମଣ୍ଡଳର ୪୫ତମ ବାର୍ଷିକ ସମ୍ମିଳନୀ

## କଳାକାର ସହାୟତା ରାଶି ପ୍ରଦାନ ନେଇ ଆଲୋଚନା

**ନୟାଗଡ଼ ଅଫିସ,୧୨।୧୨**

ନୟାଗଡ଼ ଜିଲା ମା' ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳର ୪୫ତମ ବାର୍ଷିକ ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଓଡ଼ଗାଁ ବ୍ଲକ ଗଡଡ଼ପୁଟ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ଅନେକ ପାଲା କଳାକାର ଯୋଗଦେଇଥିଲେ। ଗାୟକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ଶରତ କୁମାର ନାୟକ ମୁଖ୍ୟବକ୍ତା ଓ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଦାଶ, ଅବିଭକ୍ତ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ମନୋଜ କୁମାର ମିଶ୍ର, ଗ୍ରାମ ସଭାପତି ଭ୍ରମରବର ବରାଡ଼, ସମ୍ପାଦକ ସୁରଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଅକ୍ରୁର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ପାଲା ଗାୟକମାନଙ୍କର ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋପାତ କରିଥଲେ । ରାଜ୍ୟ ସରକାର କଳାକାର ସହାୟତା ରାଶି ମାସିକ ୧୨ଶହ ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ନୟାଗଡ଼ ଜିଲାର ଅନେକ ଯୋଗ୍ୟ କଳାକାର ଏଥିରୁ ବାଦ୍ ପଡ଼ିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ତରଫରୁ ଜିଲାପାଳଙ୍କ ଦୃଷ୍ଟିଗୋଚର କରିବାକୁ ଅଲୋଚନା ହୋଇଥିଲା। ଏହି ଅବସରରେ ପାଲା ପରିବେଷଣ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କଳାକାର ଫକୀର ମୋହନ ଚମ୍ପତି, ରାଜ କିଶୋର ପ୍ରଧାନ, ମଦନ ମୋହନ ସ୍ୱାଇଁ, ପଞ୍ଚାନନ ମହାପାତ୍ର, ଗୋପାଳ ଚନ୍ଦ୍ର ସିଂ, ତ୍ରିନାଥ ପଣ୍ଡାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ତ୍ରିନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗାୟକ ରାଜ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ ।
- ଭଗବଦ୍ ଗୀତା



## ସଂକ୍ଷେପରେ

### ଡମ୍ଫର ପଛରେ ପିଟି ହେଲା ବାଇକ: ଆରୋହୀ ଗୁରୁତର

ନୂଆଗାଁ,୧୨।୧୨(ଡି.ଏନ.ଏ.)-ନୟାଗଡ ଜିଲା ନୂଆଗାଁ ବ୍ଲକ ନିକଟ ବଡଧୋଡାଠାରେ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ଡମ୍ଫର ପଛରେ ବାଇକ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବାଇକ ଚାଳକ ଆହତ ହୋଇଥିବାବେଳେ ପଛରେ ବସିଥବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ରପୁର ଗ୍ରାମର ମହେଶ୍ୱର ବାଡିଆ। ପ୍ରକାଶ ଯେ, ମହେଶ୍ୱର ଓ ଗଉଡ ଥୁଆବାରୀ ଗ୍ରାମର ଅଖିଳ ପରିଡା ଗୋଟିଏ ହିରୋହୋଣ୍ଡା ପ୍ୟାସନ ବାଇକ (ନଂ.ଓଡି୨୫ ଏ ୯୪୩୦) ଯୋଗେ ବୁଧବାର ରାତି ୧୨ଟାରେ ନିଜ ଗ୍ରାମକୁ ଫେରୁଥିଲେ। ବଡଧୋଡା ନିକଟ ଜାତୀୟ ରାଜପଥରେ ଖରାପ ହୋଇ ଛିଡା ହୋଇ ରହିଥିବା ମାଲ ବୋଝେଇ ଡମ୍ଫର (ନଂ.ଓଆର୨୫ ବି ୧୯୦୮) ପଛରେ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା । ଫଳରେ ବାଇକ ଆରୋହୀ ଦୁଇଜଣ ଧକ୍କା ହୋଇ ଦୂରକୁ ଛିଟିକି ପଡିଥିଲେ । ବାଇକ ଚାଳକ ହେଲମେଟ ପିନ୍ଧି ଥିବା ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ପଛରେ ବସିଥିବା ବ୍ୟକ୍ତି ଗୁରୁତର ହୋଇଛନ୍ତି । ନୂଆଗାଁ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ଗାଡି ଯୋଗେ ଉଭୟଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବାବେଳେ ମହେଶ୍ୱରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଘଟଣା ସ୍ଥଳରୁ ଡମ୍ଫର ଓ ବାଇକକୁ ଜବତ କରିଥିବା ନୂଆଗାଁ ଆଇଆଇସି ମନୋରମା ମଲିକ କହିଛନ୍ତି।



### ରୋଷେଇ ଘରକୁ ଫେରିଲା ପିଆଜ

ପୁରୀ ଅଫିସ,୧୨।୧୨-ପ୍ରାୟ ଅଢେଇ ମାସ ଧରି କନ୍ଦାଇବା ପରେ ଏବେ ଖୁସି ଆଣିଛି ପିଆଜ। ଅର୍ଥାତ୍ ଦର କମିଛି ଓ ଗ୍ରାହକ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ଦୀର୍ଘଦିନ ଧରି ରୋଷେଇ ଘରୁ ଏକପ୍ରକାର ଉଭାନ ହୋଇଯାଇଥିବା ପିଆଜ ପୁଣି ତା' ସ୍ଥାନକୁ ମଜବୁତ୍ କରିବାକୁ ଯାଉଛି। ଗୁରୁବାର ପୁରୀର ବିଭିନ୍ନ ପରିବାର ମାର୍କେଟରେ ପିଆଜ ବ୍ୟବସାୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଗତ ଦୁଇମାସରୁ ଉର୍ଦ୍ଧ୍ୱ ହେବ ପିଆଜରୁ ମୁହଁ ଫେରାଇ ନେଇଥିବା ଗ୍ରାହକ ଏବେ କିଣିବାକୁ ସମର୍ଥ ହେଉଛନ୍ତି। ଗୁରୁବାର ବଡ଼ଶଙ୍ଖ ମାର୍କେଟରେ ବଡ ପିଆଜି କେଜି ୮୦ ଟଙ୍କା ଓ ଛୋଟ ପିଆଜ ୬୦ ଟଙ୍କାରେ ବିକ୍ରି ହୋଇଥିଲା। ପୂର୍ବରୁ ପିଆଜ ନେଉ ନ ଥିବା ଗ୍ରାହକ କିଏ ୨୫୦ ଗ୍ରାମ୍ ତ ଆଉ କେହି ୫୦୦ ଗ୍ରାମ୍ ନେଉଥିଲେ। ସ୍ୱଳ୍ପ ଆମଦାନୀ ଯୋଗୁ ସେପ୍ଟେମ୍ବର ୨୦ ବେଳକୁ ପିଆଜ କେଜି ୫୦ ଟଙ୍କା ଛୁଇଁଥିଲା। ଏହାପରେ ନିୟମିତ ବ୍ୟବଧାନରେ ଦର ବୃଦ୍ଧି ଘଟିଥିଲା। ଏମିତି କି ୧୬୦ ଟଙ୍କା ପର୍ଯ୍ୟନ୍ତ ଏହା ଛୁଇଁଥିଲା। ଏହି ଦର ବୃଦ୍ଧି କେବଳ ଗରିବ ଲୋକଙ୍କୁ ନୁହେଁ ବଡ଼ବଡ଼ିଆଙ୍କୁ ବି ବାଧିଥିଲା। ରୋଷେଇ ଘରୁ ଏହା ଉଭାନ ହୋଇଯିବା ପରେ ଦର ବୃଦ୍ଧିକୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ହେଲେ ଏବେ ଦର ଖସିଛି। ଏହାକୁ ନେଇ ଗ୍ରାହକ ଖୁସି ହୋଇଛନ୍ତି। ଗ୍ରାହକ ପ୍ରସନ୍ନ ମହାପାତ୍ର କହିଛନ୍ତି, ପୂର୍ବରୁ ୧୫୦ ଟଙ୍କା ଉପରେ ପିଆଜ ରହୁଥିଲା। ଗୁରୁବାର ଦର ଖସିବାରୁ କେଜିଏ ପିଆଜ ନେଇଛି। ଆମଦାନୀ ସ୍ୱାଭାବିକ ହେଉଥିବାରୁ ଆଗକୁ ଆହୁରି କମିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସର ୩ ବର୍ଷ ପୂରିଲା

# ଆରମ୍ଭ ହୋଇପାରିନି ଡାହୁକା ସେତୁ କାର୍ଯ୍ୟ



ସେତୁ ପାଇଁ କେବଳ ପିଲର ନିର୍ମାଣ ହୋଇଛି

ନୟାଗଡ଼ ଅଫିସ,୧୨।୧୨

୧୩ ଡିସେମ୍ବର ୨୦୧୬। ଏହି ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଟିଏସ୍ ପଡ଼ିଆଠାରେ ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ଡାହୁକା ସେତୁର ଶିଳାନ୍ୟାସ କରିଥିଲେ। ଗୁରୁବାର ଶିଳାନ୍ୟାସକୁ ୩ବର୍ଷ ପୂରିଛି। ହେଲେ ୩ ପିଲରରେ ସୀମିତ ରହିଛି ସେତୁ କାର୍ଯ୍ୟ। ଫଳରେ ସେତୁ ନିର୍ମାଣ ଶେଷହେବା ନେଇ ଲୋକେ ଆଶା ଆଶଙ୍କାରେ ରହିଛନ୍ତି।

ପ୍ରକାଶ ଯେ, ଉକ୍ତ ରାସ୍ତାରେ ଦୀର୍ଘବର୍ଷ ହେଲା ଏକ ଛୋଟ ସେତୁ ଥିବାବେଳେ ଯାନବାହନ ଯାତାୟାତ ବେଳେ ଅସୁବିଧା ଦେଖାଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ଏକ ନୂତନ ସେତୁ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ଏଥିପାଇଁ ୮ କୋଟି ୬୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ଡିସେମ୍ବର ୨୦୧୬ରେ ସେତୁ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହାର କିଛିମାସ ପରେ ସେଠାରେ ସେତୁକାର୍ଯ୍ୟ ଆରମ୍ଭ ହୋଇଥିଲା। ଲୋକେ ଭାବିଥିଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବାରୁ ଶୀଘ୍ର କାମ ସରିବ ଓ ଯାତାୟାତରେ ସୁବିଧା ହେବ। ହେଲେ ସେଭଳି କିଛି ଦେଖିବାକୁ ମିଳି ନାହିଁ। ଜମି ଅଧିଗ୍ରହଣ ଯୋଗୁ ସେତୁ କାର୍ଯ୍ୟ ଆଗେଇପାରୁ ନ ଥିବା ବିଭାଗ ସୂଚନା ଦେଇଛି। ବର୍ତ୍ତମାନ ସେତୁ ନିର୍ମାଣ ଲାଗି ୩ଟି ପିଲର ଉଠିଥିବା ବେଳେ ଅଧିକ ପିଲାର ଓ ଅନ୍ୟ କାର୍ଯ୍ୟ ହେବାକୁ ଥିବା ବେଳେ ସେଥିପାଇଁ ଜାଗା ନାହିଁ। ପାଖରେ ଥିବା ଘରୋଇ ଜମିକୁ କିଣାଯାଇ ସେତୁ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଜମି ଅଧିଗ୍ରହଣ ଯୋଗୁ ସେତୁ କାର୍ଯ୍ୟ ହୋଇପାରୁ ନ ଥିଲା। ଏବେ ସମସ୍ତ କାମ ସରି ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପରେ ଘରୋଇ ଜାଗା କିଣାଯାଇ ସେତୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

### ୩ ପିଲରରେ ସୀମିତ ରହିଛି କାର୍ଯ୍ୟ

## ନିମାଣୀରେ ୨୭ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ



ଭାପୁର,୧୨।୧୨(ଡି.ଏନ୍.ଏ.)-ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ନିମାଣୀ ଗ୍ରାମରେ ୨୭ବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ସକାଳ ୮ଟାରେ ଏହି ପୂଜା ଆରମ୍ଭ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ରୁକ୍ମିଣୀ ରେବତୀକଳୀ ନାଟକ ମଞ୍ଚସ୍ଥ ହୋଇଛି। ସେହିପରି ଶୁକ୍ରବାର ବାଳୀ ବଧ, ଶନିବାର ଗୋପରେ ବଢୁଛି କଳା କହ୍ନେଇ ଓ ରବିବାର ଅକୁହା କାହାଣୀ ଶୁଣିବ କିଏ ନାଟକ ମଞ୍ଚସ୍ଥ ହେବ। ସୋମବାର ଭସାଣି ଉତ୍ସବ ହେବ। ବାଇଗୁଣିଆରେ ଓଡ଼ିଆକୁଳ ଯୁବକସଂଘ ଦ୍ୱାରା ୭ଦିନ ଧରି ମହୋତ୍ସବ ଚାଲୁରହିବ। ବିଭିନ୍ନ ଦିବସରେ ରାମ ହନୁମାନ ଯୁଦ୍ଧ, ଲକ୍ଷ୍ମଣ ଶକ୍ତିଭେଦ ଓ ଲବକୁଶ ଜନ୍ମ ପୌରାଣିକ ନାଟକ ମଞ୍ଚସ୍ଥ ହେବ। ଭାପୁର ଗ୍ରାମର ପାଟଣା ସାହିରେ ମା'ଙ୍କ ପୂଜାନୀତି ଧୁମ୍‌ଧାମରେ ପାଳନ କରାଯାଉଛି।

## ପଠାଣି ସାମନ୍ତ ଉପାୟନ ପ୍ରଦାନ ଉତ୍ସବ

# ନୟାଗଡ଼ ଗୌରବ ସମ୍ମାନ ପାଇବେ ରଣପୁର ବିଧାୟକ

ନୟାଗଡ଼ ଅଫିସ,୧୨।୧୨

ରଣପୁର ବିଧାୟକ ତଥା ନୟାଗଡ଼ ଜିଲା ଯୋଜନା କମିଟି ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନଙ୍କୁ ଚଳିତବର୍ଷ ନୟାଗଡ଼ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ଜିଲାର ସାମଗ୍ରୀକ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଜ୍ୟୋତିର୍ବିଜ୍ଞାନୀ ପଠାଣିସାମନ୍ତଙ୍କ ୧୮୫ତମ ଜନ୍ମଜୟନ୍ତୀ ସମାରୋହ ପାଳନ ଅବସରରେ ନୟାଗଡ଼ ଖେଳପଡ଼ିଆଠାରେ ଆସନ୍ତା ୨୪ ତାରିଖ ଜିଲା ମହୋତ୍ସବ ମଞ୍ଚରେ ବିଧାୟକ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ପଟ୍ଟନାୟକ। ସେହିଭଳି ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ, ଶିକ୍ଷାବିତ୍ ତଥା ବିଜ୍ଞାନ ସ୍ରଷ୍ଟା ଓଡ଼ିଶା ବିଜ୍ଞାନ ଏକାଡ଼େମୀର ସଭାପତି ଡା. ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କୁ ପଠାଣି ସାମନ୍ତ ପ୍ରତିଭା ସମ୍ମାନ, ଯଶସ୍ୱୀ ସାରସ୍ୱତ ସାଧକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କୁ ପଠାଣି ସାମନ୍ତ ସାହିତ୍ୟ ସମ୍ମାନ, ସାହିତ୍ୟିକ ତଥା ଅଧ୍ୟାପକ ରବି ଶତପଥୀଙ୍କୁ ଦାସିଆ ଅଜା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।



ବିଧାୟକ ସତ୍ୟନାରାୟଣ ପ୍ରଧାନ।

## ରାତିରେ ଏଟିଏମ୍ ସେବା ବନ୍ଦ ନେଇ ଅସନ୍ତୋଷ

ଖଣ୍ଡପଡା,୧୨।୧୨(ସ୍ୱ.ପ୍ର.)

ଖଣ୍ଡପଡା ରଥଗଡ଼ା ଛକସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିସରରେ ଥିବା ଏଟିଏମ୍ ରାତିରେ ବନ୍ଦ କରି ଦିଆଯାଉଛି । ଏଥିପାଇଁ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷେ କଣ୍ଟିଲୋସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ବିଭିନ୍ନ ସମୟରେ ଟଙ୍କା ଲୁଟ୍ ପାଇଁ ଦୁର୍ବୃତ୍ତମାନେ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ପାରିବାରୁ ଏଟିଏମ୍‌କୁ ଭଙ୍ଗାରୁଜା କରିଦେଇଥିଲେ। ସେହିପରି ଖଣ୍ଡପଡ଼ାରେ ଗତ ୭ ମାସ ତଳେ ଦୁର୍ବୃତ୍ତମାନେ ଏଟିଏମର ଷ୍ଟ୍ରଙ୍ଗରୁମ୍ ଭାଙ୍ଗି ୭ ବ୍ୟାଟେରି ଚୋରିକରି ନେଇଥିଲେ। ଏଟିଏମ୍ କାଉଣ୍ଟରରୁ ବ୍ୟାଟେରି ଚୋରି ପରଠାରୁ ଷ୍ଟେଟ୍ ବ୍ୟାଙ୍କ ଖଣ୍ଡପଡା ଶାଖା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସଞ୍ଜ ନଇଁଲେ ଏଟିଏମ୍‌ର ଶଟର ପକାଇ ଦିଆଯାଉଛି। ଟଙ୍କା ଉଠାଣ ଓ ସିଡିଏମ୍ ମେଶିନ ସହାୟତାରେ ଟଙ୍କା ଜମା କରିବା ନିମନ୍ତେ ଗ୍ରାହକମାନେ ବିଶେଷଭାବେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏଟିଏମ୍ ସେବାରେ ସୁଧାର ଆଣିବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରତିଶ୍ରୁତି ରଖିଲା ପ୍ରଶାସନ

# ଭାପୁର ବ୍ଲକରେ ତଦନ୍ତ ଆରମ୍ଭ

ଭାପୁର,୧୨।୧୨(ଡି.ଏନ୍.ଏ.)

ଭାପୁର ବ୍ଲକରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି କେତେକ ବିଜେଡି କର୍ମୀ ଓ ପଞ୍ଚାୟତ ଲୋକପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ଆଗରେ ୭ ଦିନ ଧରି ଆମରଣ ଅନଶନ କରିଥିଲେ। ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଅନଶନସ୍ଥଳକୁ ଆସି ୨ ସପ୍ତାହ ମଧ୍ୟରେ ଏହାର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ମାତ୍ର ୨ ଦିନ ପରେ ଗୁରୁବାର ପ୍ରଶାସନ ଏହାର ତଦନ୍ତ ଆରମ୍ଭ କରିଛି। ବ୍ଲକର ୧୦ ହଜାରରୁ ଉର୍ଦ୍ଧ୍ୱ ଗରିବ ବ୍ୟକ୍ତି ଆବାସ ଯୋଜନାରେ ସାମିଲ ହେବା ପାଇଁ ଏବିସି ଫର୍ମରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଜିଓ ଟ୍ୟାଗିଂ ହୋଇଥିବା ଅଭିଯୋଗ ହେଉଥିଲା। ଗୁରୁବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟଙ୍କ ନିର୍ଦ୍ଦେଶରେ ଜିଲାର ୭ ବ୍ଲକରୁ ୨୯୨ ଜଣ କର୍ମଚାରୀ ଭାପୁର ବ୍ଲକର ୧୨୧ ଗାଁକୁ ଯାଇ ତଦନ୍ତ କରିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ ଯେ, ୨୦୨୨ ମସିହା ସୁଦ୍ଧା ସମସ୍ତ ଗରିବ ଲୋକମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ସହ ଏକ ଶୁଦ୍ଧ ତାଲିକା ପ୍ରସ୍ତୁତି ପାଇଁ ଜିଲା ପ୍ରଶାସନ ସବୁପ୍ରକାର ଉଦ୍ୟମ ଆରମ୍ଭ କରିଛି। ସକାଳ ୯ଟାରେ ବ୍ଲକ ପରିସରରୁ ଏହି କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇଥିଲେ। ଏ ବିଷୟରେ ଭାପୁର ବିଡିଓ ଅନ୍ତର୍ଯ୍ୟାମୀ ଦାଶଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଯୋଜନାରେ ସାମିଲ ପାଇଁ ଯେଉଁମାନେ ଆବେଦନ କରିଥିଲେ ଓ ଜିଓ ଟ୍ୟାଗିଂ ହୋଇଛି ତଦନ୍ତକାରୀ ଦଳ ସେମାନଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି।



ଏକ ଗ୍ରାମରେ ତଦନ୍ତ ଟିମ୍‌ର ସଦସ୍ୟ।

## ସମ୍ପତ୍ତି ପାଇଁ ବାପାଙ୍କୁ ଆକ୍ରମଣ, ଅଭିଯୁକ୍ତ ପୁଅ ଅଟକ

ଓଡ଼ଗାଁ,୧୨।୧୨(ସ୍ୱ.ପ୍ର.)-ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ସାକେରୀ ପଞ୍ଚାୟତର ଗର୍ଜନୀ ଗ୍ରାମରେ ଗୁରୁବାର ସମ୍ପତ୍ତିକୁ ନେଇ ସାନପୁଅ ଆକ୍ରମଣରେ ବୃଦ୍ଧ ବାପା ଗୁରୁତର ହୋଇଛନ୍ତି। ଗୁରୁତର ଉଦୟନାଥ ପଟ୍ଟନାୟକଙ୍କୁ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୁକ୍ତ ପୁଅ ପ୍ରତାପ ପଟ୍ଟନାୟକ(୩୭)ଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ ଉଦୟଙ୍କ ଦୁଇ ପୁଅ ପ୍ରଦୀପ ଓ ପ୍ରତାପଙ୍କ ମଧ୍ୟରେ ବାପା ନିଜର ସମ୍ପତ୍ତି ଭାଗ ବାଣ୍ଟି ଦେଇଥିବା ବେଳେ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଉଭୟେ ତାଙ୍କୁ ୬ମାସ ଲେଖା ଭରଣପୋଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଗାଁରେ ଥିବା ପ୍ରଦୀପ ବାପାଙ୍କ ଭରଣପୋଷଣ ଦାୟିତ୍ୱ ନେଇଥିବା ବେଳେ ଓଡ଼ଗାଁରେ ରହୁଥିବା ପ୍ରତାପ ପ୍ରାୟ ବର୍ଷେ ହେଲା ମା, ବାପାଙ୍କ କଥା ବୁଝୁ ନ ଥିବା ଜଣାଯାଇଛି । ୪ ତାରିଖରେ ପ୍ରତାପ ଘରକୁ ଯାଇ ଗୋଷେଇଁ ବାପାଙ୍କ ନାମରେ ଥିବା ଦୁଇମାଣ ଜମି ବିକ୍ରିକରିବାକୁ ବାପାଙ୍କୁ ବାଧ କରିଥିଲେ । ହେଲେ ଉଦୟ ଏଥିରେ ରାଜି ହୋଇ ନ ଥିଲେ। ଏପରିସ୍ଥଳେ ଗୁରୁବାର ସକାଳେ ପ୍ରତାପ ଗାଁକୁ ଯାଇ ଜମି ବିକ୍ରି ସମ୍ପର୍କରେ ଉଦୟଙ୍କ ସହ ଯୁକ୍ତିତର୍କ କରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଏକ ମାର୍ବଲ ଖଣ୍ଡରେ ତାଙ୍କ ବାପାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ପରେ ପ୍ରତାପ ଏକ ଛୁରି ବାହାର କରି ତାଙ୍କ ତଣ୍ଟି କାଟି ଚାଲିଯାଇଥିଲେ। ଏ ନେଇ ଉଦୟଙ୍କ ବଡବୋହୂ ପ୍ରଶାନ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୨୭/୧୯ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ରକ୍ତ ଭିଜା ମାର୍ବଲ ଓ ଛୁରି ଜବତ କରିଛି। ଆଇଆଇସି ମମତା ପତି ପ୍ରତାପ ରହୁଥିବା ଭଡାଘରେ ଚଢାଉ କରି ତାଙ୍କୁ କାବୁ କରିନେଇଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରଫ

ନୟାଗଡ଼ ଅଫିସ,୧୨।୧୨

ଅନୈତିକ ଉପାୟରେ ଟଙ୍କା ସଂଗ୍ରହ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ଶିଶିର ରଞ୍ଜନ ପୃଷ୍ଟି ଗୁରୁବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏ ନେଇ ନୟାଗଡ଼ ଭିଜିଲାନ୍ସରେ ୬୮/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘରେ ଚଢାଉ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ନିର୍ବାହୀ ଯନ୍ତ୍ରୀ ପୃଷ୍ଟି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ ଅନୈତିକ ଉପାୟରେ ଟଙ୍କା ସଂଗ୍ରହ କରି ଭୁବନେଶ୍ୱର ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଶିଶିରଙ୍କଠାରୁ ୧ ଲକ୍ଷ ୧୯ ହଜାର ୯୦୦ ଓ ଗୋବିନ୍ଦଙ୍କଠାରୁ ୨୬ ହଜାର ୩୩୦ ଏପରି ମୋଟ ୧ ଲକ୍ଷ ୪୬ ହଜାର ୨୩୦ ଟଙ୍କା ଜବତ କରାଯାଇଥିଲା। ଏତେ ପରିମାଣର ଟଙ୍କା କେଉଁଠାରୁ ଆଣିଛ ବୋଲି ପଚରାଯିବାରୁ ସେମାନେ ତଥ୍ୟ ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ପଚରାଉଚରା ପାଇଁ କାର୍ଯ୍ୟାଳୟକୁ ଆଣିଥିଲା। ଗୋବିନ୍ଦ ତାଙ୍କର ୨୬ ହଜାର ଟଙ୍କା ବୋଲି ପ୍ରମାଣ ଦେଇଥିବାରୁ ତାଙ୍କୁ ଛଡ଼ାଯାଇଥିବା ବେଳେ ଶିଶିର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।



ଶିଶିର ରଞ୍ଜନ ପୃଷ୍ଟି।

## ପ୍ରଶାନ୍ତ ମେମୋରିଆଲ ଟି ୨୦: ରଣପୁର ଚାମ୍ପିୟନ

ଭାପୁର,୧୨।୧୨(ଡି.ଏନ୍.ଏ.)

ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମର ପ୍ରଗତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ପ୍ରଶାନ୍ତ ମେମୋରିଆଲ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲରେ ଭୁବନେଶ୍ୱରକୁ ହରାଇ ରଣପୁର ଦଳ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ୟୁନିଟ୍-୨ କ୍ରିକେଟ କ୍ଲବ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇ ରଣପୁର ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରଣପୁର ଦଳ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୩ ରନରେ ସୀମିତ ରହି ୭ ରନରେ ପରାସ୍ତ ହୋଇଥିଲା। ଭୁବନେଶ୍ୱର ଦଳର ବି. ସୂର୍ଯ୍ୟକାନ୍ତ ବ୍ୟାଟିଂରେ ୬୬ ରନ ସହ ବୋଲିଂରେ ୪ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ଓ ସେହି ଦଳର ରାଜେଶ ଦାସ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ପ୍ରଭାତ କୁମାର ରାଉତ ଓ ରାମ ପ୍ରକାଶ ପାଇକରାୟ। ଧାରାବିବରଣୀ ଦେଇଥିଲେ ରମେଶ ଚନ୍ଦ୍ର ସୁବୁଦ୍ଧି ଓ ପଞ୍ଚାନନ ମହାପାତ୍ର। ବିଜୟୀ ଦଳକୁ ମୁଖ୍ୟଅତିଥି ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଟ୍ରଫି ସହ ନଗଦ ୧୫୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଯୁବ ଜନତା ଦଳ ସଭାପତି ସୁଶାନ୍ତ କୁମାର ସାହୁ ଟ୍ରଫି ସହ ୧୦୦୦ ଟଙ୍କା ପ୍ରଦାନ କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ଅବହେଳିତ ଅବସ୍ଥାରେ ମା' ଶୁଳିଆ ଠାକୁରାଣୀଙ୍କ ପୀଠ

ଖଣ୍ଡପଡା,୧୨।୧୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଞ୍ଚଳର ଏକ ପ୍ରମୁଖ ପ୍ରାଚୀନ ଶକ୍ତିପୀଠ ରୂପେ ପରିଚିତ ମା' ଶୁଳିଆ ଠାକୁରାଣୀଙ୍କ ପୀଠଟି ଏବେ ଅବହେଳିତ ଅବସ୍ଥାରେ ପଡିରହିଛି। ଏଥିନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ଶକ୍ତିପୀଠର ଉନ୍ନତୀକରଣ ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ହେଁ ଏଥିପ୍ରତି କେହ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡ଼ା ପଞ୍ଚାୟତର ଦଣ୍ଡପୋଖରୀ ଗ୍ରାମ ନିକଟ ପ୍ରାକୃତିକ ପରିବେଶ ଓ ଘଞ୍ଚ ଶାଳଜଙ୍ଗଲ ମଧ୍ୟରେ କେଉଁ ଆବହମାନ କାଳରୁ ମା' ପୂଜା ପାଇଆସୁଛନ୍ତି। ତେବେ ବିଭିନ୍ନ ଦିଗରୁ ମା'ଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାବେଳେ ପୀଠ ପରିସରରେ ଥିବା ଏକମାତ୍ର ନଳକୂପ ଦୀର୍ଘମାସ ଧରି ଅଚଳ ଅବସ୍ଥାରେ ପଡିରହିଛି। ନଳକୂପଟିର ମରାମତି ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ ନଚେତ୍ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଉକ୍ତ ପୀଠରେ କିଛିଟା ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଛାତର ତଳ ଅଂଶରୁ ସିମେଣ୍ଟ କଂକ୍ରିଟ୍ ଛାଡ଼ିଯାଇ ଏବେ ଛାତଟି ବିପଦସଙ୍କୁଳ ହୋଇପଡିଛି। ସେହିପରି ମା'ଙ୍କ ପୀଠ ପରିସରରେ ଥିବା ଏକମାତ୍ର କୂପର ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଭୋଜିଭାତ, ସଭାସମିତି ଓ ମେଳା ମହୋତ୍ସବର ଆୟୋଜନ ବେଳେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ଶକ୍ତିପୀଠରେ ମା' ପୂଜା ପାଇଆସୁଥିବା ସ୍ଥାନୀୟ ଅଞ୍ଚଳର ପୁରୁଖା ଲୋକମାନେ ମତ ଦେଇଛନ୍ତି। ଉକ୍ତ ପ୍ରାଚୀନ ଶକ୍ତିପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଦାବି ହେଉଛି।



ଠାକୁରାଣୀଙ୍କ ମନ୍ଦିର ଛାତରୁ ସିମେଣ୍ଟ ଖସିଛି।

### ପ୍ରଶାସନର ଦୃଷ୍ଟିପଡୁନି